# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଅଗଷ୍ଟ ୮/୨୦୧୯ (୧୬ ପୃଷ୍ଠା) Sambalpur, Thursday, August 8 / 2019

୧୫ଶ ଭାଗ ୨୩୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ସର୍ବାଧିକ ଆୟକାରୀ ମହିଳା ଆଥଲେଟ୍

ଫୋର୍ବସ ପକ୍ଷରୁ ପ୍ରକାଶିତ ବିଶ୍ୱର ସର୍ବାଧିକ ଆୟକାରୀ ମହିଳା ଆଥ୍ଲେଟ୍ ତାଲିକାରେ ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ ଏକମାତ୍ର ଭାରତୀୟ ଭାବେ ସ୍ଥାନ ପାଇଛନ୍ତି।

୧୫

୦୯

## ଅମିତାଭ ଶ୍ରଦ୍ଧା କପୁରଙ୍କ ପ୍ରିୟ ଅଭିନେତା

ଶ୍ରଦ୍ଧା କପୁରଙ୍କ ପ୍ରିୟ ଅଭିନେତା ଅମିତାଭ ବଚ୍ଚନ । ହେଲେ ବାପା ଶକ୍ତି କପୁରଙ୍କ ଫିଲ୍ମଗୁଡ଼ିକୁ ସେ ବାରମ୍ବାର ଦେଖିବାକୁ ଭଲପାଆନ୍ତି ।



# ରେପୋ ରେଟ୍ ୦.୩୫% ହ୍ରାସ

ମୁମ୍ବାଇ,୭।୮

ଅର୍ଥନୀତିକୁ ପ୍ରୋତ୍ସାହିତ କରିବାକୁ ଯାଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୁଧବାର ରେପୋ ରେଟ୍ ୦.୩୫% ହ୍ରାସ କରିଛି। ମୁଦ୍ରାନୀତି କମିଟି(ଏମ୍‌ପିସି)ର ତିନିଦିନିଆ ବୈଠକ ଶେଷରେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସୁଧ ହାର ହ୍ରାସ ସମ୍ପର୍କରେ ଘୋଷଣା କରାଯାଇଛି। ଫଳରେ ରେପୋ ରେଟ ୫.୭୫ରୁ ୫.୪୦ ପ୍ରତିଶତକୁ ଖସି ଆସିଛି, ଯାହା କି ୯ ବର୍ଷ ପରେ ସର୍ବନିମ୍ନ ସ୍ତର କୁହାଯାଉଛି। ଏଥିପୂର୍ବରୁ ୨୦୧୦ ଏପ୍ରିଲରେ ରେପୋ ରେଟ ୫.୨୫%ର ସର୍ବନିମ୍ନ ସ୍ତର ଛୁଇଁଥିଲା। ଏମ୍‌ପିସିର ୬ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ରବୀନ୍ଦ୍ର ଢ଼ୋଲକିଆ,ଦେବବ୍ରତ ପାତ୍ର, ବିଭୁ ପ୍ରସାଦ ଏବଂ ଗଭର୍ନର ଶକ୍ତିକାନ୍ତ ଦାସ ୦.୩୫% ରେପୋ ରେଟ ହ୍ରାସକୁ ସମର୍ଥନ କରିଥିବା ବେଳେ ଅନ୍ୟ ଦୁଇଜଣ ଚେତନ ଘଟେ ଏବଂ ପାମୀ ଦୁଆ ୦.୨୫% କମାଇବାକୁ ଯୁକ୍ତି ଦର୍ଶାଇଥିଲେ। ଆର୍‌ବିଆଇ ପକ୍ଷରୁ ରିଭର୍ସ ରେପୋ ରେଟକୁ ୫.୧୫%କୁ ହ୍ରାସ କରାଯାଇଛି। ପୂର୍ବରୁ ଏହା ୫.୫୦ ପ୍ରତିଶତ ରହିଥିଲା। ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କ ଚଳିତ ବର୍ଷ ଫେବୃୟାରୀ ୭, ଏପ୍ରିଲ ୪, ଜୁନ୍ ୬ରେ ତିନି ଥରରେ ୦.୨୫% ଲେଖାଏ ମୋଟ ୦.୭୫% ରେପୋ ରେଟ ହ୍ରାସ କରିସାରିଛି। କ୍ରମାଗତ ଚତୁର୍ଥଥର ଆର୍‌ବିଆଇ ରେପୋ ରେଟ୍ ହ୍ରାସ କରି ଇତିହାସ ରଚିଛି।

**ଆଜିର ସମ୍ପାଦକୀୟ**

## କିଏ ପ୍ରାଣୀ କିଏ ଉଦ୍ଭିଦ

**ଆଜିର ମନ୍ତବ୍ୟ**

“ ଭାରତର ଏକତା ଲାଗି ଆଞ୍ଚଳିକ ଭାଷାକୁ କେନ୍ଦ୍ର ଗୁରୁତ୍ୱ ଦେବା ଜରୁରୀ।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 07.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 55 | 100 | 110 |
| BDK | 57 | 102 | 112 |
| BLS | 58 | 103 | 113 |
| ANG | 56 | 101 | 111 |
| BHM | 54 | 98 | 108 |

*Conditions Apply

Eggs Retail Price- 43/-Dozen

Issued in the Interest of Consumers




# ପଞ୍ଚଭୂତରେ ଲୀନ ହେଲେ ସୁଷମା

- ଝିଅ ବାଂଶୁରୀ ଦେଲେ ମୁଖାଗ୍ନି
- ଦିଆଗଲା ରାଷ୍ଟ୍ରୀୟ ମର୍ଯ୍ୟାଦା
- ଦିଲ୍ଲୀ ଓ ହରିୟାଣାରେ ଦୁଇଦିନିଆ ଶୋକ

ନୂଆଦିଲ୍ଲୀ, ୭।୮(ପି.ଟି.)

ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଦିଲ୍ଲୀର ଲୋଧିରୋଡ୍‌ସ୍ଥିତ ଶ୍ମଶାନ ଘାଟରେ ବୁଧବାର ଅପରାହ୍ନରେ ସମ୍ପନ୍ନ କରାଯାଇଛି। ସ୍ୱାମୀ ସ୍ୱରାଜ କୌଶଲଙ୍କ ଉପସ୍ଥିତିରେ ଝିଅ ବାଂଶୁରୀ ମୁଖାଗ୍ନି ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, ଦଳର ବରିଷ୍ଠ ନେତା ଏଲ୍.କେ. ଆଡଭାନୀ, ଉପରାଷ୍ଟ୍ରପତି ଏମ. ଭେଙ୍କାୟା ନାଇଡୁ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀଙ୍କ ସମେତ ଏନ୍‌ଡିଏର ଅନେକ ନେତା, ଭୁଟାନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ସେରିଙ୍ଗ୍ ତୋବ୍‌ଗେଙ୍କ ସୁଷମାଙ୍କୁ ଶେଷସମ୍ମାନ ଜଣାଇଥିଲେ। ହଜାର ହଜାର ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ସୁଷମାଙ୍କୁ ଅଶ୍ରୁଳ ବିଦାୟ ଦେଇଥିଲେ। ଅନ୍ୟ ନେତାଙ୍କ ମଧ୍ୟରେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ, କଂଗ୍ରେସ ନେତା ଆନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ପୂର୍ବାହ୍ନରେ ମଥାରେ ବଡ଼ ବିନ୍ଦି, ଲାଲ୍ ଓଢଣୀ ସହ ବଧୂବେଶରେ ସଜ୍ଜିତ ସୁଷମାଙ୍କ ପାର୍ଥିବ ଶରୀରକୁ ଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟକୁ ଜନସାଧାରଣଙ୍କ ଦର୍ଶନ ଲାଗି ଅଣାଯାଇଥିଲା। ଏହାପରେ ପାର୍ଥିବ ଶରୀରକୁ ଏକ ସୁସଜ୍ଜିତ ଯାନରେ ଲୋଧିରୋଡ୍‌ସ୍ଥିତ ଶ୍ମଶାନ ଘାଟକୁ ଅଣାଯାଇଥିଲା। ପ୍ରକାଶଥାଉ କି, ହରିୟାଣାର ଅମ୍ବାଲାରେ ଜନ୍ମିତ ଏହି ମହାନ୍ ନେତ୍ରୀ ଦିଲ୍ଲୀର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀର ଅଧିକାରିଣୀ ଥିଲେ। ତାଙ୍କ ଦେହାନ୍ତ ପରେ ବୁଧବାର ହରିୟାଣା ସରକାରଙ୍କ ପକ୍ଷରୁ ତାଙ୍କ ସମ୍ମାନାର୍ଥେ ଦୁଇଦିନିଆ ଶୋକ ପାଳନ ଲାଗି ଘୋଷଣା କରାଯାଇଛି। ଦିଲ୍ଲୀରେ ମଧ୍ୟ ଅନୁରୂପ ଭାବେ ଦୁଇଦିନିଆ ଶୋକ ପାଳନ କରାଯିବ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଦିଆ ଏନେଇ ଟୁଇଟ୍ କରିଛନ୍ତି। ବହୁ ବଡ ପ୍ରତିଷ୍ଠାନରେ ଉଡୁଥିବା ଜାତୀୟ ପତାକାକୁ ବୁଧବାର ଓ ଗୁରୁବାର ଏଥିଲାଗି ଅର୍ଦ୍ଧନମିତ ରଖାଯିବ। ଉଲ୍ଲେଖଯୋଗ୍ୟ, ଦିଲ୍ଲୀର ଏମ୍ସରେ ମଙ୍ଗଳବାର ରାତିରେ ମାତ୍ର ୬୭ ବର୍ଷ ବୟସରେ ସୁଷମା ହୃଦଘାତରେ ପ୍ରାଣ ହରାଇଥିଲେ।

## ■ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ପାକିସ୍ତାନର ଦୃଢ଼ ପ୍ରତିବାଦ

# କୂଟନୈତିକ ସମ୍ପର୍କ ଛିନ୍ନ କଲା

ଇସ୍‌ଲାମାବାଦ,୭।୮

ଭାରତ ସହ ସମସ୍ତ ପ୍ରକାର କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିବାକୁ ପାକିସ୍ତାନ ନିଷ୍ପତ୍ତି ନେଇଛି। ଏଥିସହ ଇସ୍‌ଲାମାବାଦରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ଅଜୟ ବିସାରିଆଙ୍କୁ ବହିଷ୍କାର କରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଇସ୍‌ଲାମାବାଦସ୍ଥିତ ଅଫିସ୍‌ରେ ବୁଧବାର ଅନୁଷ୍ଠିତ ଜାତୀୟ ସୁରକ୍ଷା କମିଟି (ଏନ୍‌ଏସ୍‌ସି) ବୈଠକ ପରେ ଏହି ପଦକ୍ଷେପ ନିଆଯାଇଛି। ଭାରତ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପ୍ରତିବାଦରେ ପାକିସ୍ତାନ ଏପରି କରିଥିବା ଏକ ବିବୃତିରେ କୁହାଯାଇଛି।

ଜମ୍ମୁ-କଶ୍ମୀରକୁ ନେଇ ଭାରତର ସଦ୍ୟ ପଦକ୍ଷେପ ପରେ ପାକିସ୍ତାନ ଛାନିଆ ହୋଇଯାଇଛି। ଏଥିଯୋଗୁ ଭାରତରେ ପୁଣି ପୁଲୱାମା ଭଳି ଆକ୍ରମଣ ହେବ ବୋଲି ପ୍ରଧାନମନ୍ତ୍ରୀ ଇମ୍ରାନ୍ ମଙ୍ଗଳବାର ଧମକ ଦେଇ ଯୁଦ୍ଧଭୟ ଦେଖାଇଥିଲେ। ଏହାର ଦିନକ ପରେ ଏନ୍‌ଏସ୍‌ସି ବୈଠକରେ ସେ ଅଧ୍ୟକ୍ଷତା କରିଛନ୍ତି। ଏଥିରେ ସେଠାକାର ବହିର୍ବ୍ୟାପାର ମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, ପ୍ରତିରକ୍ଷାମନ୍ତ୍ରୀ, କଶ୍ମୀର ବ୍ୟାପାରର ପରାମର୍ଶଦାତା, ତିନି ସେନା ମୁଖ୍ୟ, ଆଇଏସ୍‌ଆଇ ମୁଖ୍ୟଙ୍କ ସମେତ ଅନେକ ପ୍ରଶାସନିକ ଓ ସାମରିକ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ କଶ୍ମୀର ସମ୍ପର୍କରେ ଭାରତର ନିଷ୍ପତ୍ତିକୁ ଏକତରଫା ଓ ବେଆଇନ ବୋଲି ସେମାନେ ଅଭିହିତ କରିଥିଲେ। କଶ୍ମୀରୀଙ୍କ ସମର୍ଥନରେ ପାକିସ୍ତାନ ଅଗଷ୍ଟ ୧୪ରେ ସ୍ୱାଧୀନତା ଦିବସ ପାଳନ କରିବ। ସେହିପରି ଭାରତର ସ୍ୱାଧୀନତା ଦିବସ ଅଗଷ୍ଟ ୧୫କୁ କଳାଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ନୂଆଦିଲ୍ଲୀ ସହ ଦ୍ୱିପାକ୍ଷିକ ସମ୍ପର୍କ ସମୀକ୍ଷା କରିବା ଏବଂ ଭାରତର ପଦକ୍ଷେପ ନେଇ ଜାତିସଂଘ ସୁରକ୍ଷା ପରିଷଦରେ ଆପତ୍ତି ଉଠାଇବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିବା କୁହାଯାଉଛି। ସୀମାରେ ସେନାକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ଏନ୍‌ଏସ୍‌ସି ବୈଠକରେ ନିଷ୍ପତ୍ତି**



- ଭାରତୀୟ ଉଚ୍ଚାୟୁକ୍ତଙ୍କୁ ବହିଷ୍କାର କଲା
- ପାକ୍ ଉଚ୍ଚାୟୁକ୍ତ ପ୍ରତ୍ୟାହୃତ
- ଅଗଷ୍ଟ ୧୫କୁ କଳାଦିବସ ପାଳନ କରିବ
- ସମସ୍ତ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା ହେବ

ଏହା ପୂର୍ବରୁ ପାକିସ୍ତାନ ପାର୍ଲାମେଣ୍ଟର ଜରୁରିକାଳୀନ ମିଳିତ ଅଧିବେଶନରେ ଇମ୍ରାନ୍‌ଙ୍କ ଘନିଷ୍ଠ ସହଯୋଗୀ ତଥା ମନ୍ତ୍ରୀ ଫୱାଦ୍ ଚୌଧୁରୀ କହିଥିଲେ, ଭାରତୀୟ ରାଷ୍ଟ୍ରଦୂତ ଏଠାରେ କାହିଁକି ଅଛନ୍ତି ଏବଂ ଆମ ରାଷ୍ଟ୍ରଦୂତ ସେଠାରେ କ'ଣ କରୁଛନ୍ତି। ଆମେ କାହିଁକି ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଛିନ୍ନ ନ କରିବା। ଯଦି କୌଣସି କୂଟନୀତି ନାହିଁ ତେବେ କୂଟନୀତିଜ୍ଞଙ୍କ ଉପରେ କାହିଁକି ଅର୍ଥ ବ୍ୟୟ କରିବା ବୋଲି ପ୍ରଶ୍ନ କରିଥିଲେ। ସେ ଭାରତୀୟ ଉଚ୍ଚାୟୁକ୍ତ ଅଜୟ ବିସାରିଆଙ୍କୁ ଜଣେ ଭଲବ୍ୟକ୍ତି ଭାବେ ପ୍ରଶଂସା କରିଥିବାବେଳେ ଭାରତ ସରକାରଙ୍କ ପଦକ୍ଷେପକୁ ସମାଲୋଚନା କରିଥିଲେ। ଏହାର କିଛି ସମୟ ପରେ ପାକିସ୍ତାନ ଉଚ୍ଚାୟୁକ୍ତ ଅଜୟଙ୍କୁ ବହିଷ୍କାର କରିଥିବା ନେଇ ସେଠାକାର ବହିର୍ବ୍ୟପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଘୋଷଣା କରିଛନ୍ତି। ଭାରତରେ ଅବସ୍ଥାପିତ ପାକିସ୍ତାନ ଉଚ୍ଚାୟୁକ୍ତ ମୋଇନ୍-ଉଲ୍-ହକ୍‌ଙ୍କୁ ନୂଆଦିଲ୍ଲୀରୁ ପ୍ରତ୍ୟାହାର କରିନେଇଛି ଇସ୍‌ଲାମାବାଦ।

## ୩୭୦ ଉଚ୍ଛେଦକୁ ରାଷ୍ଟ୍ରପତିଙ୍କ ମୋହର

ନୂଆଦିଲ୍ଲୀ,୭।୮(ପି.ଟି./ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ନେଇ ପାର୍ଲାମେଣ୍ଟରେ ସଂକଳ୍ପନାମା ଗୃହୀତ ହେବା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହା ଉପରେ ମୋହର ମାରିଛନ୍ତି। ଏଥିସହ ଜମ୍ମୁ-କଶ୍ମୀର ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ହରାଇବା ସହ ଭାରତୀୟ ସମ୍ବିଧାନ ଅଧୀନକୁ ଚାଲିଆସିଛି। ଏଣିକି ଏହି କେନ୍ଦ୍ରଶାସିତ ଅଞ୍ଚଳରେ ସମ୍ବିଧାନର ସମସ୍ତ ନିୟମ ଲାଗୁ ହେବ।



ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଇବା ଏବଂ ଜମ୍ମୁ-କଶ୍ମୀରକୁ ଦୁଇଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ ଉଦ୍ଦିଷ୍ଟ ବିଲ୍‌ରେ ମଙ୍ଗଳବାର ବିଳମ୍ବିତ ରାତିରେ ରାଷ୍ଟ୍ରପତି ସ୍ୱାକ୍ଷର କରିଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ପାର୍ଲାମେଣ୍ଟର ସୁପାରିସ କ୍ରମେ ସମ୍ବିଧାନ ଅନୁଚ୍ଛେଦ ୩୭୦ ଧାରା (୩)ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ରାଷ୍ଟ୍ରପତି ୨୦୧୯ ଅଗଷ୍ଟ ୬ରେ ଅନୁଚ୍ଛେଦ ୩୭୦ରେ ଥିବା ସମସ୍ତ ନିୟମକୁ ହଟାଇଦେଇଛନ୍ତି। ପ୍ରକାଶ ଯେ, ଏ ସମ୍ପର୍କିତ ସଂକଳ୍ପନାମା ଓ ବିଲ୍ ସୋମବାର ରାଜ୍ୟ ସଭାରେ ଗୃହୀତ ହୋଇଥିବାବେଳେ ମଙ୍ଗଳବାର ଲୋକ ସଭାରେ ଏହାକୁ ମଞ୍ଜୁରୀ ମିଳିଥିଲା। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏବେ ଏହା ଆଇନରେ ପରିଣତ ହୋଇଛି।

# ଜୀବିତ ଲୋକଙ୍କୁ ବ୍ୟବଚ୍ଛେଦ ପାଇଁ ପଠାଇଲା ପୋଲିସ

ବରଗଡ଼ ଅଫିସ/ଅତାବିରା,୭।୮

- ବ୍ୟବଚ୍ଛେଦ ଗୃହରେ ଜୀବିତ ଥିବା ଜଣାପଡ଼ିଲା
- ଡାକ୍ତରଖାନା ନିଆଗଲା
- ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଲା

ଜଣେ ଜୀବିତ ଲୋକଙ୍କୁ ପୋଲିସ ମୃତ ଭାବିବା ଓ ବ୍ୟବଚ୍ଛେଦ ପାଇଁ ପଠାଇବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ବ୍ୟବଚ୍ଛେଦ ଗୃହରେ ସମ୍ପୃକ୍ତ ବ୍ୟକ୍ତି ଜୀବିତ ଥିବା ଜଣାପଡିବା ପରେ ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିବା ଘଟଣା ଏଠାରେ ବିବାଦ ସୃଷ୍ଟି କରିଛି ।

ମିଳିଥିବା ସୂଚନା ଅନୁଯାୟୀ, ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ପୋଡ଼ବାଡ଼ି (ବାବାଟିକ୍ରା)ର ରାହାସ ବିହାରୀ ଭୋଇ(୭୦) କୁଟିଣ୍ଡା ଭୋଜପୁର ଫରେଷ୍ଟ ରେଞ୍ଜରେ ଫରେଷ୍ଟ ଗାର୍ଡ଼ ଭାବେ କାର୍ଯ୍ୟରତ ଥିଲେ। ଅବସର ନେବା ପରେ ସେ ପୋଡ଼ବାଡ଼ି ବାବାଟିକ୍ରାକୁ ଆସି ସ୍ତ୍ରୀ ଗୋଲାପୀଙ୍କ ସହିତ ରହୁଥିଲେ। ତାଙ୍କ ଦୁଇ ପୁଅ ସୁରେନ୍ଦ୍ର, ଟୁନା ବାହାରେ ରହି କାମ କରନ୍ତି। ପ୍ରତିଦିନ ଭଳି ରାହାସ ମଙ୍ଗଳବାର ସକାଳୁ ଉଠି ଶୌଚ ପାଇଁ ଘରୁ ବାହାରିଥିଲେ। ପରେ ବାବାଟିକ୍ରାରୁ ଝାଇଁଜୋର ପଟକୁ ଯାଇଥିବା ଏକ ଛୋଟ କେନାଲରେ ଉଲଗ୍ନ ଓ ଅଚେତ ଅବସ୍ଥାରେ ସେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏ ନେଇ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ରାହାସଙ୍କୁ ମୃତ ଭାବି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ତେବେ ଜଣେ ପଡ଼ୋଶୀ ସେ ଜୀବିତ ଥିବା ଅନୁମାନ କରି କହିବାରୁ ପୋଲିସ ତାଙ୍କୁ ଶବଗୃହରୁ ତୁରନ୍ତ ଡାକ୍ତରଖାନାର ଜରୁରିକାଳୀନ ୱାର୍ଡ଼କୁ ନେଇଥିଲା। ସେଠାରେ ଡାକ୍ତର ରାହାସ ଜୀବତ ଥିବା ଜଣାପଡିଥିଲା । ପରେ ଡାକ୍ତର ରାହାସଙ୍କୁ ସାଲାଇନ ଓ ଅକ୍ସିଜେନ ଦେଇ ଚିକିତ୍ସା ଆରମ୍ଭ କରିଥିଲେ। ମାତ୍ର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା।

ଜମି ବିବାଦରୁ ତାଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଥିବା ପୋଲିସ ଅନୁମାନ କରୁଛି। ଏ ନେଇ ଅତାବିରା ଥାନା ପୋଲିସ ଦଫା ୩୦୨ରେ ଏକ ମାମଲା (ନଂ.୧୬୮/୧୯) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ମୃତଦେହକୁ ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

## ସାରା ରାଜ୍ୟରେ ଲଗାଣ ବର୍ଷା

# ୫ ଜିଲାରେ ବନ୍ୟା ପରିସ୍ଥିତି

ଭୁବନେଶ୍ୱର, ୭।୮(ବ୍ୟୁରୋ)

- ବିପଦ ସଙ୍କେତ ଉପରେ ବଂଶଧାରା
- ଆନ୍ଧ୍ର, ଛତିଶଗଡ଼କୁ ଯୋଗାଯୋଗ ବିଚ୍ଛିନ୍ନ
- ଲାଞ୍ଜିଗଡ଼ରେ ସର୍ବାଧିକ ୩୮୨.୬ ମିମି ବର୍ଷା

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗଭୀର ଅବପାତରେ ପରିଣତ ହୋଇଛି। ବାଲେଶ୍ୱର ଉପକୂଳଠାରୁ ୭୦ କିଲୋମିଟର ଦୂର ଦକ୍ଷିଣ-ପୂର୍ବ ଦିଗରେ ଏହା କେନ୍ଦ୍ରୀଭୂତ ହୋଇଛି। ଏହା କ୍ରମଶଃ ଘନୀଭୂତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗ ଆଡ଼କୁ ଗତି କରୁଛି। ଧୀରେ ଧୀରେ ଏହା ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳ ଅତିକ୍ରମ କରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହା ପ୍ରଭାବରେ ସାରା ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି। ଲଗାଣ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ଥିବା ନଦୀରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ କନ୍ଧମାଳ ଆଦି ୫ ଜିଲାରେ ବନ୍ୟା ଯୋଗୁ ସାଧାରଣ ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଇଛି। ବିଶେଷକରି ବଂଶଧାରା ନଦୀ ବନ୍ୟାଜଳରେ ରାୟଗଡ଼ା ଜିଲାର ଗୁଡ଼ାରୀ, ବିଷମକଟକ ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ବ୍ରିଜ୍ ଓ ରାସ୍ତା ବୁଡ଼ିଯାଇଥିବା ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ବିଷ୍ଣୁପଦ ସେଠୀ ସୂଚନା ଦେଇଛନ୍ତି।

ତାଙ୍କ ସୂଚନାନୁସାରେ, ରାୟଗଡ଼ାର କାଶୀପୁର ଓ ଗୁଣପୁରରେ ବଂଶଧାରା ଜଳସ୍ତର ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। କାଶୀପୁରଠାରେ ୫୪.୬ ମିଟର ବିପଦ ସଙ୍କେତ ଥିବାବେଳେ ସନ୍ଧ୍ୟା ସୁଦ୍ଧା ୫୫.୭୫ ମିଟର ଉପରେ ବନ୍ୟାଜଳ ରହିଥିଲା। ସେହିପରି ଗୁଣପୁରରେ ୮୪ ମିଟର ବିପଦ ସଙ୍କେତ ଥିବାବେଳେ ୮୫.୧୦ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଥିଲା। ବଂଶଧାରା ଫୁଲୁଥିବାରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବିଭାଗ ସାମିଲ ହୋଇଛି। ମାଲକାନଗିରି ଜିଲାରେ ପ୍ରାୟ ସମସ୍ତ ବ୍ରିଜ୍ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ମାଲକାନଗିରିରୁ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ଜୟପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲାପାଳଙ୍କ ସହ ଯୋଗାଯୋଗ କରାଯାଇଥିବା ନେଇ ଏସ୍‌ଆର୍‌ସି ସେଠୀ ସୂଚନା ଦେଇଛନ୍ତି। ☞ ପୃଷ୍ଠା-୪



ରାୟଗଡ଼ା ଜିଲା ଅମ୍ବାଦଳା ରେଳଷ୍ଟେଶନ ନିକଟରେ ବୁଧବାର ପାଣିକୁ ଖସିପଡ଼ିଥିବା ମାଲବାହୀ ଟ୍ରେନ୍ ବଗି

**ଧୋଇଗଲା ଟ୍ରାକ୍, ପାଣିକୁ ଖସିଲା ମାଲବାହୀ ଟ୍ରେନ୍ ବଗି** ପୃଷ୍ଠା-୪

# ପୋଲିସ ଡିଜି ହେଲେ ବି.କେ. ଶର୍ମା

## ଆଜି ନେବେ ଅତିରିକ୍ତ ଦାୟିତ୍ୱ




ଭୁବନେଶ୍ୱର, ୭।୮(ବ୍ୟୁରୋ)

ବିଜୟ କୁମାର ଶର୍ମା ହେଲେ ନୂଆ ପୋଲିସ ମହାନିର୍ଦ୍ଦେଶକ (ଡିଜି)। ଗୃହ ବିଭାଗ ପକ୍ଷରୁ ଶର୍ମାଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ନେଇ ବୁଧବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେ ଅଗ୍ନିଶମ ଡିଜି ସହ ଏହି ଦାୟିତ୍ୱ ସମ୍ଭାଳିବେ। ଗୁରୁବାର ରାଜ୍ୟ ପୋଲିସ ମୁଖ୍ୟାଳୟରେ ଶର୍ମା ଦାୟିତ୍ୱ ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

ପୋଲିସ ଡିଜି ଥିବା ଡା. ଆର୍.ପି. ଶର୍ମା ଲୋକାୟୁକ୍ତ ସଦସ୍ୟ ଭାବେ ମନୋନୀତ ହେବାପରେ ଏହି ପଦକୁ ନେଇ ଏକାଧିକ ନାମ ଚର୍ଚ୍ଚାକୁ ଆସିଥିଲା। ଶେଷରେ ୧୯୮୬ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ତଥା ରାଜ୍ୟ ଅଗ୍ନିଶମ ଡିଜି ଶର୍ମାଙ୍କୁ ଏହି ନୂଆ ଅତିରିକ୍ତ ଦାୟିତ୍ୱ ମିଳିଛି। ଗତ ସାଧାରଣ ନିର୍ବାଚନ ସମୟରେ ପୋଲିସ ଡିଜି ଡା. ଆର୍.ପି. ଶର୍ମା କିଛିଦିନ ଛୁଟିରେ ଥିବାବେଳେ ଶର୍ମା ଇନ୍‌ଚାର୍ଜ ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ସମ୍ଭାଳିଥିଲେ। ତାଙ୍କର ଅପରାଧ ନିୟନ୍ତ୍ରଣ ଦକ୍ଷତା ଓ ଅଭିଜ୍ଞତାକୁ ଆଧାର କରି ରାଜ୍ୟ ସରକାର ରାଜ୍ୟ ପୋଲିସ ଭାର ପ୍ରଦାନ କରିଥିବା କୁହାଯାଉଛି।

ଶର୍ମା ଦୀର୍ଘ ୩୩ ବର୍ଷ ଧରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ଆସିଛନ୍ତି। ସେ ସୁନ୍ଦରଗଡ, ଫୁଲବାଣୀ ପୋଲିସ ଜିଲା, ସମ୍ବଲପୁର, ଖୋର୍ଦ୍ଧା ଏବଂ ଭୁବନେଶ୍ୱର ପୋଲିସ ଜିଲାର ଏସ୍‌ପି ଭାବେ କାର୍ଯ୍ୟ କରିଛନ୍ତି। ୧୯୯୯ ରୁ ୨୦୦୬ ପର୍ଯ୍ୟନ୍ତ କେନ୍ଦ୍ରୀୟ ଡେପୁଟେଶନରେ ଯାଇ ସିବିଆଇ (କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ)ର ୩ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ଅର୍ଥନୈତିକ ଅପରାଧ ଶାଖା, ସ୍ୱତନ୍ତ୍ର ଅପରାଧ ଶାଖା ଓ ଭ୍ରଷ୍ଟାଚାର ନିରୋଧ ଶାଖାର ଦାୟିତ୍ୱ ତୁଲାଇଛନ୍ତି। ଓଡ଼ିଶା ଫେରିବା ପୂର୍ବରୁ ସିବିଆଇର ପ୍ରଶାସନିକ ବିଭାଗର ଡେପୁଟି ଡାଇରେକ୍ଟର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଓଡ଼ିଶାରେ କମିଶନରେଟ ପୋଲିସ ଗଠନରେ ସେ ☞ ପୃଷ୍ଠା-୪

### ଉନ୍ନାଓ ପୀଡ଼ିତା ଗୁରୁତର

ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଏମ୍ସ ଟ୍ରମା ସେଣ୍ଟରରେ ଭର୍ତ୍ତି ହୋଇଥିବା ଉନ୍ନାଓ ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ସେ ଓ ତାଙ୍କ ଓକିଲ ଆଡଭାନ୍ସଡ୍ ଲାଇଫ୍ ସପୋର୍ଟ ସିଷ୍ଟମରେ ରହିଥିବା ବୁଧବାର ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଜୁଲାଇ ୨୮ରେ ରାଏବରେଲିରେ ଏକ ଟ୍ରକ୍ ଧକ୍କାରେ ପୀଡିତାଙ୍କ ପରିବାରର ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ପୀଡିତା ଓ ତାଙ୍କ ଓକିଲ ଗୁରୁତର ଆହତ ହୋଇଥିଲେ।

# କଶ୍ମୀରରେ ନୀରବତାର ରାଜୁତି

ଶ୍ରୀନଗର,୭।୮ (ପି.ଟି.)

ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରୀ ରାସ୍ତାଘାଟ ଶୂନଶାନ। ସବୁଠି ଅଖଣ୍ଡ ନୀରବତା ରାଜୁତି କରୁଛି। ଶ୍ରୀନଗର ସମେତ ବିଭିନ୍ନ ସହରରେ ପୋଲିସ ଓ ସଶସ୍ତ୍ର ବଳର କଡ଼ା ପ୍ରହରା। ଏଥିସହ ସହ ଟିକିନିଖି ଯାଞ୍ଚ ଚାଲିଥିବାରୁ ଅଧିକାଂଶ ଲୋକ ଘରୁ ବାହାରୁନାହାନ୍ତି। କୌଣସି ପ୍ରକାର ଗୁଜବଜନିତ ବିଭ୍ରାଟକୁ ଏଡାଇବା ଲାଗି ମୋବାଇଲ୍ ଇଣ୍ଟରନେଟ ସେବାକୁ ବନ୍ଦ କରାଯାଇଥିବାରୁ କଶ୍ମୀରବାସୀ ନିଜ ନିଜ ମଧ୍ୟରେ ଯୋଗସୂତ୍ର ରକ୍ଷାକରି ପାରୁନାହାନ୍ତି। କେବଳ ଜରୁରୀ କାର୍ଯ୍ୟରେ ବାହାରକୁ ଯିବା ପାଇଁ ଲୋକଙ୍କୁ ଅନୁମତି ଦିଆଯାଉଛି। ସେହିପରି ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ମଧ୍ୟ ଗୁଳିଗୋଳାର ଶବ୍ଦ ଆଉ ଶୁଣିବାକୁ ମିଳୁନାହିଁ।

ଜମ୍ମୁ-କଶ୍ମୀରରେ ଅଘୋଷିତ କର୍ଫ୍ୟୁକୁ ନେଇ ବହୁ ଲୋକ ଆଶଙ୍କା ଓ ଆତଙ୍କ ମଧ୍ୟରେ ରହିଛନ୍ତି। ପୁଞ୍ଚ ଜିଲାରେ ମଙ୍ଗଳବାର ହିଂସା ଦେଖିବାକୁ ମିଳିଥିଲା। ୩୭୦ ଉଚ୍ଛେଦ ପ୍ରତିବାଦରେ ସୁରାନକୋଟ ଓ ବୁଫାଲିଆଜ୍ ଅଞ୍ଚଳରେ ଲୋକେ ରାସ୍ତାକୁ ଓହ୍ଲାଇ ଭାରତ ବିରୋଧୀ ସ୍ଲୋଗାନ ଦେଇଥିଲେ। ଲୋକଙ୍କ ଆକ୍ରମଣରେ ଜଣେ ଡିଏସ୍‌ପିଙ୍କ ସମେତ ୩ ପୋଲିସ ଅଧିକାରୀ ଆହତ ହୋଇଥିଲେ। ଏହାକୁ ନେଇ ରାଜ୍ୟପାଳ ସତ୍ୟପାଲ ମଲିକ ବୁଧବାର ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କରିଛନ୍ତି। କାଁ ଭାଁ କେଉଁଠି ହିଂସାକୁ ଛାଡ଼ିଦେଲେ ଉପତ୍ୟକା ପ୍ରାୟ ଶାନ୍ତିପୂର୍ଣ୍ଣ ରହିଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଓ ଜଳଯୋଗାଣ ଭଳି ଜରୁରିକାଳୀନ ସେବା ସ୍ୱାଭାବିକ ରହିଥିବା ରାଜ୍ୟପାଳ ସୂଚନା ଦେଇଛନ୍ତି। ଏହାସହ ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ ସେମାନଙ୍କୁ ସୁବିଧା ଯୋଗାଇଦେବାକୁ ରାଜ୍ୟପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ଜମ୍ମୁର ଶୂନଶାନ୍ ରାଜରାସ୍ତା।

ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ବୁଧବାର ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି। ସେ ଶୋପିଆନ୍ ଜିଲାର କେତେଜଣ ଲୋକଙ୍କ ସହ ମିଶି ମଧ୍ୟାହ୍ନଭୋଜନ କରୁଥିବା ଭିଡିଓ ଭାଇରାଲ ହୋଇଛି।

## ଶତାଧିକ ନେତା, କର୍ମୀ ଗିରଫ

ଜମ୍ମୁ,୭।୮ (ପି.ଟି.): ଜମ୍ମୁ-କଶ୍ମୀରରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାବେଳେ ସୁରକ୍ଷା ସଂସ୍ଥାଗୁଡ଼ିକ ୧୦୦ରୁ ଅଧିକ ରାଜନୈତିକ ନେତା ଓ କର୍ମୀଙ୍କୁ ଗିରଫ କରିଛନ୍ତି। ଉପତ୍ୟକାରେ ଶାନ୍ତିଭଙ୍ଗ କରିବା ଆଶଙ୍କା ଥିବାରୁ ସେମାନଙ୍କୁ ଗିରଫ କରାଯାଇଥିବା ଜଣେ ବରିଷ୍ଠ ଅଧିକାରୀ ବୁଧବାର ସୂଚନା ଦେଇଛନ୍ତି। ଗିରଫ ନେତାଙ୍କ ମଧ୍ୟରେ ରହିଛନ୍ତି ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଓ ମେହବୁବା ମୁଫ୍‌ତି। ଉଭୟଙ୍କୁ ରବିବାର ରାତିରେ ଗୃହବନ୍ଦୀ କରାଯାଇଥିବାବେଳେ ପରେ ଗିରଫ କରାଯାଇଥିଲା। ସେହିପରି ପିପୁଲ୍ସ କନ୍‌ଫରେନ୍ସ ନେତା ସଜାଦ୍ ଲୋନ୍ ଏବଂ ଇମ୍ରାନ୍ ଅନ୍‌ସାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ସେମାନଙ୍କୁ ହରି ନିବାସରେ ରଖାଯାଇଛି।


ଶୋପିଆନ୍‌ରେ ସ୍ଥାନୀୟ ଲୋକଙ୍କ ସହ ଭାବବିନିମୟ କରୁଛନ୍ତି ଏନ୍‌ଏସ୍‌ଏ ଅଜିତ୍ ଡୋଭାଲ।

## ଚାଇନାକୁ ଗୁହାରି କରିବ ପାକିସ୍ତାନ

ଇସ୍‌ଲାମାବାଦ,୭।୮: ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ବୁଧବାର ରାତିରେ ଚାଇନା ଗସ୍ତ କରିଛନ୍ତି। ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ଭାରତର ନିଷ୍ପତ୍ତି ନେଇ ସେ ସେଠାରେ ଆଲୋଚନା କରିବେ। ପାକିସ୍ତାନ ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ସେ ଏନେଇ ସୂଚନା ଦେଇଛନ୍ତି। ନରେନ୍ଦ୍ର ମୋଦି ସରକାରଙ୍କ ନିଷ୍ପତ୍ତିକୁ ଖୋଦ୍ ଭାରତୀୟମାନେ ନିନ୍ଦା କରୁଥିବା କୁରେଶୀ କହିଛନ୍ତି।

■ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲା

# ହାଫିଜ୍ ସୟିଦ ଦୋଷୀ

ଲାହୋର,୭।୮ (ପି.ଟି.)



୨୦୦୮ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜମାତ୍-ଉଦ୍ ଦାୱା ସଂଗଠନର ମୁଖ୍ୟ ହାଫିଜ୍ ସୟିଦଙ୍କୁ ବୁଧବାର ପାକିସ୍ତାନର ଏକ ଅଦାଲତରେ ଆତଙ୍କବାଦ ନିରୋଧୀ ବିଭାଗ(ସିଟିଡି) ଦୋଷୀ ଘୋଷଣା କରିଛି। ଜାତିସଂଘ ଦ୍ୱାରା ଆତଙ୍କବାଦୀ ଘୋଷିତ ହାଫିଜ୍‌ଙ୍କୁ ବୁଧବାର କଡ଼ା ସୁରକ୍ଷା ମଧ୍ୟରେ ଗୁଜରାନ୍‌ୱାଲାସ୍ଥିତ ଆତଙ୍କବାଦ ନିରୋଧୀ କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ବିରୋଧରେ ପଞ୍ଜାବ ପୋଲିସ୍‌ର ସିଟିଡି ପକ୍ଷରୁ ଚାର୍ଜଶିଟ୍ ଦାଖଲ କରାଯାଇଛି। ଏହି ମାମଲା ପଞ୍ଜାବର ମଣ୍ଡି ଭାଉଦ୍ଦିନ ଜିଲାର ହୋଇଥିବାରୁ ଏହାକୁ ଗୁଜରାତ୍ ଜିଲା ଏଟିସି କୋର୍ଟକୁ ସ୍ଥାନାନ୍ତର କରିବାକୁ ସରକାରୀ ଓକିଲ ଦାବି କରିଥିଲେ। ତାଙ୍କ ଅନୁରୋଧକ୍ରମେ ମାମଲାକୁ ଗୁଜରାନ୍‌ୱାଲାସ୍ଥିତ ଏଟିସି କୋର୍ଟରୁ ଗୁଜରାତ୍ ଏଟିସିକୁ ସ୍ଥାନାନ୍ତର ହୋଇଛି। ତେଣୁ ପରବର୍ତ୍ତୀ ଶୁଣାଣି ଉକ୍ତ କୋର୍ଟରେ ହେବ। ନିଷିଦ୍ଧ ଆତଙ୍କବାଦୀ ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନରେ କେତେ ଆଖିଦୃଶିଆ ଅଗ୍ରଗତି ହୋଇଛି ଦେଖାଇବା ପାଇଁ ଆମେରିକା ପାକିସ୍ତାନକୁ କହିବା ପରେ ହାଫିଜ୍‌ଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହୋଇଥିବା କୁହାଯାଉଛି। ଇସ୍‌ଲାମାବାଦକୁ ଆର୍ଥିକ କାର୍ଯ୍ୟାନୁଷ୍ଠାନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଧୂସର ତାଲିକାରୁ ବାଦ୍ ପଡିବାକୁ ହେଲେ ଆତଙ୍କବାଦୀ ସଂଗଠନଗୁଡିକ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେବାକୁ ହେବ ବୋଲି ଆମେରିକା ସ୍ପଷ୍ଟ କରିଦେଇଥିଲା। ଗତ ଜୁନ୍ ମାସରେ ଆମେରିକା ପ୍ରତିନିଧି ଦଳ ଇସ୍‌ଲାମାବାଦ ଆସି ସରକାରଙ୍କ ଆତଙ୍କବାଦୀ ନିରୋଧୀ କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରିଥିଲେ।

**ଆମେରିକାର ତାଗିଦ ପରେ ଚାର୍ଜଶିଟ୍ ଦାଖଲ**

## ଜେଇଏମ୍ ଟାର୍ଗେଟରେ ମୁମ୍ବାଇ

ନୂଆଦିଲ୍ଲୀ,୭।୮

ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁମ୍ବାଇକୁ ଟାର୍ଗେଟ କରିପାରେ ବୋଲି ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ସରକାରଙ୍କୁ ଜଣାଇଛନ୍ତି। ଏହା ବ୍ୟତୀତ ଜମ୍ମୁ-କଶ୍ମୀରର ସୁରକ୍ଷା ବଳ ଉପରେ ଆକ୍ରମଣ ବଢ଼ାଇବା ପାଇଁ ଜେଇଏମ୍ ଯୋଜନା କରିଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପୁଲୱାମା ଭଳି ସ୍ଥିତି ସୃଷ୍ଟି ହୋଇପାରେ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ କହିବା ସହ ଏହା ଦୁଇ ଦେଶ ମଧ୍ୟରେ ପାରମ୍ପରିକ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ମଙ୍ଗଳବାର କହିଥିଲେ। ତାଙ୍କ ଏଭଳି ବିବୃତିରୁ ଇସ୍‌ଲାମାବାଦ ଆତଙ୍କବାଦୀ ସଂଗଠନଗୁଡିକୁ ସମର୍ଥନ ବଢ଼ାଇବା ପାଇଁ ଉଦ୍ୟମ କରୁଥିବା ସ୍ପଷ୍ଟ ହୋଇଛି। ଇମ୍ରାନଙ୍କ ମନ୍ତବ୍ୟ ପରେ ଜେଇଏମ୍ ନେତା ମୌଲାନା ମାସୁଦ୍ ଆଝାରଙ୍କ ସାନଭାଇ ରୌଫ୍ ଅସ୍‌ଗର ପାକ୍ ଅଧିକୃତ କଶ୍ମୀର (ପିଓକେ) ଆସିଥିବା ଜଣେ ବରିଷ୍ଠ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ପଞ୍ଜାବରେ ଥିବା ଜେଇଏମ୍ ଆତଙ୍କବାଦୀମାନେ ସେମାନଙ୍କ ଶିବିର ସୀମାନ୍ତକୁ ଉଠାଇ ଆଣିଥିବା ଜଣାପଡିଛି। ସେମାନେ ଭାରତର କେତେକ ଭିତ୍ତିଭୂମି ଏବଂ ଆର୍ଥିକ ରାଜଧାନୀକୁ ଟାର୍ଗେଟ କରିପାରନ୍ତି ବୋଲି ଗୋଇନ୍ଦା ବିଭାଗ ସୂଚନା ପାଇଛନ୍ତି। ମୁମ୍ବାଇରେ ଆକ୍ରମଣ ପାଇଁ ଜେଇଏମ୍‌ର ଏକ ୩ ଜଣିଆ ଟିମ୍‌କୁ ଦାୟିତ୍ୱ ଦିଆଯାଇଛି।

**[ଇତିହାସର ଆଇନାରେ]**

### ଅଗଷ୍ଟ ୮ର ପ୍ରମୁଖ ଘଟଣା

୧୯୪୨ ଅଗଷ୍ଟ ୮ରେ ମହାତ୍ମା ଗାନ୍ଧୀ ବମ୍ବେଠାରେ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲେ। ଏହାକୁ ଅଗଷ୍ଟ ଆନ୍ଦୋଳନ ମଧ୍ୟ କୁହାଯାଏ। ବ୍ରିଟିଶ୍ ଶାସନରୁ ଭାରତର ସ୍ୱାଧୀନତା ପାଇଁ ଏହା ଥିଲା ଖୁବ୍ ଗୁରୁତ୍ୱପୂର୍ଣ୍ଣ।

୨୦୧୬ ଅଗଷ୍ଟ ୮ରେ ଦକ୍ଷିଣ-ପଶ୍ଚିମ ପାକିସ୍ତାନର କ୍ୱେଟାସ୍ଥିତ ହସ୍ପିଟାଲରେ ଆତ୍ମଘାତୀ ବିସ୍ଫୋରଣ ହେବା ଫଳରେ ୭୦ ଜଣ ପ୍ରାଣ ହରାଇଥିଲେ।

# ରାଜ୍ୟ ସଭା ସାଇନ-ଏ-ଡାଏ

ନୂଆଦିଲ୍ଲୀ,୭।୮ (ପି.ଟି.)

■ ୩୫ ଦିନରେ ୩୨ ବିଲ୍ ପାସ୍

■ ୧୭ ବର୍ଷରେ ସର୍ବଶ୍ରେଷ୍ଠ ଅଧିବେଶନ

ରାଜ୍ୟ ସଭାକୁ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଜୁନ୍ ୨୦ରେ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟ ଅଧିବେଶନ ଜୁଲାଇ ୨୬ରେ ଶେଷ ହେବାର ଥିଲା। ତେବେ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ ହେବାକୁ ଥିବାରୁ ସରକାର ଏହାର କାର୍ଯ୍ୟକାଳକୁ ଅଗଷ୍ଟ ୭ ପର୍ଯ୍ୟନ୍ତ ବଢ଼ାଇଥିଲେ। ରାଜ୍ୟ ସଭାର ଏହି ୨୪୯ତମ ଅଧିବେଶନ ୧୭ ବର୍ଷ ମଧ୍ୟରେ ସବୁଠୁ ଫଳପ୍ରଦ ଥିଲା ବୋଲି ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ କହିଛନ୍ତି। ଅଧିବେଶନର ୩୫ କାର୍ଯ୍ୟଦିବସରେ ୩୨ଟି ବିଲ୍ ଗୃହୀତ ହୋଇଛି। ଉପରାଷ୍ଟ୍ରପତି ଯାହା ଆଶା କରିଥିଲେ ତାହା ପୂରଣ ହୋଇଥିବାରୁ ସେ ଅତ୍ୟନ୍ତ ଖୁସି। ଗତ ୧୭ ବର୍ଷର ୫୨ଟି ଅଧିବେଶନ ମଧ୍ୟରେ ଏହା ସର୍ବଶ୍ରେଷ୍ଠ ବୋଲି ରାଜ୍ୟ ସଭା ଅଧ୍ୟକ୍ଷ କହିଥିଲେ।

ଏହି ଅଧିବେଶନରେ ତିନି ତଲାକ୍ ବିଲ୍, ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ୍ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଗୃହୀତ ହୋଇଛି। ତଥ୍ୟ ଅନୁଯାୟୀ ୧୯୮୪ର ୧୩୧ତମ ଅଧିବେଶନ ସବୁଠୁ ଫଳପ୍ରଦ ଥିଲା, ଯେଉଁଥିରେ ୩୭ଟି ବିଲ୍ ଗୃହୀତ ହୋଇଥିଲା। ୨୦୦୨ରେ ୧୯୭ତମ ଅଧିବେଶନରେ ୩୫ ବିଲ୍ ଅନୁମୋଦିତ ହୋଇଥିଲା। ତେଣୁ ଗତ ୪୧ ବର୍ଷ ମଧ୍ୟରେ ଏହା ୫ମ ସର୍ବାଧିକ ଫଳପ୍ରଦ ଅଧିବେଶନ। ଏଥର ରାଜ୍ୟ ସଭାର ଫଳପ୍ରଦ ହାର ଥିଲା ୧୦୪.୯୨ ପ୍ରତିଶତ। ଗତ ୫ଟି ଅଧିବେଶନରେ ଗୃହର ଫଳପ୍ରଦତା ୭.୪୪ରୁ ୬୫.୬୦ ପ୍ରତିଶତ ରହିଥିଲା। ତେବେ ଏଥର ଗୃହ କାର୍ଯ୍ୟ ମୋଟ ୧୯ ଘଣ୍ଟା ୧୨ ମିନିଟ ବାଧାପ୍ରାପ୍ତ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟଠାରୁ ଅଧିକ ଦିନ ଅଧିବେଶନ ଚାଲିବାରୁ ଗୃହକୁ ଅଧିକ ୨୮ ଘଣ୍ଟା ମିଳିଥିଲା।

# ସୁଷମାଙ୍କୁ ଅଶ୍ରୁଳ ବିଦାୟ

ଭାରତର ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ, ଦିଲ୍ଲୀର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଥିବା ଭାଜପା ନେତ୍ରୀ ସୁଷମା ସ୍ୱରାଜଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବୁଧବାର ନୂଆଦିଲ୍ଲୀର ଲୋଧିରୋଡ଼ସ୍ଥିତ ଶ୍ମଶାନ ଘାଟରେ ସମ୍ପନ୍ନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସହ ବହୁ ବରିଷ୍ଠ ନେତା ଏହି ଅବସରରେ ଯୋଗ ଦେଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଜଣେ ସଚ୍ଚୋଟ, ନିର୍ଭୀକ ଜନସେବକଭାବେ ସେ ଚିରକାଳ ସ୍ମରଣୀୟ ହୋଇ ରହିବେ। ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଆଲେଖ୍ୟ।



## ଶେଷକୃତ୍ୟ ପୂର୍ବରୁ ବଧୂ ବେଶ

ଅନ୍ତିମ ଯାତ୍ରାରେ ବାହାରିବା ପୂର୍ବରୁ ବଧୂ ବେଶରେ ସଜେଇ ହୋଇଛନ୍ତି ଭାଜପାର ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜ୍। ମଥାରେ ବଡ ବିନ୍ଦି, ଲାଲ ଓଢଣୀରେ ତାଙ୍କୁ ସଜେଇ ଦେଇଛନ୍ତି ଏକମାତ୍ର ଝିଅ ବାଂଶୁରୀ। ସୁଷମା ସବୁବେଳେ ଭାରତୀୟ ନାରୀର ଭୂଷଣ ଶାଢି ଏବଂ ବଡ ବିନ୍ଦି ଲଗାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏପରିକି ସେ ବହିର୍ବ୍ୟାପାର ମନ୍ତ୍ରୀ ଥିବାବେଳେ ବିଦେଶ ଗସ୍ତରେ ମଧ୍ୟ ସେ ନିଜ ପରିଚୟ ଭୁଲି ନ ଥିଲେ। ସବୁଠି ଶାଢି ଏବଂ ବିନ୍ଦି ଲଗାଇ ବିଶ୍ୱର ବଡ ବଡ ନେତାଙ୍କୁ ଭେଟୁଥିଲେ। ମୃତ୍ୟୁ ପରେ ବି ତାଙ୍କୁ ବଡ ବିନ୍ଦିରେ ସଜେଇ ବିଦାୟ ଦିଆଯାଇଛି।


ସୁଷମାଙ୍କ ଶେଷକୃତ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି,ଲାଲ୍‌କୃଷ୍ଣ ଆଡଭାନୀ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ।

### କାନ୍ଧ ଦେଲେ ରାଜନାଥ-ନଡ୍ଡା

ଭାଜପାର ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜଙ୍କର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ଚାରିଆଡେ ଶୋକର ଛାୟା ଖେଳିଯାଇଛି। ଭାଜପା କାର୍ଯ୍ୟାଳୟରୁ ତାଙ୍କ ମୃତ୍ୟୁ ଶରୀରକୁ ଅନ୍ତିମ ଯାତ୍ରାରେ ନିଆଯାଇଛି। ତାଙ୍କ ମୃତଦେହକୁ କାନ୍ଧ ଦେଇଛନ୍ତି ଭାଜପା ନେତା ରାଜନାଥ ସିଂ ଏବଂ ଜେପି ନଡ୍ଡା। ଲକ୍ଷାଧିକ ଲୋକ ତାଙ୍କ ଅନ୍ତିମ ଯାତ୍ରାରେ ସାମିଲ ହୋଇଛନ୍ତି। ଲୋଧି ରୋଡରେ ଥିବା ଶବଦାହ ଗୃହରେ ତାଙ୍କ ଶେଷକୃତ ସମ୍ପନ୍ନ ହେବ। ସୂଚନାଯୋଗ୍ୟ, ମଙ୍ଗଳବାର ରାତିରେ ସୁଷମା ସ୍ୱରାଜଙ୍କ ୬୭ବର୍ଷରେ ଦିଲ୍ଲୀ ଏମ୍ସଠାରେ ପରଲୋକ ଘଟିଥିଲା। ସୁଷମାଙ୍କ ମରଶରୀର ପ୍ରଥମେ ତାଙ୍କ ଦିଲ୍ଲୀସ୍ଥିତ ବାସଭବନକୁ ନିଆଯାଇଥିଲା। ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସମେତ ଦେଶର ବିଭିନ୍ନ ନେତା ସୁଷମାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ତାଙ୍କ ମରଶରୀର ଭାଜପା କାର୍ଯ୍ୟାଳୟକୁ ଅଣାଯାଇଥିଲା।

### ଭାବୁକ ହେଲେ ପ୍ରଧାନମନ୍ତ୍ରୀ

ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ପାର୍ଥିବ ଶରୀର ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାବୁକ ହୋଇପଡିଛନ୍ତି। ତାଙ୍କ ଆଖି ଲୁହରେ ଜକେଇ ଆସିଥିବାବେଳେ ନିଜକୁ ସେ ନିୟନ୍ତ୍ରଣ କରିଥିଲେ। ଭାଜପାର ବରିଷ୍ଠ ନେତାମାନେ ସୁଷମାଙ୍କ ବାସଭବନରେ ଶେଷ ଦର୍ଶନ କରିଛନ୍ତି। ଭାଜପାର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ, ଅମିତ ଶାହ ପ୍ରମୁଖ ବୁଧବାର ସକାଳୁ ସେଠାରେ ପହଞ୍ଚିଛନ୍ତି।

### କାନ୍ଦିଲେ ୯୬ ବର୍ଷୀୟ ଧର୍ମପାଳ

ସୁଷମା ସ୍ୱରାଜଙ୍କ ପାର୍ଥିବ ଶରୀର ଦେଖି କାନ୍ଦି ପକାଇଛନ୍ତି ଏମଡିଏଚ୍ କମ୍ପାନୀର ମାଲିକ ଧର୍ମପାଳ ଗୁଲାଟୀ। ୯୬ବର୍ଷୀୟ ଗୁଲଟୀ ସୁଷମାଙ୍କ ଶେଷ ଦର୍ଶନ ପାଇଁ ଭାଜପା କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ତାଙ୍କୁ ଦେଖିବା ପରେ ତଳେ ବସି କାନ୍ଦିବାକୁ ଲାଗିଥିଲେ। ଉପସ୍ଥିତ କିଛି ଲୋକ ତାଙ୍କୁ ସମ୍ଭାଳିଥିଲେ। ସୁଷମାଙ୍କ ମରଶରୀର ପ୍ରଥମେ ତାଙ୍କ ଦିଲ୍ଲୀସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସମେତ ଦେଶର ବିଭିନ୍ନ ନେତା ସୁଷମାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



### ଭାଜପା ଅଫିସ୍‌କୁ ଅଣାଯାଇଥିଲା ମରଶରୀର

ଦିଲ୍ଲୀ ଏମ୍ସଠାରେ ପରଲୋକ ହେବା ପରେ ସୁଷମାଙ୍କ ମରଶରୀର ପ୍ରଥମେ ତାଙ୍କ ଦିଲ୍ଲୀସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସମେତ ଦେଶର ବିଭିନ୍ନ ନେତା ସୁଷମାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ୧୧ଟା ପରେ ସୁଷମାଙ୍କ ମରଶରୀର ଭାଜପା ମୁଖ୍ୟାଳୟକୁ ଅଣାଯାଇଛି। ସେଠାରେ ଦଳର ନେତା ଏବଂ କର୍ମୀମାନେ ସୁଷମାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ଏହାପରେ ଅପରାହ୍ନ ୩ଟାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି।

### ଗୀତାଙ୍କ ଆଖିରେ ଲୁହ



ଭୁଲରେ ପାକିସ୍ତାନ ପଳାଇଥିବା ମୂକ ଓ ବଧିର ଝିଅ ଗୀତା ପାଇଁ ସୁଷମା ସାଜିଥିଲେ ମା'। ଗୀତା ଦୀର୍ଘ ୧୪ ବର୍ଷ ପାକିସ୍ତାନରେ ରହିବା ପରେ ୨୦୧୫ରେ ଭାରତକୁ ଫେରିବାରେ ଥିଲା ସୁଷମାଙ୍କ ବଡ ହାତ। ଏବେ ତାଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ଭାଙ୍ଗିପଡିଛନ୍ତି ଗୀତା। ସେ ଖାଲି କାନ୍ଦୁଛନ୍ତି। ମୁଁ ମୋ ଅଭିଭାବକଙ୍କୁ ହରାଇଦେଲି ବୋଲି ସେ କହିଛନ୍ତି। ସେ ସବୁବେଳେ ମୋତେ ଝିଅ ପରି ଦେଖୁଥିଲେ। ମା' ପରି ସେ ମୋର ଯତ୍ନ ନେଉଥିଲେ ବୋଲି ଗୀତା କହିଛନ୍ତି। ସୂଚନାଯୋଗ୍ୟ,ଗୀତା ପିଲାବେଳୁ ଭାରତରୁ କୌଣସି ଟ୍ରେନରେ ଗୀତା ପାକିସ୍ତାନର ଲାହୋର ପହଞ୍ଚିଥିଲେ। ଅଜଣା ଝିଅ ଗୀତା ସାଙ୍ଗରେ କେହି ନ ଥିବାରୁ ପୋଲିସ ତାଙ୍କୁ ପାଇ ରାଷ୍ଟ୍ରାୟତ ଆଶ୍ରୟସ୍ଥଳକୁ ପଠାଇଥିଲା। କିନ୍ତୁ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିବା ଏବଂ କର୍ମଚାରୀମାନଙ୍କ ସହ କଳହ କରିବାରୁ ତାଙ୍କୁ ଭିନ୍ନ ଭିନ୍ନ ଆଶ୍ରୟସ୍ଥଳରେ ନେଇ ରଖାଯାଉଥିଲା। ଶେଷରେ କରାଚିସ୍ଥିତ ଏଧି ସ୍ୱେଚ୍ଛାସେବୀ ଫାଉଣ୍ଡେଶନରେ ଗୀତା ବହୁଦିନ ହେବ ରହୁଥିଲା। ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ସେତେବେଳର ଭାରତର ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସରାଜ। ଫଳରେ ୨୦୧୫ରେ ଗୀତା ଭାରତ ଫେରିଥିଲେ।

### ମୋଦିଙ୍କୁ ଧନ୍ୟବାଦ୍ ଦେଇ ନୀରବି ଗଲେ

ପୂର୍ବତନ ବୈଦେଶିକ ମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜ ମୃତ୍ୟୁର ୩ ଘଣ୍ଟା ପୂର୍ବରୁ ଏକ ଟୁଇଟ୍ କରି ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଇଥିଲେ। ସୁଷମା ଟୁଇଟ୍‌ରେ ହିନ୍ଦୀରେ ଲେଖିଥିଲେ, ପ୍ରଧାନମନ୍ତ୍ରୀ ଜୀ, ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ମୁଁ ମୋ ଜୀବନରେ ଏହି ଦିନଟିକୁ ଦେଖିବାକୁ ପ୍ରତୀକ୍ଷା କରିଥିଲି। ସୂଚନାଯୋଗ୍ୟ, ସୁଷମା ରାତି ୧୦ଟାରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ।

### ଭାଙ୍ଗିପଡିଛନ୍ତି ସ୍ୱାମୀ କୌଶଳ, ଝିଅ ବାଂଶୁରୀ

ସବୁଦିନ ପାଇଁ ଆଖି ବୁଜିଛନ୍ତି ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ। ଏ ଘଟଣା ଅନେକଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି। ଦଳମତ ନିର୍ବିଶେଷରେ ସମସ୍ତ ନେତା ତାଙ୍କ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ସବୁଠୁ ଅଧିକ ଭାଙ୍ଗି ପଡିଛନ୍ତି ସୁଷମାଙ୍କ ସ୍ୱାମୀ ସ୍ୱରାଜ କୌଶଳ ଏବଂ ଏକମାତ୍ର ଝିଅ ବାଂଶୁରୀ। ସ୍ତ୍ରୀଙ୍କ ମୃତ ଶରୀର ପାଖରେ ସକାଳୁ ସ୍ୱରାଜଙ୍କୁ କାନ୍ଦୁଥିବାର ଲକ୍ଷ୍ୟ କରାଯାଇଛି। ମୋଦିଙ୍କୁ ଧରି ସେ ଭୋ ଭୋ ହୋଇ କାନ୍ଦି ପକାଇଥିଲେ। ଅନ୍ତିମ ଯାତ୍ରା ମଧ୍ୟ ବାପ ଝିଅଙ୍କୁ କାନ୍ଦୁଥିବାର ଦେଖାଯାଇଛି। ଝିଅ ଲୁହ ଛଳଛଳ ଆଖିରେ ମା'ଙ୍କ ଶେଷ ବିଦାୟ ପାଇଁ ପ୍ରସ୍ତୁତି ଚଳାଇଛନ୍ତି।



ସେବା ହିଁ ଧର୍ମର ପଥ। ଦୁଃସ୍ଥ, ପୀଡିତ, ଦୁଃଖୀ ଏବଂ ଅସହାୟ ମଣିଷଙ୍କ ସେବା କରିବାଠାରୁ ଆଉ ବଡ଼ ଧର୍ମ ନାହିଁ। ଏହି ସେବା ଦ୍ୱାରା ଯେଉଁ ଆନନ୍ଦ ମିଳେ ତାହା ଅପାର୍ଥିବ, ତାହା ସ୍ୱର୍ଗୀୟ, ମାତ୍ର ତୁମେ ତାହା ସବୁ ଭୁଲି ଗଲଣି।

- ସତ୍ୟ ସାଇବାବା




# ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷାଫଳ ପ୍ରକାଶିତ

## ପାସ୍ ହାର ୪୩.୬୨ ପ୍ରତିଶତ

କଟକ ଅଫିସ,୭।୮

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଚଳିତବର୍ଷର ପାସ୍ ହାର ୪୩.୬୨ ପ୍ରତିଶତ ରହିଛି। ଏହାଛଡ଼ା ଏକ ସଙ୍ଗରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା(୨ୟ) ଫଳ ମଧ୍ୟ ଘୋଷଣା ହୋଇଥିଲା। ଏହି ପରୀକ୍ଷାରେ ପାସ ହାର ୬୩.୪୪ ପ୍ରତିଶତ ରହିଛି। ବୋର୍ଡର ନିଜସ୍ୱ ୱେବ୍‌ସାଇଟ www.bseodisha.ac.inରେ ପରୀକ୍ଷାର୍ଥୀ ନିଜ ପରୀକ୍ଷାଫଳ ଜାଣିପାରିବେ। ଗୁରୁବାରଠାରୁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ପୁନଃ ମୂଲ୍ୟାୟନ ନିମନ୍ତେ ଦିନଧାର୍ଯ୍ୟ ହୋଇଛି। ଯେଉଁ ବିଦ୍ୟାର୍ଥୀ ପୁନଃ ମୂଲ୍ୟାୟନ କରିବାକୁ ଚାହିଁବେ ସେମାନେ ଧାର୍ଯ୍ୟ ତାରିଖ ମଧ୍ୟରେ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ଜୋନାଲ କାର୍ଯ୍ୟାଳୟରେ ନିବେଦନ କରିପାରିବେ। ଏ ନେଇ ବୋର୍ଡ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ଡ. ଜହାଁଆରା ବେଗମ କହିଛନ୍ତି। ଏଥିରେ ବୋର୍ଡ ସମ୍ପାଦକ ରାମାଶିଷ ହାଜରା ଓ ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

୧୨୨ଟି ପରୀକ୍ଷା କେନ୍ଦ୍ରରେ ୨୩,୫୨୮ଜଣ ପରୀକ୍ଷାର୍ଥୀ ସପ୍ଲିମେଣ୍ଟାରି ରେଗୁଲାର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୦,୪୬୭ଜଣ ପାସ କରିଥିବାବେଳେ ପାସ ହାର ରହିଛି ୪୪.୫୪ ପ୍ରତିଶତ। ସେହିପରି ୧୨୦ ପରୀକ୍ଷା କେନ୍ଦ୍ରରେ ୨୫୨୫ଜଣ ପରୀକ୍ଷାର୍ଥୀ ସପ୍ଲିମେଣ୍ଟାରି ଏକ୍ସରେଗୁଲାର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୮୮୮ଜଣ ପାସ ହୋଇଛନ୍ତି। ଏହି ପରୀକ୍ଷାର ପାସ ହାର ୩୫.୨୪ ପ୍ରତିଶତ ରହିଛି। ପତ୍ରବିନିମୟ ରେଗୁଲାର ପରୀକ୍ଷାରେ ୧୮୫ଜଣ ଓ ପତ୍ରବିନିମୟ ଏକ୍ସରେଗୁଲାର ପରୀକ୍ଷାରେ ୫୮ଜଣ ପରୀକ୍ଷା ଦେଇଥିବାବେଳେ ଯଥାକ୍ରମେ ୬୯ଜଣ ଓ ୨୧ଜଣ କୃତକାର୍ଯ୍ୟ ହୋଇଛନ୍ତି। ମୋଟାମୋଟି ଭାବେ ପାସ ହାର ୪୩.୬୨ ପ୍ରତିଶତ ରହିଛି। ଏ-୧ ଗ୍ରେଡ କେହି ହାସଲ କରି ପାରି ନ ଥିବା ବେଳେ ଜଣେ ଏ-୨ ଗ୍ରେଡ ପାଇଛନ୍ତି। ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା(୨ୟ) ୫୫ଟି ପରୀକ୍ଷା କେନ୍ଦ୍ରରେ ହୋଇଥିଲା। ମୋଟ୍ ୮୫୬୧ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୪୦୩ଜଣ ପାସ କରିଛନ୍ତି। ସୂଚନାଥାଉ କି, ଗତ ଜୁଲାଇ ୮ରୁ ଦୁଇଟି ଯାକ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ସପ୍ଲିମେଣ୍ଟାରି ପରୀକ୍ଷା ୧୪ରେ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା(୨ୟ) ୧୬ରେ ଶେଷ ହୋଇଥିଲା।

# ରାଜ୍ୟ ପ୍ରଶାସନରେ ବଡ଼ଧରଣର ଅଦଳବଦଳ

- ଅସିତଙ୍କୁ କେବିକେ ପ୍ରଶାସନ ଅତିରିକ୍ତ ଦାୟିତ୍ୱ
- ଭେନୁ ଗୋପାଳ ରାଜସ୍ୱ ପର୍ଷଦ ସଦସ୍ୟ

ଭୁବନେଶ୍ୱର,୭।୮(ବ୍ୟୁରୋ)

ରାଜ୍ୟ ସରକାର ବୁଧବାର ରାଜ୍ୟ ପ୍ରଶାସନସ୍ତରରେ ବ୍ୟାପକ ଅଦଳବଦଳ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ଅନୁମୋଦନ କ୍ରମେ ସାଧାରଣ ପ୍ରଶାସନ(ଜିଏ) ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ପାହ୍ୟା ଅଫିସର ଅସିତ କୁମାର ତ୍ରିପାଠୀଙ୍କୁ କୋରାପୁଟସ୍ଥିତ କେବିକେ ପ୍ରଶାସନର ମୁଖ୍ୟଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅସିତ ପୂର୍ବଭଳି ଗୁରୁତ୍ୱପୂର୍ଣ୍ଣ ଗୃହ ଏବଂ ଯୋଜନା ଓ ସଂଯୋଜନା ବିଭାଗ ଏସିଏସ୍‌ଭାବେ କାର୍ଯ୍ୟ କରିବେ। ସେହିପରି କେବିକେ ମୁଖ୍ୟ ଥିବା ପ୍ରଶାସକ ସୁଦର୍ଶନ ପାଲଠାକୁରଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ନିର୍ଦ୍ଦେଶିକାଥିବା ରଞ୍ଜନା ଚୋପ୍ରାଙ୍କୁ ଏସ୍‌ସି, ଏସ୍‌ଟି, ଓବିସି ଏବଂ ସଂଖ୍ୟାଲଘୁ ବିକାଶ ବିଭାଗ ପ୍ରମୁଖ ସଚିବଭାବେ ନିଯୁକ୍ତି ଦିଆଯାଇଛି। ଇଲେକ୍ଟ୍ରୋନିକ୍ସ ଏବଂ ବୈଷୟିକ ଶିକ୍ଷା ବିଭାଗର ଏଏସିଏସ୍‌ଥିବା ସି.ଜେ ଭେନୁଗୋପାଳଙ୍କୁ କଟକସ୍ଥିତ ରାଜସ୍ୱ ପର୍ଷଦ ସଦସ୍ୟ ଭାବେ ମନୋନୀତ କରାଯାଇଛି।

ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ନୀତେନ ଚନ୍ଦ୍ରାଙ୍କୁ ସାଧାରଣ ପ୍ରଶାସନ ଓ ପେନସନ୍, ଅଭିଯୋଗ ବିଭାଗର ସ୍ୱତନ୍ତ୍ର ଦାୟିତ୍ୱ(ଓଏସ୍‌ଡି) ପ୍ରଦାନ କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପ୍ରମୁଖ ଶାସନ ସଚିବ ଥିବା ଡି.କେ ସିଂହଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅବକାରୀ କମିଶନର ତଥା ସଚିବ ସୁଶୀଲ କୁମାର ଲୋହାନୀଙ୍କୁ କଟକସ୍ଥିତି ବାଣିଜ୍ୟିକ କର କାର୍ଯ୍ୟାଳୟର କମିଶନରଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଲୋହାନୀ ପୂର୍ବରୁ ରାଜ୍ୟ ପାନୀୟ ନିଗମ ଲିଃର ପ୍ରଶାସନିକ ମୁଖ୍ୟଭାବେ ଦାୟିତ୍ୱ ତୁଲାଉଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସଚିବ ବୀର ବିକ୍ରମ ଯାଦବଙ୍କୁ ସମବାୟ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଆଇଜି ପୋଲିସ ଅରୁଣ ବ୍ରୋଥାଙ୍କୁ ସେସୁର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ଦାୟିତ୍ୱ ଦିଆଯାଇଛି। ଏସ୍‌ସି, ଏସ୍‌ଟି, ଓବିସି ଓ ସଂଖ୍ୟାଲଘୁ ବିକାଶ ଭାରପ୍ରାପ୍ତ ସଚିବ ଆର୍. ରଘୁ ପ୍ରସାଦଙ୍କୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ସଚିବ ସହ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅପରପକ୍ଷରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ସଚିବ ସହ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଥିବା ବିଶାଳ ଗଗନଙ୍କୁ ପୂର୍ଣ୍ଣଭାବେ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବଭାବେ ନିଯୁକ୍ତି ଦିଆଯାଇଛି। ସେ ପୂର୍ବରୁ ଅତିରିକ୍ତଭାବେ ଏହି ଦାୟିତ୍ୱ ତୁଲାଉଥିଲେ।

ବିଜ୍ଞାନ ଓ ବୈଷୟିକବିଦ୍ୟାର କମିଶନର ତଥା ସଚିବଥିବା ଭାସ୍କର ଜ୍ୟୋତି ଶର୍ମାଙ୍କୁ ସମାନ ପାହ୍ୟାରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ବଦଳି କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ସମବାୟ ବିଭାଗ ସହ ପୂର୍ତ୍ତ ବିଭାଗ ସଚିବ ଦାୟିତ୍ୱ ତୁଲାଉଥିବା କ୍ରିଷ୍ଣନ କୁମାରଙ୍କୁ କେବଳ ପୂର୍ତ୍ତ ବିଭାଗ ଦାୟିତ୍ୱ ଦିଆଯାଇଛି। ସାଧାରଣତଃ ଅଭିଜ୍ଞ ଯନ୍ତ୍ରୀଙ୍କୁ ପୂର୍ତ୍ତ ବିଭାଗ ସଚିବ ଦାୟିତ୍ୱ ଦିଆଯାଇଥାଏ। ହେଲେ ରାଜ୍ୟ ସରକାର ଜଣେ ଆଇଏଏସ୍‌ଙ୍କୁ ଏହି ପଦରେ ଜାରି ରଖିବାକୁ ସମ୍ଭବତଃ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ଉଠା ଜଳସେଚନ ନିଗମ ଲିଃ ପରିଚାଳନା ନିର୍ଦ୍ଦେଶକ ଥିବା ଅର୍ଚ୍ଚନା ପଟ୍ଟନାୟକଙ୍କୁ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବଭାବେ ନିଯୁକ୍ତି କରାଯାଇଛି। ଏଥିସହିତ ସେ ଅତିରିକ୍ତ ଦାୟିତ୍ୱଭାବେ ଉଠାଜଳସେଚନ ବିଭାଗର ଏମ୍.ଡି ଭାବେ କାର୍ଯ୍ୟ କରିବେ। ରାଜ୍ୟର ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ସଚିନ ରାମଚନ୍ଦ୍ର ଯାଦବଙ୍କୁ ଆଦିବାସୀ ଉନ୍ନୟନ ନିର୍ଦ୍ଦେଶକଭାବେ ଦାୟିତ୍ୱ ମିଳିଛି। ସେସୁର ସିଇଓ ଥିବା ସିଦ୍ଦିକ୍ ଆଲାମଙ୍କୁ ଭୁବନେଶ୍ୱରସ୍ଥିତ ସିଏମ୍‌ଜିଆଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଭାବେ ଦାୟିତ୍ୱ ଦିଆଯାଇଛି। ରାଜସ୍ୱ ପର୍ଷଦ ସଦସ୍ୟଥିବା ସୁରେନ୍ଦ୍ର କୁମାର ମୀନାଙ୍କୁ ପୂର୍ତ୍ତ ବିଭାଗର ଉପସଚିବ ଭାବେ ଦାୟିତ୍ୱ ଦିଆଯାଇଛି।

# ଦେଶର ୧୦ ଶ୍ରେଷ୍ଠ ଥାନା ତାଲିକାରେ ଓଡ଼ିଶାର ତରଭା

- ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ମିଳିଲା ପ୍ରମାଣପତ୍ର

ସୋନପୁର/ତରଭା,୭।୮(ନି.ପ୍ର./ଡି.ଏନ୍.ଏ.)



ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସୁବର୍ଣ୍ଣପୁର ଏସ୍‌ପି ଓ ତରଭା ଆଇଆଇସିଙ୍କୁ ମୋମେଣ୍ଟୋ ଓ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

୨୦୧୮ ସର୍ଭେ ଅନୁଯାୟୀ ଭାରତର ୧୦ ଶ୍ରେଷ୍ଠ ଥାନା ତାଲିକାରେ ସୁବର୍ଣ୍ଣପୁର ଜିଲାର ତରଭା ଥାନା ସ୍ଥାନ ପାଇଛି। ଏଥିପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଓ କେନ୍ଦ୍ର ଗୃହ ସଚିବଙ୍କ ଦସ୍ତଖତ ସମ୍ବଳିତ ଏକ ପ୍ରମାଣପତ୍ର ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ ଓ ତରଭା ଆଇଆଇସି ଡୋଲାମଣି ଭୋଇଙ୍କୁ ପ୍ରଦାନ କରାଯାଇଛି। ପୋଲିସ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ବୁଧବାର ଏକ ସ୍ୱତନ୍ତ୍ର ଉତ୍ସବରେ ମୋମେଣ୍ଟୋ ଓ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏହି ସଫଳତା ପାଇଁ ଡିଜିପି ଶର୍ମା ସୁବର୍ଣ୍ଣପୁର ଏସ୍‌ପି, ତରଭା ଆଇଆଇସି ଓ ତରଭା ଥାନାର କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉତ୍ସବରେ ବରିଷ୍ଠ ପୋଲିସ ଅଧିକାରୀ ସନ୍ତୋଷ ଉପାଧ୍ୟାୟ, ବିନୟତୋଷ ମିଶ୍ର, ସଞ୍ଜୀବ୍ ପଣ୍ଡା, ପି.ଏସ୍. ରଣପିସେ, ଅସିତ ପାଣିଗ୍ରାହୀ, ସିଫେନ ଅହମ୍ମଦ, ସନ୍ଦୀପ ମଦକାର ଓ ବିବେକାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ସ୍ମାର୍ଟ ପୋଲିସିଂ, ଅପରାଧ ନିୟନ୍ତ୍ରଣ, ସାମାଜିକ କାର୍ଯ୍ୟ, ଆମ ପୋଲିସ ସମିତ କାର୍ଯ୍ୟ, ପୋଲିସର ଜନସାଧାରଣଙ୍କ ପ୍ରତି ବ୍ୟବହାର, ଅଭିଯୋଗର ସମାଧାନ ଏବଂ କ୍ରାଇମ୍‌କ୍ରିମିନାଲ ଟ୍ରାକିଂ ନେଟୱାର୍କିଂ ସିଷ୍ଟମ ଭଳି ମାପଦଣ୍ଡକୁ ନେଇ ପୂର୍ବରୁ ସର୍ଭେ ହୋଇଥିଲା। କ୍ୱାଲିଟି କାଉନସିଲ ଅଫ୍ ଇଣ୍ଡିଆ(କ୍ୟୁସିଆଇ) ପକ୍ଷରୁ ଦେଶର ସବୁ ଥାନାରେ ଏଭଳି ସର୍ଭେ କରାଯାଇଥିଲା। ପୋଲିସର କାର୍ଯ୍ୟ ସମ୍ପର୍କରେ ସାଧାରଣ ଲୋକ, ମହିଳା, ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ମତ ନିଆ ଯାଇଥିଲା। ଏହି ସମୟରେ ସୁରୁବାବୁ ଛତ୍ରିଆ ତରଭା ଥାନାର ଅଧିକାରୀ ଥିଲେ।







**କିଛି ତଥ୍ୟ**
ଚଳିତ ବର୍ଷ ଜୁଲାଇରେ ଦେଶରୁ ପିଡିଆ ରପ୍ତାନି ୨୩% ହ୍ରାସ ଘଟି ୧.୬୬ ଲକ୍ଷ ଟନ୍ ରହିଛି।
– ସଲ୍‌ଭେଣ୍ଟ ଏକ୍ସଟ୍ରାକ୍ଟର ଆସୋସିଏଶନ ଅଫ୍ ଇଣ୍ଡିଆ

**ଜନ୍ମଦିନର ଶୁଭେଚ୍ଛା**
ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................

ଆରୁଷ୍
ପରିବାରବର୍ଗ
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଧୋଇଗଲା ଟ୍ରାକ୍, ପାଣିକୁ ଖସିଲା ମାଲବାହୀ ଟ୍ରେନ୍ ବଗି



ରାୟଗଡା ଅଫିସ/ମୁନିଗୁଡ଼ା/ଅମ୍ବାଦଳା ୭।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲାରେ ଗତ ୪୦ ଘଣ୍ଟାରୁ ଅଧିକ ସମୟ ଧରି ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାରେ ପ୍ରବାହିତ ନାଗାବଳୀ, କଲ୍ୟାଣୀ, ବଂଶଧାରା, ଝଞ୍ଜାବତୀ ଓ କୁଜେର ନଦୀର ଜଳସ୍ତର ବଢିବାରେ ଲାଗିଛି।

ଅମ୍ବାଦଳା ରେଳଷ୍ଟେଶନ ନିକଟ ଖାରିପୁଲିଆ ନିକଟରେ ବଂଶଧାରା ନଦୀର ଶାଖା ନାଳରେ ବନ୍ୟାଜଳ ପ୍ରବାହିତ ହୋଇ ରେଳ ପୋଲ ସମ୍ପୂର୍ଣ୍ଣ ଧୋଇ ଦେଇଛି। ମଙ୍ଗଳବାର ରାତି ପ୍ରାୟ ୨ଟାରେ ବନ୍ୟାଜଳ ପ୍ରବାହିତ ହୋଇ ପ୍ରଥମେ ରେଳ ଧାରଣାକୁ ଧୋଇଥିଲା। ଧାରଣା ତଳର ମାଟି ଓ କଂକ୍ରିଟ ଧୋଇଯିବା ଯୋଗୁ ରାୟଗଡ଼ାରୁ ଲାଞ୍ଜିଗଡ଼ ଅଭିମୁଖେ ଯାଉଥିବା ଏକ ବକ୍ସାଇଟ ବୋଝେଇ ଟ୍ରେନ ପୋଲ ଉପରେ ଠିଆ ହୋଇଥିବା ସମୟରେ ତାହା ଭୁଶୁଡ଼ି ପଡିଥିଲା। ଫଳରେ ଉକ୍ତ ଟ୍ରେନର ୩ଟି ବଗି ଓଲଟି ପଡିଛି। ଖବରପାଇ ଘଟଣାସ୍ଥଳରେ ସମ୍ବଲପୁର ଏଡିଆର୍‌ଏମ୍ ଏଲ୍. ପାତ୍ରଙ୍କ ସମେତ ଟେକ୍ନିକାଲ ଟିମ୍ ପହଞ୍ଚି ମରାମତି କାମ ଆରମ୍ଭ କରିଛନ୍ତି। ଏହି କାମ ଶେଷ ହେବାକୁ ପ୍ରାୟ ୧୮ ଘଣ୍ଟା ଲାଗିବ ବୋଲି ଏଡିଆର୍‌ଏମ୍ କହିଛନ୍ତି। ଫଳରେ ଏହି ରୁଟ୍ ଦେଇ ଯାଉଥିବା ସମ୍ବଲପୁର-ରାୟଗଡ଼ା ତପସ୍ୱିନୀ ଏକ୍ସପ୍ରେସ, ଭୁବନେଶ୍ୱର-ଜୁନାଗଡ଼ ଲିଙ୍କ୍ ଏକ୍ସପ୍ରେସ, ରାୟପୁର-ବିଶାଖାପାଟଣା ପାସେଞ୍ଜର, ସମ୍ବଲପୁର-କୋରାପୁଟ ପାସେଞ୍ଜର ସହ ୮ଟି ଟ୍ରେନକୁ ବାତିଲ କରାଯାଇଛି। ସେହିଭଳି ଅହମ୍ମଦାବାଦ-ପୁରୀ, ନିଜାମୁଦ୍ଦିନ-ବିଶାଖାପାଟଣା ସମତା ଏକ୍ସପ୍ରେସ ଭଳି ୮ଟି ଟ୍ରେନ୍‌ର ରୁଟ୍ ପରିବର୍ତ୍ତନ କରାଯାଇଛି। ଯାତ୍ରୀଙ୍କ ସୁବିଧା ପାଇଁ ୩ଟି ହେଲ୍‌ପ ଲାଇନ୍ ନମ୍ବର ଜାରି କରାଯାଇଛି। ସମ୍ବଲପୁର ଷ୍ଟେଶନ ପାଇଁ ୯୪୩୭୩୮୬୭୫୯, ଟିଟିଲାଗଡ ଷ୍ଟେଶନ ପାଇଁ ୮୪୫୫୮୯୨୮୩୧/୯୪୩୭୩୮୬୬୯୩ ନମ୍ବର ଜାରି କରାଯାଇଛି। ଅନ୍ୟପକ୍ଷରେ ରାୟଗଡ଼ା-କୋରାପୁଟ କେଆର ଲାଇନରେ ମଧ୍ୟ ପ୍ରବଳ ବର୍ଷା ଯୋଗୁ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ ଶିକରପାଇ ଷ୍ଟେଶନରେ ଅଟକି ରହିଥିଲା। ସେହିଭଳି ଭାଲୁମାସ୍କା ଷ୍ଟେଶନରେ ଜଗଦଲପୁର-ରାଉରକେଲା ଟ୍ରେନ୍ ଫସି ରହିଥିଲା। ଶିକରପାଇ ଷ୍ଟେଶନ ଟ୍ରାକ୍ ନମ୍ବର ୩ ନିକଟରେ ମାଟି ଅତଡ଼ା ଖସୁଥିବା ପରିଲକ୍ଷିତ ହୋଇଛି। ସେହିପରି ଲଗାଣ ବର୍ଷାରେ କୋଲନରା ବ୍ଲକର ଖମ୍ବାସିଂ-ବଡଖିଲାପଦର ମଧ୍ୟରେ ଥିବା ଏକ କଲଭର୍ଟ ଧୋଇହୋଇ ଯିବାରୁ ୩ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

■ ସ୍ୟାଟ୍ ଉଚ୍ଛେଦ ପ୍ରସଙ୍ଗ

# କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ମିଳିଲାନି ରହିତାଦେଶ

## କେନ୍ଦ୍ର, ରାଜ୍ୟ ସରକାରଙ୍କୁ ନୋଟିସ

କଟକ ଅଫିସ,୭।୮

ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ(ସ୍ୟାଟ୍) ଉଚ୍ଛେଦ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ଗେଜେଟ୍ ନୋଟିଫିକେଶନକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଓ ଜଷ୍ଟିସ୍ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ଗେଜେଟ୍ ନୋଟିଫିକେଶନ ଉପରେ ରହିତାଦେଶ ଜାରି କରିବାକୁ ମନା କରି ଦେଇଛନ୍ତି। ଏହି ମାମଲାରେ ହାଇକୋର୍ଟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୫ରେ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କ ଜବାବ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଏହି ନୋଟିଫିକେଶନକୁ ଚ୍ୟାଲେଞ୍ଜ କରି କଟକ ସ୍ୟାଟ୍ ବାର ଆସୋସିଏଶନ ପକ୍ଷରୁ ହାଇକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ସେହିପରି ଗୁରୁବାର ଓଡ଼ିଶା ଟ୍ରିବ୍ୟୁନାଲ କୋର୍ଟ ବାର ଆସୋସିଏଶନ କଟକ ଓ ଭୁବନେଶ୍ୱର ପକ୍ଷରୁ ହୋଇଥିବା ଅନ୍ୟଏକ ମାମଲାର ଶୁଣାଣି ହେବ। ଓଡ଼ିଶା ଟ୍ରିବ୍ୟୁନାଲ କୋର୍ଟ ବାର ଆସୋସିଏଶନ ପକ୍ଷରୁ ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଏହି ଗେଜେଟ୍ ନୋଟିଫିକେଶନ୍‌କୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି, ହାଇକୋର୍ଟରେ ସ୍ୟାଟ୍ ଉଚ୍ଛେଦ ନେଇ ମାମଲା ବିଚାରାଧୀନ ରହିଛି। ମାତ୍ର ମାମଲାର ଶୁଣାଣି ଶେଷ ହୋଇ ନ ଥିବାବେଳେ କେନ୍ଦ୍ର ସରକାର ଯେଉଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ତାହା ବେଆଇନ। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କର ଏହି ବ୍ୟବସ୍ଥା ଉଚ୍ଛେଦ କରିବାର କ୍ଷମତା ନାହିଁ କେବଳ ପାର୍ଲାମେଣ୍ଟର ଉଚ୍ଛେଦ କ୍ଷମତା ରହିଛି। ତେଣୁ କେନ୍ଦ୍ର ସରକାରଙ୍କ ଏହି ବିଜ୍ଞପ୍ତିକୁ ରଦ୍ଦ କରିବା ପାଇଁ ଆବେଦନକାରୀ ଦର୍ଶାଇଛନ୍ତି। ଏହି ମାମଲାରେ କେନ୍ଦ୍ର ସରକାର, ପର୍ସୋନେଲ ପବ୍ଲିକେଶନ ଗ୍ରୀଭାନ୍ସ, ପେନସନ ମନ୍ତ୍ରଣାଳୟ ଏବଂ ରାଜ୍ୟସରକାରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା।

# ମଣ୍ଡିରୁ ଧାନ ସଂଗ୍ରହ କରିବେ ମହିଳା ଏସ୍‌ଏଚ୍‌ଜି

## ମିଶନ୍ ଶକ୍ତିର ବଡ଼ ନିଷ୍ପତ୍ତି

ଭୁବନେଶ୍ୱର,୭।୮(ବ୍ୟୁରୋ)

ଏଲ୍‌ଇଡ଼ି ବଲ୍‌ବ ତିଆରି, ବିଜୁ ଗାଁ ଗାଡ଼ି ଯୋଜନାରେ ବସ୍ ଚଳାଇବା, ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଛତୁଆ ଯୋଗାଣ, ବିଦ୍ୟୁତ୍ ମିଟର ରିଡିଂ, କୋଠାବାଡ଼ି ନିର୍ମାଣରେ ମହିଳାମାନଙ୍କୁ ସାମିଲ କରିବା ପରେ ଏବେ ଆଉଏକ ମାଇଲ୍‌ଖୁଣ୍ଟ ପ୍ରତିଷ୍ଠା କରିବାକୁ ଯାଉଛି ମିଶନ ଶକ୍ତି। ମିଶନ ଶକ୍ତି ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ମାନେ ଏଣିକି ଧାନ ସଂଗ୍ରହ କାର୍ଯ୍ୟରେ ସାମିଲ ହେବେ। କଳାହାଣ୍ଡି ଜିଲାରେ ପ୍ରଥମଥର ପାଇଁ ପାଇଲଟ୍ ପ୍ରକଳ୍ପ ଭାବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଧାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଫଳରେ ଶତାଧିକ ମହିଳା ଆର୍ଥିକ ସ୍ୱାବଲମ୍ବୀ ହେବାକ୍ଷେତ୍ରରେ ଆଉପାଦେ ଆଗକୁ ଯାଇଛନ୍ତି। ଏହି ନୂଆ ପ୍ରକଳ୍ପରେ କଳାହାଣ୍ଡି ଜିଲାରେ ୧୭ ଗ୍ରାମ ପଞ୍ଚାୟତରେ ୧୭ ମହିଳା ଏସ୍‌ଏଚ୍‌ଜି ସାମିଲ ହୋଇଛନ୍ତି। ସେମାନଙ୍କ ସହାୟତାରେ ଚଳିତବର୍ଷ ସଫଳତାର ସହ ଧାନ ସଂଗ୍ରହ କରାଯାଇଛି। ପ୍ରଥମେ ଏହି ଜିଲାର ଜୁନାଗଡ଼ ବ୍ଲକ୍‌ର ବାଣୀଝର ଗ୍ରାମ ପଞ୍ଚାୟତରେ ମା'ମହାଲକ୍ଷ୍ମୀ ଏସ୍‌ଏଚ୍‌ଜିକୁ ଏଥିଲାଗି ଚୟନ କରାଯାଇଥିଲା। ଧାନ ସଂଗ୍ରହ ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଥିବାରୁ ଏହି ଗୋଷ୍ଠୀର ସଦସ୍ୟାମାନେ ଏଥିପାଇଁ କମ୍ପ୍ୟୁଟର ତାଲିମ ନେଇଥିଲେ। ସେମାନେ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟିରେ କାର୍ଯ୍ୟ ଆରମ୍ଭ କରିବା ସହ ମାତ୍ର ୩୦ଦିନ ମଧ୍ୟରେ ୪୧ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ଧାନ ସଂଗ୍ରହରୁ ମା' ମହାଲକ୍ଷ୍ମୀ ଏସ୍‌ଏଚ୍‌ଜି ୧୨.୯୪ ଲକ୍ଷ ଟଙ୍କା ରୋଜଗାର କରିଥିବାବେଳେ ନିଜ ଜମାଖାତାରେ ୬.୨୫ ଲକ୍ଷ ଟଙ୍କା ଜମା କରିପାରିଛନ୍ତି। ଏହି ବଳକା ଅର୍ଥରେ ସେମାନେ ନିକଟ ବଜାରକୁ ପରିବହନ ସୁବିଧା ପାଇଁ ଏକ ଭ୍ୟାନ୍ କିଣିବାର ଲକ୍ଷ୍ୟ ରଖିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ଏହି ଜିଲାର ୧୭ ଏସ୍‌ଏଚ୍‌ଜି ୪୪.୧୫ କୋଟି ଟଙ୍କା ମୂଲ୍ୟର ୨.୪୭ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ବାବଦକୁ ୭୭.୨୪ ଲକ୍ଷ ଟଙ୍କାର ଅର୍ଥରାଶି କମିଶନ ଆକାରରେ ପାଇଛନ୍ତି। ରବି ଋତୁରେ ପ୍ରତି ମହିଳା ଏସ୍‌ଏଚ୍‌ଜି ପ୍ରାୟ ୪.୫ ଲକ୍ଷ ଟଙ୍କା ରୋଜଗାର କରିବାରେ ସକ୍ଷମ ହୋଇଛନ୍ତି। ଜିଲାର ଏହି ସଫଳତାକୁ ଦୃଷ୍ଟିରେ ରଖି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ତରଫରୁ ଖରିଫ ଋତୁରେ ଅନ୍ୟ ଜିଲାଗୁଡ଼ିକରେ ଏସ୍‌ଏଚ୍‌ଜିଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିବା ପାଇଁ ସ୍ଥିର କରିଛି। ସୂଚନାଯୋଗ୍ୟ, ରାଜ୍ୟରେ ଏବେ ପ୍ରାୟ ୬ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ୭୦ ଲକ୍ଷ ମହିଳା ସଦସ୍ୟ ରହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୫ ଜିଲାରେ ବନ୍ୟା...

ଅନ୍ୟପକ୍ଷରେ ବୁଧବାର ରାଜ୍ୟରେ ୩ ବ୍ଲକ୍‌ରେ ୩୦୦ ମିମି ଉପରେ ବର୍ଷା ହୋଇଥିବାବେଳେ ୭ ବ୍ଲକ୍‌ରେ ୨୦୦ରୁ ୩୦୦ମିମି ଏବଂ ୬୭ ବ୍ଲକରେ ୧୦୦ରୁ ୨୦୦ମିମି ବର୍ଷା ରେକର୍ଡ କରାଯାଇଛି। ଏଥିମଧ୍ୟରୁ କଳାହାଣ୍ଡି ଲାଞ୍ଜିଗଡ଼ରେ ସର୍ବାଧିକ ୩୮୨.୬ ମିମି ବର୍ଷା ହୋଇଛି। ଏହାଛଡ଼ା ରାୟଗଡ଼ା କାଶୀପୁରରେ ୩୧୭.୪ ମିମି, କନ୍ଧମାଳ କୋଟଗାଡ଼ରେ ୩୦୮ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ସେପଟେ ବନ୍ୟା ସମୟରେ ସ୍ୱାସ୍ଥ୍ୟ ସେବା ପ୍ରତି ଗୁରୁତ୍ୱ ଦେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିପାଇଁ ମାଲକାନଗିରି, ରାୟଗଡ଼ା, ଗଞ୍ଜାମ, କନ୍ଧମାଳ, କୋରାପୁଟ, ନବରଙ୍ଗପୁର ଓ ଗଜପତି ଆଦି ୭ ଜିଲାରେ ୨ଜଣ ଲେଖାଏ ମୋଟ ୧୪ଜଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ସ୍ଥିତି ଅନୁଧ୍ୟାନ କରି ସିଡିଏମ୍‌ଓ ଓ ପିଏଚ୍‌ଓଙ୍କୁ ରିପୋର୍ଟ ଦେବା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଗୁରୁବାର ଦିନସାରା ମଧ୍ୟ ବର୍ଷା ଲାଗି ରହିବ। ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ଅତି ପ୍ରବଳ ବର୍ଷା ହେବ। ଏଥିପାଇଁ ୧୩ ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଥିବାବେଳେ ୧୦ ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ସେହିଭଳି ୯ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବରଗଡ଼, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର ଓ ସୁନ୍ଦରଗଡ଼ ଆଦି ୬ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

### ପୋଲିସ ଡିଜି ...

ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ୨୦୦୮ରୁ ୨୦୧୨ ପର୍ଯ୍ୟନ୍ତ କଟକ-ଭୁବନେଶ୍ୱର ପୋଲିସ କମିଶନର ଦାୟିତ୍ୱ ସମ୍ଭାଳିଛନ୍ତି। ବିଶେଷକରି କଟକ ଓ ଭୁବନେଶ୍ୱରରେ ଅପରାଧ ଦମନ କ୍ଷେତ୍ରରେ ସେ ବହୁ ସଫଳ ପଦକ୍ଷେପ ନେଇଛନ୍ତି। ଏଥିସହ ରାଜ୍ୟ କ୍ରାଇମବ୍ରାଞ୍ଚ ଆଇଜି ଭାବେ ସେ ୭ବର୍ଷ ଧରି କାର୍ଯ୍ୟ କରିଛନ୍ତି। ଅଗ୍ନିଶମ ଡିଜି ସହ ପୂର୍ବରୁ ଜେଲ୍ ବିଭାଗ, ଗୃହରକ୍ଷୀ ବିଭାଗ ଓ ସିଭିଲ୍ ଡିଫେନ୍ସ ଅର୍ଗାନାଇଜେଶନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପଦ ସମ୍ଭାଳିଛନ୍ତି। ଶର୍ମାଙ୍କ ଅଧୀନରେ ଥିବା ଅଗ୍ନିଶମ ବିଭାଗ ବାତ୍ୟା ଫନୀ ଓ ଏହାପରବର୍ତ୍ତୀ ଉଦ୍ଧାର ତଥା ପୁନରୁଦ୍ଧାର କାର୍ଯ୍ୟକୁ ସଫଳତାର ସହ ମୁକାବିଲା କରିଛି। ମୟୂରଭଞ୍ଜ ଜିଲା ବାରିପଦାରେ ଜନ୍ମ ଗ୍ରହଣ କରିଥିବା ବି.କେ. ଶର୍ମା ଜଣେ ମେଧାବୀ ଛାତ୍ର ଥିଲେ। ସେ ବାରିପଦାଠାରେ ସ୍କୁଲ୍ ଓ କଲେଜ ପାଠ ଶେଷ କରିବା ସହ ଆମେରିକାସ୍ଥିତ ଜନ୍ ହପ୍‌କିନ୍ସ ବିଶ୍ୱ ବିଦ୍ୟାଳୟରେ ମଧ୍ୟ ପଢ଼ିଥିଲେ। ରାଜ୍ୟ ପୋଲିସରେ କାର୍ଯ୍ୟ କରିବାବେଳେ ୧୯୯୯ରେ ଶ୍ରେଷ୍ଠ ଏସ୍‌ପି ଭାବେ ରାଜ୍ୟପାଳଙ୍କଠାରୁ ପୁରସ୍କୃତ ହୋଇଥିଲେ। ତାଙ୍କର ସେବାମୂଳକ କାର୍ଯ୍ୟଦକ୍ଷତା ଲାଗି ଶର୍ମା ଇଣ୍ଡିଆନ ପୋଲିସ ମେଡାଲ ଏବଂ ପ୍ରେସିଡେଣ୍ଟ ପୋଲିସ ମେଡାଲର ଅଧିକାରୀ ହୋଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ପାରିବାରିକ ସ୍ତରରେ ଟେନ୍‌ସନ କମିଯିବା ସକାଶେ ଚେଷ୍ଟା କରିବେ। ଭ୍ରମଣ ସୁଯୋଗ ଜୁଟିବା ସହ ନୂତନ ବନ୍ଧୁତା ସୃଷ୍ଟି ହେବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହିବା ଭଲ ହେବ।

**ବୃଷ**
ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିବାଦୀୟ ବ୍ୟକ୍ତି ସାହାଯ୍ୟ କରିବେ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅତୀତ ଘଟଣା, ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ।

**ମିଥୁନ**
ନିଜର କାର୍ଯ୍ୟଦକ୍ଷତା କାରଣରୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆରଦ୍ରା ନକ୍ଷତ୍ରର ଆଳସ୍ୟ ଓ ଅବହେଳା ଯୋଗୁ ସୁଯୋଗ ହାତଛଡ଼ା ହୋଇପାରେ। ପରିବାରର ବ୍ୟତିକ୍ରମକୁ ନେଇ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଆଶା କରିଥିବା ଦିଗରୁ ଅର୍ଥ କିମ୍ବା ଶୁଭ ଖବର ପାଇ ଖୁସୀ ହେବେ।

**କର୍କଟ**
ବିଭିନ୍ନ ପ୍ରକାର ସମସ୍ୟାକୁ କେନ୍ଦ୍ରକରି ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମନ ଭଲ ରହିବ ନାହିଁ। କୌଣସି ବ୍ୟକ୍ତି ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଧାର କରଜ, ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ଆଜି ପାଇବାର ସମ୍ଭାବନା ରହିଛି।

**ସିଂହ**
କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ସହକର୍ମୀମାନେ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ଅନ୍ୟମାନଙ୍କ ଦ୍ୱାରା ପ୍ରରୋଚିତ ହୋଇ କାମ କଲେ ଅପମାନିତ ହେବାକୁ ପଡିବ। ଆର୍ଥିକ ସହାୟତା ବନ୍ଧୁଙ୍କଠାରୁ ପାଇ କାମ ହାସଲ କରିବେ।

**କନ୍ୟା**
କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। କଠିନ ଶ୍ରମ ଓ ଭ୍ରମଣଜନିତ ଅନିଦ୍ରା ହେତୁକ ଜ୍ୱର ଓ ବମନ ଦେଖାଦେଇପାରେ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କଲେ ସଫଳତା ଅବଶ୍ୟ ମିଳିବ। ପରିବାରରେ କଳହ ଲାଗିପାରେ।

**ତୁଳା**
କର୍ମ ଜଞ୍ଜାଳର ଟେନ୍‌ସନ ସଙ୍ଗକୁ ପିଲାଙ୍କ ବିଶୃଙ୍ଖଳିତ ଆଚରଣରୁ କ୍ଷୁବ୍ଧ ହୋଇପାରନ୍ତି। ଆନୁଷ୍ଠାନିକ ପରିବେଶରେ ମିତ୍ରତାର ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଅଂଶୀଦାର ବ୍ୟବସାୟୀଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ, ଆଜି ତାହା ବିଳମ୍ବରେ ପାଇବେ।

**ବିଛା**
ଶାନ୍ତ ପଡ଼ିଯାଇଥିବା ପୁରାତନ ରୋଗର ପୀଡ଼ା ପୁନଶ୍ଚ ଅନୁଭବ ହୋଇପାରେ। ଅନ୍ୟମାନଙ୍କ ଶତ୍ରୁତା କାରଣରୁ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ। ପଡ଼ୋଶୀ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି। ନୂତନ କର୍ମାରମ୍ଭ, ଯାତ୍ରା, ବ୍ୟବସାୟ, ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

**ଧନୁ**
କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ । ଅଭାବ ଅନଟନ ନ ଥିଲେ ମଧ୍ୟ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ ଅଭାବରୁ ଅଶାନ୍ତ ରହିବେ। ବନ୍ଧୁଙ୍କ ଔଚିତ୍ୟପୂର୍ଣ୍ଣ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ମକର**
କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ ଉଚ୍ଚ ଆଶା କରାଯାଇପାରେ। ଭୁଲ୍ ବୁଝାମଣାରୁ ଭଉଣୀ କିମ୍ବା ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ। ଯେତେ ଭଲ କାମ କଲେ ମଧ୍ୟ ବନ୍ଧୁଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ।

**କୁମ୍ଭ**
ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବାରୁ ମନ ଖୁସୀ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଅଘାତ ଦେଇପାରେ। ନିର୍ମାଣ ଓ ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ**
ବନ୍ଧୁମାନଙ୍କ ସକ୍ରିୟ ସହଯୋଗରୁ ସରକାରୀ ସ୍ତରରୁ ସହାୟତା ପାଇପାରନ୍ତି। ନୂତନ କର୍ମାରମ୍ଭରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ ପରେ ମନସ୍ତାପ କରିପାରନ୍ତି। ଈର୍ଷାପରାୟଣ ବନ୍ଧୁମାନେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ।

ଆଜି ଶ୍ରାବଣ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ, ଗୁରୁବାର, ଅଗଷ୍ଟ ୮ ତାରିଖ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର-ବିଶାଖା/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୦୭ମି. ଗତେ ଘ୧୨।୪୭ମି. ମଧ୍ୟେ, ଘ୨।୨୫ମି. ଗତେ ଘ୪।୦୪ମି. ମଧ୍ୟେ ଅମୃତବେଳା। ଦିବା ଘ୬।୪୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୮ମି. ଗତେ ଘ୩।୦୪ମି. ମଧ୍ୟେ ରାହୁବେଳା।

**classifieds Everyday**
**0674-2580101, 2549302**

**real estate**
**SALE**

SUM Hospital ନିକଟରେ ଏବଂ ତମାଣ୍ଡୋ ବଜାର ପଛପଟେ ଘରବାରି plot ମିଳୁଅଛି। 9439864322. D-66752

ଭୁବନେଶ୍ୱର AIIMS Medical ଠାରୁ 500 mtr ଦୂରତାରେ yellowzone ଘରବାରି boundary 30' ରାସ୍ତାଥାଇ sqft- 1850/-ରେ plot ବିକ୍ରିହେବ। 6370292040. D-66746

Ready to construction BDA Plot 30' road, electric pole, boundary sft. 600/-ରେ ଭୁବନେଶ୍ୱର Pitapalli, NH sideରେ ମିଳୁଅଛି। Contact: 9777449397, 9777764051. D-13815

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508. D-66753

Land for sale, 3680 sqft. at Phulnakhara near Trinath-Bazar on mainroad. Contact: 9437033691. D-65675

Investment plot for sale near AIIMS Hospital, Bhubaneswar. 7749092225, 7327097208. D-67344

Ready to construction BDA yellowzone boundary, Electricity plot near VSS Nagar, Chakeisihani. 7978666923, 7326065426. D-66751

Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363. D-66937

ପିଟୁରୋଡକୁ ଲାଗି 400 decimal plot patta boundary, electricity ଥାଇ IIT ଅରଗୁଳରେ ବିକ୍ରିହେବ। owner 9437580925. D-66171

ଭୁବନେଶ୍ୱର ନିକଟସ୍ଥ ନଖରା, DPS ଅନନ୍ତପୁର, ଦଧିଚିକଲେଜ ପାଖ ବାଲିଅନ୍ତା, ପାହାଳ, ରଙ୍ଗବଜାର (ସତ୍ୟଭାମାପୁର), ଗୁଡ଼ିଆପୋଖରି (ବିଲିପଡା) ଓ ଝାରପଡାରେ ଗୃହୋପଯୋଗୀ ପ୍ଲଟ ବିକ୍ରିହେଉଛି। ଯୋଗାଯୋଗ: 8249870448. D-13744

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/-, ରଙ୍ଗୀନ ଟ୪୨୦/-ରେ (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**construction**

Contact for interior design of ceiling, TV unit, wardrobe and modular kitchen from the experts. Call: 7008550473. D-13806

**GENERAL**
**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-13610

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66935

Full body herbal massage with refreshment expert therapist. 7381239385, 06742540855. D-67337

Experience full body massage with us (expert). Call: 7377048581, 06742597822. D-67338

Herbal full body massage by smart / expert therapist. Contact: 8338067247. D-67335

Summer special mesmerizing offer expert therapeutic refreshing massage appointment. 9668374480. D-67336

Thailand unisex massage experience luxurious hospitality home services. 7077335555. thailandunisexspa9853999966@gmail.com. D-59937

Newly opening Ayurvedic body massage smart therapist, Shree herbal, 775 0020754. D-67343

Physiotherapy full body massage by trained ladies / gents therapist: 7008773793. D-67032

**education**

Medical Courses ପାଇଁ registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (only for practioners). Whatsapp / call: 9893869473, (Agent excuse). D-67345

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**astrology**

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13802

**ଦ୍ୱିତୀୟ ବର୍ଷ ଜନ୍ମଦିନ ଶୁଭେଚ୍ଛା**

**ଆରୁଷ୍ ମଲ୍ଲିକ୍**
ଆରୁଷ, ପ୍ରଭୁ ଶ୍ରୀ ଜଗନ୍ନାଥ ଓ ସାଇବାବାଙ୍କ ପାଖରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ**
ଜେଜେ, ମା', ବଡବାପା, ବଡ ମା', ମଝିଆ ବାପା, ମଝିଆ ମା', ବାପା, ବୋଉ, ମାଉସୀ ଓ ଅଜା, ମାମା, ଅଙ୍କିତ୍, ନନ୍ଦନୀ, ଆର୍ଯ୍ୟନ୍
ଧ-୧୩୮୧୬



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ଜିଲା ତିଥି
### ବଲାଙ୍ଗୀର

# ମରୁଡ଼ି ବିଳାପ

ଅର୍ଥନୈତିକ ଦିଗରୁ ବଲାଙ୍ଗୀର ଏକ ପଛୁଆ ଜିଲା ଭାବେ ପରିଗଣିତ। ଶିଳ୍ପବିହୀନ ଜିଲା ହୋଇଥିବାରୁ ଜିଲାବାସୀଙ୍କ ଅର୍ଥନୀତି ବହୁ ମାତ୍ରାରେ କୃଷି ଉପରେ ନିର୍ଭରଶୀଳ। ଜିଲାରେ ସଂଖ୍ୟାଧିକ ଲୋକଙ୍କ ପ୍ରଧାନ ଅବଲମ୍ବନ କୃଷି ହୋଇଥିଲେ ମଧ ଜଳସେଚନ ସୁବିଧା ନ ଥିବାରୁ ଚାଷକ୍ଷେତ୍ର ସବୁବେଳେ ସଙ୍କଟର ସମ୍ମୁଖୀନ ହୋଇଆସିଛି। ବଲାଙ୍ଗୀର ମରୁଡି ପ୍ରବଣ ଜିଲା ଭାବେ ଚିହ୍ନଟ ହୋଇଛି। କ୍ରମାଗତ ମରୁଡ଼ି ଜିଲାର ଚାଷ ଓ ଚାଷୀଙ୍କୁ ବହୁଳ ମାତ୍ରାରେ ପ୍ରଭାବିତ କରିଆସିଛି। ସରକାରୀ ରିପୋର୍ଟ ଅନୁସାରେ ୧୯୭୪ରୁ ୨୦୧୭ ମସିହା ମଧ୍ୟରେ ଜିଲାରେ ୧୬ ଥର ମରୁଡି ଓ ୪ ଥର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୮ରେ ମଧ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା। ବେସରକାରୀ ରିପୋର୍ଟ ଅନୁସାରେ ପ୍ରତି ଦୁଇବର୍ଷରେ ଜିଲାରେ ମରୁଡି ଓ ବନ୍ୟା ପରିସ୍ଥିତି ଉପୁଜିଛି। ମରୁଡି, ବନ୍ୟା ଛଡା ରୋଗପୋକ ଉପଦ୍ରବ ଓ ଅଦିନିଆ ବର୍ଷାଜନିତ ଫସଲହାନି ଚାଷୀଙ୍କୁ ବିଭିନ୍ନ ସମୟରେ ଅଡୁଆରେ ପକାଇଛି। ଫାଇଲିନ୍, ହୁଡହୁଡ୍, ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ଚାଷ ଉଜାଡି ଦେଇଛି। ତେବେ ଜିଲାରେ ମରୁଡ଼ି ମୁକାବିଲା ପାଇଁ ସରକାର ଠୋସ୍ କିଛି ପଦକ୍ଷେପ ନେଉନାହାନ୍ତି। ବହୁବର୍ଷ ପୂର୍ବରୁ ରାଜ୍ୟ ସରକାର ପ୍ରତି ବ୍ଲକ୍‌ରେ ୩୫ ପ୍ରତିଶତ ଜଳସେଚନ କଥା କହିଥିଲେ। ମାତ୍ର ଏହା କେବଳ ପ୍ରତିଶ୍ରୁତି ହୋଇ ରହିଗଲା। ବଲାଙ୍ଗୀର ଜିଲାର ୧୪ ବ୍ଲକ୍‌ରୁ ଗୋଟିଏ ବି ବ୍ଲକ୍‌ରେ ୩୫ ପ୍ରତିଶତ ନିଶ୍ଚିତ ଜଳସେଚନ ସୁବିଧା ନାହିଁ। ଜିଲାରେ ମାତ୍ର ୩ ପ୍ରତିଶତ ଜଳସେଚନ ସୁବିଧା ରହିଛି। ଜିଲାର ମରୁଡ଼ି ଓ ଜଳସେଚନ କଥା ଉଠିଲେ ତତ୍‌କ୍ଷଣାତ୍ ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ କଥା ଉଠାଯାଏ। ୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକ୍‌ତେଲ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ବିଗତ ୧୮ ବର୍ଷ ପରେ ବି ଏହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ ହୋଇନାହିଁ। ୨୧୭ କୋଟି ଟଙ୍କାର ମୂଳ ପ୍ରକଳ୍ପ ଏବେ ୩ହଜାର କୋଟି ଟଙ୍କାକୁ ଡେଇଁଲାଣି। ଏବେବି ଏହି ପ୍ରକଳ୍ପ କାମ ବନ୍ଦ ପଡିଛି। ଜିଲାର ଲାନ୍ଥ ପ୍ରକଳ୍ପ, ଟିଟିଲାଗଡ଼ ଫେଜ୍-୨ ପ୍ରକଳ୍ପ ବି ସରିନାହିଁ। ଜିଲାରେ ତେଲନଦୀ, ଲାନ୍ଥ, ସୋନଗଡ଼ ନଦୀରେ ବ୍ୟାରେଜ/ଆଡିବନ୍ଧ ନିର୍ମାଣ କରି ଜଳସେଚନ କରିବାର ପ୍ରଭୁତ ଭିତ୍ତିଭୂମି ରହିଥିଲେ ମଧ ଏନେଇ ସରକାରଙ୍କ କିଛି ବି ଆନ୍ତରିକତା ଦେଖାଯାଉନାହିଁ। ତେଲନଦୀର ଗୌଡତଲାଠାରେ ପ୍ରସ୍ତାବିତ ବ୍ୟାରେଜ୍ ନିର୍ମାଣ ହେଲେ ବିନା ବିସ୍ଥାପନରେ ବଲାଙ୍ଗୀର, କଳାହାଣ୍ଡି ଓ ସୁବର୍ଣ୍ଣପୁର ଜିଲାରେ ବ୍ୟାପକ ଅଞ୍ଚଳରେ ଜଳସେଚନ ସୁବିଧା ହୋଇପାରିବା କଥା ଯନ୍ତ୍ରୀ ପ୍ରେମରାଜ ସାଏ କେବେଠୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଏହାବାଦ୍ ତେଲନଦୀର କୁକେଡମାଲ, ସୋନଗଡ ଓ ଲାନ୍ଥନଦୀରେ ବିନା ବିସ୍ଥାପନରେ ଆଡିବନ୍ଧ ଓ ବ୍ୟାରେଜ୍ ପାଇଁ ଉତ୍ତମ ଭିତ୍ତିଭୂମି ରହିଥିବା ଶତାଧିକ ଥର ଆଲୋଚିତ ହୋଇଛି। ମାତ୍ର ଏହା ଉପରେ ସରକାର ନୀରବ ରହିଛନ୍ତି। ବିସ୍ଥାପନ ସମସ୍ୟା ଥିବା ସୁକ୍‌ତେଲ ପ୍ରକଳ୍ପର ସମାଧାନ ପନ୍ଥା ବାହାର କରୁନାହାନ୍ତି। ଜଳସେଚନ ନାଁରେ ଜିଲାରେ ଜଳସେଚନ ବିଭାଗ, ମଧମ ଓ କ୍ଷୁଦ୍ର ଜଳସେଚନ ବିଭାଗ, ଉଠା ଜଳସେଚନ ବିଭାଗ ଓ ବ୍ଲକ୍ ପ୍ରଶାସନ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଶତାଧିକ ଚେକ୍‌ଡ୍ୟାମ ନିର୍ମାଣ କରିଥିଲେ ବି ସେଥିରୁ ଅଧିକାଂଶ କୌଣସି କାର୍ଯ୍ୟରେ ଆସୁନାହିଁ। ମେଗା ଉଠା ଜଳସେଚନ ପ୍ରକଳ୍ପ ପ୍ରହସନରେ ପରିଣତ ହୋଇଛି। ଉପରୋକ୍ତ ପ୍ରକଳ୍ପଗୁଡିକରେ ଯନ୍ତ୍ରୀ-ଠିକାଦାରଙ୍କ ଦୁର୍ନୀତି ଜଳଜଳ ଦେଖାଯାଉଛି। ପ୍ରଶାସନିକ ଅଧିକାରୀ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଭଳି ଦୁର୍ନୀତିକୁ ରୋକି ପାରିନାହାନ୍ତି। ଚଳିତବର୍ଷ ପୁଣି ଥରେ ଜିଲାରେ ମରୁଡ଼ି ପରିସ୍ଥିତି ଉପୁଜିଛି। ସ୍ୱଳ୍ପବୃଷ୍ଟି, ଅନିୟମିତ ବୃଷ୍ଟି ଜାରି ରହିଛି। ଜିଲାର ଚାଷୀ ପୁଣି ଥରେ ଫସଲହାନି ଆଶଙ୍କାରେ ରହିଲେଣି। ଆଉ ଏଭଳି ପରିସ୍ଥିତିରେ ଜିଲାର ମରୁଡ଼ି ପ୍ରସଙ୍ଗକୁ ନେଇ ବିଧାନସଭାରୁ ପାର୍ଲାମେଣ୍ଟ, ରାଜରାସ୍ତାରୁ କିଲଟରୀ ସବୁଠି ପୁଣି ଥରେ ଫମ୍ପା ମରୁଡ଼ି-ବିଳାପ ଶୁଭିବା ଏକପ୍ରକାର ସ୍ପଷ୍ଟ ହୋଇଗଲାଣି।

– ବୀରେନ୍ଦ୍ର କୁମାର ଝାଙ୍କର

## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ
# ସୁଷମା ଜଣେ ଶୀର୍ଷ ସ୍ଥାନୀୟ ନେତ୍ରୀ ଥିଲେ

ଭୁବନେଶ୍ୱର,୭।୮(ବ୍ୟୁରୋ)

ବରିଷ୍ଠ ଭାଜପା ନେତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ , ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ପ୍ରମୁଖ ବୁଧବାର ଶୋକ ପ୍ରକାଶ କରିଛନ୍ତି। ରାଜ୍ୟପାଳ ଲାଲ ଶୋକ ବାର୍ତ୍ତାରେ କହିଛନ୍ତି ଯେ, ସୁଷମା ଜଣେ ଶୀର୍ଷ ସ୍ଥାନୀୟ ନେତ୍ରୀ। ଆଧୁନିକ ଭାରତକୁ ତାଙ୍କର ଅବଦାନ ଚିରସ୍ମରଣୀୟ। ପାର୍ଥିବ ଭାବେ ମୃତ୍ୟୁ ହୋଇଥିଲେ ବି ସେ ନିଜ କର୍ମ ପାଇଁ ଅମର। ତାଙ୍କ ଅମରଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କାମନା। ରାଜ୍ୟପାଳ ସୁଷମାଙ୍କ ବିୟୋଗରେ ଅତ୍ୟନ୍ତ ମର୍ମାହତ ହେବା ସହ ବୁଧବାର ପୁରୀ ଗସ୍ତକୁ ବାତିଲ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ କହିଛନ୍ତି ଯେ, ସୁଷମା ସ୍ୱରାଜ ସାଧାରଣ ଲୋକଙ୍କ ମନ୍ତ୍ରୀ ଥିଲେ। ଦେଶବ୍ୟାପୀ ଲକ୍ଷ ଲକ୍ଷ ମହିଳାଙ୍କ ସେ ଆଦର୍ଶସ୍ଥାନୀୟା। ନିଜ ବ୍ୟକ୍ତିତ୍ୱ ବଳରେ ସେ ଜନପ୍ରିୟା ହୋଇ ପାରିଥିଲେ। ଦେଶ ହେଉ କିମ୍ବା ବିଦେଶ ସୁଷମା ସବୁ ସ୍ଥାନରେ ସାହାଯ୍ୟ ଦରକାର ଥିବା ମଣିଷକୁ ସହାୟ ହେଉଥିଲେ। ସାମାଜିକ ଗଣମାଧ୍ୟମର ସହଯୋଗରେ ସହାୟତା ପ୍ରଦାନ କରି ସେ ଉତ୍ତମ ଦୃଷ୍ଟାନ୍ତ ପ୍ରଦର୍ଶନ କରିଛନ୍ତି। ବହୁଭାଷାରେ ଦକ୍ଷତା ସହ ବାଗ୍ମିତା ତାଙ୍କୁ ଜନନେତ୍ରୀ କରିପାରିଥିଲା। ଭାରତବର୍ଷର ସାମାଜିକ-ରାଜନୈତିକ ଜନମାନସରେ ସେ ଚିର ଅମର ହୋଇ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ଆନ୍ଧ୍ର ରାଜ୍ୟପାଳ ବିଶ୍ୱଭୂଷଣ କହିଛନ୍ତି ଯେ, ସୁଷମା ବୈଦେଶିକ ମନ୍ତ୍ରୀଭାବେ ସଫଳତାର ସହ ନିଜ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ଯୋଗୁ ଭାରତ ଅନେକ କୂଟନୈତିକ ବିଜୟ ହାସଲ କରିପାରିଛି। ପ୍ରବାସୀ ଭାରତୀୟମାନଙ୍କଠାରୁ ଆରମ୍ଭ କରି ବିଦେଶରେ ଫସିଥିବା ନାଗରିକଙ୍କୁ ସୁଷମାଙ୍କ ସାହାଯ୍ୟ ଉଦାହରଣ ସୃଷ୍ଟି କରିପାରିଛି।

## ■ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨୨ ପ୍ରକଳ୍ପ ଉଦ୍‌ଘାଟିତ
# 'ପୁଞ୍ଜିନିବେଶରେ ଶୀର୍ଷ ୩ କ୍ଷେତ୍ରରେ ସ୍ଥାନ ପାଇବ ଓଡ଼ିଶା'






ସଚିବାଳୟରେ ବିଭିନ୍ନ ପ୍ରକଳ୍ପର ଗ୍ରାଉଣ୍ଡ ବ୍ରେକିଂ ଓ ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ପଦାଧିକାରୀ।

■୧୦ପ୍ରକଳ୍ପର ଶୁଭାରମ୍ଭ, ୧୨ ଗ୍ରାଉଣ୍ଡ ବ୍ରେକିଙ୍ଗ୍
■୪୪୬୧.୪୨ କୋଟିର ପୁଞ୍ଜିନିବେଶ, ୯୪୫୧ ନିଯୁକ୍ତି ଲକ୍ଷ୍ୟ

ଭୁବନେଶ୍ୱର, ୭।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୨୨ ନୂତନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସଚିବାଳୟରୁ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ମୁଖ୍ୟମନ୍ତ୍ରୀ ୧୦ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିବା ବେଳେ ୧୨ଟିର ଗ୍ରାଉଣ୍ଡ ବ୍ରେକିଙ୍ଗ ହୋଇଛି। ପ୍ରକଳ୍ପ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡିଶା ସମଗ୍ର ଦେଶରେ ପୁଞ୍ଜିନିବେଶ କ୍ଷେତ୍ରରେ ଶୀର୍ଷ ତିନି ସ୍ଥାନରେ ରହିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ହାସଲ କରିବାକୁ ହେଲେ ୫'ଟି 'ଉପରେ ଗୁରୁତ୍ୱ ଦେବାକୁ ପଡିବ। ଏହା ହେଉଛି ଦଳଗତ ପ୍ରଦର୍ଶନ(ଟିମ୍ ୱାର୍କ), ବୈଷୟିକ ବିଦ୍ୟା (ଟେକ୍ନୋଲୋଜି), ସ୍ୱଚ୍ଛତା (ଟ୍ରାନ୍ସପରେନ୍ସି), ପରିବର୍ଦ୍ଧନ (ଟ୍ରାନ୍ସଫରମେଶନ) ଏବଂ ସମୟାନୁବର୍ତ୍ତୀ (ଟାଇମ୍ ମ୍ୟାନର)ରେ କରାଯିବ। ଏହି ପ୍ରକଳ୍ପଗୁଡିକ ଦ୍ୱାରା ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ହୋଇପାରିବ। ଭବିଷ୍ୟତରେ ଏକ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଓଡ଼ିଶା ପରିଗଣିତ ହେବ।

୨୨ ପ୍ରକଳ୍ପରେ ସର୍ବମୋଟ ୪୪୬୧.୪୨ କୋଟି ଟଙ୍କା ବିନିଯୋଗ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପୁଞ୍ଜିନିବେଶ ଦ୍ୱାରା ସିଧାସଳଖ ୯୪୫୧ ନିଯୁକ୍ତି ସୃଷ୍ଟି ହେବ। ସେହିପରି ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଗତ ୨୦ ମାସ ମଧ୍ୟରେ ରାଜ୍ୟ ସରକାର ୧୨୦ ଶିଳ୍ପ ୟୁନିଟ୍‌ର ଗ୍ରାଉଣ୍ଡ ବ୍ରେକିଙ୍ଗ ଏବଂ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ୯୨,୬୮୬ କୋଟି ଟଙ୍କା ବିନିଯୋଗ ହେବାସହ ୧.୨ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଯାଉଥିବା କମ୍ପାନୀଗୁଡିକୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ଏଥି ସହିତ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଆବଶ୍ୟକ ସମସ୍ତ ପ୍ରଶାସନିକ ସହଯୋଗ ଯୋଗାଇଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପଗୁଡିକ ହେଉଛି, ରେଙ୍ଗାଲି ସ୍ଥିତ ୦.୭୭ଏମ୍‌ଟିପିଏ ଷ୍ଟିଲ ମେକିଙ୍ଗ, ଯାଜପୁର ସ୍ଥିତ କଳିଙ୍ଗ ନଗରରେ ସିମେଣ୍ଟ ଗ୍ରାଇଣ୍ଡିଂ ଏବଂ ଟ୍ୟୁବ୍ସ ଆଣ୍ଡ ପାଇପ୍ ଶିଳ୍ପ, କଟକ ସ୍ଥିତ ଆଠଗଡରେ ୦.୨ଏମ୍‌ଟି ଆଲଏ ଷ୍ଟିଲ ରୋଲିଂ ମିଲ୍, ଘଣ୍ଟିଖାଲରେ ସିମେଣ୍ଟ ଗ୍ରାଇଣ୍ଡିଂ ପ୍ରକଳ୍ପ ଓଆରତି ଷ୍ଟିଲ୍‌ର ସମ୍ପ୍ରସାରଣ, ସମ୍ବଲପୁର ସ୍ଥିତ ଲପଙ୍ଗାରେ ସୋଲାର ପାୱାର, ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ପିଇଟିପ୍ରି ଫର୍ମ ଫର୍ ଫୁଡ୍ ଆଣ୍ଡ ବେଭରେଜ ଇଣ୍ଡଷ୍ଟ୍ରି, ବୌଦ୍ଧ ସ୍ଥିତ ତିତେରିକତା ଠାରେ ଖାଦ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ, କଟକ ସ୍ଥିତ ରାମଦାସପୁରରେ ମସଲା, ପାସ୍ତା, ନୁଡୁଲ୍‌ସ ପରି ଦ୍ରବ୍ୟର ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପ୍ଲାଷ୍ଟିକ ପିଭିସି ଓ ଏଚ୍‌ଡିପି ପାଇପ୍ ଫିଟିଙ୍ଗ ପ୍ରକଳ୍ପ। ସେହିପରି ଗ୍ରାଉଣ୍ଡ ବ୍ରେକିଙ୍ଗ ହୋଇଥିବା ପ୍ରମୁଖ ପ୍ରକଳ୍ପଗୁଡିକ ହେଉଛି, କେନ୍ଦୁଝର ସ୍ଥିତ କରାକୋଲ୍ହାରେ ଇସ୍ପାତ ଶିଳ୍ପର ବୃଦ୍ଧୀକରଣ, ସୁନ୍ଦରଗଡ଼ରେ ସ୍ପଞ୍ଜ ଆଇରନ ପ୍ଲାଣ୍ଟ, ସାତପଡାରେ ଗଲ୍ଫ ରିସୋର୍ଟ୍ସ, ରାୟଗଡା ଟିକିରିରେ ମାନୁଫାକ୍ଚରିଂ, କଟକ ରାମଦାସପୁରରେ ପ୍ଲାଷ୍ଟିକ ପାଇପ ଆଣ୍ଡ ଫିଟିଙ୍ଗ, ଲଜିଷ୍ଟିକ, ଡାଲି ପ୍ରକ୍ରିୟାକରଣ ଇତ୍ୟାଦି ପ୍ରକଳ୍ପ।

ସେହିପରି ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମେକ୍ ଇନ୍ ଓଡ଼ିଶା କନକ୍ଲେଭ-୨୦୧୮ ସମ୍ପର୍କିତ ଏକ କଫିଟେବଲ ପୁସ୍ତକ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା ଏବଂ ଇଡ୍‌କୋ ସିଏମ୍‌ଡି ସଞ୍ଜୟ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବଜ୍ରପାତରେ ଚାଷୀ ମୃତ

ଭେଡ଼େନ,୭।୮(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ସଂକ୍ରୀଡ଼ା ଗ୍ରାମପଞ୍ଚାୟତର ଝରାପାଲି ଗ୍ରାମରେ ବୁଧବାର ଅପରାହ୍ନରେ ବଜ୍ରପାତ ହୋଇ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭୁବନେଶ୍ୱର ଭୋଇ(୪୩) । ସେ ନିଜ ଚାଷ ଜମିରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ବଜ୍ରପାତରେ ଅରୁଣ ପଧାନ ନାମକ ଅନ୍ୟ ଜଣେ ଚାଷୀ ଆହତ ହୋଇଛନ୍ତି । ମୃତକ ଭୁବନେଶ୍ୱର ହେଉଛନ୍ତି ସଂକ୍ରୀଡ଼ା ନାଏବ ସରପଞ୍ଚ ବବିତା ଭୋଇଙ୍କ ସ୍ୱାମୀ । ଉଲ୍ଲେଖନୀୟ, ମଙ୍ଗଳବାର ଅପରାହ୍ନରେ ମଧ ଭେଡ଼େନ ବ୍ଲକ ଅଞ୍ଚଳରେ ବଜ୍ରପାତ ହୋଇ ୪ ଜଣ ଆହତ ହୋଇଥିଲେ ।

GUJARAT STATE FERTILIZERS & CHEMICALS LIMITED
Fertilizernagar - 391 750, Vadodara, Gujarat, India.
CIN : L99999GJ1962PLC001121 • www.gsfclimited.com
ଚାଷୀ ଭାଇମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସୂଚନା
ସରଦାର SARDAR
ଜିଏସ୍ଏଫ୍‌ସି ତା15.07.2019ରିଖଠାରୁ ନିଜର "ସରଦାର" ବ୍ରାଣ୍ଡର ଫସ୍‌ଫେଟିକ୍ ସାର (ଫର୍ଟିଲାଇଜର୍ସ)ର ବିକ୍ରୟ ମୂଲ୍ୟକୁ ବହୁ ମାତ୍ରାରେ ହ୍ରାସ କରିଛନ୍ତି । ତେଣୁ, ଆପଣଙ୍କୁ ଆମର ନିମ୍ନଲିଖିତ ସାରଗୁଡ଼ିକ ନୂଆ ଦରରେ ଉପଲବ୍ଧ ହେବ ।

| ସାରର ନାମ | ନୂଆ ଖୁଚୁରା ମୂଲ୍ୟ (₹ ବ୍ୟାଗ୍ ପିଛା) |
|---|---|
| 'ସରଦାର' ଡି.ଏ.ପି. | ₹ 1300 |
| 'ସରଦାର' ଏ.ପି.ଏସ୍. 20:20:0:13 | ₹ 1000 |
| 'ସରଦାର' ଏନ୍.ପି.କେ. 12:32:16 | ₹ 1260 |
| 'ସରଦାର' ଏନ୍.ପି.କେ. 10:26:26 | ₹ 1250 |
| 'ସରଦାର' ବୋରୋନେଟେଡ୍ ଏନ୍.ପି.କେ. 12:32:16 | ₹ 1305 |

ତେଣୁ, ବଜାରରେ ଉପଲବ୍ଧ ଆମର 'ସରଦାର' ବ୍ରାଣ୍ଡର ଏମ୍.ଆର୍.ପି. ବିଶିଷ୍ଟ ଉପରୋକ୍ତ ସାରଗୁଡ଼ିକର ବ୍ୟାଗ୍ ମଧ ନୂଆ ଦରରେ ଉପଲବ୍ଧ ହେବ ।

GAYATRI GROUP OF INSTITUTION
Gayatri Vihar, Jamadarpali, Sambalpur
ADMISSION OPEN
GAYATRI COLLEGE OF PHYSIOTHERAPY
BPT
(Bachelor of Physiotherapy) Recognised by Govt. of Odisha, H&FW Dept & (Affilited to Sambalpur University) Eligibility: +2 Science Pass
GAYATRI COLLEGE OF PARAMEDICAL SCIENCE
DMLT
(Diploma in Medical Laboratory Technology, Only Govt. Recognized Institute in Sambalpur)
Eligibility: +2 Science with PCB
GAYATRI COLLEGE OF PHARMACY
D.Pharm B.Pharm M.Pharm Ph.D
Eligibility: +2 Science Pass/ (PCB/PCM/ PCIT with 45% and a valid rank of OJEE/JEE (Main)/ NEET for B. Pharm)
CONTACT ADMISSION CELL
7978497929, 9861249377 (PHARMACY) 8249598936- (DMLT),7982724451, 7381578301 (PHYSIOTHERAPY)

# ୩୨ କେଜିର ପ୍ରାଚୀନ ମୁଦ୍ରା

ଭଦ୍ରକ ଅଫିସ,୭।୮

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ୧୯୯୩ ମସିହାରେ ମିଳିଥିବା ଏକ ୩୨ କେଜିର ପ୍ରାଚୀନ ମୁଦ୍ରାକୁ ବୁଧବାର ରାଜ୍ୟ ସଂଗ୍ରହାଳୟକୁ ପଠାଯାଇଛି। ଏହି ମୁଦ୍ରାଟି ଦୋଳସାହିସ୍ଥିତ ରାମନାରାୟଣ ହାଇସ୍କୁଲ ପାଚେରି ନିର୍ମାଣ ପାଇଁ ଖନନ ସମୟରେ ମିଳିଥିଲା। ତତ୍କାଳୀନ ଜିଲାପାଳ ସୁରେନ୍ଦ୍ର ଚନ୍ଦ୍ର ମହାପାତ୍ର ଓ ଉପଜିଲାପାଳ ଗଙ୍ଗାଧର ସିଂ ଉକ୍ତ ମୁଦ୍ରାକୁ ଆଣି ଜିଲା କୋଷାଗାର(ଟ୍ରେଜେରି)ରେ ରଖିଥିଲେ। କିଛିଦିନ ପୂର୍ବେ ହାଇକୋର୍ଟ ଯେଉଁ ସ୍ଥାନରେ ପ୍ରାଚୀନ ମୁଦ୍ରା ରହିଛି ରାଜ୍ୟ ସଂଗ୍ରହାଳୟକୁ ହସ୍ତାନ୍ତର କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶ କ୍ରମେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଜିଲାପାଳଙ୍କୁ ଚିଠି କରିଥିଲେ। ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଜୟନ୍ତୀ ରଥ ଏବଂ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ନିର୍ଦ୍ଦେଶକ ବିଜୟ କୁମାର ନାୟକ ବୁଧବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉକ୍ତ ପ୍ରାଚୀନ ମୁଦ୍ରାକୁ ପ୍ରଶାସନ ନିକଟରୁ ଗ୍ରହଣ କରିଥିଲେ। ନିର୍ଦ୍ଦେଶକ ନାୟକ ଏହି ମୁଦ୍ରା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ବୋଲି ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ କହିଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ଉପସ୍ଥିତିରେ ଉପଜିଲାପାଳ ପୀତାମ୍ବର ସାମଲ ସଂଗ୍ରହାଳୟରେ ରଖାଯିବା ପାଇଁ ଅଧୀକ୍ଷକ ରଥଙ୍କୁ ମୁଦ୍ରାଟିକୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଜିଲାସ୍ତରୀୟ ବହୁ ଅଧିକାରୀ ଉପସ୍ଥିତ ଥିଲେ।

■ରାଜ୍ୟ ସଂଗ୍ରହାଳୟକୁ ହସ୍ତାନ୍ତର କରାଗଲା



ସଂଗ୍ରହାଳୟ ଅଧୀକ୍ଷକଙ୍କୁ ପ୍ରାଚୀନ ମୁଦ୍ରା ପ୍ରଦାନ କରାଯାଉଛି।

NAGALAND STATE LOTTERIES
DEAR RAKHI-INDEPENDENCE BUMPER
PRICE ₹ 100/-
1st Prize 1 CRORE
2nd Prize 10 Lakhs
Including Super Prize Amount
4th Draw on 17.08.2019
Watch Live Draw on YouTube
And Many More Attractive Prizes
POSTAGE FREE Tickets worth Rs. 2000/- will be sent by Regd. Post. Send BANK DRAFT / MONEY ORDER in favour of VIRA AGENCY payable at Kolkata with full ADDRESS & PIN CODE to the following address
Patrons are requested to give their Mobile nos., So that delivery of tickets are done without hassle
VIRA AGENCY 173 M. G. ROAD, KOLKATA - 700 007 Ph: 033 - 46015573 / 46025573

WALK-IN-INTERVIEW
An Walk-in-Interview will be held on dt. 19.08.19 at 11A.M. in office of the undersigned for appointment of Lect-in-Eduction as Guest faculty. Interested eligible candidate having 55% marks in PG level in Education subject may attend the interview on the above date along with all certificates and testimonials. Salary negotiable.
Sd./-
Principal-in-Charge-cum-Secretary
Harihar Higher Secondary School
Jogisarda, Dist.-Balangir
Mob.-9937386456

Central University of Orissa
(Established Under the Act of Parliament, 2009)
Sunabeda, Dist.Koraput, Odisha. PIN-763004
Advt. No. 02/2019 Date: 01.08.2019
Advertisement for the post of ASSOCIATE PROFESSOR
Online applications are invited in the prescribed Application Form from eligible candidates for appointment to the post of Associate Professor in various Departments at the CUO in the Academic Pay Level 13 of 7th Central Pay Commission Pay Matrix. The last date for receipt of application is 16th September, 2019. The recruitment shall be made in accordance with the "UGC Regulations 2018".
For details, please visit the University website www.cuo.ac.in
Any addendum/corrigendum shall be posted only on the University website.
Sd/- REGISTRAR

Central University of Orissa
(Established Under the Act of Parliament, 2009)
Sunabeda, Dist.Koraput, Odisha. PIN-763004
Advt. No. 03/2019 Date: 01.08.2019
Advertisement for the post of ASSISTANT PROFESSOR
Online applications are invited in the prescribed Application Form from eligible candidates for appointment to the post of Assistant Professor in various Departments at the CUO in the Academic Pay Level 10 of 7th Central Pay Commission Pay Matrix. The last date for receipt of application is 16th September, 2019. The recruitment shall be made in accordance with the "UGC Regulations 2018".
For details, please visit the University website www.cuo.ac.in
Any addendum/corrigendum shall be posted only on the University website.
Sd/- REGISTRAR

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. MSM-FE-MAINT-SBP-RE-19-22
କାର୍ଯ୍ୟର ନାମ : ତିନି ବର୍ଷ ଅବଧି ନିମନ୍ତେ ସମ୍ବଲପୁର, ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ର କ୍ୟାରେଜ୍ ଏବଂ ୱାଗନ ଡିପୋ ଠାରେ ଅଗ୍ନି ନିର୍ବାପକ (Fire Extinguishers) ଗୁଡ଼ିକର ରକ୍ଷଣାବେକ୍ଷଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ) : 5,41,348.80, EMD (ଟଙ୍କାରେ) :₹ 10,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 2,360/-, କାର୍ଯ୍ୟ ଶେଷ ହେବା ଅବଧି : 03 (ତିନି) ବର୍ଷ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.08.2019ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ସମ୍ବଲପୁର
PR-280/K/19-20

ପୂର୍ବ ତଟ ରେଳପଥ
ଭଡ଼ା ସୂତ୍ରରେ ଗାଡ଼ି
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONSBP2019031, ତା.02.08.2019ରିଖ
କାର୍ଯ୍ୟର ନାମ : 01(ଏକ) ବର୍ଷ ଅବଧି ନିମନ୍ତେ କାର୍ଯ୍ୟ ତଦାରଖ ଉଦ୍ଦେଶ୍ୟରେ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ସମ୍ବଲପୁରଙ୍କ ପାଇଁ 01(ଏକ) ଗୋଟି ଟୋୟୋଟା ଇନୋଭା/ମାରୁତି SX-4/ ମହିନ୍ଦ୍ରା ଜାଇଲୋ/ଟାଭେରା (ଏସି), ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ସମ୍ବଲପୁର, ସହାୟକ କାର୍ଯ୍ୟକାରୀ ଯନ୍ତ୍ରୀ/ନିର୍ମାଣ/I/ସମ୍ବଲପୁର, ସହାୟକ କାର୍ଯ୍ୟକାରୀ ଯନ୍ତ୍ରୀ/ନିର୍ମାଣ/II/ସମ୍ବଲପୁର ଏବଂ ସହାୟକ କାର୍ଯ୍ୟକାରୀ ଯନ୍ତ୍ରୀ/ନିର୍ମାଣ/ସମ୍ବଲପୁରଙ୍କ ନିମନ୍ତେ 04(ଚାରି) ଗୋଟି ଟାଟା ସୁମୋ/ବୋଲେରୋ (ନନ୍-ଏସି) ତଥା ସିନିୟର ସେକ୍ସନ ଇଂଜିନିୟର/ଜୁନିୟର ଇଂଜିନିୟର (JE)/ (କାର୍ଯ୍ୟ ଏବଂ P.Way )ଙ୍କ ନିମନ୍ତେ 02(ଦୁଇ) ଗୋଟି 5 ସିଟ୍ ବିଶିଷ୍ଟ ପିକ୍-ଅପ୍ ଭ୍ୟାନ ଭଡ଼ା ସୂତ୍ରରେ ନେବା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 41.43 ଲକ୍ଷ, EMD (ଟଙ୍କାରେ) : 82,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.08.2019 ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-35/CC/19-20

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତା ମନୋରମା ମଲ୍ଲିକ
ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୦୬।୧୦।୧୯୫୮
ତିରୋଧାନ: ୩୧।୦୭।୨୦୧୭
ବୋଉ ତୋର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୋର ଆଶୀର୍ବାଦ ଆମର ସମସ୍ତଙ୍କ ଉପରେ ଥାଉ। ତୋର ଆତ୍ମା ଚିରଶାନ୍ତି ଲାଭକରୁ।
ଶୋକସନ୍ତପ୍ତ ପରିବାର:
ପୁତ୍ର- ଦେବୁ, ବାପୁ, ପୁତ୍ରବଧୂ- ସବିତା, କ୍ଷମା, କନ୍ୟା- ବିନ୍ଦୁ, ଜ୍ୱାଇଁ- ରଞ୍ଜନ, ନାତିନାତୁଣୀ- ନଖିଲ୍ଲୁ, ଝରାଗ, ରାନୀ, ଅନିକେତ ଏବଂ ବନ୍ଧୁ ଓ ପରିଜନ।
ଧ-୧୩୮୧୭

ଦଶମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଶାନ୍ତିଲତା ମହାନ୍ତି
ଚଟୁଆ, କୁଜଙ୍ଗ
ଆବିର୍ଭାବ: ୨୧।୧୦।୧୯୪୮
ତିରୋଧାନ: ୨୯।୦୭।୨୦୧୦
(ଶ୍ରାବଣ ଶୁକ୍ଳପକ୍ଷ ଅଷ୍ଟମୀ ତିଥି)
ଚାହୁଁ ଚାହୁଁ ଦଶବର୍ଷ ବିତିଗଲା, ତୁମର ସବୁକଥା ଆମେ ଭାଳି ହେଉଛୁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାର ଭାବ କେବଳ ଆମ ପରିବାର ନୁହେଁ ଆଜି ଅଂଚଳବାସୀ ଝୁରି ହୋଇ ଗୁମୁରି ଗୁମୁରି କାନ୍ଦୁଛନ୍ତି। ପ୍ରଭୁ ଶ୍ରୀଜଗନ୍ନାଥ ଓ ପରମ ପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ନିକଟରେ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ:
ସ୍ୱାମୀ- ପଞ୍ଚାନନ ମହାନ୍ତି, ପୁତ୍ର- ମନୋଜ ମହାନ୍ତି (ଟୁଟୁ), ପୁତ୍ରବଧୂ- ନନ୍ଦିନୀ ମହାନ୍ତି, ଜ୍ୱାଇଁ- ପ୍ରସନ୍ନ ପ୍ରଧାନ, ଝିଅ- ଗୀତାଞ୍ଜଳି, ନାତିନାତୁଣୀ- ସୁନା, ଗୁନା, ସୂର୍ଯ୍ୟ, ରାଜା ଓ ମହାନ୍ତି ପରିବାର
ଧ-୧୩୮୨୧

ପ୍ରଥମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ରବି ନାରାୟଣ ରାଉତ
ଧୂଆଁପାରି, ଦେଢ଼ସର ଦେଉଳି, ଜଗତସିଂହପୁର
ଆବିର୍ଭାବ: ୨୬।୦୭।୧୯୪୬
ତିରୋଧାନ: ୧୯।୦୮।୨୦୧୮
ଆପଣଙ୍କ ସ୍ୱାଭିମାନପଣିଆ, ସ୍ନେହ, ଶ୍ରଦ୍ଧା, ନିଃସ୍ୱାର୍ଥପରତା, ସମାଜସେବା, ସମସ୍ତଙ୍କୁ ନିଜର କରିବା ଗୁଣ ଆମମାନଙ୍କ ମନରେ ସବୁଦିନ ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମା ଶାନ୍ତିରେ ରହୁ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:
ପତ୍ନୀ: ବିଦ୍ୟୁତପ୍ରଭା ରାଉତ, ଭାଉଜ- ଚଞ୍ଚଳା, ପୁଅ- ପ୍ଲାବନ, ପ୍ରିତି, ମନୋରଞ୍ଜନ, ବୋହୂ- ଏଲି, ମିନାକ୍ଷୀ, ଝିଅ- ରଶ୍ମୀ, ରଞ୍ଜିତା, ରୀତା, ଜ୍ୱାଇଁ- ଜଗନ୍ନାଥ, ଅକ୍ଷୟ, ନାତିନାତୁଣୀ- ଆୟଶା, ଦିଶା, ଲିଶା, ଅମ୍ରିତା, ଅର୍ପିତା
ଧ-୧୩୮୧୮



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ୍ୟ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ



## ସଂକ୍ଷେପରେ

### ଚୋରି ଅଭିଯୋଗରେ ୩ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୭।୮(ବ୍ୟୁରୋ)-** ସମ୍ବଲପୁର ହୀରାକୁଦ ଥାନା ପୋଲିସ ଚୋରି ଅଭିଯୋଗରେ ୩ ଜଣ ଅଭିଯୁକ୍ତ ଗିରଫ କରିଛି। ସେମାନେ ହେଲେ ସୁମନ୍ତ ନାଗ (୨୮), ନାରାୟଣ କୁମ୍ଭାର (୨୯), ବିଷ୍ଣୁ ସୁନା (୩୪) । ଏମାନେ ଚୋରି କରିଥିବା ପାଣି ପାଇପ, ପାଣି ପମ୍ପ, ବିଦ୍ୟୁତ୍ ସାମଗ୍ରୀ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୭୧/୧୯)ରୁଜୁ କରିଛି। ସୂଚନାଯୋଗ୍ୟ, ଗୁରୁଦ୍ୱାରାପଡାରେ ଏମାନେ ରବିବାର ରାତିରେ ରାତିରେ ଚୋରି କରୁଥିଲାବେଳେ ପୋଲିସ ଚଢ଼ାଉ କରି ଗିରଫ କରିଥିଲା।

### ଭୋଟର କାର୍ଡ ତ୍ରୁଟି ସଂଶୋଧନ ଉପରେ ତାଲିମ ଶିବିର

**ସମ୍ବଲପୁର, ୭।୮(ବ୍ୟୁରୋ)-** ସମ୍ବଲପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୋଟର କାର୍ଡ ତ୍ରୁଟି ସଂଶୋଧନ ଉପରେ ଏହି ଶିବିରରେ ଆଲୋଚନା କରାଯାଇଥିଲା। ଅଗଷ୍ଟ ୧୬ ତାରିଖରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ କାର୍ଡ ସଂଶୋଧନ ପାଇଁ ସମୟ ଧାର୍ଯ୍ୟ କରାଯାଉଛି । ଅନଲାଇନ ମାଧ୍ୟମରେ ମଧ ଜଣେ ବ୍ୟକ୍ତି ସଂଶୋଧନ କରିପାରିବ। ଏହି ଅବସରରେ ମହାନଗର ନିଗମ କମିଶନ ତ୍ରିଲୋଚନ ମାଝି, ଶୁଭଙ୍କର ମହାନ୍ତି ଉପସ୍ଥିତ ଥିଲେ।

### ଜମନକିରାରେ ନିର୍ବାଚନ ସମ୍ପର୍କିତ କର୍ମଶାଳା

**ଜମନକିରା,୭।୮(ଡି.ଏନ୍.ଏ.)-** ଜମନକିରା ବ୍ଲକ୍ ସମ୍ମିଳନୀ କକ୍ଷରେ ବୁଧବାର ନିର୍ବାଚନ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ଅଧିକାରୀ ତଥା ଉପଜିଲାପାଳ ବିଶ୍ୱରଞ୍ଜନ ନାଏକ ଅଧକ୍ଷତା କରି ନିର୍ବାଚନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିରେ ୨୧ଟି ପଞ୍ଚାୟରେ କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ। ମୁଖ୍ୟତଃ ତ୍ରୁଟିପୂର୍ଣ୍ଣ ଆଧାରକାର୍ଡ଼ ଓ ଭୋଟରକାର୍ଡ଼ ଗୁଡ଼ିକ ସୁଧାରିବା, ଉପଯୁକ୍ତ ଭୋଟରଙ୍କୁ ସାମିଲ କରିବା, ଅନୁପଯୁକ୍ତ ଭୋଟରଙ୍କୁ କାଟିବା, ଘର ଘର ବୁଲି ସର୍ଭେ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି। ୧୮ରୁ ୩୦ ତାରିଖ ମଧ୍ୟରେ ଯାଞ୍ଚ ପ୍ରକ୍ରିୟା ଶେଷ ପାଇଁ କୁହା ଯାଇଛି। ସୁପରଭାଇଜର ଅନିତା ଏକ୍କା, ସରୋଜିନୀ ପଟେଲ, ମୀନା ନାଏକ, ପୁଷ୍ପଲତା ପଟେଲ, ସରସ୍ୱତୀ ସାହୁ, ସୁକାନ୍ତ ମିନି ଓ ଲିଲି ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ବୌଦ୍ଧ**
- ଜାତୀୟ କୃମିନାଶକ ଦିବସ ପାଳନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧ, ପୂର୍ବାହ୍ନ ୧୧ଟା।

**ରାଉରକେଲା**
- ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର ନବମ ସାମାବର୍ତ୍ତନ ଉତ୍ସବ, ବିପିୟୁଟି ପ୍ରେକ୍ଷାଳୟ, ଛେଣ୍ଡ, ପୂର୍ବାହ୍ନ-୧୧ଟା।

**କଣ୍ଢାବାଞ୍ଜି**
- ବ୍ଲକସ୍ତରୀୟ ଗ୍ରାମଦ୍ୟୋଗ କର୍ମଶାଳା,ତୁରେକେଲା, ପୂର୍ବାହ୍ନ୧୧ଟା।

# ଡିଜିଟାଲାଇଜେଶନ ହେବ ଜଙ୍ଗଲ ଜମି

**ସମ୍ବଲପୁର,୭।୮ (ବ୍ୟୁରୋ)**

ସମ୍ବଲପୁର ଆରସିସିଏଫ ଅଫିସ ସମ୍ମିଳନୀ କକ୍ଷରେ ସଂରକ୍ଷିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ଜମି ଡିଜିଟାଲାଇଜେଶନ ଉପରେ ବୁଧବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଜଣେ ବ୍ୟକ୍ତି କମ୍ପ୍ୟୁଟର ବା ମୋବାଇଲରେ ଚାହିଁଲେ ତା ନିଜ ଗାଁ, ପଞ୍ଚାୟତ, ବ୍ଲକ, ଉପଖଣ୍ଡ, ଜିଲା ହେଉ କି ସମଗ୍ର ରାଜ୍ୟର ଜଙ୍ଗଲ ଜମିର ସ୍ଥିତି ଉପରେ ମ୍ୟାପ୍ ସହ ସବିଶେଷ ତଥ୍ୟ ସହଜରେ ଜାଣି ପାରିବ। କେଉଁ ଜଙ୍ଗଲ ଜମି ଜବରଦଖଲରେ ଅଛି ତାହା ମଧ୍ୟ ଜଣା ପଡିଯିବ। ଏଥି ପାଇଁ ବନ ବିଭାଗକୁ ରାଜସ୍ୱ ବିଭାଗ ସହଯୋଗ କରିବ। ଜିଲାରେ ଥିବା ସଂରକ୍ଷିତ ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲ ଜମି ଚିହ୍ନଟ କରାଯିବ। ରାଜସ୍ୱ ବିଭାଗ ସହଯୋଗରେ ସର୍ଭେ କରାଯିବ। ମ୍ୟାପ୍ ପ୍ରସ୍ତୁତି କରି ଅନ୍‌ଲାଇନ୍‌ରେ ସାର୍ବଜନୀନ କରାଯିବ।



ଜଙ୍ଗଲ ଜମି ଡିଜିଟାଲାଇଜେଶନ ନେଇ ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ଜଣେ ବ୍ୟକ୍ତି ଚାହିଁଲେ ସୁବିଧାରେ ଜମିର କିସମ ଓ ସ୍ଥିତି ଉପରେ ଜାଣି ପାରିବ । ସମଗ୍ର ଓଡିଶାରେ ୪ ବର୍ଷ ଭିତରେ ଏହା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରହିଛି । ପ୍ରଥମେ ସମ୍ବଲପୁର ଓ ଝାରସୁଗୁଡା ଜିଲାରେ ଏହି କାମ ଆରମ୍ଭ କରାଯିବ। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇ ସାରିଛି ବୋଲି ଏଥିରେ ସୂଚନା ଦିଆଯାଇଛି। ତେବେ ପି.କେ. ମଲ୍ଲିକ ଏଥିରେ ତାଲିମ ପ୍ରଦାନ କରିଥିଲେ। ପିସିସିଏଫ ଡ. ସନ୍ଦୀପ ତ୍ରିପାଠୀ, ଜିଲାପାଳ ଶୁଭମ ସକସେନା, ରାଉରକେଲା ଆରସିସିଏଫ ଲିଙ୍ଗରାଜ ଓଟା, ସମ୍ବଲପୁର ଆରସିସିଏଫ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ସମ୍ବଲପୁର ଓ ଝାରସୁଗୁଡା ଜିଲାର ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ଡିଏଫଓ ଓ ବନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସୁଷମା ସ୍ୱରାଜଙ୍କୁ ଶ୍ରଦ୍ଧାଞ୍ଜଳି

**ଚିପିଲିମା, ୭।୮ (ଡି.ଏନ.ଏ.)**

ଭାରତୀୟ ଜନତା ପାର୍ଟି ବୁର୍ଲା ମଣ୍ଡଳ କାର୍ଯ୍ୟାଳୟରେ ସୁଷମା ସ୍ୱରାଜଙ୍କ ଅକାଳ ବିୟୋଗ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ମଣ୍ଡଳ ସଭାପତି ନମ୍ରସକାନ୍ତ ପଟ୍ଟନାୟକ ପରିଚାଳନା କରିଥିଲେ । ଏଥିରେ ଜିଲା ଉପସଭାପତି ଆଡ୍‌ଭୋକେଟ ପ୍ରସନ୍ନ କୁମାର ସାହୁ ସୁଷମା ସ୍ୱରାଜଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଜିଲା ସମ୍ପାଦକ ଆଡଭୋକେଟ ଦେଓକିରନ ପଟ୍ଟନାୟକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ହରିଶଙ୍କର ପଣ୍ଡା, ଯୁବମୋର୍ଚ୍ଚା ସଭାପତି ଧର୍ମେନ୍ଦ୍ର ଗିରି, ସାଧାରଣ ସମ୍ପାଦକ ବବଲୁ ବେଶନ, ଓବିସି ମୋର୍ଚ୍ଚା ସଭାପତି ନରେନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ପର୍ଶୁରାମ ଡାକୁଆ, ସଂଖ୍ୟାଲଘୁ ସଭାପତି ଏମଡି ଅନସାର ଜାତ୍ରି, ସାଧାରଣ ସମ୍ପାଦକ ରାମ ଥାପା, ବରିଷ୍ଠ ମୋର୍ଚ୍ଚା ସଭାପତି ଅଶୋକ ନାଏକ, ସାଧାରଣ ସମ୍ପାଦକ କାହ୍ନୁଚରଣ ମହାପାତ୍ର । ଅନ୍ୟମାନଙ୍କ ମଧ୍ୟରେ ବୈଶାଖୁ କଲେତ, ସୋମନାଥ ଆପଟ, ହୃଷୀକେଶ ସରଭଙ୍ଗ, ମାନସ ଦାସ, ପ୍ରଶାନ୍ତ ପାଣିଗ୍ରାହୀ, ମଣ୍ଡଳ ସାଧାରଣ ସମ୍ପାଦକ ସୁଧୀର କୁମାର ପୂଜାରୀ ପ୍ରମୁଖ ଯୋଗ ଦେଇଥିଲେ।



ବୁର୍ଲା ଭାଜପା ଅଫିସରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଦଳୀୟ ନେତା ଓ କର୍ମୀ।

# କମିଟି ଜରିଆରେ ପିପି ଚୟନ ଦାବି

**ସମ୍ବଲପୁର, ୭।୮(ବ୍ୟୁରୋ)**

ସମ୍ବଲପୁର ସର୍କିଟ ହାଉସରେ ବୁଧବାର ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବିଜେଡି ଆଇନ୍ ସେଲ୍ ସଦସ୍ୟମାନେ ଭେଟି ଆଲୋଚନା କରିଛନ୍ତି । ଜିଲାରେ ପବ୍ଲିକ ପ୍ରସିକ୍ୟୁଟର (ପିପି) ଚୟନ କରାଯିବ । ତେଣୁ ପ୍ରଥମେ ଏକ କମିଟି ଗଠନ କରି ପରେ ଚୟନ କରାଯାଉ ବୋଲି ଏମାନେ ଦାବି ଜଣାଇଛନ୍ତି। ମନ୍ତ୍ରୀ ଏଥିପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବିଜେଡି ଜିଲା ଆଇନ ସାମ୍ମୁଖ୍ୟ ସଭାପତି ବସନ୍ତ ମିଶ୍ର, ବିଜେଡି ରାଜ୍ୟ ସଂପାଦକ ସିଦ୍ଧାର୍ଥ ଦାସ, ରାଙ୍ଗେୟ ନାଥ ଷଡଙ୍ଗୀ, ପ୍ରମିଳା ବହିଦାର, ମନୋଜ ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।



ସମ୍ବଲପୁର ସର୍କିଟ ହାଉସଠାରେ ନଗର ଉନ୍ନୟନ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ବିଜେଡି ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି ।

# ଶିକ୍ଷାବିତ୍ ରାଜେଶ୍ୱରୀଙ୍କ ପରଲୋକ

**ସମ୍ବଲପୁର,୭।୮(ବ୍ୟୁରୋ)**

ଅବସରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ରାଜେଶ୍ୱରୀ ବାଇଙ୍କ ସମ୍ବଲପୁର ଦଲେଇପଡା ବାସଭବନରେ ପରଲୋକ ହୋଇଯାଇଛି। ସେ ଏକାଧାରରେ ଶିକ୍ଷାବିତ୍, ଦକ୍ଷ ଖେଳାଳି, ନୃତ୍ୟାଙ୍ଗନା, ଚିତ୍ରଶିଳ୍ପୀ ଭାବେ ବେଶ ଜଣାଶୁଣା ଥିଲେ । ତାଙ୍କ ବିୟୋଗରେ ସମ୍ବଲପୁର ସମେତ ବରଗଡ, ପଦ୍ମପୁର, ହୀରାକୁଦ, ବୌଦ୍ଧ, ବରପାଲି, ବଲାଙ୍ଗୀର, ଜୟପୁରର ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ଶୋକ ପ୍ରକାଶ କରାଯାଇଛି ।

## ସର୍କିଟ ହାଉସରେ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# 'ଲୋକଙ୍କ ସମସ୍ୟା ଦେଖି କାମ କର'

**ସମ୍ବଲପୁର,୭।୮ (ବ୍ୟୁରୋ)**

ସମ୍ବଲପୁରରେ ପାନୀୟ ଜଳ ଯୋଗାଣ ଲାଗି ଅନେକ ଯୋଜନାରେ ପ୍ରକଳ୍ପ ନିର୍ମାଣ କାମ କରା ଯାଉଛି । ଏହା ସହ ସ୍ୱେରେଜ ପ୍ରକଳ୍ପ ହାତକୁ ନିଆଯାଇଛି । ହେଲେ ଏହି କାମ ମନ୍ଥର ଗତିରେ ଚାଲିଛି। ରାସ୍ତା, ଗଳି ଗୁଡିକରେ ଗାତ ଖୋଳି ଦିଆଯାଉଛି କିନ୍ତୁ ମରାମତି କରାଯାଉ ନାହିଁ । ଫଳରେ ଲୋକଙ୍କ ସମସ୍ୟା ହେଉଛି । ତେଣୁ ଲୋକଙ୍କ ପାଇଁ ଯେଭଳି ସମସ୍ୟା ନ ହେବ ତାହାକୁ ଆଖି ଆଗରେ ରଖି କାମ ଶୀଘ୍ର ସମ୍ପୂର୍ଣ୍ଣ କର। ବୁଧବାର ସର୍କିଟ ହାଉସରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। କାମର ମାନକୁ ଠିକ ଭାବେ ଯାଞ୍ଚ କର। ନ ଚେତ ପ୍ରଥମେ ଜରିମାନା ଓ ପରେ ଟେଣ୍ଡର ବାତିଲ କରାଯିବ। ମନ୍ତ୍ରୀ ଜେନା ଏଭଳି ଚରମ ଚେତାବନୀ ମଧ୍ୟ ଦେଇଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ମହାନଗର ନିଗମର କାମ ଉପରେ ମଧ ମନ୍ତ୍ରୀ ସମୀକ୍ଷା କରିଥିଲେ । ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପରେ ମନ୍ତ୍ରୀ ମାଁ ସମଲେଇଙ୍କ ଦର୍ଶନ କରିଥିଲେ। ଏହାପରେ ଦୁର୍ଗାପାଲି ନିକଟସ୍ଥ ଦୟାମଣୀ ଜରାନିବାସ ପରିଦର୍ଶନ କରି ସଡକ ପଥରେ ବରଗଡ ଜିଲା ଅଭିମୁଖେ ଯାତ୍ରା କରିଥିଲେ।

# ସମ୍ବଲପୁର ମହାନଗର ନିଗମରେ ଆରମ୍ଭ ହେଲା ଦୁଇବେଳା ସଫେଇ କାମ

**ସମ୍ବଲପୁର, ୭।୮ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସହରରେ ସ୍ୱଚ୍ଛତା ଆଣିବା ପାଇଁ ଆଉ ଏକ ପଦକ୍ଷେପ ଗ୍ରହଣ କରାଯାଇଛି । ପୂର୍ବ ଘୋଷଣା ମୁତାବକ ବୁଧବାରଠାରୁ ଦୁଇ ବେଳା ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି । ବୁର୍ଲାଠାରୁ ଏହା ଆରମ୍ଭ କରାଯାଇଛି । ପରେ ଏହା ସମସ୍ତ ୱାର୍ଡ ଗୁଡିକରେ କାର୍ଯ୍ୟକାରୀ କରାଯିବ ବୋଲି ମହାନଗର ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡି ରହୁଥିବା ଅଭିଯୋଗ ହୋଇ ଆସୁଥିଲା । ସକାଳେ ଗାଡି ଅଳିଆ ଆର୍ବଜନା ସଂଗ୍ରହ କରି ଚାଲି ଯାଉଥିଲା । ହେଲା ଦୋକାନ ଗୁଡିକ ଖୋଲିବା ପରେ ସନ୍ଧ୍ୟା ପର୍ଯ୍ୟନ୍ତ ରାସ୍ତା ଉପରେ ଆବର୍ଜନା ପଡି ରହୁଥିଲା । ତେଣୁ ମହାନଗର ନିଗମ ପକ୍ଷରୁ ସନ୍ଧ୍ୟା ସମୟରେ ମଧ୍ୟ ଆବର୍ଜନା ଉଠାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳ କେନ୍ଦ୍ରରେ ପାଣି ଗଳୁଛି

**ସମ୍ବଲପୁର, ୭।୮(ବ୍ୟୁରୋ)**

ସମ୍ବଲପୁର ବୈଦ୍ୟନାଥ ଛକଠାରେ ଥିବା ଡା. ଜନାର୍ଦ୍ଦନ ପୂଜାରୀ ମାତୃ ମଙ୍ଗଳ କେନ୍ଦ୍ରରେ ଅବ୍ୟବସ୍ଥା ଲାଗି ରହିଛି । ଏହାର ସମାଧାନ ପାଇଁ ବିଭିନ୍ନ ରାଜନୈତିକ ଦଳ ଜିଲା ପ୍ରଶାସନ ପାଖରେ ଦାବି କରି ଆସୁଥିଲେ ମଧ୍ୟ ସମାଧାନ କରାଯାଉନାହିଁ । ତେଣୁ ଏଠାକୁ ଆସୁଥିବା ରୋଗୀ ଓ ସମ୍ପର୍କିୟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବୁଧବାର ଏଭଳି ଘଟଣା ଦେଖିବାକୁ ମିଳିଛି । ଛୋଟ ଶିଶୁମାନଙ୍କୁ ଟୀକାଦାନ ବେଳେ ଆଜବେଷ୍ଟସରୁ ପାଣି ଗଳୁଥିବା ଦେଖିବାକୁ ମିଳିଥିଲା। ଫଳରେ ଶିଶୁଙ୍କୁ ନେଇ ଆସିଥିବା ମା', ବାପାମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ସେମାନେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିଥିଲେ । ହେଲେ ସେମାନେ ଅସହାୟତା ପ୍ରକାଶ କରି ଏହା ଦୈନନ୍ଦିନ ସମସ୍ୟା ବୋଲି କହିଥିଲେ। ତେବେ ସରକାର ଫ୍ଲାଏ ଓଭର ବ୍ରିଜ, ମହାନଦୀ ବ୍ରିଜ, ରିଂ-ରୋଡ, ସହରରେ ଆଲୋକିକରଣ, ବଡ ବଡ କୋଠା ନିର୍ମାଣ କରି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତା ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେଉନାହାନ୍ତି ବୋଲି ବୁଧବାର ଏହି କେନ୍ଦ୍ରକୁ ଆସିଥିବା ସଞ୍ଜୀବ ବଗର୍ତ୍ତି ଅଭିଯୋଗ କରିଛନ୍ତି।

# କୃମିନାଶକ ଟିକା ପାଇଁ ତାଲିମ

**ନାକଟିଦେଉଳ,୭।୮ (ଡି.ଏନ.ଏ.)**

ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜାତୀୟ କୃମି ନାଶକ ତାଲିମ ଶିବିର ଆୟୋଜିତ ହୋଇଯାଇଛି। ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ଅମୂଲ୍ୟରତ୍ନ ମହନ୍ତ ଏହି ଶିବିରରେ ଅଧକ୍ଷତା କରିଥିଲେ। ଏଥିରେ ତ୍ରିନାଥ ଧଳ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସ୍ୱାସ୍ଥ୍ୟସଂପ୍ରସାରଣ ଅଧିକାରୀ ଶରତ ଚନ୍ଦ୍ର ନାୟକ, ମନୋଜ ମିଶ୍ର ପ୍ରମୁଖ ଯୋଗ ଦେଇ କୃମି ନାଶକ ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଗୁରୁବାର କୃମି ନାଶକ ଟିକା ପ୍ରଦାନ ସମ୍ପର୍କରେ ଉପସ୍ଥିତ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ଶିବିରରେ ବ୍ଲକର ପ୍ରାୟ ୧୫୦ ସ୍କୁଲର ପ୍ରଧାନ ଶିକ୍ଷକ ଯୋଗ ଦେଇ ତାଲିମ ଗ୍ରହଣ କରିଥିଲେ ।

## ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା

# ଦକ୍ଷତା ଦେଖାଇଲେ ଛାତ୍ରୀଛାତ୍ର

**ସମ୍ବଲପୁର, ୭।୮ (ବ୍ୟୁରୋ)**

ଜିଲା ପ୍ରଶାସନ ପକ୍ଷରୁ ସ୍କୁଲ ଓ କଲେଜସ୍ତରୀୟ କୁଇଜ ପ୍ରତିଯୋଗିତା ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। 'ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ପଟ୍ଟନାୟକ' ଶୀର୍ଷକ କୁଇଜ ପ୍ରତିଯୋଗିତାରେ ଶ୍ରୀଗଣେଷ ଗର୍ଲ୍ସ ହାଇସ୍କୁଲର ତନୁଜା ପରିଡା ଓ ଲିଲିମା ଭୋଇ ପ୍ରଥମ, ସେଣ୍ଟଜନ୍ ସ୍କୁଲର ସୋହମ ପ୍ରକାଶ ଓ ସୁବାଶିଷ ରାୟ ଚୌଧୁରୀ ଦ୍ୱିତୀୟ ଏବଂ ଗୁରୁନାନକ ପବ୍ଲିକ ସ୍କୁଲର ସିର୍ଦ୍ଧାଥ ପଣ୍ଡା ଓ ଶିଭାଂଶି ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କଲେଜ ସ୍ତରୀୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସୁବାଷ ମିଶ୍ର ଓ ସୁଲଗ୍ନା ଦାସ ପ୍ରଥମ, ଗଙ୍ଗାଧର ମେହେର କନିଷ୍ଠ କଲେଜର କୁନାଲ ବାଗ ଓ ଅଂକିତା ଶର୍ମା ଦ୍ୱିତୀୟ, ଗୁରୁନାନକ ପବ୍ଲିକ ସ୍କୁଲର ଏସ କୁମାର ପୁରୋହିତ ଓ କ୍ୟୁରି ସାହୁ ଦ୍ୱିତୀୟ, ସରକାରୀ ମହିଳା କଲେଜର ସିମରନ୍ ତ୍ରିପାଠୀ ଓ ପୂର୍ଣ୍ଣିକା ମେହେର, ବିକାଶ ହାୟର ସେକେଣ୍ଡାରୀ ସ୍କୁଲର ରାହୁଲ ଭୋଇ ଓ ସୁବ୍ରଜିତ ପଟେଲ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଧରିତ୍ରୀ ପ୍ରଧାନ ଓ ରାଜଶ୍ରୀ ତାରୁଆ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲୀପ ସାମନ୍ତରାୟଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଅଶୋକ ପ୍ରଧାନ କୁଇଜ ମାଷ୍ଟର ଥିଲେ। ରାଜେନ୍ଦ୍ର କୁମାର ପଣ୍ଡା ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ଓଡିଶା ସାଂସ୍କୃତିକ ସମାଜ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ରଘୁନାଥ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରି ସୂଚିତ କରିଛନ୍ତି।



ବୁଧବାର ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ କଲେଜସ୍ତରୀୟ କୁଇଜ ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର।

## ଫଟୋରେ ଖବର





ରେଢାଖୋଲ ଭୀମ ଭୋଇ କଲେଜ ଯୁବ ରେଡକ୍ରସ ପକ୍ଷରୁ କଲେଜ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧକ୍ଷ, ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର (ବାମ) । ଜମନକିରା ତହସିଲ କାର୍ଯ୍ୟାଳୟ ପରିସରରେ ବୁଧବାର ଯୁବ ସଚେତନ ନାଗରିକ ସଂଘ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ତହସିଲଦାର, ଅତିରିକ୍ତ ତହସିଲଦାରଙ୍କ ସମେତ ଅନ୍ୟମାନେ।

# ଦୁଇ କପ୍ ଚା'ରୁ ସକାଳ ଆରମ୍ଭ


ଶ୍ରଦ୍ଧା କପୁର

ଶ୍ରଦ୍ଧା କପୁର ଏବେ ବଲିଉଡ୍‌ର ଅନ୍ୟତମ ବ୍ୟସ୍ତ ନାୟିକା। ଚଳିତ ମାସରେ ରିଲିଜ ହେବାକୁ ଯାଉଥିବା ବିଗ୍ ବଜେଟ ଫିଲ୍ମ 'ଶାହୋ'ରେ ସେ ପ୍ରଭାସଙ୍କ ଅପୋଜିଟ୍‌ରେ ଅଭିନୟ କରିଛନ୍ତି। ତେବେ ତାଙ୍କର ସକାଳ କିପରି ଆରମ୍ଭ ହୁଏ। ସକାଳୁ ବିଛଣା ଛାଡିବା ପରେ ସେ ଦୁଇ କପ୍ ଚା' ପିଅନ୍ତି। ତା'ପରେ ସେ ନିଜର ଦୈନନ୍ଦିନ କାମ ପାଇଁ ନିଜକୁ ପ୍ରସ୍ତୁତ କରନ୍ତି। ତାଙ୍କ ଅଭିନୀତ 'ଆସିକ୍-୨' ସେ ବର୍ଷର ସବୁଠାରୁ ଅଧିକ ଆୟ କରି ରେକର୍ଡ ସୃଷ୍ଟି କରିଥିଲା। ସ୍କୁଲରେ ପଢ଼ିବା ସମୟରେ ସେ ଜଣେ ମେଧାବୀ ଛାତ୍ରୀ ଥିଲେ। ଦ୍ୱାଦଶ ପରୀକ୍ଷାରେ ସେ ୯୫ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଜାପାନୀ ଖାଦ୍ୟ, କପ୍ କେକ୍ ଏବଂ ଚକୋଲେଟ୍ ହେଉଛି ତାଙ୍କର ପ୍ରିୟ ଖାଦ୍ୟ। ତାଙ୍କ ବାପା ଶକ୍ତି କପୁରଙ୍କ ଫିଲ୍ମଗୁଡିକୁ ସେ ବାରମ୍ବାର ଦେଖିଥାଆନ୍ତି। ଅମିତାଭ ବଚ୍ଚନ ହେଉଛନ୍ତି ଶ୍ରଦ୍ଧାଙ୍କର ପ୍ରିୟ ଅଭିନେତା। ଏହି ଅଭିନେତ୍ରୀଙ୍କ ମା' ଏବଂ ଜେଜେମା ହେଉଛନ୍ତି ଶାସ୍ତ୍ରୀୟ କଣ୍ଠଶିଳ୍ପୀ। ଅଭିନୟ ବ୍ୟତୀତ ଶ୍ରଦ୍ଧା ମଧ୍ୟ ଜଣେ ଗାୟିକା। ନିଜ ଅଭିନୀତ 'ଏକ ଭିଲିୟାନ' ଫିଲ୍ମର 'ଗଲିୟାଁ' ଗୀତରୁ ସେ ବଡ଼ ପରଦାରେ ପ୍ରଥମ ଥର ପାଇଁ କଣ୍ଠଦାନ କରିଥିଲେ। ବୋଷ୍ଟନ ୟୁନିଭର୍ସିଟିରେ ପଢୁଥିବା ସମୟରେ ଥରେ ତାଙ୍କର ଅଭିନୟ ଦେଖି ସଲ୍‌ମାନ ଖାଁ ତାଙ୍କୁ ଏକ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦେଇଥିଲେ।


କ୍ରିତି

## ବିକିନିକୁ ନା

କ୍ରିତି ସାନନ୍ ମାଇଣ୍ଡ ମେକ୍‌ଅପ କରିଛନ୍ତି, ବିକିନି ପିନ୍ଧି ସେ କେବେ ଶଟ୍ ଦେବେ ନାହିଁ। ତେଣିକି ଯେତେ ଅଫର ହାତରୁ ଖସିଗଲେ କିଛି ପର୍‌ବାୟ ନାହିଁ। ନିକଟରେ ତାଙ୍କୁ କେତୋଟି ଅଫର ମିଳିଥିଲା, ସେଥିରୁ ଦୁଇଟି ଫିଲ୍ମରେ ତାଙ୍କୁ ବିକିନି ଶଟ୍ ଦେବାର ଥିଲା। ସେ ବିଷୟରେ ଜାଣିବା ପରେ ସେ ସିଧାସଳଖ ମନା କରିଦେଇଥିଲେ। ମୁଁ ଏଠାକୁ ଅଭିନୟ କରିବାକୁ ଆସିଛି। ଅଯଥା ଅଙ୍ଗ ପ୍ରଦର୍ଶନ କରି ବାହାବା ନେବାକୁ ଚାହେଁନା କି ରାତାରାତି ନାୟିକା ଦୌଡ଼ରେ ସାମିଲ ହେବାକୁ ଚାହେଁନା ବୋଲି କହିଛନ୍ତି କ୍ରିତି। ତେବେ ଏଭଳି କଥାରେ ସେ କେତେଦିନ ଦୃଢ଼ ରହୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଆପଣମାନେ ଖୁସି ତ

ରିଲିଜ୍ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ଫ୍ରମ୍ ମି ଟୁ ୟୁ' ଏବେ ଚର୍ଚ୍ଚାରେ। କାରଣ ଏଥିରେ ଏପରି ଏକ ଗୀତ ସଂଯୋଜିତ ହୋଇଛି, ଯାହା ଆଲୋଚନା ପାଇଁ ଯଥେଷ୍ଟ ଖୋରାକ ଯୋଗାଇଛି। ଗୀତଟିର ଏକ ଟ୍ୟାଗ୍ ଲାଇନ୍ ରହିଛି 'ଆପଣମାନେ ଖୁସି ତ'। ଓଲିଉଡ୍‌ର ମ୍ୟୁଜିକ୍ ସାଇଣ୍ଟିଷ୍ଟ ଭାବେ ପରିଚିତ ପ୍ରେମ ଆନନ୍ଦ ଏହାର ସ୍ୱର ସଂଯୋଜନା କରିଥିବା ବେଳେ ମସ୍ତିଭରା ଏପରି ଗୀତଟିକୁ ରଚନା କରିଛନ୍ତି ବସନ୍ତରାଜ ସାମଲ। ଏ ସମ୍ପର୍କରେ ପ୍ରେମ ଆନନ୍ଦ କହନ୍ତି, 'କଲେଜର ବାର୍ଷିକ ଉତ୍ସବରେ ପିଲାମାନେ ଗୀତ ଗାଇ ନାଚୁଛନ୍ତି। ଏହି ସମୟରେ ଏଭଳି ଏକ ଗୀତକୁ ଯୋଡ଼ିକା ଯାଇଛି, ଯାହାର ଆଦ୍ୟ ଲାଇନ୍ ରହିଛି– ମନଟା ଆମ ମାଲ୍ ମହୁ ଦିଲ୍‌ଟା ସାଦାସିଧା। ସିକ୍ୱେନ୍ସ ଅନୁସାରେ ଜଣେ ଝିଅ ପୁଅମାନଙ୍କ ମଧ୍ୟରୁ କିଏ ତା' ସହ ନାଚିବ ବୋଲି କହିବା ପରେ ଜଣେ ପୁଅ ତାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରୁଛି। ଆଉ ଯେତେବେଳେ ଏହି ଯୋଡିକୁ ବାହାବା ମିଳୁଛି ସେତେବେଳେ ପୁଅଟି କହୁଛି 'ଆପଣମାନେ ଖୁସି ତ'।' ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ଆଶୁତୋଷ ଏବଂ ଅସୀମା ପଣ୍ଡା। 'ଆପଣମାନେ ଖୁସି ତ' ଲାଇନ୍‌ଟିକୁ ଗାଇଛନ୍ତି ବିୟୁଟିଫୁଲ ଦାସ। ଏହି ଫିଲ୍ମର ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ଜ୍ୟୋତି ନାୟକ ଏବଂ ଅମ୍ଳାନ କୁମାର। ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି 'ମିଠା ମିଠା' ଚଳଚ୍ଚିତ୍ରରେ ଜ୍ୟୋତିଙ୍କ ନାୟିକା ସାଜିଥିବା ଶ୍ରଦ୍ଧା। ରିସ୍ତାୱେଭ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଫିଲ୍ମଟିର କାର୍ଯ୍ୟକାରୀ ପ୍ରଯୋଜନା କରିଛନ୍ତି ରାଜେଶ କୁମାର ମହାନ୍ତି। ହେମନ୍ତ କୁମାର ସାହୁ ଏହି ଫିଲ୍ମରୁ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସହ-ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଅଶ୍ୱିନୀ ଗଡ଼ନାୟକ। ଗୀତଗୁଡିକର କୋରିଓଗ୍ରାଫି କରିଛନ୍ତି ଅମିତ ନାୟକ। ଫିଲ୍ମଟି ଚଳିତ ମାସରେ ରିଲିଜ୍ ହେବାର ଯୋଜନା ରହିଛି।


ଆଶୁତୋଷ-ଜ୍ୟୋତି-ଅସୀମା ଚଳଚ୍ଚିତ୍ର 'ଫ୍ରମ୍ ମି ଟୁ ୟୁ'

## ଖବରଟବର

❖ଏମ୍‌ଟିଆର୍ ସିନେ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଅଟୋଗ୍ରାଫ୍-ସାଇନ୍ ଅଫ୍ ଲଭ୍'। ପ୍ରସନ୍ନ ଦ୍ୱିବେଦୀ ଏବଂ ଏ.ଆର. ରହମନଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ରମେଶ ରାଉତ। ଗୀତଗୁଡିକୁ ସ୍ୱର ଦେଉଛନ୍ତି ଅଭିଜିତ ମଜୁମ୍‌ଦାର। ଫିଲ୍ମର ମୁଖ୍ୟ ଭୂମିକାରେ ଦୀପକ ଏବଂ ସ୍ୱାତୀଙ୍କୁ ଦେଖିବାକୁ ମିଳିବ।


ସ୍ୱାତୀ- ଦୀପକ

❖ନିର୍ଦ୍ଦେଶକ ସୁଧାକର ବସନ୍ତ ବର୍ତ୍ତମାନ ଏକ ନୂଆ ସିନେମାର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି, ଯାହାର ସଂଳାପ ରଚନା କରୁଛନ୍ତି ଡ. ରଜନୀ ରଞ୍ଜନ।

❖ପ୍ରଯୋଜକ ରମେଶ ବାରିକ ଏବେ ଆଉ ଏକ ଓଡ଼ିଆ ସିନେମା ପ୍ରସ୍ତୁତ କରିବାକୁ ଯାଉଛନ୍ତି।

❖ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ 'ତୁ ମୋର ନିହାତି ଦରକାର' ଖୁବ୍‌ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ରାଜୀବ ଆଉ ଏକ ନୂତନ ସିନେମାର କାମରେ ମଧ୍ୟ ବ୍ୟସ୍ତ ଅଛନ୍ତି।

❖ସମ୍ବିତ୍ ଅଭିନୀତ 'ଟିକେ ଲଭ୍ ଟିକେ ଟ୍ୱିଷ୍ଟ' ରିଲିଜ ଅପେକ୍ଷାରେ ରହିଛି।

## ପରଦାରେ

ବିଗ୍ ବଜେଟ ଓଡ଼ିଆ ଚଳଚ୍ଚିତ୍ର 'ନାୟକର ନାଁ ଦେବଦାସ' ଚଳିତ ମାସ ୯ ତାରିଖରେ ପରଦା ଉପରକୁ ଆସୁଛି। ଚିତ୍ରଟିର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି 'ଭୈରବ' ସିନେମାରେ ଓଲିଉଡ୍‌ର କ୍ୟାରିୟର ଆରମ୍ଭ କରିଥିବା ଅତୀଶ। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଭୂମିକା ଦାଶ ଏବଂ ଅନୁ ଚୌଧୁରୀ। ଏଥିରେ ବବି ମିଶ୍ରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଚଳଚ୍ଚିତ୍ରର ସଂଳାପ ରଚନା ଦାୟିତ୍ୱ ତୁଲାଇଛନ୍ତି ଦେବୀଦତ୍ତ ମହାନ୍ତି। ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନାର ଗୁରୁଦାୟିତ୍ୱ ସମ୍ଭାଳିଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ଏହାର ପ୍ରଯୋଜକ ପ୍ରଭାତ କୁମାର ପ୍ରଧାନ, ଶିଶିର ଚନ୍ଦ୍ର ଦାଶ ଏବଂ କୀର୍ତ୍ତନ ପାତ୍ର ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଅପରପକ୍ଷରେ ସଂଯୋଜିତ ଗୀତଗୁଡିକ ଶ୍ରୋତାଙ୍କ ମନକୁ ଛୁଇଁବ ବୋଲି କହନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ଅତୀଶ, ଅନୁ ଏବଂ ଭୂମିକାଙ୍କ ବ୍ୟତୀତ ମିହିର ଦାସ, ଅପରାଜିତା, ନମ୍ରତା ଦାସ, ବିଜୟ ମହାନ୍ତି, ସ୍ମିତା ମହାନ୍ତି ଏବଂ ଭୂପତି ତ୍ରିପାଠୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।


'ନାୟକର ନାଁ ଦେବଦାସ' ଚଳଚ୍ଚିତ୍ରରେ ଅତୀଶ୍- ବବି।

### ଅପେରା ହାଲ୍‌ଚାଲ

# ନିଆରା କମେଡି ଯୋଡ଼ି


ଟୁକ୍କୁ


ବାପି

ଥରେ ମନେପକାନ୍ତୁନା ଅପେରା ନାଟକ 'ମାୟାଜାଲ'ର ସେହି ଲୋକପ୍ରିୟ ଡାଏଲଗ୍-'ମୁ ଦୁଲୁକି, ଦେଖି ମୋ ଚାଲିକି'-ମୁଁ ସୁନା ନୁହେଁ କି ରୁପା ନୁହେଁ ହୀରା ଖଣି।' ଏହି ଡାଏଲଗ୍ ମନକୁ ଆସିଲେ ଆଖି ସାମ୍‌ନାକୁ ସ୍ୱତଃ ଚାଲିଆସନ୍ତି ଜଲିଉଡ୍‌ର ଅନ୍ୟତମ ଚର୍ଚ୍ଚିତ କମେଡି ଯୋଡ଼ି ବାପି-ଟୁକ୍କୁ। ବାସ୍ତବ ଜୀବନରେ ଏହି ପତି-ପତ୍ନୀ ଷ୍ଟେଜ୍ ଉପରକୁ ଆସିଲେ ଦର୍ଶକ ମହଲରେ ହସର ଲହରି ଖେଳିଯାଏ। ଡାଏଲଗ୍ ଡେଲିଭରି ହେଉ ଅବା ଅଭିନୟ ସେଗୁଡିକର ପ୍ରତିଟି ଷ୍ଟେପ୍‌ରେ ଭରି ରହିଥାଏ ଅଭୁଲା କମେଡି। ସୁଦାମପତି ଅପେରା, ଉତ୍ତରକୁଳରୁ ବାପିଙ୍କ ଅଭିନୟ ଜୀବନ ଆରମ୍ଭ। ଦୀର୍ଘ ୨୫ ବର୍ଷର ମାରାଥନ୍ ଅଭିନୟ କ୍ୟାରିୟରରେ ସେ ଯାତ୍ରା ଜଗତରେ ସୃଷ୍ଟି କରିଛନ୍ତି ଏକ ସ୍ୱତନ୍ତ୍ର ସ୍ଥାନ। ସୁପରହିଟ୍ ନାଟକ 'ପ୍ରଭାସ ଯଜ୍ଞ' ଏବଂ 'ଖଜୁରି ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ' ପରେ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ୨୦୧୯-୨୦ ସିଜନରେ ଏହି ଯୋଡ଼ିକୁ ନବଗଠିତ ଅପେରା ସୂର୍ଯ୍ୟମନ୍ଦିରରେ ଦେଖିବାକୁ ମିଳିବ। ବାପି-ଟୁକ୍କୁ ଯୋଡିଙ୍କ ଅଭିନୀତ ପ୍ରଥମ ନାଟକ ଥିଲା 'ସଜନୀ ଲାଜରେ ଗଲି ମୁଁ ମରି'। ଏହାପୂର୍ବରୁ ଏହି ଯୋଡି ପଞ୍ଚସଖା ଗଣନାଟ୍ୟ, ଧରିତ୍ରୀ ଗଣନାଟ୍ୟ, ତାରିଣୀ ଗଣନାଟ୍ୟ, ତୁଳସୀ, ଇଷ୍ଟର୍ନ ରେଡ୍‌ରେ ନିଜର କମେଡି ଜଲ୍‌ୱା ଦେଖାଇ ସାରିଛନ୍ତି। ଧରିତ୍ରୀ ଗଣନାଟ୍ୟରେ ଅଭିନୟ କରୁଥିବା ସମୟରେ ପ୍ରେମଜାଲରେ ଦୁହେଁ ବାନ୍ଧି ହୋଇଯାଆନ୍ତି ଆଉ ପରେ ସତସତିକା ପତି-ପତ୍ନୀ ପାଲଟି ଯାଆନ୍ତି। ଚଳିତ ଯାତ୍ରା ସିଜନରେ ଅପେରା ସୂର୍ଯ୍ୟମନ୍ଦିର ଦ୍ୱାରା ପରିବେଷିତ ହେବାକୁ ଯାଉଥିବା ନାଟକ 'କାହାଣୀ କହୁଛି ସୂର୍ଯ୍ୟମନ୍ଦିର, ପୁଅ ଯିବ ଶାଶୁଘର, ମାୟାବିନୀ ମୌସୁମୀ, ଭିତିରି କଥା'ରେ ଦୁହିଙ୍କୁ ମିଳିଛି ମନଲାଖି ଭୂମିକା। ଏହି ଯୋଡ଼ି ଅଭିନୀତ ପ୍ରମୁଖ ନାଟକଗୁଡିକ ମଧ୍ୟରେ ରହିଛି, 'ହସୁଛି କେବଳ କାନ୍ଦିବା ପାଇଁ, ସୀତା ଦେବେ ଆଜି ଅଗ୍ନି ପରୀକ୍ଷା, ରାଖୀ ଦେଇଗଲା ଆଖିରେ ଲୁହ ଏବଂ ଦିନକ ପାଇଁ ମୁଁ ଦ୍ରୌପଦୀ ହେବି' ଆଦି ନାଟକ। ନାଟକ ଅନୁସାରେ କମେଡିକୁ ଅଧିକ ପ୍ରାଧାନ୍ୟ ଦିଆଯିବା ଉପରେ ଗୁରୁତ୍ୱାରୋପ କରନ୍ତି ଏହି ଚର୍ଚ୍ଚିତ କମେଡି ଯୋଡ଼ି।



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ



## ସଂକ୍ଷେପରେ

### ବୋଲେରୋ ଧକ୍କାରେ ମହିଳାଙ୍କ ମୃତ୍ୟୁ

ବେଲପାହାଡ଼,୭।୮ (ଡି.ଏନ୍.ଏ.) ବେଲପାହାଡ଼ ଫାଟକ ନିକଟରେ ଏକ ବୋଲେରୋ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏହି ମହିଳା ଜଣକ ହେଲେ ବେଲପାହାଡ଼ ଆଇଟିଆଇ ପଡ଼ାର ରହିମ ଖାନଙ୍କ ସ୍ତ୍ରୀ ଲାଜୋ ବାଈ (୫୬)। ସ୍ଥାନୀୟ ଲୋକେ ତାଙ୍କୁ ଟିଆର୍ଏଲ ହସ୍ପିଟାଲକୁ ନେଇଥିଲେ। ସେଠାରୁ ବୁର୍ଲା ପଠାଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ଲାଜୋଙ୍କ ପୁଅ ଇରଫାନ ଖାନ ବେଲପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ବୋଲେରୋଟି ଦୁର୍ଘଟଣା ପରେ ଫେରାର ହୋଇ ଯାଇଛି।

# ଦାବି ପୂରଣ ନ କଲେ ସମ୍ଭାଳିବ

ବାମରା,୭।୮(ସ୍ୱ.ପ୍ର.)

ବାମରା ବ୍ଲକରେ ଗତ ବର୍ଷ ହୋଇଥିବା ମରୁଡି ପରିସ୍ଥିତିକୁ ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ହେଲେ ଏ ଯାଏ ଚାଷୀଙ୍କ ଆକାଉଣ୍ଟରେ ଇନପୁଟ ସବସିଡି ଏବଂ ଫସଲ ବୀମା ରାଶି ପଇଠ କରାଯାଇ ନାହିଁ। ଏଣୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗି ରହିଛି । ଏ ନେଇ ବାରମ୍ବାର ଜିଲାପାଳ, ଉପଜିଲାପାଳ, ବିଡିଓ ଏବଂ ତହସିଲଦାରଙ୍କୁ ଦାବି କରାଯାଉଥିଲେ ହେଁ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରି ନାହିଁ । ଶେଷରେ ବୁଧବାର ଚାଷୀମାନେ ବ୍ଲକର ସମସ୍ତ ୧୭ଟି ଯାକ ପଞ୍ଚାୟତର ପ୍ରତ ଗାଁରୁ ଚାଷୀମାନେ



ବିଡିଓଙ୍କୁ ଚାଷୀ ପ୍ରତିନିଧି ଦାବିପତ୍ର ଦେଉଛନ୍ତି।

ଆସି ବାମରା ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବି ପତ୍ର ଦେଇଛନ୍ତି। ଦାବି ପୂରଣ ନ କଲେ ୧୫ ତାରିଖରେ ଚାଷୀଙ୍କୁ ପ୍ରଶାସନ ସମ୍ଭାଳିବ ବୋଲି କୃଷକ ନେତାମାନେ ଚେତାବନୀ ଦେଇଛନ୍ତି। ବାମରା ବ୍ଲକ ଜୟ କିସାନ ଆଦିମ କୃଷକ ସୁରକ୍ଷା ସଂଗଠନର ଆବାହକ ଯୋଗବିହାରୀ ପରିଡାଙ୍କ ନେତୃତ୍ୱରେ ସ୍ଥାନୀୟ ସରକାରୀ ଡାକ ବଙ୍ଗଳାଠାରୁ ପ୍ରାୟ ୩ଶହ ଚାଷୀ ଏକ ଶୋଭାଯାତ୍ରାରେ ଯାଇ ବ୍ଲକ ଅଫିସରେ ପହଞ୍ଚିଥିଲେ । ସେଠାରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଦିଲୀପ କୁମାର ଛତ୍ରିଆ, କିରଣ କୁମାର ନାୟକ, ସିମନ ସାମାଦ, ବନମାଳୀ ନାୟକ, ସୁଦୀପ୍ତ କୁମାର ପଟେଲ ପ୍ରମୁଖ ରାଜ୍ୟ ସରକାର ତଥା ସ୍ଥାନୀୟ ପ୍ରଶାସନକୁ ସଂପୂର୍ଣ୍ଣ ଦାୟୀ କରିବା ସହିତ କଟୁ ସମାଲୋଚନା କରିଥିଲେ । ଏହି ଅବସରରେ ହଳଧର କୃଷକ ସୁରକ୍ଷା ସଂଗଠନ, ଗଡପାଟି କୃଷକ ସୁରକ୍ଷା ସଂଗଠନ, ମାଁ ସମଲେଇ କୃଷକ ସଂଘ, ବାବୁନିକ୍ରିମାଲ କୃଷକ ସୁରକ୍ଷା ସଂଗଠନ, ମାଁ ଲକ୍ଷ୍ମୀ କୃଷକ ସଂଗଠନ ସମେତ ଅନ୍ୟାନ୍ୟ ସଂଗଠନ ସମର୍ଥନ ଜଣାଇ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ । ୨୦୧୮-୧୯ ଖରିଫ ଧାନ ଚାଷର କ୍ଷୟକ୍ଷତି ବାବଦକୁ ଇନପୁଟ ସବସିଡି ଓ ଫସଲ ବୀମା ଅଗଷ୍ଟ ୧୫ ସୁଦ୍ଧା ସୁନିଶ୍ଚିତ କରିବା, ସମସ୍ତ ପ୍ରକାର ଉନ୍ନୟନ କାମ ସ୍ଥଗିତ ରଖି ସମସ୍ତ ଗାଁର ପାରମ୍ପାରିକ ଜଳ ଉତ୍ସର ପୁନରୁଦ୍ଧାର କରିବା, ୫ ବର୍ଷ ଧରି ଆବେଦନ କରିଥିବା ଚାଷୀମାନଙ୍କ ଗଭୀର ନଳକୂଅ ଯୋଜନା ମଞ୍ଜୁର କରିବା ସହ ମାଗଣାରେ ବିଦ୍ୟୁତ ଓ ସୋଲାର ଯୋଗାଇବା, ଲହରଙ୍ଗା ଓ ଭେଡେନ ନଦୀରେ ୪ଟି ବୃହତ୍ତ ଉଠା ଜଳସେଚନ ପ୍ରକଳ୍ପ ଅତି ଶୀଘ୍ର ନିର୍ମାଣ କରିବା ଏବଂ ଦୀର୍ଘ ବର୍ଷ ଧରି ଲଗାତାର ମରୁଡିଗ୍ରସ୍ତ ବାମରା ବ୍ଲକର ସମସ୍ତ ପ୍ରକାର କୃଷିଋଣ ଛାଡ କରିବା ନେଇ ବାମରା ବିଡିଓ ସୁଶୀଲ କୁମାର କୁଜୁରଙ୍କୁ ଦାବିପତ୍ର ଦିଆ ଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୀତବାସ ପଟେଲ, ସଞ୍ଜୀବ ପାଣିଗ୍ରାହୀ, ନିଳାଦ୍ରୀ ବିହାରୀ ପଟେଲ, ମୋହନ ସିଂ ମହାପାତ୍ର, ଲବଣୀ ଭଇଁଷା, ସପନ ପଟେଲ, ରୁପାନନ୍ଦ ପଟେଲ, ବସନ୍ତ ଡୁଙ୍ଗୁମ, ଆନନ୍ଦ ପଟେଲ, ଭୋଳାରାମ ସାହୁ, ଜଗଦିଶ ପାଲ, କୁମାର ଚନ୍ଦ୍ର ପଟେଲ, ଟିମନ ଭଏଁଷା, ରକି କେସରୱାନୀ, ଦେଓକରଣ ଲୁହା, ରମେଶ ପଟେଲ, ରାମଚନ୍ଦ୍ର ମିଞ୍ଜ, ଗୋପାଳ କଉଡି, ଜନ୍ମଜୟ ଟପ୍ପୋ ପ୍ରମୁଖ ଚାଷୀନେତା ଏଥିରେ ଅଂଶଗ୍ରହଣ କରିଥିଲେ । ତେବେ ଚଳିତ ମାସ ୧୪ ତାରିଖ ସୁଦ୍ଧା ଦାବି ପୂରଣ ନ କଲେ ଅଗଷ୍ଟ ୧୫ ତାରିଖକୁ ବ୍ଲକର ଚାଷୀ କଳା ଦିବସ ରୂପେ ପାଳନ କରିବେ ବୋଲି ଏଥିରେ କଡା ଚେତାବନୀ ଦିଆଯାଇଛି ।

■ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଚେତାବନୀ

## ୭ଦିନ ଭିତରେ ଦାବିପୂରଣ ନ ହେଲେ ଆନ୍ଦୋଳନ





ଖବରଦାତା ସମ୍ମିଳନୀରେ କୃଷକ ସଂଘର୍ଷ ସଂଘ ପକ୍ଷରୁ ସଭାପତି ସେଖ୍ ହେମରମ୍ ସୂଚନା ଦେଉଛନ୍ତି।

ଦେବଗଡ଼, ୭।୮(ଡ଼ି.ଏନ.ଏ.) ଶ୍ରାବଣ ମାସରେ କାଟୁଛି ଧୁଧୁ ଖରା। ବର୍ଷା ଅଭାବରୁ ଚାଷ ଜମି ଫାଟି ଆଁ କଲାଣି। ଏ ନେଇ ଜୁଲାଇ ୨୨ ତାରିଖରେ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଥିଲା। ଜିଲାରେ ବର୍ଷା ଅଭାବରୁ ଧାନ ଫସଲର ଗଜାମରୁଡ଼ି ହୋଇଥିବାରୁ ଦେବଗଡ଼ ଜିଲାକୁ ମରୁଡ଼ି ଘୋଷଣା, ସମସ୍ତ ଚାଷୀଙ୍କୁ ମାଗଣାରେ ବିହନ ଯୋଗାଣ, ସମସ୍ତ ଚାଷୀଙ୍କୁ କୃଷିଋଣ ଛାଡ଼, ସ୍କୁଲ ଓ କଲେଜ ଫି ସମ୍ପୂର୍ଣ୍ଣ ଛାଡ଼, ଗତ ବର୍ଷର ଇନ୍‌ପୁଟ ସବ୍‌ସିଡ଼ି ପ୍ରଦାନ, ଗତ ବର୍ଷର ପ୍ରଧାନମନ୍ତ୍ରୀ କୃଷକ ବୀମା ଯୋଜନାର କ୍ଷତିପୂରଣ ପ୍ରଦାନ, ନୂତନ ବନ୍ଧ କଟା ଓ ଗଭୀର ନଳକୂପ ଖନନ, ତିନି ବ୍ଲକର ଚାଷୀମାନଙ୍କ ସୁବିଧା ପାଇଁ ଶୀତଳ ଭଣ୍ଡାର ନିର୍ମାଣ, କୃଷି ଓ ଉଦ୍ୟାନ ବିଶ୍ୱ ବିଦ୍ୟାଳୟ ସ୍ଥାପନ, ଚାଷୀ ମାନଙ୍କ ସୁବିଧା ପାଇଁ ଦୁଗ୍ଧ ସଂଗ୍ରହ କେନ୍ଦ୍ର ସ୍ଥାପନ ଓ କାଳିଆ ଯୋଜନା ସମସ୍ତ ଚାଷୀମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ସହାୟତା ଟଙ୍କା ତୁରନ୍ତ ପ୍ରଦାନ ଆଦି ଉଲ୍ଲେଖ କରାଯାଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ପୁର୍ନବାର ବୁଧବାର କୃଷକ ସଂଘର୍ଷ ସଂଘ ପକ୍ଷରୁ ସଭାପତି ସେମ୍ ହେମରମ୍‌ଙ୍କ ନେତୃତ୍ୱରେ ସମ୍ପାଦକ ଗୁଣନିଧି ବେହେରା ଦେବରାଜ ପ୍ରଧାନ, ଟଙ୍କଧର ବେହେରା, ମନୋଜ ଭୋଇ, ଲକ୍ଷୀଧର ସାହୁ ପ୍ରମୁଖ ଅତିରିକ୍ତ ଜିଲାପାଳ ଧରମ ହସଦାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବୁଧବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମଳନୀରେ ସୂଚନା ଦେଇଛନ୍ତି, ଯେ ଆଗାମୀ ୭ଦିନ ଭିତରେ ପ୍ରଶାସନ କୌଣସି ପଦକ୍ଷେପ ନେବାନାହିଁ ତାହା ହେଲେ ସଂଘ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି।

## କଣ୍ଟାପାଲି ଉଚ୍ଚ ବିଦ୍ୟାଳୟରେ ଖୁସି କାର୍ଯ୍ୟକ୍ରମ

ବାରକୋଟ, ୭।୮ (ଡି.ଏନ.ଏ)

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଟାପାଲି ଉଚ୍ଚ ବିଦ୍ୟାଳୟରେ ଖୁସି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଭିମନ୍ୟୁ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଣ୍ଟାପାଲି ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଧିରେନ କୁମାର ଦାଶ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ଛାତ୍ରୀଛାତ୍ରମାନଙ୍କୁ କାର୍ଯ୍ୟକ୍ରମ ମହତ୍ତ୍ୱ ଏବଂ ସ୍ୱଚ୍ଛତା ଉପରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀ ଛାତ୍ରୀମାନଙ୍କୁ ମାଗଣା ନ୍ୟାକପିନ୍ ବଣ୍ଟନ କରାଯାଇଥିଲା । ଏଥିରେ ବିଦ୍ୟାଳୟର ଶିକ୍ଷକ ରୁଦ୍ରପ୍ରସାଦ ପଣ୍ଡା, ସୁନୀଲ କୁମାର ପ୍ରଧାନ, କାର୍ତ୍ତିକଚରଣ ବେହେରା, ବୁଦ୍ଧଦେବ ପ୍ରଧାନ, ରାଜେନ୍ଦ୍ର କୁମାର ପ୍ରଧାନ, ପ୍ରତାପ ଚନ୍ଦ୍ର ପ୍ରଧାନ, ଉଗ୍ରେସନ ବାଘ ସହଯୋଗ କରିଥିଲେ । ଶେଷରେ ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ର ବୁଧବାର ସନ୍ଧ୍ୟାରେ ମହମବତି ଜାଳି ଭାଜପା ନେତ୍ରୀ ସୁଷମା ସ୍ୱରାଜଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

## ସ୍ୱାଧୀନତା ଦିବସ ଉପଲକ୍ଷେ ସ୍କୁଲସ୍ତରୀୟ କୌତୁକ ବେଶ ପ୍ରତିଯୋଗିତା



କୌତୁକ ବେଶ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ।

ଦେବଗଡ଼, ୭।୮(ଡି.ଏନ.ଏ) ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ଦେବଗଡର ଜାଗରଣ ଆର୍ଟ ଇଣ୍ଟରନେଶ୍‌ନାଲ ନାଟ୍ୟାନୁଷ୍ଠାନ ପକ୍ଷରୁ ଏକ ସ୍କୁଲସ୍ତରୀୟ କୌତୁକ ବେଶ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୫୦ଊର୍ଦ୍ଧ୍ୱ ପିଲା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ର ଭାରତମାତା, ଅପସରା ପରୀ, ମହାତ୍ମା ଗାନ୍ଧୀ, ହନୁମାନ, ଗୋପବନ୍ଧୁ, ବୀରସୁରେନ୍ଦ୍ର ସାଏ, ରଜା, ରାଣୀ, ନେହେରୁ, ଶାସ୍ତ୍ରୀ ଏହିପରି ବିଭିନ୍ନ ବେଶଭୂଷାରେ ନିଜକୁ ସଜେଇ ହୋଇ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ ଜନ୍ମେଜୟ ନାୟକ, ଆଇନଜୀବୀ ଦିଲୀପ ଦେ, ସୁଜିତ ପାତ୍ର ଦାୟୀତ୍ୱ ନିର୍ବାହ କରିଥିଲେ। ଏଥିରେ ସବ୍‌ଜୁନିୟର ସ୍ତରରେ ଚିନ୍ମୟ ବିଦ୍ୟାଳୟର ଛାତ୍ର ପ୍ରଜ୍ଞାନ ଆନନ୍ଦ କପରଦାର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଡିଭାଇନ୍ ପବ୍ଲିକ ସ୍କୁଲର ଛାତ୍ରୀ ସମୀକ୍ଷା ଶତପଥି ଓ ବାଲଭାରତୀ ସ୍କୁଲର ଛାତ୍ରୀ ଲକ୍ଷ୍ମୀ ଗୁରୁ ଦ୍ୱିତୀୟ ଏବଂ ଯୁଗ୍ମ ଭାବେ ଡିଭାଇନ୍ ପବ୍ଲିକ ସ୍କୁଲର ଛାତ୍ର କ୍ରିଷ୍ଣା ପ୍ରଧାନ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଅଭିସ୍ୱାରାଣୀ ତୃତୀୟ ସ୍ଥାନ ପାଇଥିଲେ। ସେହିପରି ଜୁନିୟର ସ୍ତରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ପ୍ରତୀକ ମିଶ୍ର ପ୍ରଥମ, ଡିଭାଇନ୍ ପବ୍ଲିକ ସ୍କୁଲର ସ୍ୱୟଂପ୍ରକାଶ ନନ୍ଦ, ଛାତ୍ରୀ କବିତା କୁମାରୀ ଦ୍ୱିତୀୟ ଏବଂ ଡିଭାଇନ୍ ପବ୍ଲିକ ସ୍କୁଲର ଛାତ୍ରୀ ପୂଜା ଖଡିରନ୍ନ ଓ ବାଲଭାରତୀ ସ୍କୁଲର ଛାତ୍ରୀ ପ୍ରୀୟାଂସି ମିଶ୍ର ତୃତୀୟ ସ୍ଥାନ ହାସଲ କରିଥିଲେ। ସିନିୟର ସ୍ତରରେ ବାଲଭାରତୀ ସ୍କୁଲର ଛାତ୍ରୀ ସ୍ମୃତିପ୍ରଜ୍ଞା ଦେହୁରୀ ପ୍ରଥମ, ଡିଭାଇନ୍ ପବ୍ଲିକ ସ୍କୁଲର ଛାତ୍ର ମୋହିତ ମହାନ୍ତି ଦ୍ୱିତୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶୁଭସ୍ମିତା ସାହୁ ଏବଂ ମନ୍ଦାକିନୀ ସ୍କୁଲର ଛାତ୍ରୀ ଡେଜଲିଙ୍ଗ ପାତ୍ର ତୃତୀୟ ହୋଇଥିଲେ। ଏଥିରୁ ଉନ୍ନୀତ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ଆସନ୍ତା ସ୍ୱାଧୀନତା ଦିବସ ଉପଲକ୍ଷେ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି। କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟ ପ୍ରକାଶ ଚନ୍ଦ୍ର ଦେବତା, ଚିତ୍ତରଞ୍ଜନ ଦାସ, ଶ୍ରବଣ ନାୟକ, ଶିବାଶିଷ ଝାଙ୍କର, ଅଂଶୁମାଂଶୁ ପୂଜାରୀ, ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଆଦିବାସୀ, ଦଳିତ ମଞ୍ଚ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା





ଶୋଭାଯାତ୍ରାରେ ବାହାରିଥିବା ଆଦିବାସୀ ଓ ବନବାସୀ।

ଦେବଗଡ଼, ୭।୮(ଡ଼ି.ଏନ.ଏ)

ଦେବଗଡ଼ ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାକାର ଆଦିବାସୀ ସରଳ ପ୍ରକୃତିର। ଆଦିବାସୀମାନେ ନିଜର ପରିବାର ପୋଷଣ ପାଇଁ ସାଧାରଣତଃ ଜଙ୍ଗଲ ଜମି ଉପରେ ନିର୍ଭର କରିଆସୁଛନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ ଆସୁଥିବା ସରକାରୀ ସହାୟତା ସେମାନଙ୍କ ପାଖକୁ ଠିକ୍ ଭାବରେ ପହଞ୍ଚି ପାରୁନାହିଁ କି ସଦ୍‌ବିନିଯୋଗ ମଧ ହୋଇପାରୁନାହିଁ। ଫଳରେ ଆଦିବାସୀ ଓ ବନବାସୀ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଙ୍ଗଲ ଜମି ଅଧିକାର ଆଇନ୍ ସେମାନଙ୍କ ପାଖରେ ଅପହଞ୍ଚ। ଫଳରେ ଜଙ୍ଗଲ ଜମିର ପଟ୍ଟା, ଫସଲ ବୀମା ଥିଲେ ମଧ ଉପଭୋକ୍ତାଙ୍କୁ ମିଳିପାରୁ ନାହିଁ। ୨୦୦୯ ମସିହାରୁ ବ୍ୟକ୍ତିଗତ ଅଧିକାର ଥାଇ ମଧ ସେଥିରୁ ବଞ୍ଚିତ କରାଯାଉଛି। ସେହିପରି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଆଦିବାସୀମାନଙ୍କୁ ଜଙ୍ଗଲ ଜମିରୁ ବେଦଖଲ କରାଯାଉଛି। ଏହା ତରବରିଆ ଭାବରେ କରାଯାଉଥିବାରୁ ଏହାକୁ ବିରୋଧ କରାଯାଇଛି। ଜିଲାରେ ମାତ୍ର ୧୧ଟି ଜଙ୍ଗଲ ଗ୍ରାମ ଓ ଅଣଜଙ୍ଗଲ ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିଣତ କରାଯାଉ, ଜଙ୍ଗଲ ଅଧିକାର ଆଇନ୍ ଅନୁସାରେ ସରକାରଙ୍କ ବିକାଶମୂଳକ ଯୋଜନାରେ ବିସ୍ଥାପିତ ହେଉଥିବା ବିଶେଷଭାବେ ରେଙ୍ଗାଲୀ ଓ ଗୋହିରା ଡ୍ୟାମ୍‌ରେ କ୍ଷତିଗ୍ରସ୍ତ ହୋଇଥିବା ଆଦିବାସୀମାନଙ୍କୁ ସବୁପ୍ରକାର ସରକାରୀ ସହାୟତା ଥାଇ ମଧ ଯୋଗାଇ ଦିଆଯାଉନାହିଁ। ଜଙ୍ଗଲଜମି ଉଚ୍ଛେଦ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶନାମାକୁ ରଦ୍ଦ କରାଯାଉ ଇତ୍ୟାଦି ଦାବିରଖି ଥିଲେ। ଆସିବାସୀ ଦଳିତ ଅଧିକାର ମଞ୍ଚ ସଭାପତି ନିରାକାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଆସିବାସୀ ଓ ବନବାସୀ ମିଳିତ ଭାବେ ଏକ ଶୋଭାଯାତ୍ରରେ କଚେରୀରେ ପହଞ୍ଚି ବିଭିନ୍ନ ନାରାବାଜୀ କରିବା ସହ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଧରମ ହାଁସଦାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଫଟୋରେ ଖବର







ପୂର୍ବତନ ବୈଦେଶିକ ମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ସମ୍ବଲପୁର କଚେରି ରୋଡସ୍ଥିତ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ନେତୃବୃନ୍ଦ (ବାମ)। ରେଙ୍ଗାଲିରେ ବୁଧବାର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଏଲଆଇସି ପକ୍ଷରୁ ଆୟୋଜିତ ୟୁନିଟ ସମ୍ମିଳନୀରେ ଅଧିକାରୀମାନେ (ମଝି)। ପଡିଆବାହାଲ ନିକଟ ବଡଡୁରାଙ୍ଗ ଗ୍ରାମ ସ୍ପୋର୍ଟିଂ କ୍ଲବ ସଦସ୍ୟମାନେ ମାଲତିଯୋର ଆଡିର ଉଭୟ ପାର୍ଶ୍ୱରେ ଚାରା ରୋପଣ କରୁଛନ୍ତି ।

ଧରିତ୍ରୀ ଆଳାପ

# ମଞ୍ଚ ନାଟକ ଅଭିନୟରେ ପରିପକ୍ୱତା ଆଣେ



କ୍ଷୀରୋଦ ବିହାରୀ ବିଶ୍ୱାଳ । ପେସାରେ ସେ ଜଣେ ମେକାନିକାଲ ଇଞ୍ଜିନିୟର । ସୁବର୍ଣ୍ଣପୁର ସ୍ୱାସ୍ଥ୍ୟ ବିଭାଗରେ ଚାକିରି । ହେଲେ ନିଶା ମଞ୍ଚ ନାଟକରେ ଅଭିନୟ ଓ ଗପ ଲେଖିବା । ବେଳେ ବେଳେ କବିତା ବି ଲେଖନ୍ତି । ବାଲେଶ୍ୱର ଜିଲା ବାହାନଗା ବ୍ଲକ ନୂଆପୁର ଗ୍ରାମର ସଂଘମିତ୍ରା ବିଶ୍ୱାଳ ଓ କାର୍ତ୍ତିକ ଚନ୍ଦ୍ରଙ୍କ ପୁଅ କ୍ଷୀରୋଦ ଛାତ୍ରାବସ୍ଥାରୁ କଳାକ୍ଷେତ୍ରରେ ନିଜକୁ ସମର୍ପି ଦେଇଥିଲେ । ଏହି ପ୍ରତିଭା ପ୍ରଥମେ ଶିଶୁ କଳାକାର ଭାବେ ଗାଁ ଯାତ୍ରାରେ ଅଭିନୟ ଆରମ୍ଭ କରିଥିଲେ। ପରେ ହାଇସ୍କୁଲ ଓ କଲେଜରେ ପଢ଼ିବା ସମୟରେ ନାଟକରେ ଅଭିନୟ କରି ନିଜର ଯାଦୁ ଦେଖାଇଛନ୍ତି । ନାଟକର ବିଭିନ୍ନ ଚରିତ୍ରରେ ସେ ଦର୍ଶକଙ୍କ ମନକୁ ଛୁଇଁ ପାରିଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ମଞ୍ଚରେ ପୁରସ୍କୃତ ହୋଇ ସଫଳତା ସାଉଁଟିଥିବା କ୍ଷୀରୋଦଙ୍କ ଦୁଇଟି ଗଳ୍ପ ସଂକଳନ 'ମୁକ୍ତିପଥ' ଓ 'ଅଇଁଠା ପତର' ପ୍ରକାଶିତ ହୋଇଛି । ଗଳ୍ପ ବ୍ୟତୀତ ଓଜସ୍ ନାମକ ଏକ ପତ୍ରିକାର ସମ୍ପାଦକ ଅଛନ୍ତି। ଏହି ପ୍ରତିଭା ଏଥର ଧରିତ୍ରୀ ଆଳାପ ପୃଷ୍ଠାରେ..

**◈ କେବେଠାରୁ ମଞ୍ଚ ଅଭିନୟକୁ ନିଜର କଲେଣି ?**

ଜେଜେ ମଦନ ମୋହନ ବିଶ୍ୱାଳ ଥିଲେ ଜଣେ ପୋଖତ ନାଟୁଆ । ନିଜେ ଲେଖନ୍ତି ଓ ନିର୍ଦ୍ଦେଶନା ଦିଅନ୍ତି । ଏଣୁ ଅଭିନୟର ମଞ୍ଜିଟା ମୂଳରୁ ମୋ ଭିତରେ ଥିଲା । ପ୍ରଥମେ ମଞ୍ଚକୁ ଉଠିଥିଲି ୧୯୯୫ ମସିହାରେ । ଗାଁ ଯାତ୍ରାରେ ଜଣେ ଶିଶୁ କଳାକାର ଭାବେ ମୋର ପ୍ରଥମ ଅଭିନୟ ଦର୍ଶକମାନେ ଦେଖିଥିଲେ ।

**◈ ଲେଖାଲେଖି କେବେ ଆରମ୍ଭ ହେଲା ?**

ଆଗରୁ ବହୁତ ପଢ଼ୁଥିଲି ଓ ଅଭିନୟ କରୁଥିଲି । ୨୦୦୯ରେ ସୋନପୁରରେ ଚାକିରି କରିବା ପରେ ବଡଭାଇ ପ୍ରଦ୍ୟୁମ୍ନ ସାହୁ (ନାଟ୍ୟକାର, ଅଭିନେତା ଓ କବି)ଙ୍କ ପ୍ରେରଣା ପାଇ ମୁଁ ଗଳ୍ପ ଲେଖିବା ଆରମ୍ଭ କରିଥିଲି । ମୋର ପ୍ରଥମ ଗଳ୍ପ ପ୍ରକାଶିତ ହୋଇଥିଲା ୨୦୧୪ରେ । ସେହିଦିନଠାରୁ ଆଉ ପଛକୁ ଚାହିଁନି ।

**◈ ଗଳ୍ପରେ କ'ଣ କହିବାକୁ ଚାହାନ୍ତି ?**

ମୋ ମତରେ ଚିରାଚରିତ ଇତିହାସ କେବଳ ରାଜାମାନଙ୍କ କଥା କହେ, ପ୍ରଜାମାନଙ୍କୁ କେବଳ ସାହିତ୍ୟ ହିଁ ମନେ ରଖେ । ମୁଁ ସବୁବେଳେ ସେହି ପ୍ରଜାମାନଙ୍କ ହସ-କାନ୍ଦ, ପ୍ରେମ-ବିରହ, ଜୀବନ-ଯନ୍ତ୍ରଣାର କଥା କହିବାକୁ ଚେଷ୍ଟା କରିଛି ।

**◈ ଆପଣ ପାଇଥିବା ପୁରସ୍କାର ଓ ସମ୍ମାନ ?**

ମୁଁ ଗଳ୍ପ ପାଇଁ ଭୁବନେଶ୍ୱର ପୁସ୍ତକ ମେଳାରେ ରବି ପଟ୍ଟନାୟକ ସ୍ମୃତି ପୁରସ୍କାର (୨୦୧୮), କଥା କଳିକା ଯୁବ ପୁରସ୍କାର (୨୦୧୮), କଳିଙ୍ଗ ଲିଟେରାରି ୟୁଥ ଆୱାର୍ଡ (୨୦୧୭), ବ୍ରହ୍ମପୁର ସାହିତ୍ୟ ପରିଷଦ ଯୁବ ପୁରସ୍କାର (୨୦୧୭), ସ୍ୱାସ୍ଥ୍ୟ ସ୍ୱର ସମ୍ମାନ (୨୦୧୬) ସହିତ ମଞ୍ଚ ସଞ୍ଚାଳନା ପାଇଁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛି । ଅଭିନୟ ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ଅନେକ ମଞ୍ଚରେ ପୁରସ୍କାର ପାଇଛି ।

**◈ ଅଭିନୟ କିମ୍ବା ସାହିତ୍ୟକୁ ନେଇ କିଛି ବିଶେଷ ଅନୁଭୂତି ?**

ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହେଉଥାଏ ନାଟକ ପର୍ଶୁରାମ । ମୁଁ ଏକ କନ୍ଧ ତାନ୍ତ୍ରିକ ରେଙ୍ଗୁଟୁ କହଁର ଭୂମିକା ଅଭିନୟ କରୁଥାଏ । ଗୋଟିଏ ଇମୋଶନାଲ ଦୃଶ୍ୟରେ ମହାପ୍ରଭୁଙ୍କ ଆଗରେ ରଖାଯାଇଥିବା ଚାଉଳ ପୁଡିଆଟି ହାତ ବାଜି ମଞ୍ଚ ସାରା ବିଛାଡି ହୋଇଗଲା । ପରବର୍ତ୍ତୀ ଦୃଶ୍ୟରେ ସେହି ଚାଉଳ ରହିଲେ ଅସୁବିଧା ହେବ, ସେଥିପାଇଁ ଅଭିନୟ ଭିତରେ ଥାଇ ସଂଳାପ କହୁ କହୁ ସେ ଚାଉଳ ସବୁକୁ ଡାଲାରେ ଗୋଟେଇ ଆଣିଲି । ନିର୍ଦ୍ଦେଶକ ପୁରୁଷୋତ୍ତମ ମିଶ୍ରଙ୍କୁ କହିଲି ଦାଦା ମୋର ଭୁଲ ହୋଇଗଲା। ସେ ମୋତେ କୁଣ୍ଢେଇ ପକେଇ କହିଲେ ମୋର ତୋ ଉପରେ ବିଶ୍ୱାସ ଥିଲା, ଲାଇଟ୍ ସିନ ସାରିବା ଆଗରୁ ତୁ ସବୁ ଠିକ୍ କରି ଦେଇଥିବୁ। ସେହି କଥା ପଦକ ମୋର ଜୀବନ ସାରା ମନେରହିଥିବ। ସାହିତ୍ୟରେ ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ରଙ୍କଠାରୁ ଭୁବନେଶ୍ୱର ପୁସ୍ତକମେଳାରେ ସମ୍ମାନିତ ହେବା ମୋ ସାହିତ୍ୟ ଜୀବନର ସବୁଠୁ ଆନନ୍ଦିତ ମୁହୂର୍ତ୍ତ।



**◈ ଭବିଷ୍ୟତ ପାଇଁ ଯୋଜନା କ'ଣ?**

ଗାଁରେ ଗୋଟିଏ ପାଠାଗାର କରିବାର ଇଚ୍ଛା ଅଛି । ସେଥିପାଇଁ ପୁସ୍ତକ ସଂଗ୍ରହ ଜାରି ରଖିଛି ।

**◈ ବଡ଼ ପରଦା କିମ୍ବା ମଞ୍ଚ ଅଭିନୟ ଆପଣଙ୍କୁ ସନ୍ତୋଷ ପ୍ରଦାନ କରେ ?**

ମଞ୍ଚ ଓ କ୍ୟାମେରା ସାମ୍ନାରେ ଅଭିନୟ କରିଛି । କିନ୍ତୁ ମଞ୍ଚରେ ଅଭିନୟ କରିବା ସମୟରେ ମୁଁ ମୋ ଭିତରେ ଭିନ୍ନ ଆତ୍ମବିଶ୍ୱାସ ଅନୁଭବ କରେ। ଲାଗେ ଯେମିତି ମୁଁ ହିଁ ମଞ୍ଚର ସମ୍ରାଟ । ଦର୍ଶକଙ୍କ ତାଳି ଯେତେବେଳେ କାନରେ ବାଜେ, ଛାତି କୁଣ୍ଢେମୋଟ ହୋଇଯାଏ ।

**ମଞ୍ଚ ନାଟକ ସହ ଯୁବପିଢ଼ିଙ୍କ ସମ୍ପୃକ୍ତି କମିଯାଉଛି କି ?**

ଆଜିକାଲି ଅଭିନୟ ଶିଖିବା ପୂର୍ବରୁ ସମସ୍ତେ ନିଜକୁ ପରଦାରେ ଦେଖିବାକୁ ଅଭିଳାଷ ରଖୁଛନ୍ତି । କିନ୍ତୁ, ମୁଁ କହିବି ମଞ୍ଚ ନାଟକ ହେଉଛି ଅଭିନୟର ଅନୁଶୀଳନ । ଅଭ୍ୟାସ କରିବା ବେଳେ ନିଜ ଚରିତ୍ର ସହ ଅନ୍ୟ ଚରିତ୍ରମାନଙ୍କ ବିଷୟରେ ବି ଶିଖିବାର ସୁଯୋଗ ଥାଏ । ଅଭିନୟରେ ପରିପକ୍ୱତା ଆଣିବା ପାଇଁ ନାଟକ ବିଶେଷ ଭାବେ ସହାୟକ ହୋଇଥାଏ ।

ରିପୋର୍ଟ: ମୃତ୍ୟୁଞ୍ଜୟ ଶତପଥୀ

---

## ନିଜ କଥା

# ହସ୍ତଦର୍ଶନରୁ ହିଁ ମୋରସକାଳ ଆରମ୍ଭ ହୁଏ

**ଶେଷଦେବ ଦନ୍ତା । ବୟସ ୪୩। ସେ ଜଣେ ପାଲା ଓ ସଂକୀର୍ତ୍ତନ ଗାୟକ । ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ସେ ନିୟମିତ ପାଲା ଓ ସଂକୀର୍ତ୍ତନ ପରିବେଷଣ କରି ସୁନାମ ଅର୍ଜନ କରିଛନ୍ତି। ଶେଷଦେବଙ୍କ ନିଜ ଘର ବରଗଡ଼ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଅଧୀନ ଉଦେପୁର ଗ୍ରାମରେ। ପ୍ରଶାସନ ତରଫରୁ ଆୟୋଜିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସେ କୃତିତ୍ୱ ଅର୍ଜନ କରିଛନ୍ତି। ଡେଙ୍ଗୁ, ମ୍ୟାଲେରିଆ, ଝାଡ଼ାବାନ୍ତି, ସର୍ବଶିକ୍ଷା ଅଭିଯାନ, ସ୍ୱଚ୍ଛ ଭାରତ, ନିଶା ନିବାରଣ ଭଳି ଅନେକ ସଚେତନତା କାର୍ଯ୍ୟକ୍ରମରେ ସେ ଅଂଶ ଗ୍ରହଣ କରି ଆସୁଛନ୍ତି। ପାଲା ଓ ସଂକୀର୍ତ୍ତନ ମାଧ୍ୟମରେ ଲୋକଙ୍କୁ ସଚେତନ କରିବାରେ ସଫଳ ହୋଇଥିବା ଶେଷଦେବଙ୍କ କଥା ଏଥର 'ନିଜ କଥା' ସ୍ତମ୍ଭରେ ... ।**

**✿ ଆପଣଙ୍କ ସକାଳ କେମିତି ଆରମ୍ଭ ହୁଏ?**

ନିଦରୁ ଉଠିବା ମାତ୍ରେ ମୁଁ ପ୍ରଥମେ ହସ୍ତଦର୍ଶନ କରେ, ତା'ପରେ ହନୁମାନ ଚାଳିଶା ପାଠ କରେ । ଈଶ୍ୱରଙ୍କ ଆରାଧନାରୁ ହିଁ ମୋର ସକାଳ ଆରମ୍ଭ ହୋଇଥାଏ ।

**✿ ପାଲା ପ୍ରତି ଆପଣଙ୍କ ଦୁର୍ବଳତା କାହିଁକି?**

ପାଲାରେ ସାମାଜିକ ସଂସ୍କାର ଅଛି, ଧର୍ମ ଭିତ୍ତିକ ଆଲୋଚନା ରହିଛି । ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ମିଶ୍ରଣ ରହିଛି । କୁସଂସ୍କାର, ଅନ୍ଧବିଶ୍ୱାସକୁ ହଟାଇ ଲୋକ ସଚେତନତା ସୃଷ୍ଟି କରିବାର ମାଧ୍ୟମ ହେଉଛି ପାଲା ।

**✿ ଏ ପର୍ଯ୍ୟନ୍ତ ଆପଣ କେତେ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ?**

ପ୍ରତିବର୍ଷ ଜିଲାରେ କଳା ଓ ସଂସ୍କୃତି ବିଭାଗ ତରଫରୁ ୨୫ରୁ ୩୫ଟି ସଚେତନତା କାର୍ଯ୍ୟକ୍ରମ ହୋଇଥାଏ । ସବୁ କାର୍ଯ୍ୟକ୍ରମରେ କାମ କରିବା ପାଇଁ ମୋତେ ସୁଯୋଗ ମିଳେ।

**✿ ଆପଣଙ୍କର ଭବିଷ୍ୟତ ଲକ୍ଷ୍ୟ କ'ଣ ?**

ଓଡ଼ିଆ ପାଲା ଉପରେ ଅଧିକ ଗବେଷଣା କରିବା ମୋର ପ୍ରଥମ ଲକ୍ଷ୍ୟ।

**✿ ଆପଣ କେଉଁ ରଙ୍ଗକୁ ପସନ୍ଦ କରନ୍ତି ?**

ମୁଁ ଧଳା ରଙ୍ଗକୁ ବେଶି ପସନ୍ଦ କରେ, ଧଳା ରଙ୍ଗ ଶାନ୍ତିର ପ୍ରତୀକ ।

**✿ ସମାଜ ପାଇଁ ଆପଣଙ୍କ ବାର୍ତ୍ତା କ'ଣ ?**

ବିଜ୍ଞାନଭିତ୍ତିକ ଆଲୋଚନା ମାଧ୍ୟମରେ ଜନସାଧାରଣ ସଚେତନ ହେବା ଉଚିତ ।



ଶେଷଦେବ ଦନ୍ତା

ରିପୋର୍ଟ: ହୃଷୀକେଶ ଖମାରୀ

---

## ଫିଟ୍‌ନେସ୍

# ଦିନକୁ ଘଣ୍ଟାଏ ଶରୀରକୁ ଦିଅ



ସିରିଏଲ ଅଭିନେତା ରାକେଶ ଧଳ, ଯିଏକି ବହୁତ କମ ଦିନ ମଧ୍ୟରେ ଟେଲିଭିଜନ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଫିଟ୍ ରହିବା ସହ ଅଭିନୟରେ ନିଜର ନିପୁଣତା ଦେଖାଇ ଦର୍ଶକଙ୍କ ଭଲପାଇବା ପାଇ ପାରିଛନ୍ତି। ତରଙ୍ଗ, ସାର୍ଥକ ଓ କଲର୍ସ ଓଡ଼ିଆ ପରି ଟିଭି ଚ୍ୟାନେଲର ବିଭିନ୍ନ ସିରିଏଲରେ ସେ ନିଜର ପାରଦର୍ଶିତା ଦେଖାଇ ସେ 'ନେଇଯାରେ ମେଘ ମତେ', 'ଏସିପି ନିକିତା', 'ରାନି', 'ଆମ ଘର ଲକ୍ଷ୍ମୀ', 'ତୋ ଆଖି ମୋ ଆଇନା', 'ଟୁପୁର ଟାପୁର', 'ସିନ୍ଦୂର ବିନ୍ଦୁ' ସିରିଏଲରେ କାମ କରିଥିବା ବେଳେ ଏବେ ସେ ତରଙ୍ଗ ଟିଭିର 'କୁଆଁରୀ ବୋହୂ' ସିରିଏଲରେ ମୁଖ୍ୟ ଅଭିନେତା ଭାବେ କାମ କରୁଛନ୍ତି। ନିଜ ଫିଟନେସକୁ ରାକେଶ ବହୁତ ଗୁରୁତ୍ୱ ଦିଅନ୍ତି। ସେ ନିୟମିତ ଭାବେ ବ୍ୟାୟାମ୍, କସରତ, ଖେଳକୁଦ, ଦୌଡ଼ କିମ୍ବା ଯୋଗ କରନ୍ତି। ଦିନକୁ ଗୋଟିଏ ଘଣ୍ଟା ନିଜ ଶରୀରକୁ ଦେଲେ ଜଣେ ପୂରା ଫିଟ ରହିବ ବୋଲି ସେ ମତ ରଖନ୍ତି। ମୁଖ୍ୟତଃ ସେ ଫିଟ୍ ରହିବା ପାଇଁ ଜିମ୍ ଯାଆନ୍ତି। ନଚେତ୍ ଶୁଟିଂ ପରେ ପାର୍କକୁ ୱାକ କରିବା ଓ ସାଇକେଲିଂ କରନ୍ତି। ସକାଳୁ ଉଠିବା ପରେ ଚଣା ଖାଇବା ସହ ଜିମ୍‌କୁ ୱାର୍କଆଉଟ କରିବାକୁ ଯାଆନ୍ତି। ଅଧିକ ଶୁଟିଂ ରହୁଥିବାରୁ ସେ ସପ୍ତାହରେ ୪ଦିନ ଜିମ୍ ଯାଆନ୍ତି। ଅନ୍ୟ ଦିନମାନଙ୍କରେ ସାଇକେଲିଂ ଓ ପାର୍କରେ ୱାକ୍ କରନ୍ତି। ଫିଟ ରହିବା ଲାଗି ସେ ଡାଏଟ ପ୍ଲାନ କରନ୍ତି। ସିରିଏଲରେ କରୁଥିବା କ୍ୟାରେକ୍ଟର ଓ ନିଜ ୱାର୍କଆଉଟକୁ ମ୍ୟାଚ୍ କରିବା ଭଳି ଡାଏଟ ପ୍ଲାନ କରନ୍ତି। କ୍ୟାରେକ୍ଟର ଯଦି ଟିକେ ହେଲ୍‌ଦି ହୁଏ, ତା'ହେଲେ ସେ ହେଲ୍‌ଦି ଖାଦ୍ୟ ଖାଆନ୍ତି ନଚେତ୍ ଅଧିକାଂଶ ସମୟରେ ସାଧାରଣ ଖାଦ୍ୟଗୁଡ଼ିକୁ ସୀମିତ ଭାବେ ଖାଇବାକୁ ପସନ୍ଦ କରନ୍ତି। ଦିନକୁ ୩ଥର ଖାଇବା ସହ ୪ରୁ ୫ଲିଟର ପାଣି ପିଅନ୍ତି। ସପ୍ତାହକୁ ୪ଥର ଭାତ ଖାଇବାକୁ ପସନ୍ଦ କରନ୍ତି ଅଥବା ରୁଟି ନହେଲେ ବ୍ରେଡ ଖାଆନ୍ତି। ପ୍ରୋଟିନ୍ ନୁହେଁ ବରଂ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବା ଲାଗି ପସନ୍ଦ କରନ୍ତି। ପ୍ରତ୍ୟେକ ଦିନ ଅଣ୍ଡା ଖାଆନ୍ତି। ଜିମ୍ ଯିବା ପୂର୍ବରୁ ସେ ମାତ୍ର ୨ଟି କଦଳୀ ଖାଆନ୍ତି। ଜିମ୍‌ରୁ ଆସିବା ପରେ ଜୁସ୍ ପିଅନ୍ତି ଓ ବ୍ରେକଫାଷ୍ଟ କରନ୍ତି। ଲଞ୍ଚ ଓ ଡିନରରେ ସେ କୌଣସି ପ୍ରକାରର ବି ଖାଦ୍ୟ ଖାଇବାକୁ ଭଲପାଆନ୍ତି। କିନ୍ତୁ ନିଜ ଡାଏଟ ଅନୁସାରେ ହିଁ ସେ ଖାଦ୍ୟ ଖାଇଥାନ୍ତି ଓ ଠିକ୍ ସମୟରେ ଖାଇଥାନ୍ତି। ଫିଟ୍ ରହିବାକୁ ହେଲେ ଖାଦ୍ୟଠାରୁ ଆରମ୍ଭ କରି କସରତ୍ କରିବା ଉପରେ ବିଶେଷ ଧ୍ୟାନ ଦେଲେ ସମସ୍ତେ ଫିଟ୍ ରହିବେ ବୋଲି ସେ କହିଛନ୍ତି।

---

## ସେଲ୍‌ଫି କର୍ଣ୍ଣର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



@ ରାକ୍ଷୀ



@ ସ୍ୱୟମ





@ ଶୋଭାରାଣୀ



@ ରଜତ



@ ସୁନୀତା





@ ପପୁ



@ ପ୍ରୀତମ୍



@ କାନ୍ତା

| Dollar | Sensex | Nifty | Gold | Silver |
|---|---|---|---|---|
| 70.89 (8) | 36,690.50 (286.35) | 10,855.50 (92.75) | 37,920.00 (₹1113) | 43,670.00 (₹650) |

## ସଂକ୍ଷେପରେ

### ଏସ୍‌ବିଆଇ ଋଣ ସୁଧ ହାର ହ୍ରାସ

**ନୂଆଦିଲ୍ଲୀ,୭-୮:** ଦେଶର ସର୍ବବୃହତ ବ୍ୟାଙ୍କ ଏସ୍‌ବିଆଇ ବୁଧବାର ଋଣ ଉପରେ ସୁଧ ହାର ୦.୧୫% ହ୍ରାସ ଘୋଷଣା କରିଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ରେପୋ ରେଟକୁ ୦.୩୫% ହ୍ରାସ କରାଯିବା ପରେ ଏସ୍‌ବିଆଇର ଗୃହ ଓ ଅଟୋ ଋଣ ଉପରେ ସୁଧ ହାର କମାଇଛି। ଅଗଷ୍ଟ ୧୦ରୁ ଏହା ଲାଗୁ ହେବ। ଏସ୍‌ବିଆଇ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଏମ୍‌ସିଏଲ୍‌ଆର୍ ସୁଧ ହାର ୮.୪୦ରୁ ୮.୨୫ % ରହିବ। ଏହି ସୁଧ ହାର ହ୍ରାସ ଯୋଗୁ ରେପୋ ରେଟ ଆଧାରିତ ସୁଧ ହାର ସେପ୍ଟେମ୍ବର ୯ରୁ କ୍ୟାଶ କ୍ରେଡିଟ ଆକାଉଣ୍ଟ/ଓଭରଡ୍ରାଫ୍ଟ ଗ୍ରାହକଙ୍କ ଲାଗି ସୁଧ ହାର ୭.୬୫ ପ୍ରତିଶତ ରହିବ। ଏହି ସୁଧ ହାର ହ୍ରାସ ଯୋଗୁ ବ୍ୟାଙ୍କର ଗୃହ ଋଣ ଏପ୍ରିଲ ପରେ ୦.୩୫% ଶସ୍ତା ହୋଇଯିବ।

### ଡିସେମ୍ବରରୁ ୨୪ଘଣ୍ଟା ମିଳିବ ଏନ୍‌ଇଏଫ୍‌ଟି ସୁବିଧା

**ନୂଆଦିଲ୍ଲୀ,୭-୮:** ଭାରତୀୟ ରିଜର୍ଭ ବ୍ୟାଙ୍କ ବୁଧବାର ଜନସାଧାରଣଙ୍କ ପାଇଁ ଏକ ବଡ଼ ସୁବିଧା ଘୋଷଣା କରିଛି। ମୁଦ୍ରାନୀତି କମିଟି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଡିସେମ୍ବରରୁ ନ୍ୟାଶନାଲ ଇଲେକ୍ଟ୍ରୋନିକ ଫଣ୍ଡ ଟ୍ରାନ୍ସଫର(ଏନ୍‌ଇଏଫ୍‌ଟି) ୨୪ ଘଣ୍ଟା ବ୍ୟବହାର କରାଯାଇ ଫଣ୍ଡ ଟ୍ରାନ୍ସଫର କରାଯାଇପାରିବ। ବର୍ତ୍ତମାନ ଏହି ସେବା ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାରକୁ ଛାଡ଼ିଦେଲେ ପ୍ରତ୍ୟେକ କାର୍ଯ୍ୟଦିବସରେ ସକାଳ ୮ରୁ ରାତି ୭ ଯାଏ ଉପଲବ୍ଧ ହେଉଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି ଯେ, ଡିସେମ୍ବରରୁ ୨୪x୭ ଏନ୍‌ଇଏଫ୍‌ଟି ଉପଲବ୍ଧ ହେବ। ଏହା ଜରିଆରେ ରିଟେଲ ପେମେଣ୍ଟ ସିଷ୍ଟମରେ କ୍ରାନ୍ତି ଆସିବ। ଏନ୍‌ଇଏଫ୍‌ଟି ଜରିଆରେ ଜଣେ ବ୍ୟାଙ୍କ ଗ୍ରାହକ ଦେଶର ଯେକୌଣସି ସ୍ଥାନରୁ ଗୋଟିଏ ବ୍ୟାଙ୍କରୁ ଅନ୍ୟ ବ୍ୟାଙ୍କକୁ ଟଙ୍କା ପଠାଇପାରୁଛି। ଗତଥର ଆର୍‌ବିଆଇ ଆର୍‌ଟିଜିଏସ୍(ରିୟଲ ଟାଇମ ଗ୍ରସ୍ ସେଟେଲମେଣ୍ଟ) ଏବଂ ଏନ୍‌ଇଏଫ୍‌ଟି ଜରିଆରେ ଟଙ୍କା ପଠାଇବାକୁ ଶୁଳ୍କମୁକ୍ତ ଘୋଷଣା କରିଥିଲା। ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ଏହା ପ୍ରିପେଡ୍ ରିଚାର୍ଜକୁ ଛାଡ଼ି ଅନ୍ୟ ସମସ୍ତ ପ୍ରକାର ବିଲ୍ ପ୍ରଦାନକୁ ଭାରତ ବିଲ୍ ପେମେଣ୍ଟ ସିଷ୍ଟମ(ବିବିପିଏସ୍) ଅଧୀନକୁ ଅଣାଯିବ। ବର୍ତ୍ତମାନ ବିବିପିଏସ୍ ମାଧ୍ୟମରେ ଡିଟିଏଚ୍, ବିଦ୍ୟୁତ୍, ଗ୍ୟାସ୍, ଟେଲିକମ ଓ ପାଣି ବିଲ୍ ପ୍ରଦାନ କରାଯାଇପାରୁଛି।



> ଦେଶ ନିର୍ମାଣରେ ସହାୟତା ପ୍ରଦାନ କରୁଥିବା ଅଦାନୀ ଗ୍ରୁପ୍‌ର ଫଳାଫଳ ଉତ୍ସାହଜନକ। କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଉଥିବା ପ୍ରତ୍ୟେକ ପଦକ୍ଷେପକୁ ଏହା ସହଯୋଗ କରୁଛି।
> – ଗୌତମ ଅଦାନୀ, ଅଧ୍ୟକ୍ଷ, ଅଦାନୀ ଗ୍ରୁପ୍



> ଷ୍ଟିଲ ସେକ୍ଟର ଏବେ ମାନ୍ଦାବସ୍ଥାର ଶିକାର ହୋଇଛି। ଏହା ଟାଟା ଷ୍ଟିଲ୍‌ର ପ୍ରଦର୍ଶନକୁ ପ୍ରଭାବିତ କରିଛି। ତଥାପି କମ୍ପାନୀ ଆଶାଜନକ ଭାବେ ନିଜର ବ୍ୟବସାୟ ବଜାୟ ରଖିଛି।
> – ଟି.ଭି.ନରେନ୍ଦ୍ରନ, ଟାଟା ଷ୍ଟିଲ୍ ସିଇଓ ତଥା ଏମ୍‌ଡି

# ଜିଡିପି ଅନୁମାନ ହ୍ରାସ କଲା ଆର୍‌ବିଆଇ



**ମୁମ୍ବାଇ,୭-୮**

ଦେଶର ଅର୍ଥନୀତିକୁ ମାନ୍ଦାବସ୍ଥା ଘାରିଛି ବୋଲି ସ୍ୱୀକାର କରି ରିଜର୍ଭ ବ୍ୟାଙ୍କ ଜିଡିପି ଅନୁମାନକୁ ହ୍ରାସ କରିଛି। ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ୬.୯ ପ୍ରତିଶତ ରହିବ ବୋଲି ଆର୍‌ବିଆଇ ଅନୁମାନ କରିଛି।

ଏମ୍‌ପିସି ବୈଠକ ଶେଷରେ ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଜିଡିପି ଅଭିବୃଦ୍ଧି ୫.୮ରୁ ୬.୬ ପ୍ରତିଶତ ଏବଂ ଦ୍ୱିତୀୟାର୍ଦ୍ଧରେ ଏହା ୭.୩ରୁ ୭.୫ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି। ବିଭିନ୍ନ କାରଣରୁ ଏହା ନିମ୍ନଗାମୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଜାରି ବିବୃତିରେ କୁହାଯାଇଛି। ଏଥିପୂର୍ବରୁ ଜୁନ୍ ବୈଠକରେ ରିଜର୍ଭ ବ୍ୟାଙ୍କ ଦେଶର ଜିଡିପି ଅଭିବୃଦ୍ଧି ହାର ୭.୨ ପ୍ରତିଶତରୁ ୭ ପ୍ରତିଶତକୁ ହ୍ରାସ କରିଥିଲା। ଏମ୍‌ପିସି ପକ୍ଷରୁ କୁହାଯାଇଛି ଯେ, ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ମୌସୁମୀ ବର୍ଷା ହାରହାରି ୬ ପ୍ରତିଶତ କମ ହୋଇଛି। ଏହି କାରଣରୁ ଖରିଫ ଫସଲ ବୁଣାବୁଣି ଗତବର୍ଷ ତୁଳନାରେ ୬.୬% କମ ହୋଇଛି। ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ମାନୁଫାକ୍‌ଚରିଂ ଓ ମାଇନିଂରେ ଉତ୍ପାଦନ ହ୍ରାସ କାରଣରୁ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) କମିଛି। କ୍ୟାପିଟାଲ ଗୁଡ୍ସ ଓ କଞ୍ଜ୍ୟୁମର ଡ୍ୟୁରେବଲ୍ ଉତ୍ପାଦନ ହ୍ରାସ ପାଇଛି। ତେବେ କଞ୍ଜ୍ୟୁମର ନନ୍ ଡ୍ୟୁରେବଲ୍ ଉତ୍ପାଦନ ବଢ଼ିଛି। ସର୍ଭିସ ସେକ୍ଟରରେ ମେ-ଜୁନ୍‌ରେ ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଛି। ଗାଡ଼ି ବିକ୍ରି କମିବା କାରଣରୁ ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଦେଖାଯିବା ଚିନ୍ତାଜନକ। ସହରରେ କାର୍, ଗ୍ରାମାଞ୍ଚଳରେ ଟ୍ରାକ୍ଟର ଓ ବାଇକ ବିକ୍ରି କମିବାରେ ଲାଗିଛି।

**ବ୍ୟାଙ୍କ ଦେଇଛନ୍ତି ୨୯% ଫାଇଦା**

ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କ ତିନି ଥରରେ ୦.୭୫ ପ୍ରତିଶତ ରେପୋ ରେଟ୍ ହ୍ରାସ କରିଥିବା ବେଳେ ବ୍ୟାଙ୍କଗୁଡ଼ିକ ଏହାର ସମ୍ପୂର୍ଣ୍ଣ ଫାଇଦା ଗ୍ରାହକଙ୍କୁ ଦେଇନାହାନ୍ତି। ସେମାନେ ଅଦ୍ୟାବଧି ମାତ୍ର ୨୯ ପ୍ରତିଶତ ଲାଭ ଦେଇଛନ୍ତି। ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କୁ ପୂରା ଫାଇଦା ଦେବାକୁ ଦାସ ଆହ୍ୱାନ ଦେଇଛନ୍ତି। ଶସ୍ତା ଋଣ ନିବେଶ ବଢ଼ାଇବା ଏବଂ ଅର୍ଥନୀତି ଅଭିବୃଦ୍ଧିରେ ସହାୟତା କରିପାରିବ। ତେବେ ବ୍ୟାଙ୍କଗୁଡ଼ିକ କେତେ ପରିମାଣରେ ଫାଇଦା ଗ୍ରାହକଙ୍କୁ ଦେବାକୁ ଚାହୁଁଛନ୍ତି, ତାହା ସେମାନଙ୍କ ଉପରେ ନିର୍ଭର କରିବ ବୋଲି ଦାସ ସ୍ପଷ୍ଟ କରିଛନ୍ତି।

### କମିବ ଇଏମ୍‌ଆଇ

ଆର୍‌ବିଆଇ ପକ୍ଷରୁ ରେପୋ ରେଟ ହ୍ରାସ କରାଯିବା ପରେ ସମସ୍ତ ପ୍ରକାର ଋଣ ଉପରେ ଏହାର ସିଧାସଳଖ ପ୍ରଭାବ ପଡିବ। କାରଣ ବ୍ୟାଙ୍କ ପକ୍ଷରୁ ଋଣ ଉପରେ ସୁଧ ହାର ହ୍ରାସ କରିବାକୁ ବାଧ୍ୟ ରହିବେ। ତେବେ ସବୁ ବ୍ୟାଙ୍କ ଏହି ଲାଭ ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ରୂପେ ଦେଇନାହାନ୍ତି ବୋଲି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ସୁଧ ହାର ହ୍ରାସ ହେଲେ ଗୃହ, କାର୍, ପାଠପଢ଼ା ଋଣ ସମେତ ସମସ୍ତ ପ୍ରକାର ଋଣ ସୁଧ ହାର(ଇଏମ୍‌ଆଇ) ଶସ୍ତା ହୋଇଯିବ। କାରଣ ବ୍ୟାଙ୍କଗୁଡ଼ିକର ମାର୍ଜିନାଲ କଷ୍ଟ ବେଷ୍ଟଡ ଲେଣ୍ଡିଂ ରେଟ୍(ଏମ୍‌ସିଏଲ୍‌ଆର୍) କମିଯିବ। ଗଭର୍ନର ଦାସ କହିଛନ୍ତି ଯେ, ଟ୍ରେଡ ୱାର୍, ବିଶ୍ୱ ଆର୍ଥିକ କ୍ଷେତ୍ରରେ ଧିମାପଣର ପ୍ରଭାବ ଭାରତର ଅର୍ଥନୀତି ଉପରେ ପଡିବା ଆରମ୍ଭ ହୋଇଛି। ଦେଶରେ ନିର୍ମାଣ ଶିଳ୍ପ ଧିମା ହୋଇଥିଲେ ସୁଦ୍ଧା ଖାଦ୍ୟ ତଥା ତୈଳକୁ ଛାଡ଼ି ଦେଲେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି ବୋଲି ସେ କହିଛନ୍ତି। ମାନ୍ଦାବସ୍ଥାରୁ ବାହାରିବାକୁ ହେଲେ ଘରୋଇ ନିବେଶ, ଚାହିଦା ବୃଦ୍ଧିକୁ ପ୍ରାଥମିକତା ଦେବାକୁ ହେବ। ଏହାଛଡ଼ା ଏମ୍‌ଏମ୍‌ଏମ୍‌ଇଙ୍କ ଲାଗି ଋଣ ସୀମାକୁ ୧୫ରୁ ୨୦ ପ୍ରତିଶତକୁ ବୃଦ୍ଧି କରାଯିବା ଆବଶ୍ୟକ। ନିବେଶ ବୃଦ୍ଧି ଲାଗି ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି ୨୦ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଋଣ ପ୍ରଦାନ କରିବାକୁ ପ୍ରାଥମିକତା ଦେବାକୁ ହେବ ବୋଲି ସେ କହିଛନ୍ତି।

### ଖୁଚୁରା ମୁଦ୍ରାସ୍ଫୀତି ଅନୁମାନ ହ୍ରାସ

ରିଜର୍ଭ ବ୍ୟାଙ୍କ ଆର୍ଥିକ ବର୍ଷ ୨୦୨୦ର ପ୍ରଥମ ୬ ମାସ ଲାଗି ଖୁଚୁରା ମୁଦ୍ରାସ୍ଫୀତି ୩.୫ରୁ ୩.୭ ପ୍ରତିଶତ ରହିବ ବୋଲି ଅନୁମାନ କରିଥିବା ବେଳେ ଦ୍ୱିତୀୟ ୬ ମାସରେ ଏହା ୩.୧% ରହିବ ବୋଲି କହିଛି।

### ଜମ୍ମୁ-କଶ୍ମୀରକୁ ମିଳିବ ୧ ଲକ୍ଷ କୋଟିର ପ୍ୟାକେଜ

**ନୂଆଦିଲ୍ଲୀ,୭-୮:** କେନ୍ଦ୍ର ସରକାର ପାର୍ଲାମେଣ୍ଟ ଜରିଆରେ ଅନୁଚ୍ଛେଦ ୩୭୦କୁ ପ୍ରତ୍ୟାହାର କରିନେବା ପରେ ଜମ୍ମୁ-କଶ୍ମୀର ଓ ଲଦାଖକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିବର୍ତ୍ତନ କରିଛନ୍ତି। ତେବେ ଏହି ଦୁଇ ଅଞ୍ଚଳକୁ ୧ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଦେଇ ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ କରିବା ଲାଗି ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁବ୍‌ଶୀଘ୍ର ଘୋଷଣା କରିବେ।

### ରେକର୍ଡ ସହ ୩୮ ହଜାର ଟପିଲା ସୁନା

**ନୂଆଦିଲ୍ଲୀ,୭-୮:** ଅନ୍ତର୍ଜାତୀୟ ଓ ଘରୋଇ ବଜାରରେ ସକାରାତ୍ମକ ସଙ୍କେତ କାରଣରୁ ଦେଶର ସର୍ରାଫା ବଜାରରେ ବୁଧବାର ସୁନା ଦର ଆକାଶଛୁଆଁ ହୋଇଛି। ଘରୋଇ ବଜାରରେ ସୁନା ଦର ପ୍ରତି ୧୦ ଗ୍ରାମ ୩୮ ହଜାର ଟଙ୍କା ନିକଟବର୍ତ୍ତୀ ହୋଇଛି। ଏହା ୧,୧୧୩ ଟଙ୍କା ବୃଦ୍ଧି ପାଇ ୩୭,୯୨୦ ଟଙ୍କାରେ ପହଞ୍ଚି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ସେହିପରି ରୁପା ଦର ୬୫୦ ଟଙ୍କା କେଜି ପ୍ରତି ବଢ଼ି ୪୩,୬୭୦ ଟଙ୍କା ହୋଇଛି।

### କେନ୍ଦ୍ରକୁ ପ୍ୟାକେଜ ମାଗିଲା ଅଟୋ ଉଦ୍ୟୋଗ

**ନୂଆଦିଲ୍ଲୀ,୭-୮:** ଦେଶର ଅଟୋ ସେକ୍ଟର ଏବେ ବଡ଼ ଦୁର୍ଦ୍ଦିନ ଦେଇ ଗତି କରୁଛି। ଅର୍ଥନୀତି ଧିମା ହେବା କାରଣରୁ ଅଟୋ ସେକ୍ଟର ଏବେ ମାନ୍ଦାବସ୍ଥାର ସମ୍ମୁଖୀନ ହୋଇଛି। ଏଥିରୁ ବର୍ତ୍ତିବା ପାଇଁ ପ୍ରମୁଖ ଅଟୋ ନିର୍ମାତା ମୁଖ୍ୟ ବୁଧବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଭେଟିଛନ୍ତି। ଉଦ୍ୟୋଗର ବିକାଶ ଲାଗି ସରକାର ଏକ ପ୍ୟାକେଜ ଦେବାକୁ ସେମାନେ ଦାବି କରିଛନ୍ତି। ମାରୁତି ସୁଜୁକି ପକ୍ଷରୁ ଏହାର ଅଧ୍ୟକ୍ଷ ଆର୍.ସି.ଭାର୍ଗବ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ଏହାର ପ୍ରେସିଡେଣ୍ଟ(ଅଟୋମୋଟିଭ ସେକ୍ଟର) ରଞ୍ଜନ ୱାଧେରା ପ୍ରମୁଖ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଭେଟିଥିଲେ।

# ରାମଜୀ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ମେଗା ସୁ କାର୍ନିଭାଲ




- ଯୋଗ ଦେଲେ ୧୧୦ ଡିଲର
- ୧୪ ଜାତୀୟ-ଅନ୍ତର୍ଜାତୀୟ ବ୍ରାଣ୍ଡ ସାମିଲ

**ଭୁବନେଶ୍ୱର,୭-୮(ବ୍ୟୁରୋ)**

ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡ ସୁ'ର ସୁପର ଷ୍ଟକିଷ୍ଟ ରାମଜୀ ଏଣ୍ଟରପ୍ରାଇଜେସ ପକ୍ଷରୁ 'ମେଗା ସୁ କାର୍ନିଭାଲ' ସ୍ଥାନୀୟ ଏକ ହୋଟେଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ରାମ୍‌ଜୀର ସ୍ୱତ୍ୱାଧିକାରୀ ସଞ୍ଜୟ ଲୋହିଆ ଉଦଘାଟନ କରିଥିଲେ। ଏଠାରେ ରାଜ୍ୟ ମଧ୍ୟରୁ ୧୧୦ ଡିଲର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମଧ୍ୟରେ ହିଲିୟସ, ସୋଲଥ୍ରେଡ, ନାଇକ୍,ସ୍କେଚର୍ସ, ଲିକୁପର, ଟ୍ରେସର, ଲିବର୍ଟି, ଏରୋବ୍ଲୁ, ଡ୍ୟୁକ୍, ୱେଲକମ୍, ହିଟ୍‌ଜୀ, ଆଇଡି, ୧୩ ରିଜନ୍‌ସ, ଉଡ୍‌ଲ୍ୟାଣ୍ଡ, ରେଡ୍‌ଚିଫ ଭଳି ବ୍ରାଣ୍ଡ ଅଂଶଗ୍ରହଣ କରିଥିଲେ। ଗୋଟିଏ ଛାତତଳେ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡଗୁଡିକୁ ଏକତ୍ର କରାଇ ଡିଲର ଏବଂ କମ୍ପାନୀଗୁଡିକ ମଧ୍ୟରେ ସମ୍ପର୍କକୁ ବଳଭୁତ କରିବା ଲାଗି ଏଭଳି କାର୍ଯ୍ୟକ୍ରମ ପ୍ରତିବର୍ଷ ଆୟୋଜନ କରାଯାଇଥିବା ରାମ୍‌ଜୀ ସ୍ୱତ୍ୱାଧିକାରୀ ସଞ୍ଜୟ ଲୋହିଆ କହିଛନ୍ତି। ଏଠାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବ୍ୟବସାୟୀମାନେ ଆସି କମ୍ପାନୀଙ୍କଠାରୁ ସେମାନଙ୍କର ଆବଶ୍ୟକତା ମୁତାବକ ସାମଗ୍ରୀ ପରଖିବା ସହ ଅର୍ଡର କରିପାରୁଛନ୍ତି। ଡିଲରଙ୍କୁ ବିଭିନ୍ନ କମ୍ପାନୀ ପ୍ରତ୍ୟକ୍ଷ ଅଫର ମଧ୍ୟ ପ୍ରଦାନ କରୁଛନ୍ତି। ସେହିଭଳି ଡିଲରଙ୍କୁ ରାମ୍‌ଜୀ ପକ୍ଷରୁ ବିଭିନ୍ନ ରିହାତି ସହ ଫରେନଟ୍ରିପ୍ ସୁବିଧା କରାଯାଇଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଲିକୁପର କମ୍ପାନୀର ଆର୍‌ଏସ୍‌ଏମ୍ ସନ୍ତୋଷ ରାଉତ କହିଛନ୍ତି, ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବ୍ୟବସାୟୀଙ୍କୁ ଭେଟିବାରେ ଏଭଳି ଏକ କାର୍ଯ୍ୟକ୍ରମ ବିଶେଷ ସହାୟକ ହେଉଛି। ଏରୋବ୍ଲୁ କମ୍ପାନୀର ଜାତୀୟ ସେଲ୍‌ସ ମୁଖ୍ୟ ବେଦ ପ୍ରକାଶ ଶର୍ମା କହିଛନ୍ତି, କମ୍ପାନୀର ପ୍ରଡକ୍ଟ ନେଇ ପ୍ରତ୍ୟକ୍ଷ ଭାବେ ଡିଲରଙ୍କ ଠାରୁ ଇନ୍‌ପୁଟ ଲାଭ କରୁଛୁ। ଏହା ଆଗକୁ ବିଭିନ୍ନ ପଦକ୍ଷେପ ନେବା ଦିଗରେ ସହାୟକ ହେଉଛି। ଏଥିରେ ଆଇଡି ଫୁଟୱେରର ଜିଏମ୍ ଯୋଜେଶ ଖୁଲବେ, ଡିଜିଏମ୍ ରମନ ଶର୍ମା, ୱେଲକମ୍ ଫୁଟୱେରର ଏଏସ୍‌ଏମ୍ ପ୍ରକାଶ ମିଶ୍ର, ୧୩ ରିଜନ୍ସର ଚିଫ୍ କନସଲଟାଣ୍ଟ ବିକାଶ ବାଗା,ରେଡ ଚିଫର ଏଏସ୍‌ଏମ୍ କ୍ରିଷ୍ଣା ଗୋପାଳ ସିଂ, ଓଡ଼ିଶା ଛତିଶଗଡ ଏସ୍‌ଓ ଫିରୋଜ ଓଝା, ସେଲ୍‌ସ ଅଫିସର ଦୀପକ ସିଂ, ଉଡଲ୍ୟାଣ୍ଡ ଏଏସ୍‌ଏମ୍ ପ୍ରତାପ କୁମାର ଦାସ, ଡ୍ୟୁକର ଏନଏସ୍‌ଏମ୍ ଶ୍ରୀ ପଙ୍କଜ, ଆର୍‌ଏସ୍‌ଏମ୍ ବ୍ରଜେଶ କୁମାର ଯାଦବ, ଏଏସ୍ ଏମ୍‌ଏମ ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ, ଏରୋବ୍ଲୁ ଆର୍‌ଏସ୍‌ଏମ୍ ବେଦ ପ୍ରକାଶ ଶର୍ମା, ସ୍କେଚର୍ସ ସେଲ୍‌ସ ପ୍ରବନ୍ଧକ ମୋହିତ ଶର୍ମା ଉପସ୍ଥିତ ଥିଲେ।

# ରେଟିଂ ଦେଖି ବାଛନ୍ତୁ କମ୍ପାନୀ ସ୍ଥାୟୀ ଜମା

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER CM ,CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**▶ ମୋ ବୟସ ୫୪ । ଚଳିତବର୍ଷ ଭିଆର୍‌ଏସ୍ ନେଇ ଅବସର ଗ୍ରହଣ କରିଛି। ଭାବୁଛି ମ୍ୟୁଚୁଆଲ୍ ଫଣ୍ଡରେ ୫୦ ଲକ୍ଷ ଟଙ୍କା ନିବେଶ କରି ମାସିକ ୫୦ ହଜାର ଟଙ୍କା ଆୟ କରିବି?**

**– ସଂଗ୍ରାମ ମିଶ୍ର, ବାଲୁଗାଁ**

❖ ମ୍ୟୁଚୁଆଲ୍ ଫଣ୍ଡରେ ୫୦ ଲକ୍ଷ ଟଙ୍କା ନିବେଶ କରି ୫୦ ହଜାର ଟଙ୍କା ଆୟ କରିବା, ଯାହାକି ପୂର୍ବ ଆୟକର ମାସିକ ଆୟ ହେବ। ଏହି ମାସିକ ଆୟ ପାଇବା ପାଇଁ ବାର୍ଷିକ ୧୨% ସୁଧ ହାର ରହିବା ଆବଶ୍ୟକ। ଏ କ୍ଷେତ୍ରରେ କେବଳ ଇକ୍ୟୁଟି ମ୍ୟୁଚୁଆଲ ଫଣ୍ଡ ସବୁ ଏହି ପ୍ରକାରର ଲାଭ ପ୍ରଦାନ କରିବା କ୍ଷମତା ରଖିଥାନ୍ତି। କିନ୍ତୁ ଇକ୍ୟୁଟି ମ୍ୟୁଚୁଆଲ ଫଣ୍ଡ ସବୁ ପୁଞ୍ଜି ବଜାରର ଦୋଳିୟମାନ ଅବସ୍ଥା ସହ ଜଡିତ। ଏହି କ୍ଷେତ୍ରରେ ଅଧିକ ରିସ୍କ ମଧ୍ୟ ରହିଥାଏ। ଆପଣ ନିୟମିତ ମାସିକ ଆୟ ପାଇବା ପାଇଁ ମ୍ୟୁଚୁଆଲ୍ ଫଣ୍ଡ ଡେଟ୍ ସ୍କିମ ସବୁରେ ନିବେଶ କରିପାରିବେ। ସେହିଭଳି ସିଷ୍ଟମେଟିକ ଉଇଥଡ୍ରୟାଲ ପ୍ଲାନ (ଏସ୍‌ଡବ୍ଲ୍ୟୁପି) ପସନ୍ଦ କରିପାରିବେ। ଏସ୍‌ଡବ୍ଲ୍ୟୁପି ମାଧ୍ୟମରେ ଜଣେ ନିବେଶକାରୀ ମାସିକ ଏକ ନିର୍ଦ୍ଦିଷ୍ଟ ରାଶି ଉଠାଣ କରିବାକୁ ସକ୍ଷମ ହେବେ। କିନ୍ତୁ ଏଠାରେ ଗୋଟିଏ କଥା ମନେ ରଖିବାକୁ ହେବ। ଯଦି ଆପଣଙ୍କ ମାସିକ ଉଠାଣ ରାଶି ମ୍ୟୁଚୁଆଲ ଫଣ୍ଡର ଲାଭ ପ୍ରଦାନ ରାଶି ଠାରୁ ଅଧିକ ରହିବ ତେବେ ମୂଳଧନ ରାଶି ତଳକୁ ଖସି ଆସିବ ବା କମ୍ ହୋଇଯିବ।

ଯଦି ଆପଣ କୌଣସି ନିମ୍ନ ରିସ୍କ ସ୍କିମ ସବୁ ଚୟନ କରନ୍ତି ଯଥା- ଲିକ୍ୟୁଡ ଫଣ୍ଡ କିମ୍ବା ସର୍ଟ ଟର୍ମ ଡେଟ୍ ଫଣ୍ଡ ସବୁ ତେବେ ଆପଣ ୭%ରୁ ୭.୫% ପାଖାପାଖି ଲାଭ ପ୍ରଦାନ ଆଶା କରି ପାରନ୍ତି। ଏହି ଉପାୟରେ ଏହା ଆପଣଙ୍କୁ ପ୍ରାୟ ୩୦ ହଜାର ଟଙ୍କା ମାସିକ ଉଠାଣ ସୁବିଧା ପ୍ରଦାନ କରିବ। ଏହା ଦ୍ୱାରା ଆପଣଙ୍କ ମୂଳଧନ କମ୍ ହେବାର ସମ୍ଭାବନା ମଧ୍ୟ କମ୍ ରହିଥାଏ। ଆୟକର ନିୟମକୁ ଦୃଷ୍ଟି ଦେଲେ ଜଣାଯିବ ଯେ ,କ୍ୟାପିଟାଲ ଗେନ୍ ଉପରେ ଆୟକର ପ୍ରଭାବ ରହିଥାଏ। ଅପରପକ୍ଷରେ ସମୁଦାୟ ଉଠାଣ ରାଶି ଉପରେ ଏହାର ପ୍ରଭାବ ରହିବ ନାହିଁ। ସମସ୍ତ ଦିଗକୁ ଦୃଷ୍ଟି ଦେଲେ ଜାଣି ପାରିବା ଯେ, କେତେ ଟଙ୍କା ଉଠାଣ କରିବେ ଓ ଏସ୍‌ଡବ୍ଲ୍ୟୁପି ଚୟନ କରିବା ଏହି ସବୁ ଦିଗ ଉପରେ ନିର୍ଭର କରିଥାଏ ଯଥା- ଆପଣଙ୍କ ଅନ୍ୟ ସବୁ ମାସିକ ଆୟର ଉତ୍ସ, କିଛି ବି ଋଣ ଅଛି କି, ଆୟକର ସ୍ତର ଓ ରିସ୍କ ବହନ କରିବା କ୍ଷମତା ଯାହାକି ଆପଣ ଲେଖି ନାହାନ୍ତି।

**▶ ଅବସରକାଳୀନ ପାଣ୍ଠିରୁ କିଛି ଟଙ୍କା କମ୍ପାନୀ ସ୍ଥାୟୀ ଜମା ସ୍କିମରେ ନିବେଶ କରିବାକୁ ଚାହୁଁଛି। ବ୍ୟାଙ୍କ ସୁଧହାର କମି ଗଲାଣି। କଣ ସବୁ କମ୍ପାନୀ ସ୍ଥାୟୀ ଜମା ରହିଛି ଓ ଏଥିରେ ସୁଧ ହାର କିଭଳି ରହିଛି। ଏଥିରେ ନିବେଶ କରିବା ଉଚିତ ହେବ କି?**

**– ମାଳତି ସାହୁ, ଅନୁଗୋଳ**

❖ ବ୍ୟାଙ୍କ ସ୍ଥାୟୀ ଜମା ସୁଧହାର କମି ଯାଇଛି। ଏବେ ପୁଞ୍ଜି ବଜାର ଅସ୍ଥିର ରହିଛି। ପ୍ରାୟତଃ ଅଧିକାଂଶ ନିବେଶକାରୀ କମ୍ପାନୀ ସ୍ଥାୟୀ ଜମାରେ ନିବେଶ କରିବା ଲାଗି ଇଚ୍ଛା କରୁଛନ୍ତି। ବଜାରରେ ଅନେକ କମ୍ପାନୀର ସ୍ଥାୟୀ ଜମା ରହିଛି। ଏଥି ଲାଗି କମ୍ପାନୀର ରେଟିଂ ଦେଖି ନିବେଶ କରିବା ଉଚିତ ହେବ। ବର୍ତ୍ତମାନ ବଜାରରେ ଉପଲବ୍ଧ ଥିବା ଏଲ୍‌ଆଇସି ହାଉସିଂ ଫାଇନାନ୍ସ, ପିଏନ୍‌ବି ହାଉସିଂ ଫାଉନାନ୍ସ, ଶ୍ରୀରାମ ଟ୍ରାନ୍ସପୋର୍ଟ ଫାଇନାନ୍ସ, ଶ୍ରୀରାମ ସିଟି ୟୁନିୟନ ଫାଇନାନ୍ସ, ବଜାଜ ଫାଇନାନ୍ସ, ଏଚ୍‌ଏଫ୍‌ଡିସି, ମହିନ୍ଦ୍ରା ଫାଇନାନ୍ସ, ଆଇସିଆଇସିଆଇ ହୋମ୍ ଫାଇନାନ୍ସ, ଗୃହ ଫାଇନାନ୍ସ ଏବଂ ଗୋଦରେଜ ଆଦି କମ୍ପାନୀର ସ୍ଥାୟୀ ଜମା ବଜାରରେ ଉପଲବ୍ଧ। କୌଣସି କମ୍ପାନୀର ସ୍ଥାୟୀ ଜମାରେ ନିବେଶ ପୂର୍ବରୁ କମ୍ପାନୀର ରେଟିଂ, କମ୍ପାନୀର ଆର୍ଥିକ ସ୍ଥିତି, ପରିଚାଳନା ବ୍ୟବସ୍ଥା ଭଲ ଭାବେ ବିଚାର କରି ନିବେଶ କରନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦**

No. DSPL-61

## ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏକ୍ୟୁ" ସିରିଜ୍

ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୯ କ୍ୟାଲେଣ୍ଡର ବର୍ଷ ପାଇଁ ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏକ୍ୟୁ" ସିରିଜ୍‌ର ପ୍ରଚଳନ କରାଯାଇଅଛି । ଏହି ଯୋଜନା ମାଧ୍ୟମରେ ସ୍ୱଳ୍ପ ସଞ୍ଚୟ ଜମାକାରୀ ମାନଙ୍କୁ ୱେବ୍ ଉତ୍ପନ୍ନ ପ୍ରୋତ୍ସାହନ କୁପନର ବିତରଣ ପକ୍ରିୟା ଆରମ୍ଭ ହୋଇଛି ଏବଂ ଏହା ଆସନ୍ତା **୨୯.୦୨.୨୦୨୦** ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହି ଯୋଜନାରେ ଅଂଶ ଗ୍ରହଣ କରିବା ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ । ଯେଉଁ ଜମାକାରୀମାନେ ଓଡିଶା ସ୍ଥିତ ଯେ କୌଣସି ଡାକଘର ବା ବ୍ୟାଙ୍କ୍ ମାନଙ୍କରେ ସ୍ୱଳ୍ପ ସଞ୍ଚୟ ଯୋଜନା ଅନ୍ତର୍ଗତ ୧. କିଷାନ ବିକାଶ ପତ୍ର, ୨. ସୁକନ୍ୟା ସମୃଦ୍ଧି ଜମା, ୩. ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ୪. ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ ଅଷ୍ଟମ ଇସ୍ୟୁ, ୫. ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ, ୬. ଡାକଘର ମାସିକ ଆୟ ଯୋଜନା/ ଜାତୀୟ ସଞ୍ଚୟ ମାସିକ ଆୟ ଜମା, ୭. ଡାକଘର ପୌନଃପୁନିକ ଜମା / ଜାତୀୟ ସଞ୍ଚୟ ପୌନଃପୁନିକ ଜମା, ୮. ପାଞ୍ଚ ବର୍ଷିଆ ଡାକଘର ଅବଧି ଜମା / ପାଞ୍ଚ ବର୍ଷିଆ ଜାତୀୟ ସଞ୍ଚୟ ଅବଧି ଜମା ଯୋଜନା ମାନଙ୍କରେ ଅନ୍ୟୁନ ୨୦୦୦ ଟଙ୍କା ତା **୦୧.୦୧.୨୦୧୯ ରିଖ ଠାରୁ ତା ୩୧.୧୨.୨୦୧୯** ରିଖ ମଧ୍ୟରେ ନିବେଶ କରିବେ, ସେମାନେ ଚାହିଁଲେ ଏହି ପ୍ରୋତ୍ସାହନ ଯୋଜନାରେ ଅଂଶ ଗ୍ରହଣ କରିପାରିବେ । ଏଥିରେ ପ୍ରତ୍ୟେକ ୨୦୦୦ ଟଙ୍କା ଜମାରାଶି ପିଛା ଗୋଟିଏ ମାଗଣା କୁପନ ନମ୍ବର ଆବଣ୍ଟନ କରାଯିବାର ବ୍ୟବସ୍ଥା ରହିଛି । ଏହି କୁପନ ସମସ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ । ଏହି ଯୋଜନାର ଏକ ରାଜ୍ୟସ୍ତରୀୟ ଉଠାଣ ଆସନ୍ତା ତା ୨୬.୦୪.୨୦୨୦ ରିଖରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ । ଏଥିରେ ସମୁଦାୟ ୭ଟି ବର୍ଗରେ ୭୪ ଲକ୍ଷ ଟଙ୍କା ମୂଲ୍ୟର ୨୪୨୮ ଗୋଟି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଏହି ପ୍ରୋତ୍ସାହନ ଯୋଜନାରେ ଅଂଶଗ୍ରହଣ କରି ଆକର୍ଷଣୀୟ ପୁରସ୍କାର ରାଶି ବିଜୟୀ ହେବାର ସୁଯୋଗ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି ।

ବି:ଦ୍ର: କୁପନ ସଂଗ୍ରହ ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯାଉଥିବା ତଥ୍ୟର ସଠିକତା ଭଲଭାବେ ଯାଞ୍ଚ କରି କୁପନ ସଂଗ୍ରହ କରନ୍ତୁ । କୌଣସି ତ୍ରୁଟି ଦୃଷ୍ଟି ଗୋଚର ହେଲେ, କୁପନ ଇସ୍ୟୁ ଦିନଠାରୁ ୭ ଦିନ ମଧ୍ୟରେ ତାହା ଫେରସ୍ତ କରି, ସଂଶୋଧିତ କୁପନ ଗ୍ରହଣ କରିବା ଆବଶ୍ୟକ ଅଟେ । ତତ୍‌ପରେ ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ।

**ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ**
**ଅର୍ଥ ବିଭାଗ**
**ଓଡିଶା ସରକାର**

05001/13/0007/1920

"ଏଜ୍‌ବାଷ୍ଟନରେ ଅନୁଷ୍ଠିତ ଆଶେସ ସିରିଜର ପ୍ରଥମ ଟେଷ୍ଟରେ ୨ଟି ଶତକ ହାସଲ କରି ଷ୍ଟିଭ୍ ସ୍ମିଥ୍ ମାନସିକ ଦୃଢ଼ତାର ପରିଚୟ ଦେଇଛନ୍ତି ।"
–ଗ୍ଲେନ ମ୍ୟାକ୍‌ଗ୍ରା, ପୂର୍ବତନ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର



"ଯେତେବେଳେ ମୁଁ ରନ କରିପାରି ନ ଥାଏ ସେତେବେଳେ ନିରାଶ ହୋଇଥାଏ। କିନ୍ତୁ ପୂରା ଟିମ୍‌ର ଭରସା ମୋ ଉପରେ ରହିଥାଏ, ଯାହା ମୋତେ ସହାୟତା କରିଥାଏ ।"
–ରିଷଭ ପନ୍ତ, ଭାରତୀୟ କ୍ରିକେଟର୍



## ସଂକ୍ଷେପରେ

### ସୁଷମା ସ୍ୱରାଜଙ୍କ ବିୟୋଗରେ ଶୋକାକୁଳ କ୍ରୀଡ଼ା ଜଗତ

ନୂଆଦିଲ୍ଲୀ,୭।୮- ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ତଥା ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗ ପରେ ଶୋକାକୁଳ ହୋଇପଡ଼ିଛି ଦେଶର କ୍ରୀଡ଼ା ଜଗତ। ମଙ୍ଗଳବାର ହୃଦ୍‌ଘାତ ପରେ ୬୭ ବର୍ଷୀୟା ସ୍ୱରାଜଙ୍କ ମୃତ୍ୟୁ ଘଟିଥିଲା। ହଠାତ୍ ତାଙ୍କ ବିୟୋଗ ପରେ ବହୁ କ୍ରୀଡ଼ା ବ୍ୟକ୍ତିତ୍ୱ ସୋସିଆଲ ମିଡିଆରେ ନିଜ ଦୁଃଖ ପ୍ରକାଶ କରି ସ୍ୱରାଜଙ୍କ ସହ ତାଙ୍କ ଅନ୍ତିମ ସାକ୍ଷାତ୍‌କାରକୁ ମନେ ପକାଇଛନ୍ତି। ଭେଟେରାନ ଭାଜପା ନେତା ସୁଷମାଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ଦୁଃଖିତ। ତାଙ୍କୁ ସମସ୍ତେ ଭଲ ପାଆନ୍ତି। ସେ ସର୍ବଦା ସାହାଯ୍ୟକାରୀ ରାଜନେତା ଭାବେ ସଭିଙ୍କ ମନେ ରହିବେ। ତାଙ୍କ ପରିବାର ଓ ବନ୍ଧୁଙ୍କ ପ୍ରତି ମୁଁ ସମବେଦନା ଜଣାଉଛି। ତାଙ୍କ ବିୟୋଗ ଦେଶରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଟୁଇଟ୍ କରିଛନ୍ତି ପୂର୍ବତନ ଭାରତୀୟ ଓପ୍‌ନର ତଥା ଏବେକାର ଏମ୍‌ପି ଗୌତମ ଗମ୍ଭୀର। ଅନ୍ୟତମ ପୂର୍ବତନ ଓପ୍‌ନର ବୀରେନ୍ଦ୍ର ସେହ୍ୱାଗ ସ୍ୱରାଜଙ୍କ ଫଟୋ ପୋଷ୍ଟ କରିବା ସହ ଲେଖିଛନ୍ତି, ପରିବାର ଓ ବନ୍ଧୁଙ୍କ ସହ ମୋର ସମବେଦନା ରହିଛି। ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ତଥା ପୂର୍ବତନ କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର କହିଛନ୍ତି ଯେ, ସୁଷମାଙ୍କ ହଠାତ୍ ବିୟୋଗରେ ମୁଁ ଦୁଃଖିତ। ୫୦ ବର୍ଷର ଲମ୍ବା ରାଜନୈତିକ କ୍ୟାରିୟରରେ ସେ ନିଜର ଧୈର୍ଯ୍ୟ ଓ ସାହସ ଯୋଗୁ ବହୁ ହୃଦୟ ଛୁଇଁଛନ୍ତି। ଜଣେ ବହିର୍ବ୍ୟାପାର ମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟ ସର୍ବଦା ମନେରହିବ। ଭେଟେରାନ ଭାଜପା ନେତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଥିବା ତାଲିକାରେ ସୁରେଶ ରାଇନା, ସାନିଆ ମିର୍ଜା, ଆକାଶ ଚୋପ୍ରା ଓ ମହମ୍ମଦ କୈଫଙ୍କ ଭଳି ଖେଳାଳି ରହିଛନ୍ତି।

### ଧୋନୀଙ୍କ ରେକର୍ଡ ଭାଙ୍ଗିଲେ ପନ୍ତ

ନୂଆଦିଲ୍ଲୀ,୭।୮ - ଭାରତୀୟ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଭେଟେରାନ ମହେନ୍ଦ୍ର ସିଂ ଧୋନୀଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଗୁୟାନାଠାରେ ଖେଳାଯାଇଥିବା ୩ୟ ଟି୨୦ ମ୍ୟାଚ୍‌ରେ ପନ୍ତ ୬୫ ରନ୍‌ର ବିଜୟୀ ଇନିଂସ ଖେଳିଥିଲେ। ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଏହା ଭାରତୀୟ ଉଇକେଟକିପରଙ୍କ ଲାଗି ସର୍ବାଧିକ ସ୍କୋର। ପୂର୍ବରୁ ଏହି ରେକର୍ଡ ଧୋନୀଙ୍କ ନାମରେ ଥିଲା। ତାଙ୍କ ଟି୨୦ କ୍ୟାରିୟରର ସର୍ବାଧିକ ସ୍କୋର ହେଉଛି ୫୬। ସେ ବେଙ୍ଗାଲୁରୁଠାରେ ଇଂଲଣ୍ଡ ବିପକ୍ଷରେ ୨୦୧୭ରେ ଏହି ଇନିଂସ ଖେଳିଥିଲେ। ଧୋନୀଙ୍କ ଅନୁପସ୍ଥିତିରେ ୱେଷ୍ଟଇଣ୍ଡିଜରେ ସମସ୍ତ ଫର୍ମାଟ ପାଇଁ ଦଳରେ ଚୟନ ହୋଇଥିବା ପନ୍ତ ଅଧିନାୟକ ବିରାଟ କୋହଲିଙ୍କ ସହ ମିଶି ୧୦୬ ରନ୍‌ର ଭାଗୀଦାରି କରିଥିଲେ।

### ମନସୁରଙ୍କ ବିରୋଧରେ ଫିକ୍ସିଂ ଅଭିଯୋଗ

କରାଚୀ,୭।୮

ବିବାଦୀୟ ପାକିସ୍ତାନ ବ୍ୟାଟ୍ସମ୍ୟାନ ଉମର ଆକମଲ ଆଉ ଏକ ମହା ଅଭିଯୋଗ ଆଣି ହଇଚଇ ସୃଷ୍ଟି କରିଛନ୍ତି। ଚଳିତ ଗ୍ଲୋବାଲ ଟି୨୦ କାନାଡ଼ାରେ ପୂର୍ବତନ ଟେଷ୍ଟ କ୍ରିକେଟର ମନସୁର ଅକ୍ତାର ଦୁର୍ନୀତିମୂଳକ ପ୍ରସ୍ତାବ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ସେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଆଣ୍ଟି କରପଶନ ୟୁନିଟ୍ (ଏସିୟୁ) ସମେତ ଟୁର୍ନାମେଣ୍ଟ ଆୟୋଜକଙ୍କୁ ସେ ଅବଗତ କରାଇଛନ୍ତି। ଉମର ୱିନିଂ ହକ୍ସ ଫ୍ରାଞ୍ଚାଇଜ୍ ପାଇଁ ଏହି ଟି୨୦ ଲିଗ୍ ଖେଳୁଛନ୍ତି। ଏହି ଦଳର ମ୍ୟାନେଜମେଣ୍ଟରେ ମନସୁର ମଧ୍ୟ କାର୍ଯ୍ୟ କରୁଛନ୍ତି। ତେବେ ମନସୁର ଲିଗ୍‌ର କେତୋଟି ମ୍ୟାଚ୍‌କୁ ଫିକ୍ସିଂ କରିବା ପାଇଁ ମୋତେ ପ୍ରବର୍ତ୍ତାଇ ଥିଲେ ବୋଲି ଉମର କହିଛନ୍ତି। ଏହି ଅଭିଯୋଗ ଆସିବା ପରେ ତାଙ୍କର ଉପସ୍ଥିତି ସମ୍ପର୍କରେ କୌଣସି ତଥ୍ୟ ମିଳିନାହିଁ। ବିଶ୍ୱକପ୍ ପାଇଁ ଦଳ ଚୟନରେ ଉମରଙ୍କୁ ଚୟନକର୍ତ୍ତାମାନେ ଅଣଦେଖା କରିଥିଲେ। ତେବେ ମାର୍ଚ୍ଚ–ଏପ୍ରିଲରେ ୟୁଏଇରେ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ତାଙ୍କୁ ସାମିଲ କରାଯାଇଥିଲା। ବିବାଦରେ ଛନ୍ଦି ହେବା ଉମରଙ୍କୁ ଅଭ୍ୟାସ ରହିଆସିଛି। ୨୦୧୫ ବିଶ୍ୱକପ୍ ଓ ହଂକଂ ସୁପର ସିକ୍ସେସ୍ ଅବସରରେ କେତେକ ବୁକ ମେକର ତାଙ୍କୁ ମ୍ୟାଚ୍ ଫିକ୍ସ କରିବାକୁ ପ୍ରସ୍ତାବ ଦେଇଥିଲେ ବୋଲି ସେ ଗତ ବର୍ଷ କହି ଚର୍ଚ୍ଚିତ ହୋଇଥିଲେ।

# ପ୍ରଥମ ଦିନିକିଆ ଆଜି

ପ୍ରୋଭିଡେନ୍ସ (ଗୁୟାନା),୭।୮ (ପି.ଟି.)


ବିରାଟ କୋହଲି


ଜାସନ ହୋଲ୍ଡର

| ଭାରତୀୟ ଦଳ | ୱେଷ୍ଟଇଣ୍ଡିଜ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟକିପର), ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ ଓ ନବଦୀପ ସଇନି। | ଜାସନ ହୋଲ୍ଡର (ଅଧିନାୟକ), କ୍ରିସ୍ ଗେଲ, ଜନ କ୍ୟାମ୍ପବେଲ, ଏଭିନ ଲୁଇସ୍, ସାଇ ହୋପ୍, ଶିମରନ ହେଟମେୟର, ନିକୋଲାସ ପୁରନ, ରୋଷ୍ଟନ ଚେଜ୍, ଫାବିୟାନ ଆଲେନ, କାର୍ଲୋସ ବ୍ରାଥୱେଟ, କିମୋ ପଲ, ଶେଲଡନ କଟ୍ରେଲ, ଓଶେନ ଥୋମାସ ଓ କେମାର ରୋଚ୍। |

**ସ୍ଥାନ: ଗୁୟାନା, ସମୟ: ସନ୍ଧ୍ୟା ୭ଟା, ପ୍ରସାରଣ: ସୋନୀ ନେଟୱର୍କ**

ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡଠାରୁ ସେମିଫାଇନାଲରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ ଭାରତ ପ୍ରଥମଥର ପାଇଁ ଦିନିକିଆ ମ୍ୟାଚ୍ ଖେଳିବାକୁ ଯାଉଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବେ। ଟି୨୦ ସିରିଜରେ ୩–୦ରେ କ୍ଲିନ୍ ସୁଇପ୍ କରିବା ପରେ ବିଜୟରୁ ଦିନିକିଆ ସିରିଜ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମ ଗୁରୁବାର ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଅଭିଜ୍ଞ ଓପନର ଶିଖର ଧାୱନ ଦିନିକିଆ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରିବେ। କୋହଲି ଓ ରୋହିତ ଶର୍ମାଙ୍କ ପରେ ଧାୱନ ଭାରତ ତୃତୀୟ ଶ୍ରେଷ୍ଠ ଦିନିକିଆ ଖେଳାଳି ବିବେଚିତ ହେଉଛନ୍ତି। ୧୩୦ଟି ଦିନିକିଆ ମ୍ୟାଚ୍ ଖେଳି ଧାୱନ ୧୭ଟି ଶତକ ଅର୍ଜନ କରିଛନ୍ତି। ରୋହିତଙ୍କ ଧାୱନ ଇନିଂସ ଓପନ୍ କରିବେ। ଫଳରେ ଲୋକେଶ ରାହୁଲ ୪ ନମ୍ବରରେ ବ୍ୟାଟିଂ କରିବା ଆଶା କରାଯାଉଛି। କେଦାର ଯାଦବ ୫ କିମ୍ବା ୬ ନମ୍ବରରେ ବ୍ୟାଟିଂ କରିବାର ସୁଯୋଗ ହାସଲ କରିବେ। ତେବେ ଏହା ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଅଧିନାୟକ କିପରି ବ୍ୟବହାର କରିବେ ତାହା ଉପରେ ନିର୍ଭର କରୁଛି। ମନୀଷ ପାଣ୍ଡେ ଓ ଶ୍ରେୟାସ ଆୟରଙ୍କ ମଧ୍ୟରୁ କିଏ ମିଡଲ ଅର୍ଡରରେ ବ୍ୟାଟିଂ କରିବ ତାହା କହିବା ଅବଶ୍ୟ କଷ୍ଟକର। ତେବେ ଟିମ୍ ମ୍ୟାନେଜମେଣ୍ଟ ଆୟରଙ୍କୁ ଅପେକ୍ଷାକୃତ ଅଧିକ ସୁଯୋଗ ଦେଇ ପରୀକ୍ଷା ନିରୀକ୍ଷା କରିବାକୁ ଚାହିଁବ।

ବୋଲିଂରେ ଭୁବନେଶ୍ୱର କୁମାର ଦୁଇଟି ଦେଶରେ ଗତ ସପ୍ତାହରେ ୩ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ଫଳରେ ତାଙ୍କୁ ବିଶ୍ରାମ ଦିଆଯାଇ ମହମ୍ମଦ ସାମିଙ୍କୁ ସୁଯୋଗ ଦିଆଯିବା ଆଶା କରାଯାଉଛି। ସେ ଦ୍ରୁତ ବୋଲି ବିଭାଗର ନେତୃତ୍ୱ ନେବେ। ନବଦୀପ ସଇନି ଦିନିକିଆରେ ପଦାର୍ପଣ କରିବା ନିଶ୍ଚିତ ମନେ ହେଉଛି। ଗତ ବିଶ୍ୱକପ୍‌ରେ ଭାରତ ହଟ୍ ଫେଭରାଇଟ୍ ମନେହେଉଥିଲେ ମଧ୍ୟ ଅପ୍ରତ୍ୟାଶିତ ଭାବେ ନ୍ୟୁଜିଲାଣ୍ଡଠାରୁ ହାରି ବିଦାୟ ନେଇଥିଲା। ତେବେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟି୨୦ ସିରିଜରେ କ୍ଲିନ୍ ସୁଇପ୍ କରି ଭାରତ ଲୟ ଫେରିପାଇଛି। ବିଶ୍ୱକପ୍ ବିପର୍ଯ୍ୟୟ ମନରୁ ଲିଭି ନ ଥିଲେ ମଧ୍ୟ ଭାରତ ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ଉପସ୍ଥିତି ସତ୍ତ୍ୱେ ଟି୨୦ ଭଳି ଦିନିକିଆ ମଧ୍ୟ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି।

ତାରକା ଓପନର ରୋହିତ ଶର୍ମା ତାଙ୍କ ଦମ୍‌ଦାର ଫର୍ମ ଜାରି ରଖିବା ଆଶା କରାଯାଉଛି। ବିଶ୍ୱକପ୍‌ରେ ୫ଟି ଶତକ ହାସଲ କରି ସେ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ବିଶ୍ୱକପ୍‌ରେ ଧାୱନ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ଚମତ୍କାର ଶତକ ହାସଲ କରିବା ପରେ ବୁଢ଼ା ଆଙ୍ଗୁଠିରେ ଆଘାତ ପାଇବା କାରଣରୁ ବିଶ୍ୱକପ୍‌ରୁ ବାଦ୍ ପଡିଥିଲେ। ବିଶ୍ୱକପ୍‌ରେ କୋହଲି ମଧ୍ୟ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ ଓ ଏହି ସିରିଜରେ ମଧ୍ୟ ତାହାକୁ ଦୋହରାଇବା ଲକ୍ଷ୍ୟରେ ରହିଛନ୍ତି। ବିଶ୍ୱକପ୍ ବିପର୍ଯ୍ୟୟ ପରେ ସୀମିତ ଓଭର ଫର୍ମାଟରେ ତାଙ୍କ ନେତୃତ୍ୱକୁ ନେଇ କେତେକ ପୂର୍ବତନ କ୍ରିକେଟର ପ୍ରଶ୍ନ ଉଠାଇଥିଲେ। ଗୋଟିଏ ଖରାପ ଦିନ ଓ ଇନିଂସ କୋହଲିଙ୍କ ବିଶ୍ୱକପ୍ ଆଶାକୁ ଧୂଳିସାତ୍ କରିଥିଲା। ଅବଶ୍ୟ ବିଶ୍ୱକପ୍ ଓ ୱେଷ୍ଟଇଣ୍ଡିଜ୍‌ରେ ଦିନିକିଆ ସିରଜ୍ ଖେଳିବା ଭିନ୍ନ କଥା। ଦଳର ଦମ୍‌ଦାର ପ୍ରଦର୍ଶନରେ କୋହଲି ନିଶ୍ଚିତ ସନ୍ତୁଷ୍ଟ ଥିବେ। ବ୍ୟାଟିଂରେ ପନ୍ତ ଓ ବୋଲିଂରେ କ୍ରୁନାଲ ପାଣ୍ଡ୍ୟାଙ୍କ ପ୍ରଦର୍ଶନରେ କୋହଲି ପ୍ରଭାବିତ ହୋଇଥିବେ। ଏହି ଦୁଇ ଖେଳାଳିଙ୍କର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ କହିଛନ୍ତି। ଟି୨୦ ସିରିଜରେ କ୍ରୁନାଲ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

ଟି୨୦ ସିରିଜରେ ହ୍ୱାଇଟ୍‌ୱାସର ଶିକାର ହୋଇଥିଲେ ମଧ୍ୟ ଗେଲ ଦଳକୁ ଫେରିଥିବାରୁ ୱେଷ୍ଟଇଣ୍ଡିଜ୍ ଦିନିକିଆ ସିରିଜରେ ବାଜି ମାରିବା ଲକ୍ଷ୍ୟରେ ରହିଛି। ବିଶ୍ୱକପ୍ ଅବସରରେ ଗେଲ ଭାରତ ବିପକ୍ଷ ଦିନିକିଆ ସିରିଜ ତାଙ୍କର ଶେଷ ସିରିଜ ହେବ ବୋଲି ଘୋଷଣା କରିଥିଲେ। ବାମହାତୀ ଓପନର ଜନ୍ କ୍ୟାମ୍ପବେଲ୍, ରୋଷ୍ଟନ ଚେଜ ଓ ଅଲରାଉଣ୍ଡର କିମୋ ପଲ ୧୪ ଜଣିଆ ଦଳରେ ସାମିଲ ହୋଇଛନ୍ତି। ଦ୍ୱିତୀୟ ଓ ତୃତୀୟ ଦିନିକିଆ ଯଥାକ୍ରମେ ୧୧ ଓ ୧୪ ତାରିଖରେ ତ୍ରିନିଦାଦର କୁଇନ୍ସ ପାର୍କ ଓଭାଲ ଗ୍ରାଉଣ୍ଡରେ ଖେଳାଯିବ। ଘରୋଇ ପରିବେଶରୁ ଫାଇଦା ଉଠାଇ ୱେଷ୍ଟଇଣ୍ଡିଜ ଭାରତକୁ ଚକ୍‌ମା ଦେବା ଲକ୍ଷ୍ୟରେ ରହିଛି। ଫଳରେ ଏହି ସିରିଜ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

## ବଦଳିବ ପାକିସ୍ତାନ ଦଳର କୋଚିଂ ସେଟ୍‌ଅପ

କରାଚୀ,୭।୮

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଦଳର କୋଚ୍ ମିକି ଆର୍ଥରଙ୍କ କାର୍ଯ୍ୟକାଳରେ ବୃଦ୍ଧି କରାଯିବ ନାହିଁ ବୋଲି ବୁଧବାର ଘୋଷଣା କରିଛି। ଫଳରେ ପାକିସ୍ତାନ ଦଳର କୋଚିଂ ସେଟ୍‌ଅପରେ ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଛି। ଦଳର ବୋଲିଂ କୋଚ୍ ଆଝାର ମେହମୁଦ, ବ୍ୟାଟିଂ କୋଚ୍ ଗ୍ରାଣ୍ଟ ଫ୍ଲାୱାର ଓ ଟ୍ରେନର ଗ୍ରାଣ୍ଟ ଲୁଡେନ ପଦ ଛାଡ଼ିବେ। ପିସିବି କ୍ରିକେଟ କମିଟି ଶୁକ୍ରବାର ବୈଠକରେ ସଦସ୍ୟମାନେ କୋଚ୍ ପରିବର୍ତ୍ତନ କରିବା ନେଇ ସୁପାରିସ ଦେଇଥିଲେ। ପିସିବି ମ୍ୟାନେଜର ୱାସିମ ଖାନଙ୍କ ନେତୃତ୍ୱାଧୀନ କମିଟିରେ ୱାସିମ ଆକ୍ରମ, ମିଶବା ଉଲ ହକ୍ ଓ ଉରୁଜ ମମତାଜ ସଦସ୍ୟ ଥିଲେ। କମିଟିର ସୁପାରିସକୁ ମୁଁ ଗ୍ରହଣ କରୁଛି। ପାକିସ୍ତାନ ଦଳକୁ ନୂଆ ନେତୃତ୍ୱ ଦରକାର। ପିସିବି ପକ୍ଷରୁ ମୁଁ ଆର୍ଥର, ଫ୍ଲାଓର, ଲୁଡେନ ଓ ମେହମୁଦଙ୍କୁ ଧନ୍ୟବାଦ ଦେଉଛି। ତୁମମାନଙ୍କ ତତ୍ତ୍ୱାବଧାନରେ ଦଳ ଭଲ ପ୍ରଦର୍ଶନ କରିଛି। କିନ୍ତୁ ଆମେ ଦଳକୁ ଆହୁରି ଆଗକୁ ନେବାକୁ ଚାହୁଁ ବୋଲି ପିସିବି ମୁଖ୍ୟ ଇସାନ ମାନି କହିଛନ୍ତି। ଉଲ୍ଲେଖଥାଉ କି, ୨୦୧୬ରେ ଆର୍ଥର ପାକିସ୍ତାନ ଦଳର କୋଚ୍ ଦାୟିତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ଦଳ ୨୦୧୭ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିଥିଲା। ଏଥିସହ ଦଳ ଟି୨୦ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ହାତେଇଥିଲା। ଚୁକ୍ତି ଅନୁଯାୟୀ ତାଙ୍କ କାର୍ଯ୍ୟକାଳ ଚଳିତ ମାସରେ ଶେଷ ହେବାର ଥିଲା। କିନ୍ତୁ ଆର୍ଥର କାର୍ଯ୍ୟକାଳ ବଢ଼ାଇବା ନେଇ ପିସିବି କ୍ରିକେଟ କମିଟିକୁ ପ୍ରସ୍ତାବ ଦେଇଥିଲେ।

## କ୍ଷୟକ୍ଷତି ଅନୁଧ୍ୟାନ କଲା ଦେବ ମସ୍କୋ

**ବାରବାଟୀ ଷ୍ଟାଡିୟମ**

କଟକ ଅଫିସ,୭।୮

କିମ୍ବଦନ୍ତୀ କ୍ରିକେଟର କପିଳ ଦେବଙ୍କ କମ୍ପାନୀ ଦେବ ମସ୍କୋ ବୁଧବାର ବାରବାଟୀ ଷ୍ଟାଡିୟମର କ୍ଷୟକ୍ଷତି ଆକଳନ କରି ଫେରିଥିବା ଜଣାପଡ଼ିଛି। କମ୍ପାନୀର ୨ଜଣ ବରିଷ୍ଠ ଅଧିକାରୀ ଆକଳନ ଦାୟିତ୍ୱରେ ଆସିଥିଲେ। ବର୍ଷା ଯୋଗୁଁ ଏମାନେ ଷ୍ଟାଡିୟମର ସମସ୍ତ ଭାଗ ବୁଲି ପାରି ନଥିଲେ ହେଁ ଆକଳନ ଶେଷ କରିଛନ୍ତି ବୋଲି ଜଣାପଡ଼ିଛି। ତେବେ କ୍ଷୟକ୍ଷତି କେତେ ଘଟିଛି ସେ ରିପୋର୍ଟ ସେମାନେ ଫେରିବା ପରେ ମେଲ ଯୋଗେ ଓଡିଶା କ୍ରିକେଟ ଆସୋସିଏଶନ(ଓସିଏ) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ଜଣାଇବେ। ସୂଚନା ଥାଉକି, ଗତ ଫନୀ ବାତ୍ୟାରେ ବାରବାଟୀ ଷ୍ଟାଡିୟମର ଫ୍ଲଡ ଲାଇଟ ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ଦେବମସ୍କୋ କେବଳ ଏହି କ୍ଷୟକ୍ଷତି ଆକଳନ କରିଛି। ୨୦୦୩ରେ ବାରବାଟୀ ଷ୍ଟାଡିୟମରେ ଫ୍ଲଡଲାଇଟ ଉଦ୍‌ଘାଟନ ହୋଇଥିଲା। ୨୦୦୧ ମସିହାରୁ ଫ୍ଲଡ ଲାଇଟ ଲଗାଯିବା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏଥିରେ ୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

## ଡ୍ରିମ୍ସକୁ ଘରୋଇ ଗ୍ରାଉଣ୍ଡ କଲା ସିକିମ୍

କଟକ ଅଫିସ,୭।୮


ସିସିଏ ଓ ଡ୍ରିମ୍ସ କର୍ମକର୍ତ୍ତାଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ।

ଟାଙ୍ଗୀସ୍ଥିତ ଡ୍ରିମ୍ସକୁ ଘରୋଇ ଗ୍ରାଉଣ୍ଡ ଭାବେ ବ୍ୟବହାର କରିବ ସିକିମ କ୍ରିକେଟ ଆସୋସିଏଶନ(ସିସିଏ)। ବିସିସିଆଇର ଆଗାମୀ ଘରୋଇ ଟୁର୍ନାମେଣ୍ଟ ଗୁଡ଼ିକରେ ଡ୍ରିମ୍ସ ଗ୍ରାଉଣ୍ଡରେ ସିକିମ୍ ଦଳ ଅନେକ ମ୍ୟାଚ୍ ଖେଳିବ। ଏ ନେଇ ସିସିଏ ଓ ଡ୍ରିମ୍ସ ମଧ୍ୟରେ ବୁଧବାର ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ସିସିଏ ସମ୍ପାଦକ ସୋନମ୍ ପାଲଡେନ୍ ଭୁଟିଆ ଏବଂ ଡ୍ରିମ୍ସ ସ୍ପୋର୍ଟସ ଏକାଡେମୀର ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ ଏଥିରେ ସ୍ୱାକ୍ଷର କରିଛନ୍ତି। ରାଜିନାମା ଅନୁଯାୟୀ ସିକିମ୍ ଡ୍ରିମ୍ସ ଗ୍ରାଉଣ୍ଡରେ ନିୟମିତ କୋଚିଂ କ୍ୟାମ୍ପ ସହ ବିଭିନ୍ନ ମ୍ୟାଚ୍ ଖେଳିବ। ଡ୍ରିମ୍ସ ପକ୍ଷରୁ ଏହାର କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ସ୍ୱାକ୍ଷରିତ ବୁଝାମଣା ପତ୍ରକୁ ସିକିମ୍ କ୍ରିକେଟ ଆସୋସିଏଶନ କର୍ମକର୍ତ୍ତାଙ୍କୁ ହସ୍ତାନ୍ତର କରିଥିଲେ। ସୂଚନାଯୋଗ୍ୟ, ଡ୍ରିମ୍ସକୁ ଘରୋଇ ଗ୍ରାଉଣ୍ଡ କରିବା ପ୍ରସ୍ତାବ ପରିପ୍ରେକ୍ଷୀରେ ସ୍ଥିତି ଅନୁଧ୍ୟାନ ପାଇଁ ଗତ ମେ ୧୬ ତାରିଖରେ ସିକିମ୍ କ୍ରିକେଟ ଆସୋସିଏଶନର କର୍ମକର୍ତ୍ତା ଏଠାକୁ ଆସିଥିଲେ। ସେମାନେ ସେଠାକାର ଗ୍ରାଉଣ୍ଡ, ପିଚ୍, ଆର୍ଥ ଗ୍ୟାଲେରୀ, ଅମ୍ପାୟର ଓ ଅଫିସିଆଲ ରୁମ୍, ପ୍ରେସ ଗ୍ୟାଲେରୀ, ଜିମ୍, ସୁଇମିଂପୁଲ ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ରହିଥିବା ନେଇ ସନ୍ତୋଷ ପ୍ରକାଶ କରିଥିଲେ।


ପାଟନା: ପ୍ରୋ–କବାଡ଼ି ଲିଗ୍‌ରେ ବୁଧବାର ୟୁପି ଯୋଦ୍ଧା ଓ ତାମିଲ ଥଲାଇଭାସ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଯୋଦ୍ଧା–ଥଲାଇଭାସ ମ୍ୟାଚ୍ ଟାଇ

ପାଟନା, ୭।୮ (ପି.ଟି.)- ପ୍ରୋ-କବାଡ଼ି ଲିଗ୍ (ପିକେଏଲ୍) ୭ମ ସଂସ୍କରଣରେ ବୁଧବାର ୟୁପି ଯୋଦ୍ଧା ଓ ତାମିଲ ଥଲାଇଭାସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଟାଇରେ ସମାପ୍ତ ହୋଇଛି। ନିର୍ଦ୍ଧାରିତ ସମୟ ସୀମା ସୁଦ୍ଧା ଉଭୟ ଦଳ ୨୮ ପଏଣ୍ଟ ଲେଖାଏ କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଯୋଦ୍ଧା (୧୬-୧୧) ୫ ପଏଣ୍ଟ ଅଗ୍ରଣୀ ଲାଭ କରିଥିଲେ ମଧ୍ୟ ତାମିଲ ଖେଳାଳିଭାବେ ଦ୍ୱିତୀୟାର୍ଦ୍ଧରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିଭଳି ଦିବସରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ହରିୟାଣା ଷ୍ଟିଲର୍ସ ୩୫-୨୬ ପଏଣ୍ଟରେ ପାଟନା ପାଇରେଟ୍ସକୁ ପରାସ୍ତ କରିଛି।

## ପଏଣ୍ଟ ବାଣ୍ଟିଲେ ଭାରତ–ବାଂଲାଦେଶ

ବେକେନହାମ, ୭।୮ (ପି.ଟି.)

ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଦିନିକିଆ ତ୍ରି-ରାଷ୍ଟ୍ରୀୟ ସିରିଜରେ ବୁଧବାର ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବିନା ଫଳାଫଳରେ ଶେଷ ହୋଇଛି। ସିରିଜର ଏହି ୧୧ତମ ମ୍ୟାଚ୍‌ରେ ଟସ୍ ଜିତି ଭାରତୀୟ ଯୁବ ଦଳ ୪୯.୩ ଓଭରରେ ୨୪୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ଶୁଭାଙ୍ଗ ହେଗ୍‌ଡେ ସର୍ବାଧିକ ୬୯ ରନ କରିଥିଲେ। ସମୀର ରିଜ୍‌ଭି ୪୪ ଓ ଦିବ୍ୟାଂଶ ସକ୍ସେନା ୩୫ ରନ କରିଥିଲେ। ବାଂଲାଦେଶ ଯୁବ ଦଳ ତରଫରୁ ଶୋରିଫୁଲ ଇସ୍‌ଲାମ ଓ ଅଭିଶେକ ଦାସ ୩ଟି ଲେଖାଏ ଉଇକେଟ୍ ପାଇଥିଲେ। ଜବାବରେ ବାଂଲାଦେଶ ଦଳ ୫.୫ ଓଭରରେ ୨ ଉଇକେଟ୍ ହରାଇ ୧୯ ରନ୍ ସଂଗ୍ରହ କରିଥିବାବେଳେ ଖରାପ ପାଗ ଯୋଗୁ ଖେଳ ଆଉ ସମ୍ଭବପର ହୋଇପାରି ନ ଥିଲା। ଫଳରେ ଉଭୟ ଦଳ ଏକ ପଏଣ୍ଟ ଲେଖାଏରେ ସନ୍ତୁଷ୍ଟ ରହିଥିଲେ।

## 'ଭାରତୀୟ କ୍ରିକେଟକୁ ଭଗବାନ ସାହା'

ନୂଆଦିଲ୍ଲୀ,୭।୮


ହରଭଜନ ସିଂ

ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ତଥା ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଦ୍ରାବିଡ୍‌ଙ୍କ ନାମରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ (କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ଅଭିଯୋଗ ଆସିଛି। ଏଥିନେଇ ପୂର୍ବତନ ଅଫ୍ ସ୍ପିନର ହରଭଜନ ସିଂ (ଭଜି) ଭାରତୀୟ କ୍ରିକେଟକୁ ଏବେ ଭଗବାନ ହିଁ ସାହା ବୋଲି ମନ୍ତବ୍ୟ ଦେଇଛନ୍ତି। ଦ୍ରାଭିଡଙ୍କୁ ନୋଟିସ କରାଯିବା ଘଟଣା ଉପରେ ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ପ୍ରଥମେ ପ୍ରତିକ୍ରିୟା ରଖିଥିଲେ। କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ଭାରତୀୟ କ୍ରିକେଟରେ ଏବେ ନୂଆ ଫ୍ୟାଶନ। ଏହା ଦ୍ୱାରା ଜଣେ ସହଜରେ ଖବରରେ ରହିପାରିବ। ଦ୍ରାଭିଡ୍‌ଙ୍କୁ ବିସିସିଆଇ ଏଥିକ୍ସ ଅଫିସର ନୋଟିସ ଜାରି କରିବା ଦୁର୍ଭାଗ୍ୟଜନକ ବୋଲି ଗାଙ୍ଗୁଲି ଟୁଇଟ୍ କରିଛନ୍ତି। ତାଙ୍କ ମତକୁ ସମର୍ଥନ ଜଣାଇ ଭେଟେରାନ ସ୍ପିନର ଭଜି ଟୁଇଟ୍ କରିଛନ୍ତି, ଜଣାନାହିଁ କେଉଁଆଡ଼େ ଭାରତୀୟ କ୍ରିକେଟ ମୁହାଁଉଛି। ଏନ୍‌ସିଏ ଦାୟିତ୍ୱ ପାଇଁ ଦ୍ରାଭିଡଙ୍କଠାରୁ କେହି ଭଲ ମିଳିବେ ନାହିଁ। ତାଙ୍କୁ ନୋଟିସ ପଠାଇବାର ଅର୍ଥ କିମ୍ବଦନ୍ତୀ ଖେଳାଳିଙ୍କ ଅପମାନ କରିବା। ଦେଶ କ୍ରିକେଟର ଉନ୍ନତି ପାଇଁ ସେମାନଙ୍କ ଦରକାର ରହିଛି। ଏବେ ଭଗବାନ ହିଁ ଭାରତୀୟ କ୍ରିକେଟକୁ ସାହା। ପୂର୍ବତନ ଭାରତୀୟ ଅଧିନାୟକ ଦ୍ରାଭିଡ୍‌ଙ୍କୁ ଉତ୍ତର ଦେବା ପାଇଁ ଦୁଇ ସପ୍ତାହ ସମୟ ଦିଆଯାଇଛି। ବିସିସିଆଇ ଏଥିକ୍ସ ଅଫିସରଙ୍କ ଅନୁଯାୟୀ, ଏନ୍‌ସିଏ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଦ୍ରାଭିଡ ଇଣ୍ଡିଆ ସିମେଣ୍ଟ ଗ୍ରୁପ୍‌ର ଉପ ସଭାପତି ପଦରେ ଅଛନ୍ତି, ଯାହାକି ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଫ୍ରାଞ୍ଚାଇଜର ମାଲିକ। ସମାନ ପ୍ରକାର ଅଭିଯୋଗ ପୂର୍ବତନ କ୍ରିକେଟର ଭିଭିଏସ୍ ଲକ୍ଷ୍ମଣ ଓ ସଚିନ ତେନ୍ଦୁଲକରଙ୍କ ନାମରେ ଆସିଥିଲା। କ୍ରିକେଟ ଉପଦେଷ୍ଟା କମିଟିର ସଦସ୍ୟ ଥିବା ଦୁଇ ପୂର୍ବତନ କ୍ରିକେଟର ଆଇପିଏଲ ଫ୍ରାଞ୍ଚାଇଜ ଯଥାକ୍ରମେ ସନରାଇଜର୍ସ ହାଇଦ୍ରାବାଦ ଓ ମୁମ୍ବାଇ ଇଣ୍ଡିଆନ୍ସ ଦଳର ମେଣ୍ଟର ପଦରେ ଥିଲେ। ସେମାନଙ୍କୁ ନୋଟିସ ହେବା ପୂର୍ବରୁ ଉଭୟ ଉପଦେଷ୍ଟା କମିଟି ପଦତ୍ୟାଗ କରିଥିଲେ। ଏହାସତ୍ତ୍ୱେ ଗାଙ୍ଗୁଲି ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ସଭାପତି ପଦରେ ଥିବାରୁ ତାଙ୍କୁ ନୋଟିସ ଜାରି ହୋଇଥିଲା। ହେଲେ ସେ କୌଣସି ସ୍ୱାର୍ଥନିହିତ ଜନିତ ମାମଲାରେ ଜଡ଼ିତ ନ ଥିବା ଉତ୍ତର ଦେଇଥିଲେ।

## ଭାରତ ଏ' ୨୦୧ରେ ଅଲ୍‌ଆଉଟ୍

**ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟ**

ତ୍ରିନିଦାଦ,୭।୮

ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ଚାଲିଥିବା ୱେଷ୍ଟଇଣ୍ଡିଜ୍-ଏ' ବିପକ୍ଷ ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଭାରତ ଏ' ପ୍ରଥମ ଇନିଂସରେ ୬୭.୫ ଓଭରରେ ୨୦୧ ରନକରି ଅଲଆଉଟ୍ ହୋଇଛି। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ ଆରମ୍ଭ କରି ଦ୍ୱିତୀୟ ଦିନ ଦ୍ୱିତୀୟ ସେସନ ସୁଦ୍ଧା ରିପୋର୍ଟ ଲେଖାହେଲା ବେଳକୁ ୪୯.୧ ଓଭରରେ ୫ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଛି। ଜେରେମି ସୋଲୋଜାନୋ ୪୩ ରନକରି ଅପରାଜିତ ରହିଛନ୍ତି। ସୁନୀଲ ଅମ୍ବ୍ରିସ ୪୩, ଜେର୍ମାଇନ୍ ବ୍ଲାକଉଡ୍ ୨୨ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଛନ୍ତି। ବୋଲିଂରେ ଭାରତ ତରଫରୁ ଉମେଶ ଯାଦବ ଓ କ୍ରିଷ୍ଣାପ୍ପା ଗୋଥାମ ୨ଟି ଲେଖାଏ, ଶିବମ ଦୁବେ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ତରଫରୁ ରିଦ୍ଧିମାନ ଶାହା ସର୍ବାଧିକ ୬୨, ଅଧିନାୟକ ହନୁମା ବିହାରୀ ୫୫, ମୟଙ୍କ ଅଗ୍ରୱାଲ ୩୩, ଶିବମ ଦୁବେ ୨୬ ରନକରି ଆଉଟ ହୋଇଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଚେମର ହୋଲ୍ଡର ଓ ଅକିମ ଫ୍ରାଜର ୩ଟି ଲେଖାଏ, ୟାନିକ କାରିୟା ୨, ମିଗୁଏଲ କୁମିନ୍ସ ଓ ରେମନ ରେଇଫର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।



“ଆଘାତଜନିତ ସମସ୍ୟାରୁ ମୁକୁଳି ଚଳିତ ଆଶେସ ସିରିଜ ଶେଷ ଭାଗରେ ଦଳକୁ ପ୍ରତ୍ୟାବର୍ତ୍ତନ କରିବି ବୋଲି ମୋର ପୂରା ଭରସା ରହିଛି ।

—ଜେମ୍ସ ଆଣ୍ଡରସନ, ଇଂଲଣ୍ଡ ଦ୍ରୁତ ବୋଲର



“ରିଷଭ ପନ୍ତ ଜଣେ ଟ୍ୟାଲେଣ୍ଟ ଖେଳାଳି ଏବଂ ତାଙ୍କ ପାଖରେ ବହୁ ଦକ୍ଷତା ରହିଛି। ସେ ଆମର ଭବିଷ୍ୟତ। କ୍ଷମତା ପ୍ରଦର୍ଶନ ପାଇଁ ତାଙ୍କୁ ସ୍ଥାନ ମିଳିବା ଜରୁରୀ।

—ବିରାଟ କୋହଲି, ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ

## ସଂକ୍ଷେପରେ

### ବାସନ୍ଦ ଜିମ୍ବାୱେ ସ୍ଥାନ ନେଲା ନାଇଜେରିଆ

ହରାରେ,୭।୮ - ଅନ୍ତର୍ଜାତୀୟ କ୍ରିକେଟରୁ ଜିମ୍ବାୱେ ବାସନ୍ଦ ହେବା ଯୋଗୁ ନାଇଜେରିଆ ଲାଭବାନ ହୋଇଛି। ଆଫ୍ରିକା ପୁରୁଷ ଫାଇନାଲ୍ସରେ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳ ୟୁଏଇଠାରେ ଆସନ୍ତା ଅକ୍ଟୋବରରେ ପୁରୁଷ ବିଶ୍ୱ ଟି୨୦ ଯୋଗ୍ୟତା ପର୍ଯ୍ୟାୟରେ ୧୪ତମ ଦଳ ଭାବେ ଅଂଶଗ୍ରହଣ କରିବ। ଯେଉଁ ସ୍ଥାନରେ ଜିମ୍ବାୱେ ଖେଳିବାର ଥିଲା। ଆଇସିସି ଦ୍ୱାରା ସସ୍‌ପେଣ୍ଡ ହେବା ଦ୍ୱାରା କେନିୟା ଓ ନାମ୍ବିଆ ପରେ ୩ୟ ଆଫ୍ରିକାନ ଦଳ ଭାବେ ନାଇଜେରିଆ ଇଭେଣ୍ଟରେ ଖେଳିବ। ୟୁଏଇଠାରେ ଅନୁଷ୍ଠିତ ହେବାକୁ ଥିବା ଇଭେଣ୍ଟରେ ହଂକଂ, ଆୟର୍ଲାଣ୍ଡ, ଜର୍ସି, ନେଦରଲାଣ୍ଡ, ଓମାନ, ପପୁଆ ନ୍ୟୁଗିନି, ସ୍କଟଲାଣ୍ଡ, ସିଙ୍ଗାପୁର ଓ ଆମେରିକାନ ଫାଇନାଲର ଦୁଇ ଦଳ ଭାଗ ନେବେ।

### ବାବରଙ୍କ ଲୋକପ୍ରିୟତା ଯୋଗୁ ସମରସେଟ୍ ୱେବସାଇଟ୍ ଅଚଳ

କରାଚୀ,୭।୮ - ପାକିସ୍ତାନ ବ୍ୟାଟ୍ସମ୍ୟାନ ବାବର ଆଜମ ବର୍ତ୍ତମାନ କାଉଣ୍ଟି କ୍ଲବ ସମରସେଟ୍ ପାଇଁ ଖେଳୁଛନ୍ତି। ତାଙ୍କ ଲୋକପ୍ରିୟତା ଯୋଗୁ କ୍ଲବର ୱେବସାଇଟ୍ ଅଚଳ ହୋଇଯାଇଛି। ସମରସେଟ୍ କ୍ଲବ ତା'ର ସମସ୍ତ ମ୍ୟାଚ୍‌ର ସିଧାପ୍ରସାରଣ ନିଜ ୱେବସାଇଟ୍‌ରେ କରାଯାଏ। ଦଳର ପ୍ରଥମ ଟି୨୦ ବେଳେ ପାକିସ୍ତାନର ପ୍ରଶଂସକମାନେ ଷ୍ଟାର ବ୍ୟାଟ୍ସମ୍ୟାନଙ୍କ ବ୍ୟାଟିଂ ଦେଖିବା ପାଇଁ ୱେବସାଇଟ୍ ଷ୍ଟ୍ରିମ କରିବାକୁ ଉଦ୍ୟମ କରିଥିଲେ। ଏତେ ମାତ୍ରରେ ପାକିସ୍ତାନ ପ୍ରଶଂସକମାନେ ଷ୍ଟ୍ରିମ କରିବାରୁ ୱେବସାଇଟ୍ ଅଚଳ ହୋଇଯାଇଥିଲା। ଏଥିନେଇ କ୍ଲବର ଡିଜିଟାଲ ମାର୍କେଟିଂ ଏକ୍‌ଜିକ୍ୟୁଟିଭ ବେନ ୱାରେନ ଆଗାମୀ ମ୍ୟାଚ୍ ପୂର୍ବରୁ ୱେବସାଇଟ୍‌କୁ ଉନ୍ନତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାଫଳରେ ୱେବସାଇଟ୍‌ର ସର୍ଭରର କ୍ଷମତା ବୃଦ୍ଧି ପାଇବ। ଆଶାନୁଯାୟୀ, ସମରସେଟ ତା'ର ପ୍ରଥମ ଘରୋଇ ମ୍ୟାଚ୍‌ରେ ସସେକ୍ସଠାରୁ ପରାଜୟ ବରଣ କରିଛି। ବାବର ୮୩ ରନ୍ ଇନିଂସ ଖେଳିଥିଲେ। ତାଙ୍କ ଇନିଂସକୁ ୟୁଟ୍ୟୁବରେ ଦେଢ଼ ନିୟୁତ ପ୍ରଶଂସକ ଦେଖିସାରିଛନ୍ତି। ବିଶ୍ୱକପ୍‌ରେ ୪୭୪ ରନ୍ କରିଥିବା ୨୪ ବର୍ଷୀୟ ଖେଳାଳି ଟି୨୦ କ୍ରିକେଟ ଶୀର୍ଷ ର୍ୟାଙ୍କ ବ୍ୟାଟ୍ସମ୍ୟାନ। ବାବର ସମରସେଟର ପ୍ରଥମ କାଉଣ୍ଟି ଚାମ୍ପିୟନଶିପ ମ୍ୟାଚ୍ ପାଇଁ ଉପଲବ୍ଧ ରହିବା ନେଇ ସ୍ପଷ୍ଟ କରିଛନ୍ତି।

# 'ରକ୍ଷଣଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ବେଙ୍ଗାଲୁରୁ, ୭।୮**

ଚଳିତମାସ ୧୭ରୁ ୨୧ ପର୍ଯ୍ୟନ୍ତ ଜାପାନର ଟୋକିଓଠାରେ ହେବାକୁଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକି ଟୁର୍ନାମେଣ୍ଟ ପାଇଁ ଭାରତୀୟ ସିନିୟର ମହିଳା ଓ ପୁରୁଷ ଦଳର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରକ୍ଷଣଭାଗ ଦୃଢ଼ ହେଲେ ଆଗାମୀ ଟୁର୍ନାମେଣ୍ଟରେ ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆ, ୧୧ ନମ୍ବର ଚାଇନା ଓ ୧୪ ନମ୍ବର ଜାପାନକୁ ଭାରତ କଡ଼ା ଟକ୍କର ଦେଇ ପାରିବ ବୋଲି ଅନୁଭବ କରୁଛନ୍ତି ଭାରତୀୟ ମହିଳା ଦଳର ଉପ-ଅଧିନାୟିକା ଗୋଲକିପର ସବିତା। ''ଆମ ଦଳରେ ଏକାଧିକ ପ୍ରତିଭାଧର ଖେଳାଳି ରହିଛନ୍ତି। ସେମାନେ ଦୀର୍ଘଦିନ ଧରି ସାଥିହୋଇ ଖେଳିବାଦ୍ୱାରା ପଡ଼ିଆ ଭିତରେ ଓ ବାହାରେ ପରସ୍ପରକୁ ଭଲଭାବେ ବୁଝିଛନ୍ତି। ଏହା ମ୍ୟାଚ ସମୟରେ ଦଳଗତଭାବେ ଅନେକ କାମ ଦେଇଥାଏ। ଆମେ ପରସ୍ପରର ଶକ୍ତି ଓ ଦୁର୍ବଳତାକୁ ଅନୁଭବ କରିଛୁ। ତେଣୁ ଦଳଗତ ପ୍ରଦର୍ଶନ କ୍ଷେତ୍ରରେ ଆମେ କଠିନ ସମୟରେ ଏକ ହୋଇ ପରସ୍ପରକୁ ସାହାଯ୍ୟ କରିଥାଉ'' ବୋଲି ୨୯ ବର୍ଷୀୟା ସବିତା ପ୍ରକାଶ କରିଛନ୍ତି।

ଆମେ ଖେଳିବାକୁଥିବା ଦଳ ଗୁଡ଼ିକ ମଧ୍ୟରେ ଅଷ୍ଟ୍ରେଲିଆ ସବୁଠାରୁ ଶକ୍ତିଶାଳୀ। ଗତବର୍ଷ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅବସରରେ ଆମେ ଏହି ଦଳକୁ ଭେଟିଥିଲୁ। ସେତେବେଳେ ଆମେ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଏକମାତ୍ର ଗୋଲରେ ହାରି ଯାଇଥିଲୁ। ତେବେ ଆମେ ଆମର ପ୍ରଦର୍ଶନକୁ ନେଇ ଗର୍ବିତ ଥିଲୁ। ଏବେ ଆମକୁ ଦୃଢ଼ ରକ୍ଷଣଭାଗ ସହ ଖେଳିବାକୁ ହେବ। ବିଶେଷ କରି ଅଷ୍ଟ୍ରେଲିଆକୁ ସହଜ ସୁଯୋଗ ନ ଦେବା ଆମର ମୁଖ୍ୟ ଲକ୍ଷ୍ୟ ରହିବ। ଟୋକିଓ ଟୁର୍ନାମେଣ୍ଟରେ ଯେଉଁ ଦଳର ରକ୍ଷଣଭାଗ ଯେତେ ଦୃଢ଼ ହେବ ସେହି ଦଳର ବିଜୟ ସମ୍ଭାବନା ସେତେ ଅଧିକ ରହିବ ବୋଲି ସବିତା ଅନୁଭବ କରୁଥିବା କହିଛନ୍ତି। ଭାରତୀୟ ଦଳ ଆଗାମୀ ରବିବାର ଟୋକିଓ ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି। ୧୭ ତାରିଖରେ ଜାପାନ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳି ଦଳ ଅଭିଯାନ ଆରମ୍ଭ କରିବ। ଇତିହାସ ଦେଖିଲେ ଏହି ମ୍ୟାଚରେ ଜାପାନର ପଲା ଭାରି ରହିଛି। ଉଭୟ ଦଳ ମଧ୍ୟରେ ୬୫ଟି ମ୍ୟାଚ ଖେଳାଯାଇଥିବାବେଳେ ଜାପାନ ୩୫ଟି ମ୍ୟାଚରେ ବିଜୟୀ ହୋଇଛି। ସେହି ତୁଳନାରେ ଦେଖିବାକୁ ଗଲେ ଭାରତ ମାତ୍ର ୧୫ ମ୍ୟାଚ ଜିତିବାକୁ ସକ୍ଷମ ହୋଇଛି। ଗତ ୧୦ଟି ମ୍ୟାଚକୁ ବିଚାରକୁ ନେଲେ ଜାପାନ ୪ ଓ ଭାରତ ୩ ମ୍ୟାଚ ଜିତିଥିବାବେଳେ ଅବଶିଷ୍ଟ ୩ ମ୍ୟାଚ ଡ୍ର ରହିଛି।



ସବିତା

''ହିରୋଶିମାରେ ଅନୁଷ୍ଠିତ ଏଫଆଇଏଚ୍ ମହିଳା ସିରିଜ ଫାଇନାଲ୍ସ ଜିତିବାଦ୍ୱାରା ଖେଳାଳିଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ବଡ଼ ଦଳକୁ ହରାଇବା ସହ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଆଶା ବଢ଼ିଛି। ଗତ କିଛିବର୍ଷ ଧରି ମହିଳା ଦଳ ଅନେକ ମ୍ୟାଚ ଖେଳିବା ସୁଯୋଗ ପାଇଥିଲା। ମାତ୍ର ଆଶାନୁରୂପ ସଫଳତା ମିଳି ନ ଥିଲା। ମାତ୍ର ଏବେ ଆଶାତୀତଭାବେ ଦଳୀୟ ପ୍ରଦର୍ଶନରେ ଉନ୍ନତି ଘଟିଛି। ଏବେ ଆମେ ଅଷ୍ଟ୍ରେଲିଆର ସମକକ୍ଷ ବୋଲି ଅନୁଭବ କରୁଛୁ। ଏଫଆଇଏଚ୍ ମହିଳା ସିରିଜ ଫାଇନାଲ୍ସ ଜିତିବାସହ ଆମେ ବଡ଼ ମ୍ୟାଚରେ ବିଜୟୀ ହେବାର ଦକ୍ଷତା ରଖିଛୁ ବୋଲି ପ୍ରମାଣିତ କରିଛୁ। ସେତେବେଳେ ଆମେ ଜାପାନକୁ ଏହାର ଘରୋଇ ପରିବେଶରେ ୩-୧ ଗୋଲରେ ପରାସ୍ତ କରିଥିଲୁ। ଏହା ଏକ ବଡ଼ ଉପଲବ୍ଧି'' ବୋଲି ସବିତା କହିଛନ୍ତି। ଭାରତ ପକ୍ଷରୁ ୧୯୩ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଥିବା ଏହି ଗୋଲକିପର କହିଛନ୍ତି ଯେ, ଭାରତ ଏପରି ଏକ ଦଳରେ ପରିଣତ ହୋଇଛି ଯିଏକି ପରିସ୍ଥିତି ଅନୁସାରେ ଆକ୍ରମଣାତ୍ମକ କିମ୍ବା ରକ୍ଷଣାତ୍ମକ ଖେଳି ପାରିବ। ଜଣେ ଗୋଲକିପର ଭାବେ ମୁଁ ଆମ ରକ୍ଷଣଭାଗକୁ ଆବଶ୍ୟକ ପରାମର୍ଶ ଦେଇଥାଏ। ବିଶେଷ କରି ପ୍ରତିପକ୍ଷ ଦଳ ଯେପରି ପ୍ରଭାବ ବିସ୍ତାର କରି ନ ପାରିବ ତା' ଉପରେ ମୁଁ ଧ୍ୟାନ ଦେଇଥାଏ। କଠିନ ପରିସ୍ଥିତିରେ ରକ୍ଷଣଭାଗ ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସବିତା ପ୍ରକାଶ କରିଛନ୍ତି।

■ ସର୍ବାଧିକ ଆୟକାରୀ ମହିଳା ଆଥ୍‌ଲେଟ

# ଫୋର୍ବସ ତାଲିକାରେ ସିନ୍ଧୁ ଏକମାତ୍ର ଭାରତୀୟ



**ନ୍ୟୁୟର୍କ, ୭।୮**

ଜଣାଶୁଣା ପତ୍ରିକା ଫୋର୍ବସ ପକ୍ଷରୁ ପ୍ରକାଶ କରାଯାଇଥିବା ବିଶ୍ୱରେ ସର୍ବାଧିକ ଆୟ କରୁଥିବା ମହିଳା ଆଥ୍‌ଲେଟଙ୍କ ତାଲିକାରେ ବ୍ୟାଡ୍‌ମିଣ୍ଟନ ଷ୍ଟାର ପି.ଭି. ସିନ୍ଧୁ ଏକମାତ୍ର ଭାରତୀୟ ଭାବେ ସ୍ଥାନ ପାଇଛନ୍ତି। ବାର୍ଷିକ ୫.୫ ନିୟୁତ ଡଲାର ଆୟ କରୁଥିବା ସିନ୍ଧୁ ୧୩ତମ ସ୍ଥାନରେ ରହିଛନ୍ତି। ଏହାର ଅର୍ଥ ଭାରତୀୟ ମୁଦ୍ରାରେ ତାଙ୍କ ବାର୍ଷିକ ଆୟ ୩୮.୮୩ କୋଟି। ସିନ୍ଧୁ ଭାରତର ସବୁଠୁ ଅଧିକ ଆୟକାରୀ ମହିଳା ଆଥ୍‌ଲେଟ। ସେ ଗତବର୍ଷ ପ୍ରଥମ ଭାରତୀୟ ଖେଳାଳି ଭାବେ ସିଜନ ଶେଷରେ ହେଉଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସ ଜିତିଥିଲେ ବୋଲି ଫୋର୍ବସ ପତ୍ରିକା ପକ୍ଷରୁ କୁହାଯାଇଛି। ଏହି ତାଲିକାରେ ଆମେରିକାର କିମ୍ବଦନ୍ତୀ ମହିଳା ଟେନିସ୍ ଖେଳାଳି ସେରେନା ୱିଲିୟମ୍ସ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ବାର୍ଷିକ ଆୟ ସର୍ବାଧିକ ୨୯.୨ ନିୟୁତ ଡଲାର, ଯାହାକି ଭାରତୀୟ ମୁଦ୍ରାରେ ୨୦୬ କୋଟିରୁ ଊର୍ଦ୍ଧ୍ୱ। ତାଙ୍କ ପଛକୁ ଗତବର୍ଷର ୟୁଏସ୍ ଓପନ ଚାମ୍ପିୟନ ନାଓମି ଓସାକା (୨୪.୩ ନିୟୁତ ଡଲାର) ରହିଛନ୍ତି। ଖେଳାଳିଙ୍କୁ ମିଳୁଥିବା ଟୁର୍ନାମେଣ୍ଟର ପୁରସ୍କାର ରାଶି, ଦରମା, ବୋନସ, ବିଜ୍ଞାପନରୁ ହେଉଥିବା ଆୟ ଓ କୌଣସି ଇଭେଣ୍ଟରେ ଉପସ୍ଥିତ ରହିବା ବାବଦକୁ ୨୦୧୮, ଜୁନ୍‌ରୁ ଚଳିତବର୍ଷ ଏପର୍ଯ୍ୟନ୍ତ ମିଳିଥିବା ଆୟକୁ ଫୋର୍ବସ ହିସାବକୁ ନେଇ ଏହି ତାଲିକା କରିଛି।

# ହକି ଇଣ୍ଡିଆର ୩୧ ଲକ୍ଷ ଟଙ୍କା ସାହାଯ୍ୟ

**ଭୁବନେଶ୍ୱର,୭।୮(ସ୍ପୋର୍ଟ୍ସ ବ୍ୟୁରୋ)**

ପ୍ରଳୟଙ୍କରୀ ଫନୀ ବାତ୍ୟା ପାଇଁ ହକି ଇଣ୍ଡିଆ ତରଫରୁ ଓଡ଼ିଶା ସରକାରଙ୍କୁ ଅର୍ଥ ପ୍ରଦାନ କରାଯାଇଛି। ହକି ଇଣ୍ଡିଆ ଏଥିପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୩୧ ଲକ୍ଷ ଟଙ୍କା ପ୍ରଦାନ କରିଛି। ହକି ଇଣ୍ଡିଆ ଅଧ୍ୟକ୍ଷ ମୁସ୍ତାକ ଅହମ୍ମଦ ଓ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ମୁଖ୍ୟ ନରିନ୍ଦର ବାତ୍ରା ବୁଧବାର ମିଳିତ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚେକ୍ ପ୍ରଦାନ କରିଥିଲେ। ଜୁନ୍ ୬ରୁ ୧୫ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଏଫ୍‌ଆଇଏଚ୍ ପୁରୁଷ ହକି ସିରିଜ୍ ଫାଇନାଲ୍ସର ମ୍ୟାଚ୍ ଟିକେଟ ବିକ୍ରିରୁ ଏହି ପରିମାଣର ଅର୍ଥ ଉପଲବ୍ଧ ହୋଇଥିଲା। ପୂର୍ବରୁ ମଧ୍ୟ ଟିକେଟ ବିକ୍ରିରୁ ମିଳିବାକୁ ଥିବା ସବୁ ଅର୍ଥକୁ ଫନୀ ବାତ୍ୟା ପୀଡିତଙ୍କୁ ସାହାଯ୍ୟାର୍ଥେ ପ୍ରଦାନ କରିବାକୁ ହକି ଇଣ୍ଡିଆ ପ୍ରତିଶ୍ରୁତି ଦେଇଥିଲା। ଶେଷରେ ଏହାକୁ ହକି ଇଣ୍ଡିଆ ପୂରଣ କରିଛି। ଉଲ୍ଲେଖଥାଉ କି, ଚଳିତ ବର୍ଷ ଫନୀ ଯୋଗୁ ଓଡ଼ିଶା ଉପକୂଳରେ ପ୍ରଭୂତ କ୍ଷତି ହୋଇଥିଲା ଓ ରାଜ୍ୟର ଭିତ୍ତିଭୂମିକୁ ଦୋହଲାଇ ଦେଇଥିଲା। ରାଜ୍ୟର ୧୪ଟି ଜିଲାର ୧୫୯ଟି ବ୍ଲକର ଦେଢ଼ କୋଟି ଲୋକ ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲେ। ତେବେ ଏହା ସତ୍ତ୍ୱେ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ସଫଳତାର ସହ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ଓଡ଼ିଶା ସରକାରଙ୍କ ସହାୟତା ଓ ରାଜ୍ୟ ଲୋକଙ୍କ ଭଲ ପାଇବା ଯୋଗୁ ଏହି ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜିତ ହୋଇଥିଲା ବୋଲି ହକି ଇଣ୍ଡିଆ କହିଛି।

# ପଦକ ଧରି ଫେରିଲେ ଡିସକସ୍ କୁଇନ୍ ପାର୍ବତୀ

**କଟକ ଅଫିସ,୭।୮**

ଇଟାଲୀର ଟୋରିନୋ ସହରରେ ଶେଷ ହୋଇଥିବା ୟୁରୋପିଆନ ମାଷ୍ଟର୍ସ ଗେମ୍ସରେ ଭାରତ ପାଇଁ ଡବଲ ପଦକ ବିଜୟୀ ହୋଇ ଫେରିଛନ୍ତି ଅନ୍ତର୍ଜାତୀୟ ଆଥଲେଟ ପାର୍ବତୀ ସେଠୀ। ବୁଧବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପାର୍ବତୀଙ୍କୁ ଭବ୍ୟ ସ୍ୱାଗତ ଜଣାଯାଇଥିଲା। ସ୍ପ୍ରିଣ୍ଟ କୁଇନ ଦୁତୀ ଚାନ୍ଦ, ପାର୍ବତୀଙ୍କ କୋଚ ଅରୁଣ ଦାସ, ମାଷ୍ଟର ଗେମ୍ସ ଆସୋସିଏଶନର ସମ୍ପାଦକ ଶିବପ୍ରସାଦ ମିଶ୍ର, ପୂର୍ବତଟ ରେଲୱେର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ପାର୍ବତୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋଏଲ, ଭାଜପା ବରିଷ୍ଠ ନେତା ବୈଜୟନ୍ତ ପଣ୍ଡା, କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ ମଧ୍ୟ ଟୁଇଟର ମାଧ୍ୟମରେ ପାର୍ବତୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତାର ଶ୍ରେୟ ପାର୍ବତୀ ନିଜ କୋଚ୍ ଓ ପରିବାର ଲୋକଙ୍କୁ ଦେଇଥିବା ବେଳେ ଆଗାମୀ ଦିନରେ ସ୍ୱର୍ଣ୍ଣ ବିଜୟୀ ହେବାର ଲକ୍ଷ୍ୟ ରଖିଥିବା କହିଥିଲେ। ଚାଇନାରେ ହେବାକୁ ଥିବା ବିଶ୍ୱ ମାଷ୍ଟର୍ସ ଚାମ୍ପିୟନଶିପ-୨୦୨୦ ନିମନ୍ତେ ଏବେଠାରୁ ନିଜକୁ ପ୍ରସ୍ତୁତ କରିବେ। ଇଟାଲୀରେ ଶେଷ ହୋଇଥିବା ଟୁର୍ନାମେଣ୍ଟରେ ଯେଉଁ କେତୋଟି ଛୋଟ ତ୍ରୁଟି ରହିଥିଲା ସେ ଦିଗରେ ଧ୍ୟାନ ଦେବେ ବୋଲି ପାର୍ବତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ପୁଅ ଆଦିତ୍ୟ ବେହେରାଙ୍କର ବୁଧବାର ଜନ୍ମଦିନ ଥିବାବେଳେ ଏହି ଦିନ ପ୍ରତ୍ୟାବର୍ତ୍ତନ କରିଥିବାରୁ ପାର୍ବତୀଙ୍କ ଖୁସି ଦ୍ୱିଗୁଣିତ ହୋଇଥିଲା। ସୂଚନାଥାଉ କି ୟୁରୋପିଆନ ମାଷ୍ଟର୍ସ ଗେମ୍ସ ଶଟପୁଟ ବିଭାଗର ଫାଇନାଲରେ ୧୦.୧୬ ମିଟର ଫିଙ୍ଗି ପାର୍ବତୀ ବ୍ରୋଞ୍ଜ ପଦକ ଜିତିଥିଲେ। ଅଳ୍ପ ବ୍ୟବଧାନରେ ପାର୍ବତୀ ରୌପ୍ୟ ପଦକରୁ ବଞ୍ଚିତ ହୋଇଥିଲେ। ନିଜ ମୁଖ୍ୟ ଇଭେଣ୍ଟ ଡିସକସରେ ପାର୍ବତୀ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ୪୫.୫୫ ମିଟର ଫିଙ୍ଗି ପାର୍ବତୀ ଡିସ୍‌କସ୍‌ରେ ଏହି ସଫଳତା ପାଇଥିଲେ।



ଡିସ୍‌କସ୍ କୁଇନ ପାର୍ବତୀ ସେଠୀଙ୍କ ସହ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ।

DSPL-63

ଜଳ ଶକ୍ତି ଅଭିଯାନ
ଆଜି ହିଁ ସଂଚୟ କରିବା ଜଳ, ଆସନ୍ତା କାଲିର ହେବ ମଙ୍ଗଳ

କେନ୍ଦ୍ରାପଡ଼ା ଜିଲ୍ଲାରେ ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ

ସ୍ଥାନ : ଟାଉନ ହଲ, ପୌର ସଂସ୍ଥା କାର୍ଯ୍ୟାଳୟ ପରିସର, କେନ୍ଦ୍ରାପଡ଼ା

ତାରିଖ : ୦୮.୦୮.୨୦୧୯ ସମୟ : ଅପରାହ୍ନ ୩.୩୦ ମିନିଟ୍

ମୁଖ୍ୟ ଅତିଥି

ଶ୍ରୀଯୁକ୍ତ ରଘୁନନ୍ଦନ ଦାସ
ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି

ଶ୍ରୀଯୁକ୍ତ ଅନୁଭବ ମହାନ୍ତି,
ମାନ୍ୟବର ସାଂସଦ,କେନ୍ଦ୍ରାପଡ଼ା

ଶ୍ରୀଯୁକ୍ତ ଶଶିଭୂଷଣ ବେହେରା,
ମାନ୍ୟବର ବିଧାୟକ, କେନ୍ଦ୍ରାପଡ଼ା

ଶ୍ରୀମତୀ ସାବିତ୍ରୀ ଅଗ୍ରୱାଲ,
ମାନ୍ୟବର ବିଧାୟିକା, ପାଟକୁରା

ଶ୍ରୀଯୁକ୍ତ ଧ୍ରୁବ ଚରଣ ସାହୁ,
ମାନ୍ୟବର ବିଧାୟକ, ରାଜନଗର

ଶ୍ରୀଯୁକ୍ତ ପ୍ରତାପ କେଶରୀ ଦେବ,
ମାନ୍ୟବର ବିଧାୟକ, ଆଳି

ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ,
ମାନ୍ୟବର ବିଧାୟକ, ମହାକାଳପଡ଼ା

ଶ୍ରୀଯୁକ୍ତ ମାନସ କୁମାର ପରିଡ଼ା,
ସଭାପତି ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା

ଶ୍ରୀଯୁକ୍ତ ପ୍ରଦୀପ କୁମାର ଜେନା,
ପ୍ରମୁଖ ଶାସନ ସଚିବ, ଜଳସମ୍ପଦ ବିଭାଗ

ସୁଶ୍ରୀ ମୋନିକା ନୀଲସନ, ମୁଖ୍ୟ, ୟୁନିସେଫ, ଓଡ଼ିଶା



ଆସନ୍ତୁ, ସାମିଲ ହେବା ଜଳଶକ୍ତି ଅଭିଯାନରେ

ଓଡ଼ିଶା ସରକାର
ଜଳସମ୍ପଦ ବିଭାଗ

19085/13/0001/1920

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଅଗଷ୍ଟ ୮/୨୦୧୯ Sambalpur, Thursday, August 8 / 2019

## ସଂକ୍ଷେପରେ



### ଜୁଆ ଆଡ୍ଡାରେ ଚଢ଼ାଉ: ୫ ଗିରଫ

#### ୪ଲକ୍ଷ ୧୭ ଶହ ଟଙ୍କା ଜବତ

ରାଉରକେଲା ଅଫିସ,୭।୮

ସହରରେ ଜୁଆ କାରବାର ନେଇ ଅଭିଯୋଗ ହୋଇ ଆସୁଥିବା ବେଳେ ବୁଧବାର ଏସ୍‌ପି ସାର୍ଥକ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ଉଦିତନଗର ପୋଲିସ ବାସନ୍ତୀ କଲୋନୀରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪ଲକ୍ଷ ୧୭ ଶହ ଟଙ୍କା ଜବତ କରାଯାଇଛି। ପୋଲିସ ଏକ ମାମଲା (ନଂ ୧୭୯/୨୦୧୯) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜୁଆ ଖେଳରୁ ଆସୁଥିବା ଟଙ୍କା ଏଜେଣ୍ଟଙ୍କ ମଧ୍ୟରେ ଭାଗବାଣ୍ଟ କରାଯାଉଥିଲା ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଜିଲା କଂଗ୍ରେସ ପକ୍ଷରୁ ଗତ ୧ରେ ସହରରେ ଜୁଆ ଖେଳ ଚାଲିଥିବା ନେଇ ଅଭିଯୋଗ ହୋଇଥିଲା। ଜିଲା ସଭାପତି ରବି ରାୟ ଓ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏସ୍‌ପି ଷଡ଼ଙ୍ଗୀଙ୍କୁ ଭେଟି ଏ ନେଇ ଅଭିଯୋଗ କରିଥିଲେ। ସହରର ନାଲା ରୋଡ୍, ଗଣେଶ ଛକ, ରେଲୱେ କଲୋନୀ, ଟିମ୍ବର କଲୋନୀ, ଗାନ୍ଧୀ ରୋଡ୍, ବନ୍ଧମୁଣ୍ଡା, ସେକ୍ଟର-୬, ଟ୍ରାଫିକ ଗେଟ୍ ଆଦି ଅଞ୍ଚଳରେ ବେଧଡ଼କ ଜୁଆ କାରବାର ଚାଲିଥିବା ପ୍ରତିନିଧି ଦଳ ଦର୍ଶାଇଥିଲେ। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଯାହାର ପ୍ରତିଫଳନ ବୁଧବାର ଦେଖିବାକୁ ମିଳିଛି ବୋଲି ସହରରେ ଆଲୋଚନା ହେଉଛି।

■କଳାହାଣ୍ଡିରେ ଲଗାଣବର୍ଷା, ଜନଜୀବନ ଅସ୍ତବ୍ୟସ୍ତ

# କୂଳ ଲଘିଂଲା ହାତୀନଦୀ

ଭବାନୀପାଟଣା/ଜୁନାଗଡ଼,୭।୮(ଡି.ଏନ.ଏ.)

■୧୦ ଘର ଭାଙ୍ଗିଲା, ଚାଷ ଜମି ଜଳମଗ୍ନ

■ବନ୍ୟା ଜଳରେ ଭାସିଯାଇ ଯୁବକ ନିଖୋଜ

ଗତ ୩ ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ କଳାହାଣ୍ଡି ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । କଳାହାଣ୍ଡି ଓ କନ୍ଧମାଳ ଜିଲାକୁ ସଂଯୋଗ କରୁଥିବା ୫୭ ନମ୍ବର ଜାତୀୟ ରାଜପଥର ମଣ୍ଡଳପଦର ନିକଟରେ ଆପ୍ରୋଚ ରୋଡ଼ ଧୋଇଯାଇ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ସେହିପରି ମୋହନଗିରି-ମ.ରାମପୁର ରାସ୍ତା ମଧ୍ୟ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଲାଞ୍ଜିଗଡ ବ୍ଲକର ଚମ୍ପାଦେଇପୁର ଗ୍ରାମପଞ୍ଚାୟତ ଚନ୍ଦନପୁର ଗ୍ରାମକୁ ବନ୍ୟା ଜଳ ପଶି ଯିବାରୁ ୫ଟି ପରିବାର ଗାଁ ସ୍କୁଲରେ ଆଶ୍ରୟ ନେଇଛନ୍ତି । ଲାଞ୍ଜିଗଡ଼ ଓ ମୁନିଗୁଡା ରାସ୍ତା ବନ୍ୟା ଯୋଗୁ ବନ୍ଦ ଥିବାବେଳେ ରେଙ୍ଗୋପାଲି, ପନ୍ଧାଗୁଡା, କପାଗୁଡା ଗ୍ରାମ ଜଳ ଘେରରେ ରହିଛି । ଥୁଆମୂଳ ରାମପୁର ପେଟଫୁଲା ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି । ଏଥିରେ କାଠଖୁରା ଗ୍ରାମର ଜଣେ ଯୁବକ ଭାସିଯାଇଥିବା ଜଣାପଡିଛି। ଖବର ସଂଗ୍ରହ ପର୍ଯ୍ୟନ୍ତ ଯୁବକ ଜଣକ ନିଖୋଜ ଥିବା ଜଣାପଡ଼ିଛି । ସେହିଭଳି ମଙ୍ଗଳବାରରୁ ବୁଧବାର ଦିନ ତମାମ ପ୍ରବଳ ବର୍ଷା ଯୋଗୁ ଲାଞ୍ଜିଗଡ-ମୁନିଗୁଡା ମୁଖ୍ୟ ରାସ୍ତା ବେଦାନ୍ତ କମ୍ପାନୀ ପାଖ ରାସ୍ତା ଉପରେ ୪ ଫୁଟ ପାଣି ପ୍ରବାହିତ ହେଉଛି । ଫଳରେ ୮ ଘଣ୍ଟା ଧରି ଯାତାୟାତ ବନ୍ଦ ରହିଛି ।

ଜୁନାଗଡ ବ୍ଲକରେ ପ୍ରବାହିତ ହାତୀନଦୀରେ ଜଳସ୍ତର ବୃଦ୍ଧି ପାଇ କୂଳ ଲଘିଂଛି। ଏହି ନଦୀରେ ୨୦୯.୫୭ ମିଟର ବିପଦ ସଙ୍କେତ ଥିବାବେଳେ ବୁଧବାର ୨୦୫.୯୩ ମିଟର ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ଇନ୍ଦ୍ରାବତୀ ମଙ୍ଗଳପୁର ବ୍ୟାରେଜର ୫ଟି ଗେଟ୍ ଖୋଲାଯାଇଛି। ସେଠାରୁ ସେକେଣ୍ଡ ପ୍ରତି ୧୩୪ କ୍ୟୁସେକ ଜଳ ହାତୀନଦୀରେ ଛଡାଯାଉଛି। ଫଳରେ ହାତୀନଦୀର ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ଦେଖାଦେଇଛି। ବନ୍ୟାଜଳ ପ୍ରବେଶ କରି ଚାଷଜମିଗୁଡିକ ଏବେ ଜଳମଗ୍ନ ହୋଇଛି। ଲଗାଣ ବର୍ଷା ଯୋଗୁ ଚିର୍ଚୈଗୁଡା-ଜୁନାଗଡ ପିଡବ୍ଲ୍ୟୁଡି ରାସ୍ତା ମଧ୍ୟରେ ଥିବା ଖଲିଆ ସର (ନାଳ) ଉପରେ ପାଣି ଚାଲୁଛି। ଫଳରେ ସେହି ରାସ୍ତା ଦେଇ ଏବେ ଯାନବାହନ ଚଳାଚଳ ବନ୍ଦ ରହିଛି। ଲଗାଣ ବର୍ଷା ଯୋଗୁ ଜୁନାଗଡ଼ ବ୍ଲକରେ ୧୦ଟି ଘର ଭାଙ୍ଗିଛି। ଜୁନାଗଡ଼ ସହର ସିଡିପିଓ କାର୍ଯ୍ୟାଳୟ, ପିଆଇ କଲେଜ ପାଣି ଘେରରେ ରହିଥିବାବେଳେ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଯିବା ରାସ୍ତା, ଫତେନଗରପଡା ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଚାଲୁଛି। ସହରର ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କ ଘରେ ପାଣି ପଶିଯାଇଛି। ବର୍ଷାରେ ହୋଇଥିବା କ୍ଷୟକ୍ଷତିସ୍ଥିତି ଅନୁଧ୍ୟାନ କରିବା ପାଇଁ ଜୁନାଗଡ଼ ତହସିଲଦାର ଉପେନ୍ଦ୍ର ଲୁହା ବ୍ଲକର ବିଭିନ୍ନ ସ୍ଥାନ ବୁଲି ଦେଖୁଛନ୍ତି ।



ଜୁନାଗଡ ସହରର ଫତେନଗର ପଡା ରାସ୍ତାରେ ପାଣି ଚାଲିଛି ।



ବନ୍ୟାପାଣି ପ୍ରବାହିତ ହେଉଛି ।



ଚାଷ ଜମି ଜଳମଗ୍ନ ହୋଇଛି ।



ବର୍ଷାରେ ଜଣେ ଲୋକଙ୍କ ଘର ଭାଙ୍ଗିଛି ।

## ମହଙ୍ଗା ପଡ଼ିଲା ମିସ୍‌ଡ କଲ୍‌ରୁ ପ୍ରେମ

# ଯୁବକଙ୍କୁ ଗିରଫ କଲା ଜାମଶେଦପୁର ପୋଲିସ

ନୂଆପଡ଼ା ଅଫିସ,୭।୮

ମୋବାଇଲରେ ମିସ୍‌ଡ କଲ୍। ପରେ ସେଥିରେ ଯୋଗାଯୋଗ କରି ପ୍ରେମସମ୍ପର୍କ ଗଢ଼ି ଉଠିଲା। ଶେଷରେ ବିବାହ ପ୍ରତିଶ୍ରୁତି ବି ମିଳିଥିଲା। ହେଲେ ଏହିଘଟଣା ଏବେଭିନ୍ନ ମୋଡ଼ ନେଇଛି। ନୂଆପଡ଼ା ଜିଲା ସଦର ମହକୁମା ତେଲିପଡ଼ାର ଚନ୍ଦ୍ରଶେଖର ତାଣ୍ଡି (୨୨)ଙ୍କୁ ଝାଡ଼ଖଣ୍ଡ ଜାମଶେଦପୁର ପୋଲିସ ଗିରଫ କରିଛି। ୬ ମାସ ତଳେ ଜାମଶେଦପୁର ଜିଲା କଦମ ଥାନା ଅନ୍ତର୍ଗତ ଜଣେ ଯୁବତୀଙ୍କ ମିସ୍‌ଡ କଲରୁ ଚନ୍ଦ୍ରଶେଖରଙ୍କ ପ୍ରେମସମ୍ପର୍କ ସ୍ଥାପନ ହୋଇଥିଲା। ଦୀର୍ଘଦିନ କଥାବାର୍ତ୍ତା ପରେ ଘଟଣା ଆଗକୁ ବଢ଼ିଛି। ପରସ୍ପର ଦେଖାସାକ୍ଷାତ ପରେ ବିବାହ କରିବାକୁ ସହମତ ହୋଇଥିଲେ। ପରବର୍ତ୍ତୀ ସମୟରେ ଚନ୍ଦ୍ରଶେଖର ଯୁବତୀଙ୍କ ନମ୍ବରକୁ ବ୍ଲାକ ଲିଷ୍ଟରେ ରଖିଦେବା ପରେ ଯୁବତୀ ତାଙ୍କ ପିଛା କରିଛନ୍ତି। ଏ ଏନଇ ଯୁବତୀ ଜଣକ ସେଠିକାର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ବୁଧବାର ନୂଆପଡ଼ାରେ ପହଞ୍ଚିଥିଲା। ସ୍ଥାନୀୟ ପୋଲିସ ସହାୟତାରେ ଚନ୍ଦ୍ରଶେଖରଙ୍କୁ ଗିରଫ କରି ବୁଧବାର ସନ୍ଧ୍ୟାରେ ଜାମଶେଦପୁର ନେଇଥିବା ନୂଆପଡ଼ା ପୋଲିସ ସୂଚନା ଦେଇଛି।

■ନିଶା କାରବାର ଉପରେ ଚଢ଼ାଉ

# ୬ ଅଭିଯୁକ୍ତ ଗିରଫ, ୨ ବାଇକ୍ ଜବତ

ପଦ୍ମପୁର,୭।୮(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବ୍ୟାପକ ପରିମାଣର ନିଶାଦ୍ରବ୍ୟ ଜବତ କରିଛି । ଏହା ସହିତ ଏଥିରେ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଇକମାଲ ଥାନା ଖରାମାଲ ଗ୍ରାମର ବିନୋଦ ସାହୁ, ଛିନ୍ଦେକେଲାର ପ୍ରଦୀପ ସାହୁ, ଗାଇସିଲେଟ୍‌ର ଠାକୁର ବେହେରା, ମେଲଛାମୁଣ୍ଡା ଥାନା ଘେଁସର ତରଣୀସେନ ସାହୁ, ପଦ୍ମପୁର ଥାନା ମୁଣ୍ଡୋମହୁଲର ଚିନ୍ମୟ ପ୍ରଧାନ ଏବଂ କଫ୍ ସିରପ ଯୋଗାଉଥିବା ଛତିଶଗଡ଼ ସରେଇପାଲି ଅଞ୍ଚଳର ଦୀପକ ମିଶ୍ର । ସେମାନଙ୍କ ପାଖରୁ ୫୦ଲିଟର ମାଦକ ଦ୍ରବ୍ୟ, ୧୦୨ ବୋତଲ କଫ୍ ସିରପ, ଗୋଟିଏ ବୁଲେଟ୍ (ନଂ. ଓଡ଼ି୧୭ଜେ ୦୧୪୩, ଗୋଟିଏ ହିରୋ ଡିଲକ୍ସ (ନଂ. ସିଜି୦୬ଜିସି ୮୯୩୯) ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୃଥକ ଭାବେ ପାଇକମାଲ, ପଦ୍ମପୁର, ମେଲଛାମୁଣ୍ଡା, ଗାଇସିଲେଟ୍ ଥାନାରେ ମାମଲା ରୁଜୁ ହୋଇଛି । ସେହିପରି ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ପଦ୍ମପୁର ସବଜେଲକୁ ପଠାଇ ଦିଆଯାଇଛି । ବରଗଡ଼ ଏସପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶକ୍ରମେ ପଦ୍ମପୁର ଏସଡ଼ିପିଓ ପ୍ରଦୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଗଠିତ ସ୍କ୍ୱାଡ଼ ଚଢ଼ାଉ କରି ଏହି ସଫଳତା ପାଇଥିଲା ବୋଲି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁର ଥାନା ଆଇଆଇସି ମାନସ ରଞ୍ଜନ ପ୍ରଧାନ, ମେଲଛାମୁଣ୍ଡା ଥାନାଧିକାରୀ ସ୍ୱପ୍ନାରାଣୀ ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି ।

# ମୁସରଙ୍ଗି ଜଙ୍ଗଲରେ ବାଘ ଆତଙ୍କ

ନୂଆପଡ଼ା ଅଫିସ,୭।୮

ସ୍ଥାନୀୟ ସଦର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ମୁସରଙ୍ଗି ସଂରକ୍ଷିତ ଜଙ୍ଗଲରେ ୨ଟି କଲରାପତରିଆ ବାଘ ବୁଲୁଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି । ବୁଧବାର ସକାଳେ ସ୍ଥାନୀୟ ଜଙ୍ଗଲରେ ବାଘ ଦୁଇଟି ଘୁରି ବୁଲୁଥିବା କୁକୁଡାଟାଲ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏହାକୁ ଦେଖି କେତେଜଣ ଯୁବକ ମୋବାଇଲରେ ଫଟୋ ଉଠାଇ ଭାଇରାଲ କରିଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ଆଖପାଖ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଫରେଷ୍ଟ ରେଞ୍ଜ ତରଫରୁ ବାଘ ଆତଙ୍କ ନେଇ ସତର୍କତା ଅବଲମ୍ବନ କରାଯାଇଛି। ଲୋକଙ୍କୁ ଜଙ୍ଗଲ ଅଞ୍ଚଳକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଗ୍ରାମବାସୀ ସନ୍ଧ୍ୟା ହେଲେ ତାଟି କବାଟ ବନ୍ଦ କରି ରହୁଛନ୍ତି। ସୂଚନାଯୋଗ୍ୟ, ୨ ବର୍ଷ ତଳେ ସ୍ଥାନୀୟ ହଳଦୀ ଗ୍ରାମ୍ୟ ଜଙ୍ଗଲରେ ବାଘ ଏକ ଶିଶୁକୁ ମା' କୋଳରୁ ଟାଣି ନେଇ ଖାଇଦେଇଥିଲା । ପରେ ବନ ବିଭାଗ ଦୁଇଟି ବାଘକୁ କାବୁ କରିଥିଲା । ବର୍ତ୍ତମାନ ମୁସରଙ୍ଗି ଜଙ୍ଗଲ ଉପରେ ସମସ୍ତଙ୍କ ନଜର ରହିଛି।



ମୁସରଙ୍ଗି ଜଙ୍ଗଲରେ ବୁଲୁଥିବା ବାଘ ।

## କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା | ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଭବାନୀପାଟଣା,୭।୮(ଡି.ଏନ.ଏ.)

ଭବାନୀପାଟଣାସ୍ଥିତ ଏକ ଘରୋଇ କଲେଜ ହଷ୍ଟେଲ ରୁମରୁ ସୋମବାର ଜଣେ ଛାତ୍ରୀଙ୍କୁ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ମୃତ ଛାତ୍ରୀ ଜଣକ ହେଲେ ରାୟଗଡା ଜିଲା ଆମ୍ବାଦୋଳାର ଶିବାନୀ ଦଳେଇ (୧୮)। ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିବା ବେଳେ ତାଙ୍କ ପରିବାର ଏହାକୁ ଖଣ୍ଡନ କରିଛନ୍ତି। ଶିବାନୀଙ୍କ ବାପା ଟଙ୍କଧର ଦଳେଇ ଝିଅଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ଝୁଲାଇ ଦିଆଯାଇଥିବା ସଦର ଥାନରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

କଲେଜ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ସୋମବାର ସକାଳ ୧୦ଟାରେ ସ୍ୱାସ୍ଥ୍ୟ ଭଲ ନାହିଁ ବୋଲି ସହପାଠିନୀମାନଙ୍କୁ କହି ଶିବାନୀ କ୍ଲାସ ନ ଯାଇ ହଷ୍ଟେଲରେ ହିଁ ପଢୁଥିଲେ। ଅନ୍ୟ ଛାତ୍ରୀମାନେ କ୍ଲାସକୁ ଯାଇ ଅପରାହ୍ନ ୩ଟାରେ ଫେରିବା ପରେ ଶିବାନୀ ରହୁଥିବା ରୁମ ଭିତର ପଟୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ଛାତ୍ରୀଙ୍କଠାରୁ ସୂଚନା ପାଇ ହଷ୍ଟେଲ ସିକ୍ୟୁରିଟି ରୁମ କବାଟ ଭାଙ୍ଗି ଖୋଲିବା ପରେ ଫ୍ୟାନରେ ଶିବାନୀଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ତୁରନ୍ତ କଲେଜ କର୍ତ୍ତୃପକ୍ଷ ସଦର ଥାନାକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଙ୍କ ପରିବାର ଲୋକଙ୍କୁ ଫୋନରେ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପରିବାର ଲୋକେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରି ତାଙ୍କୁ ହସ୍ତାନ୍ତର କରାଯାଇଛି।




# ମକା ଫସଲରେ ବିଦେଶୀ ପୋକ୍

ଭବାନୀପାଟଣା,୭।୮(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଆମେରିକୀୟ ପୋକ୍ ଫଲ୍ ଆର୍ମି ୱର୍ମର (ଏଫ୍ଏଡ୍‌ବ୍ଲ୍ୟୁ) ଦେଖାଦେଇଛେ। ଆମେରିକାରେ ଦେଖାଯାଉଥିବାର ଇ ପୋକ୍ ଗଲା ବଛର ଦେଶର କେତେ ରାଏଜ୍‌ରେ ଦେଖାଦେଇଥିଲା। ହେଲେ ଚଲତି ବଛର କଳାହାଣ୍ଡି ଜିଲାରେ ଦେଖାଦେଇଛେ। ଇ ଘଟନା ଏହେଦେ ଚାଷୀମାନକର ମୁଡ଼ଦୁଖାର କାରନ୍ ହେଇଛେ। ଇ ପୋକ୍ ଗୁଟେ ରାତିରେ ୧ଶହ କି.ମି.ରୁ ୫ଶହ କି.ମି. ତକ୍ ଯାଇ ପାରୁଛେ। ଯେନ୍‌ଥିରଲାଗି କୃଷି ବିଭାଗ ଆର ଚାଷୀମାନେ ଆଶଁକାରେ ରହିଛନ୍। ପହେଲା ଜିଲାର ନର୍ଲା ବ୍ଲକ ଖାଇତୁଆଁ ଗାଁରେ ମକା ଫସଲରେ ଇ ପୋକ୍ ସଂକରମନ୍ ହେଇଥିବାର ଚିନ୍‌ହଁଟ ହେଇଥିଲା। ହେଲେ ଏହେଦେ ଇ ପୋକ୍ ଜିଲାର ଉନିଆ ଅଂଚଲକେ ବି ବହପୁଥିବାର ଖବର ଆସୁଛେ। ଏଭ୍‌ତକ ନର୍ଲା ବ୍ଲକର ଖାଇତୁଆଁ, ଗୋଲାମୁଣ୍ଡା ବ୍ଲକର ମାନଝରୀ, ଆମ୍ବଗୁଡ଼ା, କେସିଙ୍ଗା ବ୍ଲକର ଗୋକୁଳେଶ୍ୱର ଟେମରା, ଭବାନୀପାଟଣା ବ୍ଲକର ଦାଦପୁର ପଁଚେଟ୍‌ର ସାଲେପାଲି ସମେତ ସଦର ବ୍ଲକର ସାପସିଲେଟ ଗାଁରେ ଏଫ୍ଏଡ୍‌ବ୍ଲ୍ୟୁ ପୋକ୍ ମକା ଫସଲରେ ଲାଗିଥିବାର ନଜରକେ ଆସିଛେ। ଇ ପୋକ୍ ସଂକରମନକେ ଦମନ କରବାର ଲାଗି ଜିଲା କୃଷି ବିଭାଗ ତରଫୁ ସଜବାଜ ଆରମ୍ ହେଇଛେ। କୃଷି ବିଭାଗ ତରଫୁ ଗଲା ୪ ତାରିଖ ଜୁନାଗଡ଼, ୫ ତାରିଖ ଭାବାନୀପାଟଣା ଆର ୬ ତାରିଖରେ ଧର୍ମଗଡ଼ରେ ଏଫ୍ଏଡ୍‌ବ୍ଲ୍ୟୁ ପୋକ୍ ଦମନ ଉପରେ ସଚେତନତା, ତାଲିମ କାଯ୍‌କରମ ଅନୁଷ୍ଠିତ ହେଇଛେ। ସେନ୍‌ତା ୭ ତାରିଖ ନର୍ଲା ବ୍ଲକରେ ସଚେତନତା କାଯ୍‌କରମ ହେବା ବଲି ଜିଲା କୃଷି ଉପନିର୍ଦ୍ଦେଶକଙ୍କଁର ଦପ୍‌ତର ତରଫୁ ସୂଚନା ଦିଆଯାଇଛେ। ୩ ଦିନ୍ ଭିତରେ ଜିଲାର ଜୁନାଗଡ଼, ଭବାନୀପାଟଣା ଆର ଧର୍ମଗଡ଼ ବ୍ଲକରେ ଭିଏଡବ୍ଲ୍ୟୁ, ସରକାରୀ କୃଷି ଅଧିକାରୀ ଆର ଚାଷୀଙ୍କୁଁ ମିଶେଇ ୨୫୦ ଝନ୍‌କୁ ନେଇ ସଚେତନତା କାଯ୍‌କରମ, ତାଲିମ ଶିବିର ଆୟୋଜନ କରାଯାଇଛେ ବଲି ଜିଲା କୃଷି ଉପନିର୍ଦ୍ଦେଶକଙ୍କଁର ଦପ୍‌ତର ତରଫୁ କୁହାଯାଇଛେ। ଇ ହିସାବେ ଜିଲାର ୭୫୦ ଝନ୍ ଚାଷୀଙ୍କୁଁ ଏଫ୍ଏଡ୍‌ବ୍ଲ୍ୟୁ ପୋକ୍ ସଂକରମନ ଆର ଇତାର ପରତିକାର ବାବ୍‌ଦେ ସୂଚନା ଦିଆଯିବା ବଲି କୃଷି ବିଭାଗ ତରଫୁ କୁହାଯାଇଛେ। ଇଆଡ଼େ କଳାହାଣ୍ଡି ଜିଲାରେ ଗୁଟେ ପରେ ଗୁଟେ ବ୍ଲକକେ ଇ ପୋକ୍ ବହପୁଥିବାର ଘଟନାକେ ନେଇ ଚାଷୀ ମହଲରେ ଭାଲନି ପଡ଼ିଛେ। ଜିଲା କୃଷକ ସଂଗଠନ ଆର କୃଷକ ନେତାମାନେ ଇ ବିଦେଶୀ ପୋକ୍‌କେ ଯେତେ ଜଲଦି ହେବା ଦମନ୍ କରି ଜିଲାର ଚାଷୀଙ୍କୁଁ ରକ୍ଷା କରବାକେ ଦାବି କରିଛନ୍। ଇଆଡ଼େ ଏଫ୍ଏଡ୍‌ବ୍ଲ୍ୟୁ ବିଦେଶୀ ପୋକ୍ ମକା, ଧାନ, କପା ଆର ପନିପରିବା ଫସଲକେ ବି ଉଜାଡ଼ି ଦେବାର ଆଶଁକା ରହିଛେ। ସେଥିରଲାଗି ଜିଲାସ୍ତରରେ କୃଷି ଅଧିକାରୀମାନେ ବଇଠକ୍ ଉପରେ ବଇଠକ୍ କରି ଚାଷୀଙ୍କୁ ସଚେତନ କରୁଛନ୍। ଏଫ୍ଏଡ୍‌ବ୍ଲ୍ୟୁ ସଂକରମନ ଗୁଟେ ଜାତୀୟ ସମସିଆ ହେଇଥିଲାବେଲେ କେନ୍ଦ୍ର ଆର ରାଏଜ୍ ସରକାର ଇ ପୋକ୍‌କେ ଦମନ କରବାର ଲାଗି ପଦକ୍ଷେପ ନେବାକେ ଚାଷୀ ମହଲରେ ଦାବି ହେଉଛେ।

### ଚାଷୀର ମୁଡ଼େ ଚଡକ୍



ମକା ଫସଲରେ ବିଦେଶୀ ଏଫ୍ଏଡ୍‌ବ୍ଲ୍ୟୁ ପୋକ୍ ଲାଗିଛନ୍।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ବିଜୟ୍ ଉତ୍ସବ, ବାଇକ୍ ଶୋଭାଯାତ୍ରା

**ଭେଡ଼େନ,୭।୮(ଡ଼ି.ଏନ.ଏ):** ଜାମ୍ମୁ ଓ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦକୁ ନେଇ ବରଗଡ଼ ଜିଲା ଭେଡ଼େନରେ ଆନନ୍ଦ ପ୍ରକାଶ ପାଇଛି। ଏହି କ୍ରମରେ ବୁଧବାର ଭେଡ଼େନରେ ବିଜୟ୍ ଉତ୍ସବ ପାଳନ କରାଯାଇ ବାଇକ ଶୋଭାଯାତ୍ରା ହୋଇଥିଲା। ଦଳମତ ନିର୍ବିଶେଷରେ ହୋଇଥିବା ଏହି ବାଇକ ଶୋଭାଯାତ୍ରା ସକାଳ ୯ଟାରୁ ଭେଡ଼େନ ବସଷ୍ଟାଣ୍ଡରୁ ବାହାରି ସିଆଲଖଣ୍ଡହଥା ସ୍ଥିତ ସରସ୍ୱତୀ ଜୁନିୟର ତଥା ଡ଼ିଗ୍ରୀ କଲେଜରେ ପହଞ୍ଚିଥିଲା। ସେଠାରେ କଲେଜ ଅଧକ୍ଷ ଲମ୍ବୋଦର ହୋତା, ଶିବ ପ୍ରସାଦ ହୋତା, ସମ୍ପାଦକ ଦାମୋଦର ଦାଶଙ୍କ ପରିଚାଳନାରେ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ଭରସା ପରିବାର, ବାର ଆସୋସିଏଶନ, କୃଷକ ସଙ୍ଗଠନ, ସାମ୍ବାଦିକ ସଂଘ, ବଣିକ ସଂଘ, ନରସିଂହ ଯୁବକ ସଂଘ ସମେତ ବିଭିନ୍ନ ସଙ୍ଗଠନର ଶତାଧିକ ସଦସ୍ୟ ଅଂଶଗ୍ରହଣ କରିଥିଲେ ।

### ଗୋପପୁର ଯାତ୍ରା କାର୍ଯ୍ୟକାରୀ ସଭ୍ୟଙ୍କ ପରଲୋକ

**ବରଗଡ଼ ଅଫିସ୍,୭।୮:** ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ କୋର୍ କମିଟିର ସଭ୍ୟ ତଥା ଗୋପପୁର ଯାତ୍ରାର କାର୍ଯ୍ୟକାରୀ ସଭ୍ୟ ସୁଶୀଲ କୁମାର ମହାପାତ୍ରଙ୍କ ବୁଧବାର ପରଲୋକ ହୋଇଛି। ବାଙ୍ଗାଲୋରର ଏକ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ତାଙ୍କୁ ୫୬ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ଉଭୟ ବରଗଡ଼ (ମଥୁରା) ଏବଂ ଅମ୍ବାପାଲି (ଗୋପପୁର)ରେ ଗଭୀର ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ମହାପାତ୍ର ହୃଦ୍‌ରୋଗରେ ଆକ୍ରାନ୍ତ ଥିଲେ ଏବଂ ଗତ କିଛିଦିନ ତଳେ ତାଙ୍କୁ ଚିକିତ୍ସା ପାଇଁ ବାଙ୍ଗାଲୋର ନିଆଯାଇଥିଲା ଏବଂ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ଗୋପପୁର ଯାତ୍ରା ସମେତ ଅମ୍ବାପାଲିର ବିଭିନ୍ନ ବିକାଶମୂଳକ ଗ୍ରାମରେ ସ୍ୱର୍ଗତ ମହାପାତ୍ରଙ୍କ ଉଲ୍ଲେଖନୀୟ ଅବଦାନ ରହିଥିବାବେଳେ ତାଙ୍କ ପରଲୋକ ଗୋପପୁରବାସୀଙ୍କ ସ୍ତବ୍ଧ ଓ ଶୋକାଭିଭୂତ କରି ପକାଇଛି। ଗୁରୁବାର ତାଙ୍କ ପାର୍ଥିବ ଶରୀର ଅମ୍ବାପାଲିରେ ପହଞ୍ଚିବ ବୋଲି ସୂଚନା ମିଳିଛି ।



# ଦୋଷା ବେପାର ଦେଇଛେ ପରିଚଏ

**ବରପାଲି, ୭।୮ (ଡ଼ି.ଏନ୍.ଏ)**

ପେଟ୍ ପାଲବାର ଲାଗି ହେଲେ ସମକୁ କିଛି ନାଇଁ କିଛି କରବାକେ ପଡ଼ବା। କିଏ ସରକାରୀ ବେସରକାରୀ ଚାକରି କରୁଛେ ତ କିଏ ବେପାର ବନିଜ କରି ନିଜର କୁଟୁମ ପୁଷୁଛେ। ହେଲେ ବେପାର କେଭେ ଛୋଟ କି ବଡ଼ ନୁହେ। ଆଏଜ୍‌କାଲି ହୋଟେଲ ଅପେକ୍ଷା ରାସ୍ତା ତରେ ଲାଗୁଥିବାର ଜଲଖିଆ ଠେଲାମାନକେ ବେଶି ଭିଡ଼ ଦେଖିବାକେ ମିଲୁଛେ। ଠେଲାମାନକେ ଗରମ ଗରମ ସୁଆଦିଆ ଜଲଖିଆମାନ ବି ମିଲୁଛେ। ଇତାକେ ଦେଖି ଗରାଖମାନେ ବି ଠେଲାରେ ଜଲଖିଆ ଖାଏବାକେ ମନ୍ କରୁଛନ୍, ପାର୍ସଲ ନେଉଛନ୍। ଏନ୍ତା ବରପାଲି-ବଲାଙ୍ଗୀର ମୁଖିଆ ରାସ୍ତାର ପୁରନା ସିନେମା ହଲ ପାସେ ଝନେ ଠେଲା ଦୁକାନୀ ମସଲା(ଦୋଷା) ତିଆରିକେ ନିଜର ବୁରତି ହିସାବେ ନେଇଛନ୍। ସେ ହେଉଛନ୍ ବଳିଷ୍ଠ ପଧାନ(୩୫)। ଫିଦିନ ସେ ଦୁଇ ବେଲା ଠେଲାରେ ସାମାନ ଜୁଗରେଇ ନିଜର ବେପାର ଜଗାରେ ଠିକ୍‌ନା ସମିଆରେ ପୁହୁଁଚି ପଡ଼ୁଛନ୍।



ବଳିଷ୍ଠ ମସଲା ତିଆରିରେ ବାଇ ଅଛନ୍।

ଅଂଚଲରେ ତାକର ଦୋଷାର ବଡ଼ଭାରି ଚାହିଦା ରହିଛେ। ସହର ସମେତ ବାହାରୁ ଆସୁଥିବାର ଲୋକ୍‌ମାନେ ବି ବଳିଷ୍ଠର ଦୋଷାକେ ବହୁତ୍ ପସନ୍ କରୁଛନ୍। ସେନ୍ତା ଇ ଦୋଷା ତିଆରିରେ ଭଲ ଦୁଇ ପଏସା ମିଲୁଥିଲାବେଲେ ଗରାଖ ବି ଯୁଟୁଛନ୍ ବଲି କହିଛନ୍ ବଳିଷ୍ଠ। ଚାଉଲ, ବିରି ବଟା ଚକେଲ ଉପରେ ଆଲୁ ମସଲା, କଁଚା ପିଆଜ, ଲଙ୍କା, ଗାଜର ଦେଇ ତିଆର ହେଉଛେ ଦୋଷା। ତହିଁ ଫେର ୨ରୁ ୩ ପରକାର ଚଟନି ଦେଇ ଦୋଷା ଗୁଟ୍‌କ ୨୦ ଟଁକାରେ ବିକ୍‌ରି କରୁଛନ୍ ବଳିଷ୍ଠ। ଇ ୨୦ ଟଁକିଆ ଦୋଷାରେ ଲୁକ୍‌କର ପେଟ୍ ବି ଭରି ଯାଉଛେ। ଅନେକ ବଛର ହେଲା ବଳିଷ୍ଠ ଦୋଷା ବିକି ଆସୁଛନ୍। ହେଲେ ସୁଆଦ୍ ଉପରେ କେଭେ କେହେନ୍‌ସି ଗରାଖ ଅଭିଯୋଗ ନାଇଁକରି ବଲି ସେ କହିଛନ୍। ବଳିଷ୍ଠ ବରଗଡ଼ ଜିଲା ବିଜେପୁର ବ୍ଲକ ପଡ଼ାଗାଁର ମୂଲ ବାସିନ୍ଦା ଆଏ। ଆଏଜ୍‌କେ ୪୦ ବଛର ତଲେ ତାକର ବାପା କାମଧଁଦା ଖୁଜିଆସି କୁଟୁମବସିଆ ବରପାଲିରେ ରହିଯାଇଥିଲେ। ଏହେଦେ ବଳିଷ୍ଠ ଆର ତାକର ଭାଇମାନେ ମିଶିଗୁଲି ରହୁଛନ୍ ଆର ବେପାର ବନିଜ କରୁଛନ୍। ଇ ବେପାରରୁ ସେ ତାକର କୁଟୁମ ପୁଷବାର ସଂଗେ ପିଲାଛୁଆକୁ ବି ପାଠ୍‌ପଢ଼ଉଥିବାର କହିଛନ୍।

ଓକିଲ ସଂଘର ସାଧାରଣ ସଭା

# ତେଜିଲା ସବ୍‌ଡିଭିଜନ ମାନ୍ୟତା ଦାବି

**ବରପାଲି, ୭।୮ (ଡ଼ି.ଏନ.ଏ)**

ବରପାଲିକୁ ସବଡିଭିଜନ ମାନ୍ୟତା ଦାବି କରି ସ୍ଥାନୀୟ ଓକିଲ ସଂଘର ସଭା କକ୍ଷରେ ଏକ ସାଧାରଣ ସଭା ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାର୍ ସଭାପତି ତାରାପଦ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ବରଗଡ ଜିଲା ଗଠନର ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ଏ ଦିଗରେ ଓକିଲ ସଂଘ, ସାମ୍ବାଦିକ ସଂଘ ମିଳିତ ଭାବେ ଦୀର୍ଘ ଦିନରୁ ସବଡିଭିଜନ ଦାବି କରି ବିଭିନ୍ନ ସମୟରେ ଆନ୍ଦୋଳନ କରିଥିଲେ। ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମହଲରେ ଉଦବେଗ ପ୍ରକାଶ ପାଇଛି। ବରପାଲି ଅଞ୍ଚଳର ହିତ ଦୃଷ୍ଟିରୁ ପୂର୍ବତନ ବିଧାୟିକା ରୀତା ସାହୁ, ବ୍ଲକ ଅଧ୍ୟକ୍ଷ କିଶୋର ଦଫାଦାର, ବଣିକ ସଂଘ ସଭାପତି ନନ୍ଦଲାଲ ସାହୁ, ଗାଡ଼ି ମାଲିକ ସଂଘ ସଭାପତି ସଲିମ ଖାଁ, ଘନଶ୍ୟାମ ପାଣିଗ୍ରାହୀ, ଲାଲବିକ୍ରମ ସିଂ, ଓକିଲ ସଂଘର ଦେବେନ୍ଦ୍ର ସାହୁ, ଦୟାଲୁ ସାହୁ, ଶରତ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପୂର୍ବରୁ ପରଲୋକଗତ ପୂର୍ବତନ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ୨ମିନିଟ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ପରେ ସବଡିଭିଜନ ମାନ୍ୟତା ଉପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରେରଣ କରିବା ସହିତ ତାଙ୍କୁ ଭେଟିବାକୁ ନିଷ୍ପତ୍ତି ନିଆଯାଇଥିଲା ।



ସବ୍‌ଡିଭିଜନ ମାନ୍ୟତା ଦାବିରେ ଓକିଲ ସଂଘ କକ୍ଷରେ ବୈଠକ ଚାଲିଛି ।

# ପରିବେଶ ସୁରକ୍ଷା ପାଇଁ ସଚେତନତା ଶୋଭାଯାତ୍ରା

**ଗାଇସିଲେଟ, ୭।୮(ଡ଼ି.ଏନ.ଏ)**

ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଡାକ୍ତରଖାନା, ବ୍ଲକ, ତହସିଲ, ବସଷ୍ଟାଣ୍ଡ, ଶହୀଦ ଛକ ଦେଇ ମହାବିଦ୍ୟାଳୟର ନୂତନ କ୍ୟାମ୍ପସରେ ପହଞ୍ଚିଥିଲେ। ସେଠାରେ ସେମାନେ ପ୍ରାୟ ଦୁଇ ଶହ ବୃକ୍ଷଚାରା ରୋପଣ କରିଥିଲେ। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ପରିବେଶ ସୁରକ୍ଷା ସଚେତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଜୟକେତନ ତ୍ରିପାଠୀ, ଅର୍ଜୁନ ମହାନ୍ତି, ନାରାୟଣ ମିଶ୍ର, ଉମାକାନ୍ତ ସାହୁ, ଶ୍ରୀକାନ୍ତ ସାହୁ, ନାରାୟଣ ସାହୁଙ୍କ ସହ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ। ଖେଳ ଶିକ୍ଷକ ହେମନ୍ତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।




ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।

## ଜବରଦଖଲ ନୋଟିସ୍‌ର ପ୍ରତିବାଦ, ତହସିଲ ଘେରିଲେ ମହିଳା

**ବରପାଲି, ୭।୮ (ଡ଼ି.ଏନ.ଏ)**

ବରଗଡ଼ ଜିଲା ବରପାଲି ସହରର ପୁରୁଣା ସିନେମା ହଲ୍ ଓ ଜରାଜୀର୍ଣ୍ଣ ଧର୍ମଶାଳା ପରିସରରେ ଦୀର୍ଘବର୍ଷ ଧରି ରହିଥିବା ପରିବାରକୁ ପ୍ରଶାସନ ପକ୍ଷରୁ ବେଦଖଲ ନୋଟିସ ଜାରି କରାଯାଇଛି। ବର୍ଷାଦିନରେ ଏଭଳି ନୋଟିସ ପାଇବା ପରେ ଉକ୍ତ ପରିବାର ଲୋକଙ୍କ ମୁଣ୍ଡରେ ଏକ ପ୍ରକାର ଚଡକ ପଡିଛି। ଏହାର ପ୍ରତିବାଦରେ ଶ୍ୟାମ କୁମ୍ଭାରଙ୍କ ନେତୃତ୍ୱରେ ବୁଧବାର ପଡାର ମହିଳାମାନେ ତହସିଲଦାର ଯୁଧିଷ୍ଠିର ମେହେରଙ୍କୁ ଭେଟି ଦାବି ଜଣାଇଥିଲେ। ସେମାନେ ନିଜ ନିଜ ପରିବାରଙ୍କୁ ନେଇ କୁଆଡେ ଯିବେ ବୋଲି ଗୁହାରୀ କରିବା ସହିତ ଏହାର ଆଶୁ ପ୍ରତିକାର କରିବାକୁ ଆଲୋଚନା କରିଥିଲେ। ଏଥିରେ ଅନୀଲ ବାଗ, କୁନ୍ତ ଭୋସାଗର, ଶାନ୍ତି ସେଠ, ତୁଳସୀ ବେହେରା ଓ ନିରଞ୍ଜନ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଉକ୍ତ ଧର୍ମଶାଳା ପରିସରରେ ନୂତନ ବସଷ୍ଟାଣ୍ଡ କରାଯିବାର ପ୍ରସ୍ତାବ ରହିଥିବା ତହସିଲଦାର ମେହେର ସୂଚନା ଦେଇଛନ୍ତି ।

# ବୁଗବୁଗା କେନାଲ ଅବସ୍ଥା ସୁଧୁରୁନି

**ଜାମଟିକ୍ରା, ୭।୮ (ଡ଼ି.ଏନ.ଏ)**

ରାଜ୍ୟ ସରକାର ଚାଷୀଙ୍କ ପାଇଁ ପାଣି ପଞ୍ଚାୟତ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଥିବା ବେଳେ ଅତାବିରା ବ୍ଲକରେ ଏଥିପ୍ରତି ଅଣଦେଖା କରାଯାଇଛି। ଫଳରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତ୍ୟେକ ବର୍ଷ ଅତାବିରା ବ୍ଲକର ବିଭିନ୍ନ ଶାଖା କେନାଲ ମରାମତି, କଂକ୍ରିଟ ଢ଼ଳେଇ, ସାଇଟ ୱାଲ୍, କେନାଲ ସଫେଇ ନିମନ୍ତେ ଜଳ ସମ୍ପଦ ବିଭାଗରୁ ପାଣି ପଞ୍ଚାୟତ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ତେବେ ସେଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ପୁଣି କାର୍ଯ୍ୟ ଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ପରିଲକ୍ଷିତ ହେଉଛି। ଏ ନେଇ ପାଣି ପଞ୍ଚାୟତ ସଭାପତି ଓ ଜଳସମ୍ପଦ ବିଭାଗ ଅଧିକାରୀଙ୍କୁ ଚାଷୀମାନେ ଅଭିଯୋଗ କରୁଛନ୍ତି। କିନ୍ତୁ ଉତ୍ତର ମିଳୁଛି ଏଥର ଏ ସମସ୍ତ କାର୍ଯ୍ୟ ପାଇଁ ଟଙ୍କା ଆସିନାହିଁ। ଅତାବିରା ବ୍ଲକ ବୁଗବୁଗା ଶାଖା କେନାଲରେ ଏଭଳି କିଛି ସମସ୍ୟା ଦେଖାଦେଇଛି। କେନାଲଟି ଏବେ ଘାସଲଟାରେ ପରିପୂର୍ଣ୍ଣ ହୋଇଛି। କେନାଲ ଭିତରକୁ ଲୋକେ ଅଳିଆ ଆବର୍ଜନା ପକାଇ ଦୂଷିତ କରୁଛନ୍ତି। ଏବେ ବର୍ଷା ଋତୁରେ କେନାଲ ଅବସ୍ଥା ସାଂଘାତିକ। ଫଳରେ ତଳମୁଣ୍ଡକୁ ଭଲ ଭାବେ ପାଣି ପହଞ୍ଚି ପାରୁନାହିଁ । ତେଣୁ ବର୍ତ୍ତମାନ ଚାଷ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି। ଅତ୍ୟଧିକ ପାଣି ଆସିଲେ ସାଇଟ ୱାଲ ନ ଥିବାରୁ କେନାଲ ହିଡରେ ଘାଇ ସୃଷ୍ଟି ହେବା ସମ୍ଭାବନା ରହିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି ।



ଅତାବିରା ଅଞ୍ଚଳର ଏକ କେନାଲର ଉଭୟ ପାର୍ଶ୍ୱକୁ ଘାସଲଟା ମାଡି ଗଲାଣି ।

ଶିକ୍‌ଲା ବଁଧା ଜୀବନ୍ ଘଟନା

# ସନିକଟ୍‌କେ ଉଧାର କଲା ପରଶାସନ

**ବିଜେପୁର, ୭।୮ (ଡ଼ି.ଏନ୍.ଏ)**

ଧରିତ୍ରୀ ପ୍ରଭାବ

ବରଗଡ଼ ଜିଲା ଟି.ଗଣ୍ଡପାଲି ପଁଚେତ୍ ସଦର ଗାଁର ସନିକଟ୍ ସାହୁ(୪୮) ଗଲା ୪ ବଛର ହେଲା ଶିଁକ୍‌ଲା ବଁଧା ଜୀବନ୍ ବିତଉଥିଲେ। ଇ ବାବ୍‌ଦେ ଗଲା ମଙ୍ଗଲବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଶିଁକ୍‌ଲା ବଁଧା ଜୀବନ୍ ବିତଉଛନ୍ ସନିକଟ୍' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଘଟ୍‌ନାକେ ଗୁରୁତ୍ ଦେଇଥିଲା ଜିଲା ପରଶାସନ। ଜିଲାପାଲ ଇନ୍ଦ୍ରମଣି ତ୍ରିପାଠୀଙ୍କର ପରାମଶ୍‌ରେ ଜିଲା ସୁଆସ୍ତିଅ ଅଧିକାରୀଙ୍କର ନିରଦେଶରେ ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କରମ୍‌ଚାରୀମାନେ ବୁଧୁବାର ଟି.ଗଣ୍ଡପାଲିରୁ ସନିକଟକେ ଉଧାର କରିଥିଲେ। ଚିକିଛା ଲାଗି ସନିକଟ୍‌କୁଁ ବୁର୍ଲା ଡାକ୍ତରଖାନାର ମାନସିକ୍ ରୋଗ୍ ବିଭାଗର ୧୧ ନମର ୱାର୍ଡରେ ଭରତି କରାଯାଇଥିବାର ଜନାପଡ଼ିଛେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା.ଶାନ୍ତନୁ ସାହୁଙ୍କର ଦେଖିରେଖିଥି ଚିକିଛା ଦଲ ବୁଧୁବାର ବେଲାକେ ଟି.ଗଣ୍ଡପାଲି ଯାଇଥିଲେ। ଡା.ସାହୁ ସନିକଟର ଦିହିପା ଯାଁଚ୍ କଲା ଉତାରୁ ଫାର୍ମାସିଷ୍ଟ ବିଜେତା ମିଶ୍ର ତାକର ପରିବାର ଲୁକ୍‌କର ସଂଗେ ବୁର୍ଲା ଡାକ୍ତରଖାନା ଯାଇଥିଲେ।

ପୂରବର ସୂଚନା ଅନ୍‌ସାରେ ଦିନ୍‌ଥିଲା ସନିକଟ ବାହା ଜାଂଗଲ ମାଜି ସାତ୍ ପରାନୀ କୁଟୁମ୍ ପୁଷୁଥିଲେ। ହେଲେ ଆଏଜ୍‌କେ ୧୫ ବଛର୍ ତଲେ ସନିକଟ୍‌ର ଦିହିପା ବନେ ବିଗଡି ଗଲା। ଏନ୍‌ତାଥି କମିହା ପୁଓକେ ଭଲ କରବାକେ ବାପ୍ ମୂରଲି ସାହୁ ମାଗିଯାଚି ତାହାକୁ ବୁର୍ଲା ଡାକ୍ତରଖାନା ନେଲେ। ଡାକ୍ତର କହେବାର ହିସାବେ ସନିକଟ୍ ମାନସିକ୍ ରୋଗ୍‌ରେ ପୀଡ଼ିତ ଅଛନ୍। ଉଷୋକଷା କରି ଭଲ କରବାକେ ହେଲେ ଉଚ ଧରନ୍‌ର ଚିକିଛା ଦରକାର। ହେଲେ ଟଁକା ପଏସା ଅଭାବୁ ମୂରଲି ମୁଡ଼କାନ ସୁଆଁଲି ପୁଓକେ ଧରି ଘରକେ ଫିରିଆଏଲେ। ଦିନୁ ଦିନ୍‌କେ ସନିକଟ୍‌ର ଆଚାର ବେଭାର, ଚାଲିଚଲନ ବଦଲି ଗଲା, ଘରୁ ଯହିଁତହିଁ ପଲେଇ ବସଲେ। ଏନ୍‌ତାଥି ପରିବାର ଲୋକ୍ ଉପେ ଶୂଇନ୍ ହେଇ ସନିକଟ୍‌ର ଗୁଟେ ଲୁହା ଶିଁକ୍‌ଲା ବାଁଧିଦେଲେ। ଆଏଜ୍‌କେ ୪ ବଛର ହେଲା ଶନିକଟ୍ ଶିଁକ୍‌ଲା ବଁଧା ଜୀବନ୍ ବିତଉଥିଲେ। ହେଲେ ଇ ବାବ୍‌ଦେ ଧରିତ୍ରୀରେ ଖବର ବାହାରଲା ଉତାରୁ ପରଶାସନ ଘଟନାକେ ଗୁରୁତ୍ ଦେଇ ସନିକଟ୍‌କେ ଉଧାର କରି ଚିକିଛା ଲାଗି ବୁର୍ଲା ଡାକ୍ତରଖାନାରେ ଭରତି କରିଛେ। ଟି.ଗଣ୍ଡପାଲିବାସୀ ପରଶାସନର ଇ ମହତ୍ କାମ୍‌କେ ଗୁରୁତୁ ପରଶଁସା କରିଛନ୍।



ଡାକ୍ତରୀ ଦଲ ସନିକଟ୍‌କେ ଉଧାର କରବାକେ ଆସିଛନ୍।

# ବରଗଡ଼ରେ ଜାତୀୟ ହସ୍ତତନ୍ତ ଦିବସ

**ବରଗଡ଼ ଅଫିସ୍,୭।୮**

ଭାରତୀୟ ହସ୍ତତନ୍ତ ବୈଷୟିକ ପ୍ରତିଷ୍ଠାନ, ବରଗଡ଼ରେ ବୁଧବାର ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଛି। ଅନୁଷ୍ଠାନର ବରିଷ୍ଠ ପ୍ରବକ୍ତା ବିନୋଦ କୁମାର ବ୍ୟାସ କର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ବଲପୁରୀ ବସ୍ତ୍ରାଳୟ, ବରଗଡ଼ର ପ୍ରମୋଦ କୁମାର ମହାପାତ୍ର ମୁଖ୍ୟଅତିଥି ଏବଂ ବୟନିକା ବୋର୍ଡ଼ ନିର୍ଦ୍ଦେଶକ ସଞ୍ଜୟ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପୋଷ୍ଟର, ଡିଜାଇନ ଆଦି ପ୍ରତିଯୋଗିତା ହୋଇଥିଲା । ସ୍କୁଲ ଅଫ୍ ଫାଇନ୍ ଆର୍ଟରେ ଅଧ୍ୟକ୍ଷ ଚିତ୍ରଶିଳ୍ପୀ ରାଜେନ୍ଦ୍ର ସିକନ୍ଦର ମୁଖ୍ୟବକ୍ତା ଭାବେ ଯୋଗଦେଇ ଡିଜାଇନ ତଥା ହସ୍ତତନ୍ତର ଚାହିଦା ବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଅଭିଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଛାତ୍ରୀ ସରସ୍ୱତୀ ମହାନନ୍ଦ ପରିଚାଳନା କରିଥିଲେ। ଦେବେନ୍ଦ୍ର କୁମାର ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ ।




ଜାତୀୟ ହସ୍ତତନ୍ତ ଦିବସ ପାଳନ କାର୍ଯ୍ୟକ୍ରମର ଅତିଥିବୃନ୍ଦ ।

# ବିକାଶ ଆଇନ ବିଭାଗ ଛାତ୍ରୀଛାତ୍ରଙ୍କ ସଫଳତା

**ବରଗଡ଼ ଅଫିସ୍,୭।୮**



ଆଶିଷ ପ୍ରସାଦ ମହାକୁଳ ।



ପ୍ରୀତମ କୁମାର ପ୍ରଧାନ ।



ଅନୁଷ୍କା ଦାଶ ।



ସୋହେଲ ଖାନ୍ ।



ସମର ଜାହାନ ଅଖତର ।

ପଶ୍ଚିମଓଡ଼ିଶାରେ ପ୍ରଥମଥର ପାଇଁ ବିକାଶ ଆଇନ ବିଦ୍ୟାଳୟରେ ୨୦୧୫ରୁ ଆରମ୍ଭ ହୋଇଥିବା ପଞ୍ଚବାର୍ଷିକ ବି.ଏ ଏଲଏଲବି ଇଣ୍ଟିଗ୍ରେଟେଡ୍ ଆଇନ ପାଠ୍ୟକ୍ରମରେ ସଫଳତା ହାସଲ କରିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ବିଏ ଏଲଏଲବି ୬ଟି ସେମିଷ୍ଟାରର ପରୀକ୍ଷାଫଳ ଇତିମଧ୍ୟରେ ପ୍ରକାଶ ପାଇଛି। ଏଥିରେ ଉକ୍ତ ଅନୁଷ୍ଠାନର ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩ଜଣ ୭୦ପ୍ରତିଶତରୁ ଊର୍ଦ୍ଧ୍ୱ, ୪୪ଜଣ ୬୦ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି ବୋଲି ବିକାଶ ଶିକ୍ଷାନୁଷ୍ଠାନର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ସୂଚନା ଦେଇଛନ୍ତି। ଆଶିଷ ପ୍ରସାଦ ମହାକୁଳ ଦ୍ୱିତୀୟ ସେମିଷ୍ଟାର ୨୦୧୬ ଏବଂ ଚତୁର୍ଥ ସେମିଷ୍ଟାର ୨୦୧୭ ପରୀକ୍ଷାରେ ଯଥାକ୍ରମେ ୭୨.୧୪ ଏବଂ ୬୯.୪୩ ପ୍ରତିଶତ ମାର୍କ ରଖି ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ଅନୁଷ୍କା ଦାଶ ପଞ୍ଚମ ସେମିଷ୍ଟାର ୨୦୧୭ ପରୀକ୍ଷାରେ ୬୮.୭୧ ପ୍ରତିଶତ ମାର୍କ ରଖିଥିବା ବେଳେ ସମର ଜାହାନ ଅଖତର ଦ୍ୱିତୀୟ ସେମିଷ୍ଟାର ୨୦୧୭ ପରୀକ୍ଷାରେ ୬୭ ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପ୍ରୀତମ କୁମାର ପ୍ରଧାନ ପ୍ରଥମ ସେମିଷ୍ଟାର ୨୦୧୭ ପରୀକ୍ଷାରେ ୭୦.୫୭ ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିକାଶ ଲ ସ୍କୁଲର ପାଞ୍ଚବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏ ଏଲଏଲବି କୋର୍ସକୁ ଅନୁମତି ପ୍ରଦାନ ନିମିତ୍ତ ଗତ କିଛିଦିନ ତଳେ ବିସିଆଇର ଏକ ଛଅଜଣିଆ ଟିମ୍ ଆସି ଆଇନ ବିଭାଗ ବୁଲି ଦେଖିଥିଲେ। ଆଇନ କଲେଜ ଛାତ୍ରୀଛାତ୍ରଙ୍କ ସଫଳତା ନେଇ ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ଆଇନ ବିଭାଗର କୋ ଅର୍ଡ଼ିନେଟର ଶିବାନନ୍ଦ ସାହୁ ପ୍ରମୁଖ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଭୁଲ୍ କରିବାଟା ମନୁଷ୍ୟର ପ୍ରକୃତି,
ତେଣୁ ସେ କ୍ଷମା ପାଇପାରିବ ।
- ଯୋସେଫ୍



## ଆଜି କ'ଣ କେଉଁଠି

**ବୌଦ୍ଧ**

- ଜାତୀୟ କୃମିନାଶକ ଦିବସ ପାଳନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧ, ପୂର୍ବାହ୍ନ ୧୧ଟା ।

**ରାଉରକେଲା**

- ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର ନବମ ସାମାବର୍ତ୍ତନ ଉତ୍ସବ, ବିପିୟୁଟି ପ୍ରେକ୍ଷାଳୟ, ଛେଣ୍ଡ, ପୂର୍ବାହ୍ନ-୧୧ଟା ।

**କଣ୍ଟାବାଞ୍ଜି**

- ବ୍ଲକସ୍ତରୀୟ ଗ୍ରାମଦ୍ୟୋଗ କର୍ମଶାଳା, ତୁରେକେଲା, ପୂର୍ବାହ୍ନ ୧୧ଟା ।

# ଘୋଡ଼ାଧାର ହତ୍ୟାକାଣ୍ଡ ଘଟଣା, ୪ ଗିରଫ

## ଖଣ୍ଡା, ମୋବାଇଲ, ବାଇକ୍ ଜବତ



ପୋଲିସ ଗିରଫ ଅଭିଯୁକ୍ତମାନଙ୍କୁ ଗଣମାଧ୍ୟମ ଆଗରେ ଉପସ୍ଥାପନ କରୁଛି ।

**ବିନିକା,୭।୮ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ମହାଦେବପାଲି ଫାଣ୍ଡି ଅନ୍ତର୍ଗତ ଘୋଡାଧାର ଗ୍ରାମରେ ରବିବାର ରାତିରେ ଜମି ବିବାଦକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ଗଳାକାଟି ହତ୍ୟା କରାଯାଇ ଥିଲା । ହତ୍ୟାକାଣ୍ଡରେ ସମ୍ପୃକ୍ତ ୪ଜଣଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ବିନିକା ଥାନା ଅଭ୍ୟର୍ଥନା ଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୋନପୁର ଏସ୍‌ଡିପିଓ ମିହିର କୁମାର ପଣ୍ଡା ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ଦୁର୍ଯ୍ୟୋଧନ ଭୁଏନା(୪୦), ନରହରି ଭୁଏନା(୬୫), ସୋନପୁର ଥାନା ଧଉରାଖମନ ଗ୍ରାମର ପ୍ରହଲ୍ଲାଦ ବିଭାର(୪୦) ଓ ସୀତା ବିଭାର(୪୦) । ମିଳିଥିବା ସୂଚନା ମୁତାବକ, ରବିବାର ରାତିରେ ଘୋଡାଧାର ଗ୍ରାମର କଣ୍ଟିଆ ଲୁହା(୫୦) ଏବଂ ଦୁର୍ଯ୍ୟୋଧନ ଭୁଏନା(୪୦)ଙ୍କ ପରିବାର ମଧ୍ୟରେ ଜମିବାଡି ବିବାଦକୁ ନେଇ ଗଣ୍ଡଗୋଳ ହୋଇଥିଲା । ଏନେଇ ଉଭୟ ପରିବାର ଲୋକେ ମହାଦେବପାଲି ଫାଣ୍ଡିକୁ ଯାଇଥିଲେ । ଫାଣ୍ଡିରେ ଉଭୟ ପରିବାର ମଧ୍ୟରେ ଉପୁଜୁଥିବା ବିବାଦକୁ ନେଇ ଆଲୋଚନା ହୋଇଥିଲା । ହେଲେ ଆଲୋଚନାରେ ଦୁର୍ଯ୍ୟୋଧନ ସନ୍ତୁଷ୍ଟ ନ ଥିଲେ । ପରେ ଦୁର୍ଯ୍ୟୋଧନ କଣ୍ଟିଆଙ୍କ ପରିବାର ଲୋକଙ୍କୁ ରାସ୍ତାରୁ ହଟାଇ ଦେବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ଯୋଜନା ମୁତାବକ ୪ ତାରିଖ ରାତି ପ୍ରାୟ ସାଢେ ୮ଟାରେ ବାପା କଣ୍ଟିଆ, ପୁଅ ବାଲେଶ୍ୱର ଲୁହା(୨୩) ଓ ମା' ପରମେଶ୍ୱରୀ ବାଇକ୍‌ରେ ଘରକୁ ଆସୁଥିଲେ । ସେତିକିବେଳେ ପୂର୍ବ ପ୍ରସ୍ତୁତ ମୁତାବକ ଦୁର୍ଯ୍ୟୋଧନ ଏବଂ ପରିବାର ଲୋକେ ଘୋଡାଧାର ପ୍ରାଥମିକ ବିଦ୍ୟାଳୟରେ ନିକଟରେ କଣ୍ଟିଆଙ୍କ ପରିବାର ଲୋକଙ୍କୁ ଅଟକାଇ ଆକ୍ରମଣ କରିଥିଲେ । ଏପରି କି ଏକ ଧାରୁଆ ଅସ୍ତ୍ରରେ ପରମେଶ୍ୱରୀଙ୍କ ଗଳା କାଟି ଦେଇଥିଲେ । ପରେ ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଖବର ପାଇ ମହାଦେବପାଲି ଫାଣ୍ଡି ପୋଲିସ ପହଞ୍ଚି ବାପ ପୁଅଙ୍କୁ ଉଦ୍ଧାର କରି ସୋନପୁର ମେଡିକାଲରେ ଭର୍ତ୍ତି କରିଥିଲା । ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ବର୍ତ୍ତମାନ ବାପା ପୁଅ ଚିକିତ୍ସିତ ହେଉଛନ୍ତି । ଏନେଇ ପରିବାର ଲୋକେ ବିନିକା ଥାନାରେ ଏକ ଅଭିଯୋଗ କରିଥିଲେ । ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୧୨୭/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।

ବୁଧବାର ପୋଲିସ ହତ୍ୟାକାଣ୍ଡରେ ସମ୍ପୃକ୍ତ ଘୋଡାଧାର ଗ୍ରାମର ଦୁର୍ଯ୍ୟୋଧନ, ନରହରି, ପ୍ରହଲ୍ଲାଦ(୪୦), ସୀତାଙ୍କୁ ପୋଲିସ ଗିରଫ କରି ବିନିକା ଜେଏମ୍‌ଏଫ୍‌ସି କୋର୍ଟ ଚାଲାଣ କରିଥିଲା । ଏପରି କି ପୋଲିସ ହତ୍ୟାକଣ୍ଡରେ ବ୍ୟବହୃତ ଖଣ୍ଡା ,୨ଟି ବାଇକ୍ ଏବଂ ଏକ ମୋବାଇଲ୍ ଫୋନ ଜବତ କରିଛି । ଅନ୍ୟପକ୍ଷେ ଘଟଣାରେ ସମ୍ପୃକ୍ତ ଅନ୍ୟ ୨ଜଣ ଫେରାର ଅଛନ୍ତି । ଫେରାର ଥିବା ୨ଜଣଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସ୍‌ଡିପିଓ ପଣ୍ଡା କହିଛନ୍ତି ।

## ପତଞ୍ଜଳି ଯୋଗ ସମିତି ଜିଲା କାର୍ଯ୍ୟକାରିଣୀ ବୈଠକ

**ସୋନପୁର,୭।୮ (ନି.ପ୍ର)**

ପତଞ୍ଜଳି ଯୋଗ ସମିତି ସୁବର୍ଣ୍ଣପୁର ଶାଖାର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ହରିଦ୍ୱାରରୁ ଆସିଥିବା ସ୍ୱାମୀ ଓଁଦେବଜୀ ମହାରାଜା ଓ ଭାରତ ସ୍ୱାଭିମାନର ପ୍ରଭାରୀ ସୁଧାଂଶୁ ଅଧିକାରୀ ବୈଠକରେ ଯୋଗଦେଇ ଜିଲାର ପ୍ରତି ଘରେ ଯୋଗର ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ । ଯୋଗର ପ୍ରଚାର ପ୍ରସାର ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ସର୍ବସମ୍ମତି କ୍ରମେ ପତଞ୍ଜଳି ଯୋଗ ସମିତିର ସଭାପତି ଭାବେ ରବୀନ୍ଦ୍ର କୁମାର ମେହେର ଓ ଭାରତ ସ୍ୱାଭିମାନର ସହ ପ୍ରଭାରୀ ଭାବେ ସଞ୍ଜୟ କୁମାର ସାହୁଙ୍କୁ ମନୋନିତ କରାଯାଇଥିଲା । ପତଞ୍ଜଳି ଯୋଗ ସମିତି ସହ ପ୍ରଭାରୀ ପୃଥ୍ୱୀରାଜ ପଧାନ, ମଣ୍ଡଳ ପ୍ରଭାରୀ ନୟନ ରଞ୍ଜନ ଦାସ, ମନୋଜ ପଣ୍ଡା, ସତ୍ୟବାନ ମିଶ୍ର, ବିନୟ ପଣ୍ଡା, ଦିବାକର ଆଚାର୍ଯ୍ୟ, ପ୍ରଦୀପ ମେହେର, ଲଡ୍ଡୁ କିଶୋର ମଲ୍ଲିକ, ଇନ୍ଦୁମତି ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସୋନପୁର-ମନମୁଣ୍ଡା ପ୍ରାତଃଭ୍ରମଣ ସ୍ୱଚ୍ଛଭାରତ ସଂଗଠନର ସଭାପତି ଲକ୍ଷ୍ମୀନାରାୟଣ ମେହେରଙ୍କୁ ସ୍ୱାମୀ ଓଁଦେବଜୀ ମହାରାଜା ସମ୍ମାନିତ କରିଥିଲେ ।

## ସଂକ୍ଷେପରେ

### ଗୋଟିଏ ଦିନରେ ୨ କିଡ୍‌ନୀ ରୋଗୀ ମୃତ

**ଅମରପାଲି,୭।୮ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଗୋଟିଏ ଦିନରେ ୨ ଜଣ କିଡ୍‌ନୀ ରୋଗୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବହଳପଦର ପଞ୍ଚାୟତ ଅମରପାଲି ଗ୍ରାମର ବ୍ରଜ ଦୀପ(୭୦) ଏବଂ ମୁର୍ଷୁଣୀ ପଞ୍ଚାୟତ ଅଧୀନ ଘଣ୍ଟୋପାଲି ଗ୍ରାମର ସୁରେଖା ମାଲି (୫୫)। ମିଳିଥିବା ସୂଚନା ମୁତାବକ, ଅମରପାଲି ଗ୍ରାମର ବ୍ରଜ ୫ ବର୍ଷ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ କିଛି ଦିନ ବୁର୍ଲାରେ ଚିକିତ୍ସିତ ହେବା ପରେ ଅର୍ଥାଭାବ ଯୋଗୁ ଅଧିକ ଚିକିତ୍ସା ହୋଇପାରି ନ ଥିଲେ। ଫଳରେ ସେ ବାଧ୍ୟହୋଇ ଆୟୁର୍ବେଦିକ ଔଷଧ ବ୍ୟବହାର କରୁଥିଲେ। ଅର୍ଥାଭାବରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଘଣ୍ଟୋପାଲି ଗ୍ରାମର ସୁରେଖା ପ୍ରାୟ ୧ ବର୍ଷ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ସେ ମଧ ବୁର୍ଲାରେ ଚିକିତ୍ସା ହେଉଥିଲେ। ହେଲେ ଅର୍ଥାଭାବରୁ ଅଧୀନ ଚିକିତ୍ସା ହୋଇ ନ ପାରି ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକଙ୍କ ପରିବାର ଲୋକଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ମନମୁଣ୍ଡା, ୭।୮ (ଡି.ଏନ.ଏ):** ବୌଦ୍ଧ ଜିଲା ଶଗଡାର ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟରେ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉତ୍ସବରେ ଉଚ୍ଚମାଧମିକ ବିଦ୍ୟାଳୟ ଅଧକ୍ଷା ସୁମିତା ଭଟ୍ଟାଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ବିଦ୍ୟାଳୟ ପରିଚାଳନା ପରିଷଦ ଉପସଭାପତି ସନ୍ତୋଷ ଦେହୁରୀ ମୁଖ୍ୟଅତିଥି ଏବଂ ସମ୍ପାଦକ ସୁରଥ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଦ୍ୱିତୀୟ ବର୍ଷର ଛାତ୍ରୀ ମିନାକ୍ଷୀ ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ଛାତ୍ର ବିନୋଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଛାତ୍ରୀ ବାମଲିନୀ ଛନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ମୁଖ୍ୟବକ୍ତା ମିଶ୍ର ଚରିତ୍ର ଗଠନ ଉପରେ ଅଭିଭାଷଣ ଦେଇଥିଲେ । ବିଦ୍ୟାଳୟର ଶୃଙ୍ଖଳା ବିଷୟରେ ଅଧକ୍ଷା ଭଟ୍ଟାଚାର୍ଯ୍ୟ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧରେ ବିଭିନ୍ନ ଦାୟିତ୍ୱ ବଣ୍ଟନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।

### ମଧୁପୁରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ

**ଅମରପାଲି, ୭।୮ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ମୁର୍ଷୁଣୀ ପଞ୍ଚାୟତ ମଧୁପୁର ଗ୍ରାମରେ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସରପଞ୍ଚ ରୀନା ପୁଟା ଅଧକ୍ଷତା କରିଥିବା ବେଳେ ଅଙ୍ଗନୱାଡି କର୍ମୀ ସୁଷମା ପଧାନ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଗ୍ରାମର ପ୍ରସୂତି ମା'ମାନଙ୍କୁ ଶିଶୁଙ୍କ ଯତ୍ନ ମା' କ୍ଷୀରର ଆବଶ୍ୟକତା ଉପରେ କହିଥିଲେ। ଏପରି କି ଶିଶୁକୁ ୬ମାସ ପର୍ଯ୍ୟନ୍ତ ମା'କ୍ଷୀର ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଙ୍କଜିନୀ ମହାନନ୍ଦ, ନିବେଦିତା ବାରିକ, ମଞ୍ଜୁଲା ଧରୁଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଅକ୍ରୁର ନାଏକ ଧନ୍ୟବାଦ ଜ୍ଞାପନ କରିଥିଲେ।

### ସୁନ୍ଦରାକାଣ୍ଡ ପାରାୟଣ

**ମନମୁଣ୍ଡା, ୭।୮ (ଡି.ଏନ.ଏ):** ମନମୁଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୂର୍ପା ସ୍ଥିତ ଶ୍ରୀ ବଜ୍ରେଶ୍ୱର ବାବାଙ୍କ ମନ୍ଦିରରେ ବୁଧବାର ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲା ଜାଲୋଏ (ଉଲୁଣ୍ଡା)ର ଚତୁର୍ଥ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଯସ୍ମିନ ଆଚାର୍ଯ୍ୟ ବ୍ୟାସ ଭାବେ ଦୀର୍ଘ ୪ଘଣ୍ଟା ପର୍ଯ୍ୟନ୍ତ ସୁନ୍ଦରାକାଣ୍ଡ ପାରାୟଣ ପଠନ କରିଥିଲେ । ମୁରଲି ମଲ୍ଲିକ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ।

# ଘଣ୍ଟାପଡ଼ା ଫାଣ୍ଡିରେ ବରିଷ୍ଠ ନାଗରିକଙ୍କୁ ନେଇ ବୈଠକ

**ଘଣ୍ଟାପଡ଼ା,୭।୮ (ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅଧୀନ ଘଣ୍ଟାପଡ଼ା ଫାଣ୍ଡି ପ୍ରାଙ୍ଗଣରେ ଥାନାଧିକାରୀ ସୁଶାନ୍ତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଘଣ୍ଟାପଡ଼ା ଫାଣ୍ଡି ଅଧୀନ ବରିଷ୍ଠ ନାଗରିକଙ୍କୁ ନେଇ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଫାଣ୍ଡି ଅଧିକାରୀ ବଳଭଦ୍ର ଗଣ୍ଡା, ଏଏସଆଇ ମଧୁସୂଦନ କଅଁର, ହାବିଲଦାର ହଜାରୀ ନାଏକ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ ଖବରଦାତା ପ୍ରଭାତ କୁମାର ସାହୁ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ପୋଲିସର କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଥାନାଧିକାରୀ ସେଠୀ ନାଗରିକମାନଙ୍କ ଉଦ୍ଦେଶ୍ୟରେ ସାଲୁଟ ମାରି ଆପଣମାନଙ୍କୁ ସେବା ଓ ସହଯୋଗ ଯୋଗାଇବା ପୋଲିସର କର୍ତ୍ତବ୍ୟ, ପୋଲିସ ସଦାସର୍ବଦା ଦେଶ ସେବାରେ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ ତୁଲାଇଥାଏ ବୋଲି କହିବା ସହ ଜନସାଧାରଣ ପୋଲିସକୁ କଟାକ୍ଷ କରିବା ବିଷୟକୁ ସମାଲୋଚନା କରିଥିଲେ। ଘଣ୍ଟାପଡ଼ା ଫାଣ୍ଡି ଏଏସଆଇ ଜ୍ୟୋତିରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଳଦେବ ବେହେରା ଅତିଥି ପରିଚୟ ଓ ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନଷ୍ଟେବଳ ଜଗାନନ୍ଦ ମେଣ୍ଡିଲି, ସନ୍ତୋଷ ବେହେରା, ରାଜେନ୍ଦ୍ର ପତଙ୍ଗ, ସନ୍ତୋଷିନୀ ସାହୁ, ଗୃହରକ୍ଷୀ ଗିରିଧାରୀ ମାଝି, ଲକ୍ଷ୍ମୀଧର ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ବରିଷ୍ଠ ନାଗରିକ ବୈଠକରେ ମଞ୍ଚାସୀନ ଅତିଥି ।

## ଯୁବକଙ୍କୁ ଦୁର୍ବ୍ୟବହାର, ହତ୍ୟା ଧମକ: ପ୍ରାକ୍ତନ ଏଡିଇଓ, ଜଗୁଆଳିଙ୍କ ନାମରେ ମାମଲା

**ସୋନପୁର,୭।୮ (ନି.ପ୍ର.)**

ଯୁବକଙ୍କୁ ଦୁର୍ବ୍ୟବହାର ଓ ହତ୍ୟା ଧମକ ଘଟଣାରେ ସୁବର୍ଣ୍ଣପୁରର ପ୍ରାକ୍ତନ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ସର୍ବଶିକ୍ଷା ଅଭିଯାନର ଭାରପ୍ରାପ୍ତ ଡିପିସି ବେଣୁଧର ବେହେରା ଓ ସର୍ବଶିକ୍ଷା ଅଭିଯାନର ରାତ୍ରି ଜଗୁଆଳି କାମାକ୍ଷା ତାଣ୍ଡିଆଙ୍କ ନାମରେ ମାମଲା ରୁଜୁ ହୋଇଛି । ସୋନପୁର ଥାନା ଜନମୁରାର ଶଙ୍କର୍ଷଣ ବେରିହାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି । ଶଙ୍କର୍ଷଣ ଅଭିଯୋଗ କରିଛନ୍ତି ଯେ, ଗତ ମାର୍ଚ୍ଚ ୨ ତାରିଖରେ ସୂଚନା ଅଧିକାର ଆଇନ ବଳରେ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟରୁ ସେ କିଛି ତଥ୍ୟ ମାଗିଥିଲେ । ତଥ୍ୟ ଆଣିବା ପାଇଁ ଏପ୍ରିଲ ୧୧ ତାରିଖରେ ପତ୍ନୀ ରୀତାରାଣୀଙ୍କ ସହିତ ଅଫିସ ଯାଇଥିଲେ । ରୀତାରାଣୀଙ୍କୁ ବାହାରେ ଛିଡା କରାଇ ଶଙ୍କର୍ଷଣ ଅଫିସ ଭିତରକୁ ଯାଇଥିଲେ । କିନ୍ତୁ ସର୍ବଶିକ୍ଷା ଅଭିଯାନର ଡିପିସି ବେହେରା ଓ ରାତ୍ରି ଜଗୁଆଳି ତାଣ୍ଡିଆ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ହତ୍ୟା ଧମକ ଦେଇଥିବା ଶଙ୍କର୍ଷଣ ଅଭିଯୋଗ କରିଛନ୍ତି । ଏନେଇ ସୋନପୁର ଥାନାରେ ଏକ ମାମଲା(୧୩୦/୧୯) ରୁଜୁ ହୋଇଛି । ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଏଡିଇଓ ବେହେରା ଗତ ଜନ ୩୦ ତାରିଖରେ ଚାକିରିରୁ ଅବସରଗ୍ରହଣ କରିଛନ୍ତି ।

# ଫୁଲଚରାରେ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି,୭।୮ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ବାଗବର ପଞ୍ଚାୟତ ଫୁଲଚରା ଗ୍ରାମରେ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଓ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ଗ୍ରାମର ଗର୍ଭବତୀ, ପ୍ରସୂତି ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କୁ ନେଇ କାର୍ଯ୍ୟକ୍ରମ ହୋଇଥିଲା। ଗାଁ ସ୍ୱାସ୍ଥ୍ୟ ସଂଯୋଜକ ବିଶ୍ୱନାଥ ମହାକୁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବାଗବର ସରପଞ୍ଚ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ଚିକିତ୍ସା ପରିଦର୍ଶକ ବିଶିକେଶନ ରଥ, ପ୍ରାଣବନ୍ଧୁ ଦେହେରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଓ ଯକ୍ଷ୍ମା ରୋଗର କାରଣ ଏବଂ ନିରାକରଣ ବିଷୟରେ କହିଥିଲେ । ଏଥିରେ ଆଶାକର୍ମୀ ପୂର୍ଣ୍ଣମାସୀ ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।

# ବୌଦ୍ଧରେ ରାଜ୍ୟର ପ୍ରଥମ ଶସ୍ୟଭିତ୍ତିକ ଡିଷ୍ଟିଲାରୀ ପ୍ରକଳ୍ପ ଉଦ୍‌ଘାଟିତ

**ବୌଦ୍ଧ, ୭।୮ (ସ୍ୱ.ପ୍ର)**

ଶିଳ୍ପ ବିହୀନ ବୌଦ୍ଧ ଜିଲାରେ ମେକ୍ ଇନ ଓଡିଶା ଜରିଆରେ ହରଭଙ୍ଗା ବ୍ଲକର ରାମ୍ପିକଟାଠାରେ ରାଜ୍ୟର ପ୍ରଥମ ଶସ୍ୟଭିତ୍ତିକ ଡିଷ୍ଟିଲାରୀ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନଫେରସିଂ ମାଧ୍ୟମରେ ଉଦଘାଟନ କରିଛନ୍ତି । ଉଦ୍‌ଘାଟନ ସମୟରେ କମ୍ପାନୀର ଅଧ୍ୟକ୍ଷ ଉଦୟ ଶଙ୍କର ପ୍ରସାଦ ଉପସ୍ଥିତ ଥିଲେ । ଏହି ଅବସରରେ ରାମ୍ପିକଟା ସ୍ଥିତ ପ୍ଲାଣ୍ଟ ପରିସରରେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରିତେଶ ସାହୁ, ଅବକାରୀ ଅଧୀକ୍ଷକ ଶାନ୍ତନୁ କୁମାର ଦାସ ଅତିଥି ଭାବେ ଯୋଗ ଦେଇ ପ୍ରକଳ୍ପର ଶିଳା ଉନ୍ମୋଚନ କରିଥିଲେ । ଜିଲାପାଳ ମିଶ୍ର କହିଥିଲେ, ଏହି ପ୍ରକଳ୍ପ ଜିଲା ପାଇଁ ଗର୍ବର ବିଷୟ । ଜିଲାରେ ଶିଳ୍ପ ନ ଥିବା ବେଳେ ଏହା ଓଡିଶାର ପ୍ରଥମ ଶସ୍ୟଭିତ୍ତିକ ଡିଷ୍ଟିଲାରୀ ପ୍ରକଳ୍ପ । ଏହା ଯୋଗୁ ଜିଲାରେ ନିଯୁକ୍ତି ସୃଷ୍ଟି ହେବା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଆର୍ଥିକ ବିକାଶରେ ସହାୟକ ହେବ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ଯୁବକଙ୍କୁ ପ୍ରଥମେ ନିଯୁକ୍ତି ଦେବାକୁ ସେ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଉଦଘାଟନ କରିଥିବାରୁ ଆମେ ଉତ୍ସାହିତ ବୋଲି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରିତେଶ ସାହୁ କହିଥିଲେ । ଏହାସହ ବୌଦ୍ଧ ଜିଲାର ଉନ୍ନତି ଯେପରି ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବା ସହ ଅଧିକ ନିଯୁକ୍ତି ସୃଷ୍ଟି ପାଇଁ ପ୍ରକଳ୍ପର କ୍ଷମତା ବୃଦ୍ଧି କରାଯିବ ବୋଲି ସେ କହିଥିଲେ । ଏହି ଅବସରରେ ବୌଦ୍ଧ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ, କର୍ମଚାରୀ ଓ କମ୍ପାନୀ କର୍ମଚାରୀ ଉପସ୍ଥିତ ଥିଲେ ।

# ଅମରପାଲି କେନ୍ଦୁପତ୍ର ଅଫିସ ପରିସରରେ ଚାରା ରୋପଣ

**ଅମରପାଲି, ୭।୮ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ଅମରପାଲିସ୍ଥିତ କେନ୍ଦୁପତ୍ର ଅଫିସ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟାଳୟ ପରିସରରେ ନିମ୍ବ, ଆମ୍ବ, ବାଉଁଶ,ଲେମ୍ବୁ ଆଦି ୧୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ରେଞ୍ଜ ଅଧିକାରୀ ମୋତିଲାଲ ବାଘଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଢ଼ାଖୋଲ କେନ୍ଦୁପତ୍ର ଡିଭିଜନ ଡିଏଫଓ ଫାଲଗୁନୀ ସାରଥି ମଲ୍ଲିକ ମୁଖ୍ୟଅତିଥି, ଏସିଏଫ ରୁପାଚାନ୍ଦ ସରେଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ । ଫରେଷ୍ଟର ଅନୁପ ଖେସ, ହେମସାଗର ସ୍ୱାଇଁ, ମନୋଜ ମେହେର, ବଟଲାଲ ବଢ଼େଇ, ବରୁଣ ନାଏକ, ରାଜା ପୁରୋହିତ, ପ୍ରସନ୍ନ ମହାରଣା, ଶ୍ୟାମ ସୁନ୍ଦର ସାହୁ, କିଶୋର ପ୍ରଧାନ ପ୍ରମୁଖ ଚାରା ରୋପଣକାର୍ଯ୍ୟରେ ସହଯୋଗ କରିଥିଲେ।

# ଲଗାଣ ବର୍ଷା, ଘଣ୍ଟାପଡା ବାହ୍ୟ ଜଗତରୁ ବିଚ୍ଛିନ୍ନ

**ଘଣ୍ଟାପଡା, ୭।୮ (ଡି.ଏନ.ଏ)**

ଲଗୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଘଣ୍ଟାପଡା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଗତ ମଙ୍ଗଳବାରଠାରୁ ବର୍ଷା ଲାଗି ରହିଥିବାରୁ ତେଲନଦୀରେ ପ୍ରଥମ ବନ୍ୟା ଆସିଛି। ବୁଧବାର ଦିନ ତମାମ ବର୍ଷା ଲାଗି ରହିଛି । ଫଳରେ ଘଣ୍ଟାପଡା-କୁଲୁଡାଯୋରକୁ ସଂଯୋଗ କରୁଥିବା ପିଡବ୍ଲୁଡି ରାସ୍ତାର ସମଲେଶ୍ୱରୀ ନାଳ ବ୍ରିଜ ଉପରେ ୧୦ ଫୁଟ ପାଣି ବହୁଛି। ଫଳରେ ରେକଡୋଲ, କୁଲୁଡାଯୋର ଗ୍ରାମପଞ୍ଚାୟତର ପ୍ରାୟ ୧୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ସେହିପରି ଘଣ୍ଟାପଡା-କଣ୍ଟାମାଳ, ମନମୁଣ୍ଡା-ସିନ୍ଧୁଗୋରା ୪୧ ନଂ ରାଜ୍ୟ ରାଜପଥର ଅଡାଗୁଡି ବ୍ରିଜ ଉପରେ ପାଣି ଚାଲୁଛି । ଏପରି ବର୍ଷା ଲାଗି ରହିଲେ ପ୍ରାୟ ୮ଟି ପଞ୍ଚାୟତର ୪୦ ହଜାର ଲୋକ ପ୍ରଭାବିତ ହେବେ । ସେହିପରି କନ୍ଧମାଳ ଜିଲାର ଦୁଇଟି ପଞ୍ଚାୟତ କଣ୍ଟାମାଳ, ସୋନପୁର, ବୁର୍ଲା ମେଡିକାଲ ସୁବିଧାରୁ ବଞ୍ଚିତ ହେବେ ।



ଘଣ୍ଟାପଡାର ଏକ ବ୍ରିଜ୍ ଉପରେ ପାଣି ବହୁଛି ।

# ଶିଶୁ ଅଧିକାର ଆଇନ ସମ୍ବନ୍ଧୀୟ ସଚେତନତା

## ମାଗଣା, ବାଧ୍ୟତାମୂଳକ ଶିକ୍ଷା ଶିଶୁଙ୍କ ଅଧିକାର

**ସୋନପୁର,୭।୮ (ନି.ପ୍ର.)**




ସଚେତନତା କାର୍ଯ୍ୟକ୍ରମରେ ଓଏସ୍‌ସିପିସିଆର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଜିଲାପାଳ ମୋନିଷା ବାନାର୍ଜୀ ଓ ଆୟୋଗର ସଦସ୍ୟ ବୃନ୍ଦ।

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ଓ ସୁବର୍ଣ୍ଣପୁର ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଶିଶୁ ଅଧିକାର ଆଇନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଓଏସ୍‌ସିପିସିଆର୍ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଯୋଗଦେଇ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଶିଶୁଙ୍କ ଅଧିକାର ବୋଲି କହିଥିଲେ । ଶିଶୁ ଅଧିକାର ଆଇନ ୨୦୦୯ ଅନୁଯାୟୀ ୬ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରାଯିବ। ଏନେଇ ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମି, ଶିକ୍ଷକ ଓ ଶିକ୍ଷଣ ସାମଗ୍ରୀ ଥିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟରେ ଶିଶୁ ନିରାପତ୍ତା ଓ ସୁରକ୍ଷା ଉପରେ ଆୟୋଗ ଗୁରୁତ୍ୱ ଦେଇଥିଲେ । ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅସ୍ତେରିଆ କେର୍କେଟା, ଜିଲା ମଙ୍ଗଳ ଅଧିକାରୀ ପାଲକା ରବିନ୍ଦ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ଥାଟି ଯୋଗଦେଇ ଶିକ୍ଷା ଅଧିକାର ଆଇନ ସମ୍ପର୍କିତ ନିଜ ବିଭାଗର ସଫଳତା, ସରକାରୀ ଯୋଜନା ଓ ସମସ୍ୟା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ ।

ଶିଶୁ ମଙ୍ଗଳ ସମିତିର ଅଧକ୍ଷ ହିମାଂଶୁ ଭୂଷଣ ନାୟକ ଶିଶୁ ନିରାପତ୍ତା ଓ ସୁରକ୍ଷା ସମ୍ପର୍କରେ ବୁଝାଇଥିଲେ । ସଚେତନତା କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ଦିବ୍ୟା ଶାଶ୍ୱତୀ, ହରିହର ନାୟକ, ରେଜିଷ୍ଟ୍ରାର ସତ୍ୟଜିତ ସେନ, ସାମାଜିକକର୍ମୀ ତଥା ଓପେପାର ପ୍ରତିନିଧି ଘାସିରାମ ପଣ୍ଡା ପ୍ରମୁଖ ଶିକ୍ଷା ଅଧିକାର ଆଇନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ଅତିରିକ୍ତ ଏସ୍‌ପି ଆଣ୍ଟୋନି ତିର୍କୀ, ଡିଆଇପିଆର୍‌ଓ ହରିଚରଣ ମିଶ୍ର, ସୋନପୁର ବିଇଓ ଘନଶ୍ୟାମ ମେହେର, ତରଭା ବିଇଓ କେଶବ ମେହେର, ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର, ବିନିକା ବିଇଓ ଶଶିଭୂଷଣ ସେଠୀ, ଡୁଙ୍ଗୁରିପାଲିର ଡ. ରାଧାକାନ୍ତ ଗଡତିଆ, ଉଲୁଣ୍ଡାର ଗରୁଡଧ୍ୱଜ ମୁଦୁଲି, ଅନଙ୍ଗ ନେଗୀଙ୍କ ସମେତ ସିଆରସିସି, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ

## ସଂକ୍ଷେପରେ



### ଯାମୁଟ ହାଇସ୍କୁଲର ପାଚେରି ଭାଙ୍ଗିଲା

**ଗୁଡ଼ଭେଲା,୭।୮(ଡି.ଏନ୍.ଏ.):** ଲଗାଣ ବର୍ଷାରେ ଗୁଡ଼ଭେଲା ବ୍ଲକ ଯାମୁଟ ହାଇସ୍କୁଲ ପାଚେରି ବୁଧବାର ଭାଙ୍ଗିଯାଇଛି। ହେଲେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡିଛି। ପାଚେରି ୨୦୧୨ରେ ତିଆରି ହୋଇଥିଲା। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ସ୍କୁଲ ପାଚେରି ନିର୍ମାଣ କରିବାକୁ ଦାବି ହୋଇଛି।

### ଯୁବ ପରିଷଦ ପକ୍ଷରୁ ଚାରା ରୋପଣ

**ଲାଠୋର,୭।୮(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ପିପଲବାହାଲ ଗ୍ରାମର ବୀର ହନୁମାନ ଯୁବ ପରିଷଦ ପକ୍ଷରୁ ବୁଧବାର ଚାରା ରୋପଣ କରାଯାଇଥିଲା। ଯୁବ ପରିଷଦର ସଭାପତି ଭରତ କୁମାର ଥପ୍ପାଙ୍କ ନେତୃତ୍ୱରେ ପିପଲବାହାଲ ବସ୍‌ଷ୍ଟାଣ୍ଡରୁ ଗ୍ରାମ୍ୟ ରାସ୍ତା କଡରେ ସମସ୍ତ ସଦସ୍ୟ ଓ ୱାର୍ଡ ସଭ୍ୟାଙ୍କ ସହଯୋଗରେ ଚାରା ରୋପଣ ହୋଇଥିଲା। ୱାର୍ଡ ସଭ୍ୟା ସୁରଭୀ ସେଠ, ପଙ୍କଜିନୀ ଘିଭେଲା, ସଦସ୍ୟ ସୁମନ ଭୋଇ, ପର୍ଶୁରାମ ସେଠ, ହୁତାସନ ଥପ୍ପା, ବିଶି ଘିଭେଲା, ତ୍ରିନାଥ ମେହେର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ଲାଠୋର,୭।୮(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ରାଜୀବ କେନ୍ଦ୍ରଠାରେ ବୁଧବାର ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ୭୩ ତମ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତ ଅଧୀନ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ସିଆରସିସି କୁଞ୍ଜବିହାରୀ ସରାପ ଯୋଗଦେଇଥିଲେ। ଦୁର୍ଗେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ପଞ୍ଚାୟତସ୍ତରୀୟ ସାମୂହିକ ପତାକା ଉତ୍ତୋଳନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏପରି କି ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜନ କରିବାକୁ ସ୍ଥିର ହୋଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ବାରିକ, ନିର୍ମଳ ପୁଷ୍ଟି, ରବୀନ୍ଦ୍ର ନାଏକ, କାହ୍ନୁ ମେହେର, ପୂର୍ଣ୍ଣଚନ୍ଦ୍ର ଭଇଁଷାଲ, ସୁକାନ୍ତି ଶବର, ପ୍ରେମଲତା କିଷାନ, ଖେଳ ଶିକ୍ଷକ ଦଳଗୋବିନ୍ଦ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି ଅଭିଯୋଗରେ ୩ ଗିରଫ

**ସମ୍ବଲପୁର,୭।୮(ବ୍ୟୁରୋ):** ସମ୍ବଲପୁର ହୀରାକୁଦ ଥାନା ପୋଲିସ ଚୋରି ଅଭିଯୋଗରେ ୩ ଜଣ ଅଭିଯୁକ୍ତ ଗିରଫ କରିଛି । ସେମାନେ ହେଲେ ସୁମନ୍ତ ନାଗ (୨୮), ନାରାୟଣ କୁମ୍ଭାର (୨୯), ବିଷ୍ଣୁ ସୁନା (୩୪) । ଏମାନେ ଚୋରି କରିଥିବା ପାଣି ପାଇପ, ପାଣି ପମ୍ପ, ବିଦ୍ୟୁତ୍ ସାମଗ୍ରୀ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୭୧/୧୯)ରୁଜୁ କରିଛି ।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# କେନ୍ଦ୍ର ଆଇନମନ୍ତ୍ରୀଙ୍କୁ ଭେଟିଲେ ଜିଲା ଓକିଲ ସଂଘ

**ବଲାଙ୍ଗୀର ଅଫିସ, ୭।୮**

ବଲାଙ୍ଗୀରରେ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ବଲାଙ୍ଗୀର ଓକିଲ ସଂଘ ପ୍ରତିନିଧିମଣ୍ଡଳୀ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର ଆଇନ୍‌ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଆବାସିକ କାର୍ଯ୍ୟାଳୟରେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡିଛି। ବଲାଙ୍ଗୀର ଲୋକ ସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଉପସ୍ଥିତିରେ ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ସମ୍ପାଦକ ଅମନ ନାଗ, ଶଶୀଭୂଷଣ ପୁରୋହିତ, ରାଜେନ୍ଦ୍ର ମିଶ୍ର, ଉମାକାନ୍ତ ସାହୁ, ମଦନଗୋପାଳ ଯୋଷୀ, ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ କେନ୍ଦ୍ର ଆଇନମନ୍ତ୍ରୀ ପ୍ରସାଦଙ୍କୁ ଭେଟି ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ଆଲୋଚନା କରିଥିଲେ । ୧୯୪୮ପୂର୍ବରୁ ବଲାଙ୍ଗୀରରେ ବିଧିବଦ୍ଧ ଭାବେ ହାଇକୋର୍ଟ କାର୍ଯ୍ୟ କରୁଥିଲା। ଓଡ଼ିଶା ମିଶ୍ରଣ ପରେ ବଲାଙ୍ଗୀରରୁ ହାଇକୋର୍ଟକୁ ଉଠାଇ ନିଆଯାଇଥିଲା । ମାତ୍ର ଆଜିବି ବଲାଙ୍ଗୀର ଜିଲା ଦୌରାଜଜ୍ ହାଇକୋର୍ଟର ଏକ୍ସଅଫିସିଓ ରେଜିଷ୍ଟାରର କ୍ଷମତାସୀନ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରସାଦଙ୍କୁ



କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ବଲାଙ୍ଗୀର ଜିଲା ଓକିଲ ସଂଘ ପ୍ରତିନିଧି ଦଳ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ଅବଗତ କରିଥିଲେ। ଯଶବନ୍ତ ସିଂ କମିଶନ ସୁପାରିସର ମାନଦଣ୍ଡ ଅନୁସାରେ ବଲାଙ୍ଗୀର ହିଁ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଯଥାର୍ଥ ସ୍ଥାନ ବୋଲି ପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀ ପ୍ରସାଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଐତିହାସିକ ଓ ସାମାଜିକ ଦୃଷ୍ଟିକୋଣରୁ ବଲାଙ୍ଗୀର ହିଁ ଯଥାର୍ଥ ସ୍ଥାନ ହୋଇଥିବାରୁ ତୁରନ୍ତ କେନ୍ଦ୍ର ସରକାର ଏନେଇ ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ୧୯୪୮ରୁ ବଲାଙ୍ଗୀରରୁ ହାଇକୋର୍ଟ ଉଠାଯାଇଥିଲେ ମଧ ସେହିବର୍ଷରୁ ବଲାଙ୍ଗୀରବାସୀ ଏଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି କରିଆସୁଛନ୍ତି। ଏହି ଦାବି ନେଇ ଗତ ପ୍ରାୟ ୭୦ ବର୍ଷ ହେଲା ବଲାଙ୍ଗୀରବାସୀ ବିଭିନ୍ନ ସମୟରେ ଆନ୍ଦୋଳନ କରିଆସୁଥିବା ଅବଗତ କରିଥିଲେ। ବଲାଙ୍ଗୀର ଜିଲା ଅର୍ଥନୈତିକ ଦିଗରୁ ପଛୁଆ ଜିଲା। ଜିଲାରେ ଅନୁସୂଚିତ ଜାତି ଓ ଜନଜାତି, ଗରିବ ଲୋକଙ୍କ ସଂଖ୍ୟା ଅଧିକ। ନ୍ୟାୟ ପାଇବା ପାଇଁ ଜନସାଧାରଣଙ୍କୁ ୪ ଶହରୁ ଉର୍ଦ୍ଧ୍ୱ କି.ମି. ଦୂର କଟକ ଯିବାକୁ ପଡୁଛି । ଏଭଳି ପରିସ୍ଥିତିରେ ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ହେଲେ ବଲାଙ୍ଗୀର ସମେତ ପଶ୍ଚିମ ଓଡ଼ିଶାର ଅନ୍ୟ ଜିଲାବାସୀ ନ୍ୟାୟ ସୁବିଧା ପାଇପାରିବେ ବୋଲି କହିଥିଲେ। ସମସ୍ତ ବିଷୟ ଶୁଣିସାରିବା ପରେ କେନ୍ଦ୍ର ଆଇନମନ୍ତ୍ରୀ ପ୍ରସାଦ ଏହା ଉପରେ ନିଶ୍ଚିତ ପଦକ୍ଷେପ ନେବେ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ରାଜ୍ୟ ସରକାର ଓ ହାଇକୋର୍ଟଙ୍କ ସୁପାରିସ ଭୂମିକା ଗୁରୁତ୍ୱପୂର୍ଣ୍ଣ। ରାଜ୍ୟ ସରକାର ଏହି ଦିଗରେ ସୁପାରିଶ ସହ ପଦକ୍ଷେପ ନେଲେ କେନ୍ଦ୍ର ସରକାର ତୁରନ୍ତ ଏନେଇ ଅନୁମୋଦନ ଦେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ର ଆଇନମନ୍ତ୍ରୀଙ୍କୁ ସାକ୍ଷାତ କରିବାରେ ସ୍ଥାନୀୟ ଲୋକସଭା ସଦସ୍ୟ ସିଂଦେଓ ବିଶେଷ ଭୂମିକା ନିର୍ବାହ କରିଥିଲେ। ଜିଲା ଓକିଲ ସଂଘ ପ୍ରତିନିଧି ଦଳ ବୁଧବାର କେନ୍ଦ୍ରମନ୍ତ୍ରୀ ପ୍ରସାଦଙ୍କୁ ଭେଟିବା ପରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ବଲାଙ୍ଗୀରରେ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । କେନ୍ଦ୍ରମନ୍ତ୍ରୀ ପ୍ରଧାନ ମଧ୍ୟ ଏନେଇ କେନ୍ଦ୍ରସ୍ତରରେ ଉଚିତ ପଦକ୍ଷେପ ନେବେ ପ୍ରତିଶ୍ରୁତି ଦେଇଥିଲେ।

## ପୌରାଞ୍ଚଳସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**କଣ୍ଟାବାଞ୍ଜି,୭।୮(ଡି.ଏନ.ଏ.)**

କଣ୍ଟାବାଞ୍ଜି ପୌରାଞ୍ଚଳସ୍ତରୀୟ ୭୩ତମ ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ସନ୍ଧ୍ୟାରେ ଏନ୍‌ଏସି କନଫରେନ୍ସହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସହରର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ, କଲେଜର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସ୍ୱାଧୀନତା ଦିବସ ପାଳନ ଉପରେ ମତାମତ ରହିଥିଲେ। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ରେଲୱେ ଷ୍ଟାଡ଼ିୟମଠାରେ ପୌରାଞ୍ଚଳସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ସେହିପରି ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ଏନ୍‌ଏସି ନିର୍ବାହୀ ଅଧିକାରୀଣି ବିଷ୍ଣୁପ୍ରିୟା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଇଞ୍ଜିନିୟର ଅଜିତ କୁମାର ପଟ୍ଟନାୟକ, ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇ, ସତ୍ୟବ୍ରତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ। ଶେଷରେ ନୋଡ଼ାଲ ଅଫିସର ଭୋଇ ଧନ୍ୟବାଦ ଦେଇଥିଲେ।

# ଜୋନାଲସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ,୭।୮**

- ବାଜି ମାରିଲା ନାଟକ ସମ୍ଭାବନା
- ରାଜ୍ୟ ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ
- ମହୀମୁଣ୍ଡା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଅଭିନୟରେ ଦର୍ଶକ ବିମୁଗ୍ଧ

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ଜୋନାଲସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ବଲାଙ୍ଗୀର ଜିଲା ମହୀମୁଣ୍ଡା ଆଦର୍ଶ ବିଦ୍ୟାଳୟର ନାଟକ ସମ୍ଭାବନା ଶ୍ରେଷ୍ଠ ବିବେଚିତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛି। ଗାନ୍ଧୀ ଓ ବିଜ୍ଞାନ ପ୍ରସଙ୍ଗକୁ ନେଇ ରଚିତ ବିଜ୍ଞାନ ନାଟକ ସମ୍ଭାବନା ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ଯନ୍ତ୍ରଯୁଗରେ ପ୍ରକୃତିର ଦୋହନ, ମାନବ ସଭ୍ୟତାର ଭବିଷ୍ୟତକୁ ନେଇ ଦେଖାଦେଇଥିବା ସଙ୍କଟ ଓ ଗାନ୍ଧୀବାଦର ମହନୀୟ ବାର୍ତ୍ତା ଭିତରେ ପ୍ରକୃତି-ମଣିଷର ସମ୍ପର୍କକୁ ନିଖୁଣ ଭାବେ କଳାକାରମାନେ ଉପସ୍ଥାପନ କରିଥିଲେ।

ପ୍ରତିଯୋଗିତାରେ ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ଼ ଜିଲାର ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ବିଭିନ୍ନ ସ୍କୁଲର ନାଟକ ଦଳ ଭାଗ ନେଇଥିଲେ । ବଲାଙ୍ଗୀର ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ସନାତନ ଠାକୁର, ସମ୍ମାନିତ ଅତିଥି ଭାବେ ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ, ପୁଇଁନ୍ତଲା ବ୍ଲକ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ, ବୌଦ୍ଧ ବ୍ଲକ ଶିକ୍ଷା ଅଧିକାରୀ ଧ୍ରୁବଚରଣ ଘିବେଲା ମଞ୍ଚାସୀନ ହୋଇଥିଲେ। ବିଚାରକ ଭାବେ ନାଟ୍ୟକାର ପୁରୁଷୋତ୍ତମ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ତ୍ରିପାଠୀ, ଶିକ୍ଷାବିତ ପଦ୍ମଚରଣ ଆଚାର୍ଯ୍ୟ ଓ ନାଟ୍ୟକାର ବିଜୟ କୁମାର ତ୍ରିପାଠୀ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିଯୋଗିତାରେ ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକର ମହୀମୁଣ୍ଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବିଜ୍ଞାନ ନାଟକ ସମ୍ଭାବନା ଶ୍ରେଷ୍ଠ ବିବେଚିତ ହେବା ପରେ ଅତିଥିମାନେ କୃତୀ କଳାକାରଙ୍କୁ ପୁରସ୍କୃତ କରିଥିଲେ। ଆସନ୍ତା ୧୪ ତାରିଖରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ବିଜ୍ଞାନ ଗବେଷଣା କେନ୍ଦ୍ରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ନାଟକ ସମ୍ଭାବନା ମଞ୍ଚସ୍ଥ ହେବ। ଜୋନାଲସ୍ତରୀୟ ପ୍ରତିଯୋଗିତାରେ କନ୍ଧମାଳ ଜିଲା ଫୁଲବାଣୀ ସରକାରୀ ବାଳିକା ବିଦ୍ୟାଳୟର ନାଟକ ସପ୍ନାର ସ୍ୱପ୍ନ ଦ୍ୱିତୀୟ ଓ ନୟାଗଡ଼ ଜିଲା ନୋଟାର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନାଟକ ଆଜି ଅକ୍ସିଜେନ୍ କାନ୍ଦୁଛି ତୃତୀୟ ସ୍ଥାନ ଅଧିକାର କରିଥିଲା। ଶ୍ରେଷ୍ଠ ଅଭିନେତା ଭାବେ ନାଟକ ସମ୍ଭାବନାରେ ବାପୁ ଚରିତ୍ରରେ ଅଭିନୟ କରିଥିବା ମହୀମୁଣ୍ଡା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ସୟାନୀ ଦଲାଇଙ୍କୁ ପୁରସ୍କୃତ କରାଯାଇଥିଲା । ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଆଜି ଅକ୍ସିଜେନ୍ କାନ୍ଦୁଛି ନାଟକରେ ଅକ୍ସିଜେନ୍ ଚରିତ୍ରରେ ଅଭିନୟ କରିଥିବା ନୟାଗଡ଼ ଜିଲା ନୋଟାର ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଈପସିତା ମହାପାତ୍ର, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ମହୀମୁଣ୍ଡା ଆଦର୍ଶ ବିଦ୍ୟାଳୟର ଶୁଭ୍ରାଂଶୁ ଶେଖର ପରଡ଼ା, ଶ୍ରେଷ୍ଠ ପାଣ୍ଡୁଲିପି ଭାବେ ସରକାରୀ ବାଳିକା ବିଦ୍ୟାଳୟ, ଫୁଲବାଣୀର ଶିକ୍ଷୟିତ୍ରୀ ସୁଜାତା ମାଝି, ଶ୍ରେଷ୍ଠ ଜୁରୀ ଆୱାର୍ଡ ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନୋଟାର ଛାତ୍ରୀ ସୋନାଲିକା ପ୍ରଧାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ସୋସାଇଟିର ସମସ୍ତ କର୍ମକର୍ତ୍ତା ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଦିଗାମ୍ବର ନାଏକ ଧନ୍ୟବାଦ ଦେଇଥିଲେ।





ଜୋନାଲସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ନାଟକ ସମ୍ଭାବନର ଏକ ଦୃଶ୍ୟ (ବାମ)। ଶ୍ରେଷ୍ଠ ବିବେଚିତ ମହୀମୁଣ୍ଡା ଆଦର୍ଶ ବିଦ୍ୟାଳୟ ନାଟକ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।



କୋତକୋମୁହାନ ପୋଲ ଉପରେ ପ୍ରବାହିତ ବର୍ଷା ଜଳ।

# କୋତକୋମୁହାନ ପୋଲ ଉପରେ ୧୦ ଫୁଟ ପାଣି

**ଗୁଡ଼ଭେଲା,୭।୮(ଡି.ଏନ୍.ଏ.)**

**୧୦ ଗାଁ ବିଚ୍ଛିନ୍ନ**

ଲାଗାଣ ବର୍ଷାରେ ଗୁଡ଼ଭେଲା ବ୍ଲକର ଜାମୁଟ-ଗମ୍ଭାରୀଗୁଡ଼ା ରାସ୍ତାର କୋତକୋମୁହାନ ପୋଲ ଉପରେ ବୁଧବାର ୧୦ ଫୁଟ ପାଣି ପ୍ରବାହିତ ହେଉଛି। ଫଳରେ ୧୦ଟି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଏହି ରାସ୍ତା କଳାହାଣ୍ଡି, ବୌଦ୍ଧ ଓ କନ୍ଧମାଳ ଜଲାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା । ରାସ୍ତା ଉପରେ ନିର୍ଭର କରି ଯାତାୟାତ କରୁଥିବା ପଥଚାରୀ, ସ୍କୁଲ କଲେଜ ଛାତ୍ରୀଛାତ୍ର, ଶିକ୍ଷକ ଯାଇ ନ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ଏଠାରେ ଏକ ଉଚ୍ଚ ପୋଲ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଜଳବନ୍ଦୀ ଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ କୌଣସି ସାହାଯ୍ୟ କରାଯାଇ ନ ଥିବା ଜଣାପଡିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ସେହିପରି ଗୁଡ଼ଭେଲା ବ୍ଲକର ଡୁଙ୍ଗିବାହାଲ-ଗୁଡ଼ଭେଲା ଏକ ପୋଲ ଉପରେ ୫ ଫୁଟର ପାଣି ପ୍ରବାହିତ ହେଉଛି। ଫଳରେ ଲୋକଙ୍କ ଯାତାୟତ ବାଧାପ୍ରାପ୍ତ ହୋଇଛି।

# ୨ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

**ଗୁଡ଼ଭେଲା,୭।୮(ଡି.ଏନ୍.ଏ.)**

ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ତୁଷୁରା ଥାନା ପୋଲିସ ବୁଧବାର ୨ ଜଣଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି।

ବୁଧବାର ସକାଳ ପ୍ରାୟ ୬ଟାରେ ଗୁଡ଼ଭେଲା ବ୍ଲକ ଅଧୀନ ରାଣୀମାଲ ଓ ତରକମୁଡ଼ା ରାସ୍ତାରେ ତୁଷୁରା ଥାନା ଅଧିକାରୀ ଯଶୋବନ୍ତ ପ୍ରଧାନୀଙ୍କ ନେତୃତ୍ୱରେ ଏକ ପୋଲିସ ପାଟ୍ରୋଲିଂ କରୁଥିଲା। ସେତିକିବେଳେ ଏକ ଧଳା ରଙ୍ଗର ଏକ ଭ୍ୟାନ(ନଂ.ଓଆର୍ ୧୨ଏ-୭୩୫୦) ଦ୍ରୁତ ଗତିରେ ଗୁଡ଼ଭେଲା ସହରକୁ ଯାଉଥିଲା। ଏନେଇ ପୋଲିସ ଟିମ୍ ସନ୍ଦେହ କରି ରାହୁଲ ନଦୀ ବ୍ରିଜ ପାଖରେ ଗାଡ଼ିକୁ ଅଟକାଇଥିଲା। ଯାଞ୍ଚ ବେଳେ ପୋଲିସ ଅଧିକାରୀମାନେ ଗାଡିରୁ ଗଞ୍ଜେଇ ଭର୍ତ୍ତି ଥିବା ୭ଟି ଜରି ବସ୍ତା ଜବତ କରିବା ସହ ଗାଡ଼ିରେ ଥିବା କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଧୀନ ମଟାପାଳି ଗ୍ରାମର ବାଳି ବେସରା(୩୦) ଓ ତୁଷୁରା ଥାନା ଅନ୍ତଗତ ତିଳକାମାଲ ଗ୍ରାମର ରାଜୁ ନାଏକ(୨୨)ଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଗଞ୍ଜେଇ କନ୍ଧମାଲ ଜିଲାରୁ ପାଟଣାଗଡ଼ ଥାନା ଅଧୀନ ଖପ୍ରାଖୋଲ ଅଞ୍ଚଳକୁ ଚାଲାଣ ହେଉଥିବା ଗିରଫ ଯୁବକ ଦ୍ୱୟ ପୋଲିସ ଆଗରେ ପ୍ରକାଶ କରିଛନ୍ତି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତୁଷୁରା ତହସିଲଦାର ଚନ୍ଦ୍ରମଣୀ ନାଗଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ଗଞ୍ଜେଇ ୨ କୁଇଣ୍ଟାଲ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଗିରଫ ୨ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଚଢ଼ାଉରେ ତୁଷୁରା ଥାନା ଏସ୍‌ଆଇ ତୁଳସୀରାମ ଶବର, ଏଏସ୍‌ଆଇ ଜୟଦେବ ପ୍ରଧାନ, କନଷ୍ଟେବଲ ଜୟଦେବ ସାହୁ, ବି.ପଟେଲ, ବି.କାଲାକୁରା ଓ ବି. ମାଝି ସାମିଲ ଥିଲେ ।



ଜବତ ଗଞ୍ଜେଇ ସହ ଗିରଫ ୨ ଯୁବକ।

# ଦଦ୍‌ରା ଘରେ ଚାଲିଛେ ଅଙ୍ଗନୱାଡ଼ି କେନ୍ଦ୍ର

**ଲାଠୋର, ୭।୮ (ଡି.ଏନ୍.ଏ)**

ସରକାର ରାଜ୍‌କୋଷରୁ କୋଟି କୋଟି ଟଁକା ଖରଚ୍ କରି ୫ଶହ ଲୋକ୍‌ସଂଖ୍ୟାରେ ଗୁଟେ ଲେଖେଁ ଅଙ୍ଗନୱାଡି କେନ୍ଦ୍ର ଖୁଲୁଛନ୍। କେନ୍ଦ୍ରରେ ୩ରୁ ୬ ବଛର୍‌ର ଛୁଆମାନେ ପାଠ୍ ପଢୁଥିଲାବେଲେ ଗରଭବତୀ ଆର ପ୍ରସୂତି ମହିଲାମାନକୁ ସେବା ପରଦାନ କରାଯାଉଛେ। ହେଲେ ଅନେକ ଜାଗାରେ ବିଭାଗୀୟ ଅବହେଲାର ଲାଗି ହିତାଧିକାରୀମାନେ ନାନା ସମସିଆର ସାମନା କରୁଥିବାର ଅଭିଯୋଗ ହେଉଛେ। ଏନ୍ତା ଗୁଟେ ଘଟନା ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଁଚେତ୍ ସଦର ଗାଁରେ।

ସୂଚନା ହିସାବେ ଗଲା ୧୯୮୩ ସାଲୁ ଟଙ୍କପାଣିରେ ଗୁଟେ ଅଙ୍ଗନୱାଡି କେନ୍ଦ୍ର ଖୁଲି ଗାଁର ହିତାଧିକାରୀମାନକୁ ସେବା ଯୁଗେଇ ଆସୁଛେ। ଏହେଦେ ଇ କେନ୍ଦ୍ର ତରଫୁ ୧୨ ଝନ୍ ଗରଭବତୀ, ୧୫ ଝନ୍ ପ୍ରସୂତି, ୬ ମାସରୁ ୩ ବଛର୍‌ର ୭୨ ଛୁଆ ଆର ୪୦ ଝନ୍ ଛାତ୍ରୀଛାତ୍ରକୁ ପ୍ରିସ୍କୁଲ ଶିକ୍ଷା, ଏନ୍ଥେଇ ମୋଟ ୧୩୯ ଝନ୍ ହିତାଧିକାରୀକୁଁ ସେବା ଯୁଗେଇ ଦିଆଯାଉଛେ। ହେଲେ କେନ୍ଦ୍ରଟା ଆଏଜ୍ ବି ପୁରନାକାଲିଆ ଘରେ ଚାଲୁଛେ। କାଠ୍, ଖପରରେ ଛାଉନି ଥିବାର ଇ କେନ୍ଦ୍ରର ଘରଟା ଦିନୁ ଦିନ୍‌କେ ଦଦ୍‌ରା ହେଇ ଲାଗିଥିବାର କାଠ୍ ଯାକ ଲେଦ୍‌ନେଇ ଗଲାନ। ଯେନ୍ତା ପ୍ରିସ୍କୁଲ ଛାତ୍ରୀଛାତ୍ରଙ୍କର ଜୀବନ୍ ପରତି ବିପଦ ସୃଷ୍ଟି କରୁଛେ। ଝରକା କବାଟ ବି ଭାଂଗି ଯାଇଛେ। ଫିମାସ ଇଠାନେ ଟୀକାକରନରୁ ମୂଳ କରି ସୁଆସ୍ତିଆ ସେବା କାଯ୍‌କରମ ମାନ ଚାଲୁଛେ। ଇ କାଯ୍‌କରମ ମାନକେ ଆସୁଥିବାର ଜନସାଧାରନ ବି ନାନା ସମସିଆର ସାମନା କରୁଛନ୍। ଏହେଦେ ବରଷା ମାସ ଚାଲିଥିଲାବେଲେ ଅଲପ୍ ବରଷାରେ ଦରୋ ଦରୋ ପାଏନ୍ ଗଲି ଘରଟା ଦହଲି ଛୁଟିଯାଉଛେ। ଫିମାସ କେନ୍ଦ୍ରର ଥିତି ବାବ୍‌ଦେ ଅଙ୍ଗନୱାଡି କରମୀ ମାସିକ ପ୍ରଗତି ପତରରେ ଦରଶଉଛନ୍। ହେଲେ କେନ୍ଦ୍ରର ଲାଗି ନୂତନ ଘର ତିଆର କରବାର ଦିଗେ ପଦକ୍ଷେପ ନାଇଁ ନିଆଯିବାର। ଖାଲି ମରାମତିରେ କାମ୍ ଚଲାଯାଉଛେ। ଇ ଦିଗେ ବିଭାଗୀୟ ଉଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସମସିଆର ସମାଧାନ କରବାକେ ଗାଁବାସୀ ଦାବି କରିଛନ୍।



ଟଙ୍କପାଣୀ ଗାଁରେ ଥିବାର ଦଦ୍‌ରା ପୁରନାକାଲିଆ ଅଙ୍ଗନୱାଡି କେନ୍ଦ୍ର।



ଭୁଲ୍ କରିବାଟା ମନୁଷ୍ୟର ପ୍ରକୃତି,
ତେଣୁ ସେ କ୍ଷମା ପାଇପାରିବ ।
- ଯୋସେଫ୍



## ଆଜି କ'ଣ କେଉଁଠି

**ବୌଦ୍ଧ**

- ଜାତୀୟ କୃମିନାଶକ ଦିବସ ପାଳନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧ, ପୂର୍ବାହ୍ନ ୧୧ଟା ।

**ରାଉରକେଲା**

- ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର ନବମ ସାମାବର୍ତ୍ତନ ଉତ୍ସବ, ବିପିୟୁଟି ପ୍ରେକ୍ଷାଳୟ, ଛେଣ୍ଡ, ପୂର୍ବାହ୍ନ- ୧୧ଟା ।

**କଣ୍ଟାବାଞ୍ଜି**

- ବ୍ଲକସ୍ତରୀୟ ଗ୍ରାମଦ୍ୟୋଗ କର୍ମଶାଳା,ତୁରେକେଲା, ପୂର୍ବାହ୍ନ୧୧ଟା ।

# ଘୋଡ଼ାଧାର ହତ୍ୟାକାଣ୍ଡ ଘଟଣା, ୪ ଗିରଫ

**ବିନିକା,୭।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ମହାଦେବପାଲି ଫାଣ୍ଡି ଅନ୍ତର୍ଗତ ଘୋଡାଧାର ଗ୍ରାମରେ ରବିବାର ରାତିରେ ଜମି ବିବାଦକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ଗଳାକାଟି ହତ୍ୟା କରାଯାଇ ଥିଲା । ହତ୍ୟାକାଣ୍ଡରେ ସମ୍ପୃକ୍ତ ୪ଜଣଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ବିନିକା ଥାନା ଅଭ୍ୟର୍ଥନା ଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୋନପୁର ଏସ୍‌ଡିପିଓ ମିହିର କୁମାର ପଣ୍ଡା ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ଦୁର୍ଯ୍ୟୋଧନ ଭୁଏନା(୪୦), ନରହରି ଭୁଏନା(୬୫), ସୋନପୁର ଥାନା ଧଉରାଖମନ ଗ୍ରାମର ପ୍ରହ୍ଲାଦ ବିଭାର(୪୦) ଓ ସୀତା ବିଭାର(୪୦) । ମିଳିଥିବା ସୂଚନା ମୁତାବକ, ରବିବାର ରାତିରେ ଘୋଡାଧାର ଗ୍ରାମର କଣ୍ଟିଆ ଲୁହା(୫୦) ଏବଂ ଦୁର୍ଯ୍ୟୋଧନ ଭୁଏନା(୪୦)ଙ୍କ ପରିବାର ମଧ୍ୟରେ ଜମିବାଡି ବିବାଦକୁ ନେଇ ଗଣ୍ଡଗୋଳ ହୋଇଥିଲା । ଏନେଇ ଉଭୟ ପରିବାର ଲୋକେ ମହାଦେବପାଲି ଫାଣ୍ଡିକୁ ଯାଇଥିଲେ । ଫାଣ୍ଡିରେ ଉଭୟ ପରିବାର ମଧ୍ୟରେ ଉପୁଜିଥିବା ବିବାଦକୁ ନେଇ ଆଲୋଚନା ହୋଇଥିଲା । ହେଲେ ଆଲୋଚନାରେ ଦୁର୍ଯ୍ୟୋଧନ ସନ୍ତୁଷ୍ଟ ନ ଥିଲେ । ପରେ ଦୁର୍ଯ୍ୟୋଧନ କଣ୍ଟିଆଙ୍କ ପରିବାର ଲୋକଙ୍କୁ ରାସ୍ତାରୁ ହଟାଇ ଦେବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ଯୋଜନା ମୁତାବକ ୪ ତାରିଖ ରାତି ପ୍ରାୟ ସାଢେ ୮ଟାରେ ବାପା କଣ୍ଟିଆ, ପୁଅ ବାଲେଶ୍ୱର ଲୁହା(୨୩) ଓ ମା' ପରମେଶ୍ୱରୀ ବାଇକ୍‌ରେ ଘରକୁ ଆସୁଥିଲେ । ସେତିକିବେଳେ ପୂର୍ବ ପ୍ରସ୍ତୁତ ମୁତାବକ ଦୁର୍ଯ୍ୟୋଧନ ଏବଂ ପରିବାର ଲୋକେ ଘୋଡାଧାର ପ୍ରାଥମିକ ବିଦ୍ୟାଳୟରେ ନିକଟରେ କଣ୍ଟିଆଙ୍କ ପରିବାର ଲୋକଙ୍କୁ ଅଟକାଇ ଆକ୍ରମଣ କରିଥିଲେ । ଏପରି କି ଏକ ଧାରୁଆ ଅସ୍ତ୍ରରେ ପରମେଶ୍ୱରୀଙ୍କ ଗଳା କାଟି ଦେଇଥିଲେ । ପରେ ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଖବର ପାଇ ମହାଦେବପାଲି ଫାଣ୍ଡି ପୋଲିସ ପହଞ୍ଚି ବାପ ପୁଅଙ୍କୁ ଉଦ୍ଧାର କରି ସୋନପୁର ମେଡିକାଲରେ ଭର୍ତ୍ତି କରିଥିଲା । ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ବର୍ତ୍ତମାନ ବାପା ପୁଅ ଚିକିତ୍ସିତ ହେଉଛନ୍ତି । ଏନେଇ ପରିବାର ଲୋକେ ବିନିକା ଥାନାରେ ଏକ ଅଭିଯୋଗ କରିଥିଲେ । ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୧୨୭/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।

ବୁଧବାର ପୋଲିସ ହତ୍ୟାକାଣ୍ଡରେ ସମ୍ପୃକ୍ତ ଘୋଡାଧାର ଗ୍ରାମର ଦୁର୍ଯ୍ୟୋଧନ, ନରହରି, ପ୍ରହ୍ଲାଦ(୪୦), ସୀତାଙ୍କୁ ପୋଲିସ ଗିରଫ କରି ବିନିକା ଜେଏମ୍‌ଏଫ୍‌ସି କୋର୍ଟ ଚାଲାଣ କରିଥିଲା । ଏପରି କି ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡା ,୨ଟି ବାଇକ୍ ଏବଂ ଏକ ମୋବାଇଲ୍ ଫୋନ ଜବତ କରିଛି । ଅନ୍ୟପକ୍ଷେ ଘଟଣାରେ ସମ୍ପୃକ୍ତ ଅନ୍ୟ ୨ଜଣ ଫେରାର ଅଛନ୍ତି । ଫେରାର ଥିବା ୨ଜଣଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସ୍‌ଡିପିଓ ପଣ୍ଡା କହିଛନ୍ତି ।

### ଖଣ୍ଡା, ମୋବାଇଲ, ବାଇକ୍ ଜବତ



ପୋଲିସ ଗିରଫ ଅଭିଯୁକ୍ତମାନଙ୍କୁ ଗଣମାଧ୍ୟମ ଆଗରେ ଉପସ୍ଥାପନ କରୁଛି ।

## ପତଞ୍ଜଳି ଯୋଗ ସମିତି ଜିଲା କାର୍ଯ୍ୟକାରିଣୀ ବୈଠକ

**ସୋନପୁର,୭।୮(ନି.ପ୍ର.)**

ପତଞ୍ଜଳି ଯୋଗ ସମିତି ସୁବର୍ଣ୍ଣପୁର ଶାଖାର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ହରିଦ୍ୱାରରୁ ଆସିଥିବା ସ୍ୱାମୀ ଓଁଦେବଜୀ ମହାରାଜ ଓ ଭାରତ ସ୍ୱାଭିମାନର ପ୍ରଭାରୀ ସୁଧାଂଶୁ ଅଧିକାରୀ ବୈଠକରେ ଯୋଗଦେଇ ଜିଲାର ପ୍ରତି ଘରେ ଯୋଗର ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ । ଯୋଗର ପ୍ରଚାର ପ୍ରସାର ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ସର୍ବସମ୍ମତି କ୍ରମେ ପତଞ୍ଜଳି ଯୋଗ ସମିତିର ସଭାପତି ଭାବେ ରବୀନ୍ଦ୍ର କୁମାର ମେହେର ଓ ଭାରତ ସ୍ୱାଭିମାନର ସହ ପ୍ରଭାରୀ ଭାବେ ସଞ୍ଜୟ କୁମାର ସାହୁଙ୍କୁ ମନୋନିତ କରାଯାଇଥିଲା । ପତଞ୍ଜଳି ଯୋଗ ସମିତି ସହ ପ୍ରଭାରୀ ପୃଥ୍ୱୀରାଜ ପଧାନ, ମଣ୍ଡଳ ପ୍ରଭାରୀ ନୟନ ରଞ୍ଜନ ଦାସ, ମନୋଜ ପଣ୍ଡା, ସତ୍ୟବାନ ମିଶ୍ର, ବିନୟ ପଣ୍ଡା, ଦିବାକର ଆଚାର୍ଯ୍ୟ, ପ୍ରଦୀପ ମେହେର, ଲଡୁ କିଶୋର ମଲ୍ଲିକ, ଇନ୍ଦୁମତି ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ମନମୁଣ୍ଡା, ୭।୮ (ଡି.ଏନ.ଏ):** ବୌଦ୍ଧ ଜିଲା ଶଗଡାର ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉତ୍ସବରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ସୁମିତା ଭଟ୍ଟାଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ବିଦ୍ୟାଳୟ ପରିଚାଳନା ପରିଷଦ ଉପସଭାପତି ସନ୍ତୋଷ ଦେହୁରୀ ମୁଖ୍ୟଅତିଥି ଏବଂ ସମ୍ପାଦକ ସୁରଥ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଦ୍ୱିତୀୟ ବର୍ଷର ଛାତ୍ରୀ ମିନାକ୍ଷୀ ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ଛାତ୍ର ବିନୋଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଛାତ୍ରୀ ବାମଲିନୀ ଛନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ମୁଖ୍ୟବକ୍ତା ମିଶ୍ର ଚରିତ୍ର ଗଠନ ଉପରେ ଅଭିଭାଷଣ ଦେଇଥିଲେ । ବିଦ୍ୟାଳୟର ଶୃଙ୍ଖଳା ବିଷୟରେ ଅଧକ୍ଷା ଭଟ୍ଟାଚାର୍ଯ୍ୟ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ଦାୟିତ୍ୱ ବଣ୍ଟନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।

### ମଧୁପୁରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ

**ଅମରପାଲି, ୭।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ମୁର୍ଷୁଣ୍ଡୀ ପଞ୍ଚାୟତ ମଧୁପୁର ଗ୍ରାମରେ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସରପଞ୍ଚ ରୀନା ପୁଟା ଅଧକ୍ଷତା କରିଥିବା ବେଳେ ଅଙ୍ଗନୱାଡି କର୍ମୀ ସୁଷମା ପଧାନ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଗ୍ରାମର ପ୍ରସୂତି ମା'ମାନଙ୍କୁ ଶିଶୁଙ୍କ ଯତ୍ନ ମା' କ୍ଷୀରର ଆବଶ୍ୟକତା ଉପରେ କହିଥିଲେ। ଏପରି କି ଶିଶୁକୁ ୬ମାସ ପର୍ଯ୍ୟନ୍ତ ମା'କ୍ଷୀର ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଙ୍କଜିନୀ ମହାନନ୍ଦ, ନିବେଦିତା ବାରିକ, ମଞ୍ଜୁଲା ଧରୁଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶେଷରେ ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ଅକ୍ରୁର ନାଏକ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଶିଶୁ ଅଧିକାର ଆଇନ ସମ୍ବନ୍ଧୀୟ ସଚେତନତା

## ମାଗଣା, ବାଧ୍ୟତାମୂଳକ ଶିକ୍ଷା ଶିଶୁଙ୍କ ଅଧିକାର

**ସୋନପୁର,୭।୮(ନି.ପ୍ର.)**

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ଓ ସୁବର୍ଣ୍ଣପୁର ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଶିଶୁ ଅଧିକାର ଆଇନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଓଏସ୍‌ସିପିସିଆର୍ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଯୋଗଦେଇ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଶିଶୁଙ୍କ ଅଧିକାର ବୋଲି କହିଥିଲେ । ଶିଶୁ ଅଧିକାର ଆଇନ ୨୦୦୯ ଅନୁଯାୟୀ ୬ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରାଯିବ । ଏନେଇ ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମି, ଶିକ୍ଷକ ଓ ଶିକ୍ଷଣ ସାମଗ୍ରୀ ଥିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟରେ ଶିଶୁ ନିରାପତ୍ତା ଓ ସୁରକ୍ଷା ଉପରେ ଆୟୋଗ ଗୁରୁତ୍ୱ ଦେଇଥିଲେ । ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅପ୍ରେରିଆ କେର୍କେଟା, ଜିଲା ମଙ୍ଗଳ ଅଧିକାରୀ ପାଲକା ରବିନ୍ଦ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ଥାଟି ଯୋଗଦେଇ ଶିକ୍ଷା ଅଧିକାର ଆଇନ ସମ୍ପର୍କିତ ନିଜ ବିଭାଗର ସଫଳତା, ସରକାରୀ ଯୋଜନା ଓ ସମସ୍ୟା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ । ଶିଶୁ ମଙ୍ଗଳ ସମିତିର ଅଧକ୍ଷ ହିମାଂଶୁ ଭୂଷଣ ନାୟକ ଶିଶୁ ନିରାପତ୍ତା ଓ ସୁରକ୍ଷା ସମ୍ପର୍କରେ ବୁଝାଇଥିଲେ । ସଚେତନତା କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ଦିବ୍ୟା ଶାଶ୍ୱତୀ, ହରିହର ନାୟକ, ରେଜିଷ୍ଟ୍ରାର ସତ୍ୟଜିତ ସେନ, ସାମାଜିକକର୍ମୀ ତଥା ଓପେପାର ପ୍ରତିନିଧି ଘାସିରାମ ପଣ୍ଡା ପ୍ରମୁଖ ଶିକ୍ଷା ଅଧିକାର ଆଇନ ସମ୍ବନ୍ଧରେ ଆଲୋଚନା କରିଥିଲେ । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ଅତିରିକ୍ତ ଏସ୍‌ପି ଆନ୍ଥୋନି ତିର୍କୀ, ଡିଆଇପିଆର୍‌ଓ ହରିଚରଣ ମିଶ୍ର, ସୋନପୁର ବିଇଓ ଘନଶ୍ୟାମ ମେହେର, ତରଭା ବିଇଓ କେଶବ ମେହେର, ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର, ବିନିକା ବିଇଓ ଶଶିଭୂଷଣ ସେଠୀ, ଡୁଙ୍ଗୁରିପାଲିର ଡ. ରାଧାକାନ୍ତ ଗଡତିଆ, ଉଲୁଣ୍ଡାର ଗରୁଡଧ୍ୱଜ ମୁଦୁଲି, ଅନଙ୍ଗ ନେଗୀଙ୍କ ସମେତ ସିଆରସିସି, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବକଙ୍କୁ ଦୁର୍ବ୍ୟବହାର, ହତ୍ୟା ଧମକ: ପ୍ରାକ୍ତନ ଏଡିଇଓ, ଜଗୁଆଳିଙ୍କ ନାମରେ ମାମଲା

**ସୋନପୁର,୭।୮(ନି.ପ୍ର.)**

ଯୁବକଙ୍କୁ ଦୁର୍ବ୍ୟବହାର ଓ ହତ୍ୟା ଧମକ ଘଟଣାରେ ସୁବର୍ଣ୍ଣପୁରର ପ୍ରାକ୍ତନ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ସର୍ବଶିକ୍ଷା ଅଭିଯାନର ଭାରପ୍ରାପ୍ତ ଡିପିସି ବେଣୁଧର ବେହେରା ଓ ସର୍ବଶିକ୍ଷା ଅଭିଯାନର ରାତ୍ରି ଜଗୁଆଳି କାମାକ୍ଷା ତାଣ୍ଡିଆଙ୍କ ନାମରେ ମାମଲା ରୁଜୁ ହୋଇଛି । ସୋନପୁର ଥାନା ଜନମୁରାର ଶଙ୍କର୍ଷଣ ବେରିହାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି । ଶଙ୍କର୍ଷଣ ଅଭିଯୋଗ କରିଛନ୍ତି ଯେ, ଗତ ମାର୍ଚ୍ଚ ୨ ତାରିଖରେ ସୂଚନା ଅଧିକାର ଆଇନ ବଳରେ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟରୁ ସେ କିଛି ତଥ୍ୟ ମାଗିଥିଲେ । ତଥ୍ୟ ଆଣିବା ପାଇଁ ଏପ୍ରିଲ ୧୧ ତାରିଖରେ ପତ୍ନୀ ରୀତାରାଣୀଙ୍କ ସହିତ ଅଫିସ ଯାଇଥିଲେ । ରୀତାରାଣୀଙ୍କୁ ବାହାରେ ଛିଡା କରାଇ ଶଙ୍କର୍ଷଣ ଅଫିସ ଭିତରକୁ ଯାଇଥିଲେ । କିନ୍ତୁ ସର୍ବଶିକ୍ଷା ଅଭିଯାନର ଡିପିସି ବେହେରା ଓ ରାତ୍ରି ଜଗୁଆଳି ତାଣ୍ଡିଆ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ହତ୍ୟା ଧମକ ଦେଇଥିବା ଶଙ୍କର୍ଷଣ ଅଭିଯୋଗ କରିଛନ୍ତି । ଏନେଇ ସୋନପୁର ଥାନାରେ ଏକ ମାମଲା(୧୩୦/୧୯) ରୁଜୁ ହୋଇଛି । ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଏଡିଇଓ ବେହେରା ଗତ ଜନ ୩୦ ତାରିଖରେ ଚାକିରିରୁ ଅବସରଗ୍ରହଣ କରିଛନ୍ତି ।

# ଫୁଲଚରାରେ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି,୭।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ବାଗବର ପଞ୍ଚାୟତ ଫୁଲଚରା ଗ୍ରାମରେ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଓ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ଗ୍ରାମର ଗର୍ଭବତୀ, ପ୍ରସୂତି ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କୁ ନେଇ କାର୍ଯ୍ୟକ୍ରମ ହୋଇଥିଲା । ଗାଁ ସ୍ୱାସ୍ଥ୍ୟ ସଂଯୋଜକ ବିଶ୍ୱନାଥ ମହାକୁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବାଗବର ସରପଞ୍ଚ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ଚିକିତ୍ସା ପରିଦର୍ଶକ ବିଶିକେଶନ ରଥ, ପ୍ରାଣବନ୍ଧୁ ଦେହେରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଓ ଯକ୍ଷ୍ମା ରୋଗର କାରଣ ଏବଂ ନିରାକରଣ ବିଷୟରେ କହିଥିଲେ । ଏଥିରେ ଆଶାକର୍ମୀ ପୂର୍ଣ୍ଣମାସୀ ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।



ମଦ ବିକ୍ରି ବନ୍ଦ ଦାବି ନେଇ ଉଡାର ଗ୍ରାମବାସୀ ଦେଓଗାଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

## କୁଟିଆ ମଦ ବିକ୍ରି ବନ୍ଦ ଦାବି

# ଗ୍ରାମବାସୀ ଥାନାର ଦ୍ୱାରସ୍ଥ

**ଦେଓଗାଁ,୭।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅଧୀନ ଉଡାରଗ୍ରାମରେ କୁଟିଆ ମଦ ବିକ୍ରି ବନ୍ଦ ଦାବି କରି ଗ୍ରାମବାସୀ ବୁଧବାର ଦେଓଗାଁ ଥାନା ଅଧିକାରୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଗାଁରେ ଅବାଧରେ ଦେଶୀ ମଦ ବିକ୍ରି ଚାଲିଛି । ଫଳରେ ଗାଁରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଫଳରେ ମା' ଭଉଣୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ଅନ୍ୟପକ୍ଷେ ମଦ୍ୟପଙ୍କ ଗଣ୍ଡଗୋଳ ଯୋଗୁ ଛାତ୍ରୀଛାତ୍ରମାନଙ୍କ ପାଠପଢ଼ାରେ ମଧ୍ୟ ବ୍ୟାଘାତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏନେଇ ତୁରନ୍ତ ଗାଁରେ ମଦ ବିକ୍ରି ବନ୍ଦ କରିବାକୁ ଦାବି ହୋଇଛି । ଏଥିପ୍ରତି ପୋଲିସ ପ୍ରଶାସନ ଏବଂ ଅବକାରୀ ବିଭାଗ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଘଣ୍ଟାପଡ଼ା ଫାଣ୍ଡିରେ ବରିଷ୍ଠ ନାଗରିକଙ୍କୁ ନେଇ ବୈଠକ

**ଘଣ୍ଟାପଡ଼ା,୭।୮(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅଧୀନ ଘଣ୍ଟାପଡ଼ା ଫାଣ୍ଡି ପ୍ରାଙ୍ଗଣରେ ଥାନାଧିକାରୀ ସୁଶାନ୍ତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଘଣ୍ଟାପଡ଼ା ଫାଣ୍ଡି ଅଧୀନ ବରିଷ୍ଠ ନାଗରିକଙ୍କୁ ନେଇ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଫାଣ୍ଡି ଅଧିକାରୀ ବଳଭଦ୍ର ଗଣ୍ଡା, ଏଏସଆଇ ମଧୁସୂଦନ କଅଁର, ହାବିଲଦାର ହଜାରୀ ନାଏକ ମଞ୍ଚାସୀନ ଥିଲେ । ମୁଖ୍ୟବକ୍ତା ଭାବେ ଖବରଦାତା ପ୍ରଭାତ କୁମାର ସାହୁ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ପୋଲିସର କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଥାନାଧିକାରୀ ସେଠୀ ନାଗରିକମାନଙ୍କ ଉଦ୍ଦେଶ୍ୟରେ ସାଲୁଟ ମାରି ଆପଣମାନଙ୍କୁ ସେବା ଓ ସହଯୋଗ ଯୋଗାଇବା ପୋଲିସର କର୍ତ୍ତବ୍ୟ, ପୋଲିସ ସଦାସର୍ବଦା ଦେଶ ସେବାରେ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ ତୁଲାଇଥାଏ ବୋଲି କହିବା ସହ ଜନସାଧାରଣ ପୋଲିସକୁ କଟାକ୍ଷ କରିବା ବିଷୟକୁ ସମାଲୋଚନା କରିଥିଲେ । ଘଣ୍ଟାପଡ଼ା ଫାଣ୍ଡି ଏଏସଆଇ ଜ୍ୟୋତିରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବଳଦେବ ବେହେରା ଅତିଥି ପରିଚୟ ଓ ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କନଷ୍ଟେବଳ ଜଗାନନ୍ଦ ମେଣ୍ଡିଲି, ସନ୍ତୋଷ ବେହେରା, ରାଜେନ୍ଦ୍ର ପତଙ୍ଗ, ସନ୍ତୋଷିନୀ ସାହୁ, ଗୃହରକ୍ଷୀ ଗିରିଧାରୀ ମାଝି, ଲକ୍ଷ୍ମୀଧର ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ବରିଷ୍ଠ ନାଗରିକ ବୈଠକରେ ମଞ୍ଚାସୀନ ଅତିଥି ।







ବଲାଙ୍ଗୀର ସହର ମେନ୍ ମାର୍କେଟ ରାସ୍ତାରେ ବର୍ଷାଜଳ ଜମିରହି ନାଳ ଭ୍ରମ ସୃଷ୍ଟି କରୁଛି(ବାମ) । ବଲାଙ୍ଗୀର ମାଳପଡ଼ା-ତେଲିଗୋଠପଡା ଛକରେ ବର୍ଷା ପାଣି(ମଝି) । ଆଦର୍ଶପଡାରେ ଜଣେ ବ୍ୟକ୍ତିଙ୍କ ରୋଷେଇଘରେ ଡ୍ରେନ୍ ପାଣି ପଶିଯାଇଛି ।

# ଲଗାଣ ବର୍ଷାରେ ବଲାଙ୍ଗୀର ଉବୁଟୁବୁ

- ଘରକୁ ପଶିଲା ପାଣି, ରାସ୍ତା ହେଲା ନାଳ
- ଡ୍ରେନ୍ ଜବରଦଖଲ ମହଙ୍ଗା ପଡୁଛି
- ମ୍ୟୁନିସିପାଲିଟି, ଅଗ୍ନିଶମ ବିଭାଗକୁ ହାରିଗୁହାରି କରୁଛନ୍ତି ଲୋକେ

**ବଲାଙ୍ଗୀର ଅଫିସ, ୭।୮**

ମଙ୍ଗଳବାର ରାତିରୁ ଲାଗି ରହିଥିବା ଲଗାଣ ବର୍ଷାରେ ବଲାଙ୍ଗୀର ସହର ଉବୁଟୁବୁ ହୋଇପଡିଛି । ସହରର ବିଭିନ୍ନ ପଡ଼ାର ଲୋକଙ୍କ ଘରେ ପାଣି ପଶିଛି । ଏପରି କି ସହରର ମୁଖ୍ୟ ରାସ୍ତା ଓ ଗଳିକନ୍ଦି ରାସ୍ତାରେ ପାଣି ଜମି ରହି ନାଳର ଭ୍ରମ ସୃଷ୍ଟି ହୋଇଛି । ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପକ୍ଷେ ସହରର ଶତାଧିକ ପରିବାର ଚୁଲି ଜଳାଇ ନ ଥିବା ଜଣାପଡିଛି ।

ବୁଧବାର ଦିନତମାମ ଲଗାଣ ବର୍ଷା ଜାରି ରହିଥିବାରୁ ବଲାଙ୍ଗୀର ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ଦେଖାଦେଇଛି । ସହରର ସରକାରୀ ବସ୍‌ଷ୍ଟାଣ୍ଡରୁ ପାଟଣା ହୋଟେଲ ଛକ ଏବଂ ମେନ୍ ମାର୍କେଟ ରାସ୍ତା ଜଳମଗ୍ନ ହୋଇପଡିଛି । ଡ୍ରେନ୍ ଜବରଦଲଖ ଯୋଗୁ ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି ମୁଖ୍ୟ ରାସ୍ତାରେ ପାଣି ଜମି ରହିଥିବା ସାଧାରଣରେ ଅଭିଯୋଗ ହୋଇଛି । ଫଳରେ ଲୋକେ ଯିବା ଆସିବା କାଳାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସର ବିଭିନ୍ନ ଦୋକାନ ଓ ବଜାର ଭିତରକୁ ପାଣି ପଶିଯାଇଛି । ଟିକ୍ରାପଡ଼ା, ମାଳପଡା, ତେଲିଗୋଠପଡ଼ା, କନ୍ଧପାଲିପଡ଼ା, ତାଳପାଲିପଡ଼ା, ବରପାଲିପଡା, ବ୍ରାହ୍ମଣପଡ଼ା, ଗାନ୍ଧୀନଗରପଡ଼ା, ରାମେଶ୍ୱରନଗର, ଉଦୟନଗର, ସାଲେପାଲି, ମନୋହରପୁର, ରାଜୀବନଗର, ତୁଳସୀନଗର, ଆଦର୍ଶପଡ଼ା, କଲେଜ ଛକ ଅଞ୍ଚଳରେ ବର୍ଷାଜଳ ନିଷ୍କାସିତ ହୋଇପାରୁ ନାହିଁ । ମାଳପଡ଼ାରେ ବିଭିନ୍ନ ଲୋକଙ୍କ ଘରେ ବର୍ଷା ପାଣି ପଶିଯିବାରୁ ଲୋକେ ଜଳବନ୍ଦୀ ହୋଇଯାଇଥିଲେ । ସେହିପରି ଆଦର୍ଶପଡ଼ା, ବରପାଲିପଡ଼ା, ତାଳପାଲିପଡ଼ା, ରାଜୀବନଗର, ତୁଳସୀନଗରରେ ଲୋକେ ଜଳବନ୍ଦୀ ହୋଇ ରହିଥିବା ଜଣାପଡିଛି । ବିଭିନ୍ନ ପଡ଼ାର ଲୋକେ ଅଗ୍ନିଶମ ବିଭାଗକୁ ଫୋନ କରି ସହାୟତା କରିବାକୁ ଅନୁରୋଧ କରିଛନ୍ତି । ପରିସ୍ଥିତି ଏଭଳି ହୋଇଛି ଯେ, ଅଧିକାଂଶ ଲୋକ ଘର ଛାଡିବାକୁ ବାଧ୍ୟ ହେଉଥିବା ସୂଚନା ମିଳିଛି । ଠିକଣା ସମୟରେ ଡ୍ରେନ୍ ସଫେଇରେ ଅବହେଳା ଓ ଜବରଦଲଖ ସମସ୍ୟାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ମାଳପଡ଼ା-ତେଲିଗୋଠପଡ଼ା ଛକ, ତେଲିଗୋଠପଡ଼ା-ପ୍ରତାପସାଗରପଡ଼ା ରାସ୍ତା, ଆଦର୍ଶପଡ଼ା ରାସ୍ତା, ବରପାଲିପଡ଼ା ଭଳି ଅଞ୍ଚଳ ରାସ୍ତା ନାଳାରେ ପରିଣତ ହୋଇଛି । ଏନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପଙ୍କୁ ପଚରାଯିବାରୁ ବିଭିନ୍ନ ପଡ଼ାରେ ଲୋକେ ଜଳବନ୍ଦୀ ଥିବା ଖବର ମିଳିଛି । ଅଗ୍ନିଶମ ବିଭାଗ ସହାୟତାରେ ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ଚେଷ୍ଟା କରାଯାଉଛି ବୋଲି ସେ କହିଥିଲେ ।



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ୍ୟ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ



## ସଂକ୍ଷେପରେ



### କେଗାଁ ଥାନା ପକ୍ଷରୁ ପରୀ କାର୍ଯ୍ୟକ୍ରମ

**କେଗାଁ,୭।୮(ଡି.ଏନ.ଏ.)**- କଳାହାଣ୍ଡି ଜିଲା କେଗାଁ ଥାନା ପକ୍ଷରୁ ସ୍ଥାନୀୟ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ପରୀ ୩ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେଗାଁ ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ସୁବାସ ଚନ୍ଦ୍ର କରକରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେଗାଁ ସରପଞ୍ଚ ଦେବକି ଭୋଇ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି କେଗାଁ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କ୍ଷିରୋଦ କୁମାର ସାହୁ, ସହଶିକ୍ଷକ ଶରତ ଚନ୍ଦ୍ର ସାହୁ, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମି ସିପ୍‌କ, ସହଶିକ୍ଷୟିତ୍ରୀ ସବିତା ପୁଟେଲ, ସୁଶାନ୍ତ କୁମାର ଦଳେଇ, ରମେଶ ଅଗ୍ରୱାଲ,ଏଏସ୍‌ଆଇ ସୁମଲ ବାଗ, ଶ୍ରଦ୍ଧାକର କନ୍ଧ ପ୍ରମୁଖ ଉପସ୍ଥିତ ରହି ଉପସ୍ଥିତ ଶତାଧିକ ଛାତ୍ରୀମାନଙ୍କୁ ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ପ୍ରଥା ଏବଂ ଶିଶୁ ଚାଲାଣ ସମ୍ପର୍କିତ ବିଷୟରେ ସଚେତନ କରିଥିଲେ। ଏଥିସହ ନିଜ ଅଞ୍ଚଳରେ ଉକ୍ତ ସଚେତନତା ବାର୍ତ୍ତା ପହଞ୍ଚାଇବାକୁ ଅତିଥିମାନେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଏଥିପୂର୍ବରୁ ଛାତ୍ରୀମାନଙ୍କୁ ନେଇ ଏକ ସଚେତନା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଏଏସ୍‌ଆଇ ହର ସ୍ୱାଇଁ, ଗୁଣନିଧି ସାହୁ, ହାବିଲଦାର ଅର୍ଜୁନ ବିଭାଗ, କନଷ୍ଟେବଲ ବାଳକୃଷ୍ଣ ସାହୁ, ଦିଲୀପ ସେନାପତି, ପ୍ରତାପ ଛତ୍ରିଆ, ସସ୍ମିତା ପ୍ରଧାନୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ସୁଷମା ସ୍ୱରାଜଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

**ଭବାନୀପାଟଣା,୭।୮(ଡି.ଏନ.ଏ.)**- ପୂର୍ବତନ ବୈଦେଶିକ ବ୍ୟାପାରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ସଚେତନ ନାଗରିକ କମିଟି ଓ ଭାଜପା ବୋର୍ଡା ମଣ୍ଡଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ରୋଶନ ଲାଲ ଛତରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୋର୍ଡା ସରପଞ୍ଚ ରୀନାରାଣୀ ଜାଲ, ଡୁମୁରିଆ ସରପଞ୍ଚ ସଂଜୀବ କୁମାର ମିଶ୍ର, ବିଜେପି ମଣ୍ଡଳ ସଭାପତି ଜୟରାମ ଗହିର, ଏସସି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ କୋଦଣ୍ଡ ମହାନନ୍ଦ, ଦଳିତ ନେତା ହରପ୍ରସାଦ ଛୁରା, ସମାଜସେବୀ ଯୁଧିଷ୍ଠିର ଜାଲ, ଏସଟି ମୋର୍ଚ୍ଚା ଜିଲା ସମ୍ପାଦକ ସାଗର ମାଝି, ପର୍ଶୁରାମ ସେନାର ହେମନ୍ତ କୁମାର କର, ବୀରେନ୍ଦ୍ର ପ୍ରଧାନ, ରୁଦ୍ରାକ୍ଷ ସେନାପତି ପ୍ରମୁଖ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଲୋକନାଥ ବେହେରା, ସୁନୀଲ ସାହୁ, ଆକାଶ ପାୟାସିଂ, ଅନିଲ ଥାପା, ଶନି ଭୋଇ, ଶିବ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।



ବର୍ଷାରେ ଘର ଭାଙ୍ଗିପଡ଼ିଛି।



ବର୍ଷା ପାଣି ଘରେ ପଶିଯାଇଛି।



ଗାଁ ଭିତରକୁ ବନ୍ୟାପାଣି ପ୍ରବେଶ କରିଛି।

# ଲଗାଣ ବର୍ଷାରେ ଲାଞ୍ଜିଗଡ଼ରେ ବନ୍ୟା ପରିସ୍ଥିତି

**ଲାଞ୍ଜିଗଡ,୭।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ବିଭିନ୍ନ ଅଞ୍ଚଳରେ ସୋମବାରଠାରୁ ବର୍ତ୍ତମାନ ଯାଏଁ ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ରାସ୍ତା ଉପରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ମଙ୍ଗଳବାଠାରୁ ବିଦ୍ୟୁତ ସରବରାହରେ ବ୍ୟାହତ ହେବା ସହ ମୋବାଇଲ ନେଟୱାର୍କ ରହୁନାହିଁ। ଅନେକ ସ୍ଥାନରେ ଘର ଭୁଶୁଡି ପଡିଥିବା ଯୋଗୁ ଲୋକ ଘରଦ୍ୱାର ଛାଡି ନିରାପଦ ଆଶ୍ରୟ ସ୍ଥଳକୁ ଯାଇଥିବା ଖବର ମିଳିଛି। ମଙ୍ଗଳବାର ରାତି ୮ଟାରେ ଚନ୍ଦନପୁର ଗାଁ ସ୍କୁଲପଡାର ୫ଟି ପରିବାର ବିଦ୍ୟାଳୟରେ ଆଶ୍ରୟ ନେଇଛନ୍ତି। ମଙ୍ଗଳବାର ଲଗାଣ ବର୍ଷାରେ ଲାଞ୍ଜିଗଡ-ମୁନିଗୁଡା ମୁଖ୍ୟରାସ୍ତା ବେଦାନ୍ତ କମ୍ପାନୀ ପାଖ ରାସ୍ତା ଉପରେ ୪ ଫୁଟ ପାଣି ପ୍ରଭାହିତ ହେଉଥିବା ଯୋଗୁ ରାସ୍ତାର ଗୋଟିଏ ପାଖ କଟିଯାଇ ଯାତାୟାତ ଏକ ପ୍ରକାର ଠପ୍ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ୨୯ ତାରିଖଠାରୁ ଲାଞ୍ଜିଗଡ ଅଞ୍ଚଳରେ ଝିପିଝିପି ବର୍ଷା ଲାଗି ରହିଥିଲା। ମଙ୍ଗଳବାର ସକାଳ ୮ଟାରୁ ଦିନସାରା ପ୍ରବଳ ବର୍ଷା ଯୋଗୁ ନଈ, ନାଳରେ ବନ୍ୟାଜଳ ବୋହୁଛି। ମୁନିଗୁଡା-ଲାଞ୍ଜିଗଡ ମୁଖ୍ୟ ରାସ୍ତାରେ ମଙ୍ଗଳବାର ୧ଟାରୁ ୧ ଫୁଟ୍ ପାଣି ଚାଲିଥିବା ବେଳେ ରାତି ୧୦ଟାରୁ ୪ଫୁଟ୍ ପାଣି ପ୍ରବାହିତ ହୋଇ ଯାତାୟାତ ଠପ୍ ହୋଇଯାଇଛି। ଦିଆଲବାହାଲିସ୍ଥିତ ରେତ ନଦୀରେ ବନ୍ୟାଜଳ ବୃଦ୍ଧି ପାଇଥିବାରୁ ୮ଟି ଗାଁ ଦିଆଲବାହାଲି, ସଲପାଙ୍ଗ୍, ମନସ୍ତରା, ବାରଗୁଡା, ତେନ୍ତୁଳିପୁଙ୍ଗା, ରଣରଣା ଆଦି ଗାଁ ଜଳବନ୍ଦି ଜୀବନଯାପନ କରୁଛନ୍ତି। ପାଇକବୋରିଠାରୁ ମୁଷାନାଳ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରାସ୍ତା ଅଧାପନ୍ତରିଆ ହୋଇଥିବାରୁ କାଦୁଅ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

**ଜନଜୀବନ ଅସ୍ତବ୍ୟସ୍ତ**

- ଅନେକ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ
- ରାସ୍ତା, ଘର ଭିତରେ ୪ ଫୁଟର ପାଣି
- ବିଭିନ୍ନ ନଦୀରେ ବନ୍ୟାଜଳ ବୃଦ୍ଧି

କାନକୁଟୁ ପଞ୍ଚାୟତ ଅନେକ ଘର ଭାଙ୍ଗି ଯାଇଥିବା ବେଳେ ଚନ୍ଦନପୁର ଗାଁରେ ମଧ୍ୟ ୨ ଜଣଙ୍କ ଘର ଭାଙ୍ଗି ଯାଇଥିବା ସୂଚନା ମିଳିଛି। ସାନ୍ଦୁଲ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇ ଲାଞ୍ଜିଗଡରୋଡ ପଞ୍ଚାୟତରମାଣିବନ୍ଧା ଗାଁ ପଞ୍ଚାୟତ ମହକୁମା ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ସେହିଭଳି ବଂଶଧାରା ନଦୀରେ ଜଳପତନ ବୃଦ୍ଧି ଯୋଗୁ ନିଆଳି, ଗୋପୀନାଥପୁର, ବୋରିଙ୍ଗପଦର, ବାଣିପଙ୍ଗା ଆଦି ଗାଁର ଲୋକେ ଜଳବନ୍ଦି ଅବସ୍ଥାରେ ଅଛନ୍ତି। ଦୁର୍ଗମ ଅଞ୍ଚଳରେ ବର୍ଷା ପାଇଁ ଅନେକ ଲୋକ ବେଘର ହୋଇଯାଇଥିବା ବେଳେ ଅନେକ ଲୋକ ଭୋକ ଉପାସରେ ରହିଛନ୍ତି । ସେହିପରି ୩ ଦିନର ଲଗାଣ ବର୍ଷାରେ ଲାଞ୍ଜିଗଡର ବଜାରପଡାର ଅରବିନ୍ଦ ଗୁପ୍ତା ଓ ଡାକ୍ତରଙ୍କ ବସାରେ ଓ ଫାରମାସିଷ୍ଟ ଟୁନା ପାଣିଗ୍ରାହୀଙ୍କ ଘରେ ପାଣି ପଶିଯାଇଛି। ଦମକଳ ବିଭାଗ ଯାଇ ପାଣି ନିଷ୍କାସନ କରିଥିଲେ। ହେଲେ ଘାଟି ଅଞ୍ଚଳରେ ଥିବା ୮ଟି ପଞ୍ଚାୟତରେ ନିର୍ବାହୀ ଅଧିକାରୀମାନେ ପଞ୍ଚାୟତରେ ନ ରହି ଘରେ ରହୁଥିବାରୁ ଅନେକ ବନ୍ୟା ପ୍ରପିଡିତ ଲୋକେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗତ ୩ ଦିନ ହେଲା ଲାଞ୍ଜିଗଡ ଅଞ୍ଚଳରେ ଲଗାଣ ବର୍ଷା ହେଉଥିଲେ ହେଁ ବ୍ଲକ ପ୍ରସାଶନ କାହାରି ପାଖରେ ପହଞ୍ଚି ପାରି ନାହାନ୍ତି। ଏହାକୁ ନେଇ ଅସନ୍ତୋଷ ସୃଷ୍ଟି ହେବା ସହ ରିଲିଫ୍ ସାମଗ୍ରୀ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଲାଞ୍ଜିଗଡ ବିଡିଓଙ୍କୁ ପଚାରିବାରୁ ଆମେ ସମସ୍ତ ନିର୍ବାହୀ ଅଧିକାରୀଙ୍କୁ ତାଗିଦ କରିଛୁ, ପଞ୍ଚାୟତ ମହକୁମାରେ ରହିବା ପାଇଁ ଏବଂ ଯେଉଁମାନଙ୍କ ଘର ଭାଙ୍ଗିଛି ସେମାନଙ୍କ ପାଇଁ ପୋଲିଥିନ ବ୍ୟବସ୍ଥା କରିଛୁ। ବ୍ଲକ ପ୍ରଶାସନ ସଦାବେଳେ ସଜାଗ ରହିଛି ବୋଲି ପ୍ରକାଶ କରିଥିଲେ ।

### ଲାଞ୍ଜିଗଡ଼ ବ୍ଲକରେ ସର୍ବାଧିକ ୩୮୨.୬ ମି.ମି. ବର୍ଷା

**ଭବାନୀପାଟଣା,୭।୮ (ଡି.ଏନ.ଏ.)**

ମଙ୍ଗଳବାର ଜିଲାରେ ଲାଞ୍ଜିଗଡ ବ୍ଲକରେ ସର୍ବାଧିକ ୩୮୨.୬ ମି.ମି. ବର୍ଷା ରେକର୍ଡ କରାଯାଇଥିବା ବେଳେ ଥୁଆମୂଳରାମପୁରରେ ୨୦୦ ମି.ମି., ଭବାନୀପାଟଣା ୬୫ ମି.ମି., କେସିଙ୍ଗା ୫୫ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। କର୍ଲାମୁଣ୍ଡା ୮୭ ମି.ମି., ମ. ରାମପୁର ୧୬୬ ମି.ମି., ନର୍ଲା ୧୧୦ ମି.ମି., ଧର୍ମଗଡ ୨୦.୨ ମି.ମି., ଜୁନାଗଡ ୪୨ ମି.ମି., କଲମପୁର ୧୦୭.୩ ମି.ମି., ଜୟପାଟଣା ୧୩୫ ମି.ମି., କୋକସରା ୩୭.୫ ମି.ମି., ଗୋଲାମୁଣ୍ଡା ୧୪.୬ ମି.ମି. ବର୍ଷା ହୋଇଥିବା ପ୍ରଶାସନ ରେକର୍ଡ କରିଥିବା ବେଳେ ଆହୁରି ଦୁଇଦିନ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।

## ବାଇକ୍ ଚୋରି ଘଟଣା
# ଘରେ ଗାଡ଼ି ଛାଡ଼ି ଦୁର୍ବୃତ୍ତ ଫେରାର

**ଜୁନାଗଡ, ୭।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ୧୨ନଂ ୱାର୍ଡରେ ରହୁଥିବା ସୁଜିତ ସାହୁଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଏକ ପଲସର ବାଇକ ଚୋରି କରି ନେଇଥିଲେ। ଦୁର୍ବୃତ୍ତ ବାଇକ ଚୋରି କରି ନେଉଥିବା ସମୟର ଭିଡିଓ ସୁଜିତ ଘର ବାହାରେ ଲଗାଇଥିବା ସିସିଟିଭି ଫୁଟେଜରେ କଏଦ ହୋଇଥିଲା। ଏହି ଭିଡିଓ ଫୁଟେଜ ସହିତ ମଙ୍ଗଳବାର ସୁଜିତ ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ। ଦିନକ ପରେ ଅର୍ଥାତ୍ ବୁଧବାର ଭବାନୀପାଟଣା ପୁରୁଣାପଡାରେ ଉକ୍ତ ବାଇକ ଓ ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ବ୍ୟକ୍ତିଙ୍କୁ ଦେଖି କିଛି ଲୋକ ଗାଡି ମାଲିକ ସୁଜିତଙ୍କୁ ଖବର ଦେଇଥିଲେ। ଉକ୍ତ ଗାଡି ପୁରୁଣାପଡାର ମିଥୁନ ଶବରଙ୍କ ଘରେ ଥିବା ଜଣାପଡିଥିଲା। ଏହାପରେ ସୁଜିତ ଘଟଣା ସମ୍ପର୍କରେ ଜୁନାଗଡ ପୋଲିସକୁ ଖବର ଦେଇଥିଲେ। ଜୁନାଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ମିଥୁନଙ୍କ ଘରୁ ସୁଜିତ ଗାଡି ଉର୍ଦ୍ଧାର କରିଥିଲେ। ଗାଡି ଚୋରି କରିଥିବା ମିଥୁନ ସେଠାରେ ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି। ଏହି କାମରେ ଅଭିଯୁକ୍ତ ମିଥୁନଙ୍କ ସହ ଜୁନାଗଡର ବି କିଛି ଲୋକ ସାମିଲ ଥିବା ଅଭିଯୋଗ ହୋଇଛି।



ଅଭିଯୁକ୍ତ ମିଥୁନ ।

### ଲାଞ୍ଜିଗଡ ବିଇଓଙ୍କୁ ଥୁଆମୂଳ ରାମପୁର ଦାୟିତ୍ୱ

**ଭବାନୀପାଟଣା/କଲମପୁର, ୭।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଗତ ୧ ତାରିଖରେ କଲମପୁର ଗୋଷ୍ଠୀ ଶିକ୍ଷାଧିକାରୀ ନବୀନ କୁମାର ଖମାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଦାୟିତ୍ୱ ଦେବାର ୨/୩ ଦିନ ମଧ୍ୟରେ ତାଙ୍କ ସ୍ଥାନରେ ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷାଧିକାରୀ ସଞ୍ଜୀବ କୁମାର ନାଏକଙ୍କୁ ସେଠାରେ ଦାୟିତ୍ୱ ଦିଆଗଲା। ସୂଚନାଯୋଗ୍ୟ ଯେ, ଥୁ. ରାମପୁର ଗୋଷ୍ଠୀ ଶିକ୍ଷାଧିକାରୀ ସୁଧିର କୁମାର ରଥ ଗତ ୩୧ ତାରିଖରେ ଚାକିରିରୁ ଅବସର ହେବା ପରେ ଉକ୍ତ ପଦବୀ ଖାଲି ରହିଥିଲା। ଏହି ସ୍ଥାନରେ କଲମପୁର ଗୋଷ୍ଠୀ ଶିକ୍ଷାଧିକାରୀ ନବୀନ କୁମାର ଖମାରୀଙ୍କୁ ଜିଲା ଶିକ୍ଷାଧିକାରୀ ଗତ ୧ ତାରିଖରେ ଥୁଆମୂଳ ରାମପୁର ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରଥଙ୍କଠାରୁ ଖମାରୀ ଦାୟିତ୍ୱ ଗ୍ରହଣ କରିଥିଲେ। କିନ୍ତୁ ଖମାରୀଙ୍କୁ ୨/୩ ଦିନ ମଧ୍ୟରେ ଅଚନାକ ଜିଲା ଶିକ୍ଷାଧିକାରୀ ଚିଠି ନଂ. ୬୪୦୨କୁ ବଦଲାଇ ତାଙ୍କ ସ୍ଥାନରେ ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷାଧିକାରୀ ନାଏକଙ୍କୁ ଥୁ. ରାମପୁର ଗୋଷ୍ଠୀ ଶିକ୍ଷାଧିକାରୀ ଭାବରେ କାର୍ଯ୍ୟ ତୁଲାଇବା ପାଇଁ ନିର୍ଦ୍ଦେଶ ଦେଲେ। ଏ ସମ୍ପର୍କରେ ଜଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କୁ ପଚାରିବାରୁ ଥୁ. ରାମପୁର ବ୍ଲକ ଲାଞ୍ଜିଗଡ ନିର୍ବାଚନମଣ୍ଡଳୀ ହୋଇଥିବାରୁ ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାୟିତ୍ୱ ଦିଆଗଲା ଓ ପୂର୍ବରୁ ସେ ଥୁ. ରାମପୁରରେ ରହିଥିଲେ। ଆଉ ସେଠିକାର ସମସ୍ତ ବିଷୟରେ ଜାଣିଥିବାରୁ ତାଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି କହିଥିଲେ।

# ଜିଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

**ଭବାନୀପାଟଣା,୭।୮ (ଡି.ଏନ.ଏ.)**

ଜିଲା ସ୍ୱାସ୍ଥ୍ୟ ସମିତି ଓ ଜିଲା ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବନଲତା ଦେବୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ଦାସ, ଏପିଡେମିଓଲୋଜିଷ୍ଟ ଡା. ସୁସିଲ କୁମାର ରଥ, ଡା. ରବୀନ୍ଦ୍ର କୁମାର ପାଣିଗ୍ରାହୀ, ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟର ଅଧ୍ୟକ୍ଷା ତନ୍ମୟୀ ବେହେରା, ଆଶା ମେନେଜର ଅକ୍ଷୟ କୁମାର ରଣା, ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଖଗେନ୍ଦ୍ର ମାଝି ପ୍ରମୁଖ ଯୋଗଦେଇ ସ୍ତନ୍ୟପାନର ଉପକାରିତା, ଜନ୍ମହେବା ମାତ୍ରେ ଶିଶୁକୁ ମା'ର କଷ କ୍ଷୀର ନିଶ୍ଚୟ ଖାଇବାକୁ ଦେବା, ଜନ୍ମହେବାଠାରୁ ୬ ମାସ ପର୍ଯ୍ୟନ୍ତ ଶିଶୁକୁ କେବଳ ମାଙ୍କର କ୍ଷୀର ଦେବା ସାଙ୍ଗକୁ ମା'ର କ୍ଷୀର କିଭଳି ଶିଶୁ ସହଜରେ ହଜମକରେ, ମା'ଠାରୁ ସିଧା ସଳଖ ଶିଶୁ ପାଖକୁ ଆସୁଥିବାରୁ ଏହା ଜୀବାଣୁ ମୁକ୍ତ, ନିମୋନିଆ ଏବଂ ଡାଇରିଆ ପରି ସଂକ୍ରମଣରୁ ଶିଶୁକୁ ରକ୍ଷା ମିଳିଥାଏ, ଏହା ଶିଶୁକୁ ବୁଦ୍ଧିମାନ କରିଥାଏ, ଶିଶୁକୁ ଆଜ୍‌ମା (ଶ୍ୱାସରୋଗ) ଏବଂ ଆଲେର୍ଜିରୁ ମଧ୍ୟ ରକ୍ଷା କରିଥାଏ, ମା' ଏବଂ ଶିଶୁ ମଧ୍ୟରେ ଭାବନାତ୍ମକ ସମ୍ପର୍କକୁ ଦୃଢ କରିଥାଏ ସେ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ମା'ର କ୍ଷୀରର ଉପକାରିତା ଉପରେ ଏକ ସଚେତନତା ଆଲୋଚନାଚକ୍ର, ବକ୍ତୃତା ପ୍ରତିଯୋଗିତା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନାହିଁ, ଘରେ ପଶିଲା ପାଣି

**କର୍ଲାମୁଣ୍ଡା,୭।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ମଙ୍ଗଳବାର ରାତିଠାରୁ ବୁଧବାର ଯାଏ ଲଗାଣ ବର୍ଷା ହୋଇଛି। ବୁଧବାର ସକାଳ ସୁଦ୍ଧା କର୍ଲାମୁଣ୍ଡାରେ ୮୭ ମି.ମି. ବର୍ଷା ରେକର୍ଡ ହୋଇଥିବା ବ୍ଲକ ସୂତ୍ରରୁ ପ୍ରକାଶ। ପ୍ରବଳ ବର୍ଷା ଯୋଗୁ ପାଣି କର୍ଲାମୁଣ୍ଡା ବ୍ଲକ ସଦର ବ୍ଲକ ନିୟୁ କଲୋନୀ ପଛପଟେ ଥିବା ଘରଗୁଡ଼ିକରେ ପାଣି ପଶି ଯାଇଥିବା ଦେଖିବାକୁ ମିଳିଛି। ବର୍ଷାଜଳ ନିଷ୍କାସନ ପାଇଁ କୌଣସି ଡ୍ରେନର ବ୍ୟବସ୍ଥା ନ ଥିବାରୁ ବ୍ଲକ ନିୟୁ କଲୋନୀ ପଛ ପଟେ ମାଟି ଘର କରି ରହୁଥିବା ଉପେନ୍ଦ୍ର ପଲତା, ବୃନ୍ଦା ମାଝିଙ୍କ ଘର ଭିତରକୁ ୨ ଫୁଟ ପାଣି ପଶି ଯାଇଥିଲା। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ଜଗଦୀଶ ମେହେର, ପ୍ରଣବ ନାଏକଙ୍କ ନେତୃତ୍ୱରେ କର୍ମଚାରୀମାନେ ଆସି ଜଳ ନିଷ୍କାସନ ବ୍ୟବସ୍ଥା କରିଥିଲେ। ଡ୍ରେନର ବ୍ୟବସ୍ଥା କରାଯିବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।



ଉପେନ୍ଦ୍ର ପଲତାଙ୍କ ଘରେ ୨ ଫୁଟ ପାଣି।

# ଜୁନାଗଡ଼ ପୋଲିସର ପରୀ ପାଇଁ କଥାଟିଏ କାର୍ଯ୍ୟକ୍ରମ

**ଜୁନାଗଡ,୭।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ସଂସ୍କୃତି ଭବନଠାରେ ଜୁନାଗଡ ପୋଲିସ ପକ୍ଷରୁ ପରୀ ପାଇଁ କଥାଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନାଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଲଙ୍କେଶ୍ୱରୀ ବାଳିକା ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟତ୍ରୀଶିକ୍ଷକମାନେ ଯୋଗଦେଇଥିଲେ। ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୋପୀନାଥ ମଣି ପାତ୍ର, ଧର୍ମଗଡ ଏସଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶିଶୁମାନଙ୍କ ପ୍ରତି ହେଉଥିବା ନିର୍ଯାତନାକୁ କିପରି ପ୍ରତିହତ କରି ହେବ ତଥା ସୁରକ୍ଷା ବ୍ୟବସ୍ଥା କିପରି କଡାକଡି ହେବ ସେ ନେଇ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ସେହିପରି ଶିଶୁ ଚାଲାଣ, ଶିଶୁ ନିର୍ଯାତନା, ଶିଶୁ ଶ୍ରମିକ ପ୍ରଥାକୁ କିପରି ରୋକାଯାଇ ପାରିବ ତାହା ଉପରେ ଆଲୋକପାତ କରାଯାଇଥିଲା। ଯଦି କୌଣସି ସ୍ଥାନରୁ ଏପରି ଖବର ଆସେ ତାହା ହେଲେ ତୁରନ୍ତ ପୋଲିସକୁ ଜଣାଇବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଏପରି ହେଲେ ଅନେକ ସ୍ଥାନରେ ଶିଶୁମାନଙ୍କ ପ୍ରତି ଘଟୁଥିବା ନିର୍ଯାତନାକୁ ରୋକାଯାଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁଖବିନ୍ଦର ସିଂ ମଞ୍ଚ ପରିଚାଳନା କରିଥିଲେ।




ପରୀ ପାଇଁ କଥାଟିଏ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ ।

# ଚାଷଜମି ବାଲିଚର, ବ୍ୟାପକ ଫସଲ କ୍ଷତି ସମ୍ଭାବନା

**ଭବାନୀପାଟଣା,୭।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ମଧ୍ୟ ଭାଗରେ ବହିଥିବା ହାତୀନଦୀରେ ପୁଣି ଥରେ ବନ୍ୟା ଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଫଳରେ ନଈକୁଳଆ ଗ୍ରାମବାସୀ ଆତଙ୍କିତ ହୋଇଛନ୍ତି। ବ୍ଲକ ଅଧୀନ ପରୁଆଗୁଡା ତଳିଆ ଅଞ୍ଚଳର ହୃଷିକେଶ ନାଏକ, ପ୍ରବୀଣ ନାଏକ, ପୂର୍ଣ୍ଣ ମାଝି, ଜୟଶଙ୍କର ମାଝି, ହେମନ୍ତ ନାଏକ, ବିକ୍ରମ ନାଏକ, ମନକର ମାଝି, କୈଳାସ ମାଝି, ବିଦ୍ୟା ମାଝି, ଉଗ୍ରେ ମାଝି ପ୍ରମୁଖଙ୍କ ଘରେ ବନ୍ୟା ପାଣି ପଶିବା ସମ୍ଭାବନା ଥିବା ସୂଚନା ମିଳିଛି। ସେହିଭଳି ବିରିପୁର, ମାଟିଖାଲ, କର୍ମେଲ, ବାଲିଛଡା, କର୍ଲାପଡା, ବଙ୍କାପଲା ପ୍ରଭୃତି ଗ୍ରାମରେ ବନ୍ୟା ପାଣି ଘେରି ରହିଥବା ବେଳେ ଚାଷ ଜମି ବାଲିଚର ହୋଇ ବ୍ୟାପକ ଭାବେ ରୁଆ ସରିଥିବା ଧାନ ଫସଲ, ତଳି ନଷ୍ଟ ହେବାର ଆଶଙ୍କା ରହିଛି । ଗତବର୍ଷ ବନ୍ୟାରେ ଜୟପାଟଣା ବ୍ଲକର ଧାମନଗୁଡାଠାରେ ବନ୍ୟା ଜଳ ବାହାରି ଚୁରାଗାଁ ଦେଇ ଟେମରା ପରୁଆଗୁଡା ପ୍ରଭୃତି ଗାଁକୁ ମାଡି ଯାଇଥିଲା । ଫଳରେ ଚାଷଜମି ବାଲିଚର ହୋଇଯାଇଥିଲା। ଏବର୍ଷ ମଧ୍ୟ ଗତବର୍ଷ ତୁଳନାରୁ ଅଧିକ ବନ୍ୟା ଜଳ ପ୍ରବାହିତ ହେଉଥିବାବେଳେ ଫସଲ କ୍ଷତି ଏବଂ ଜମି ବାଲିଚର ହେବାର ଆଶଙ୍କା ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ବାଲିଛଡାକୁ ତିନି ପାର୍ଶ୍ୱକୁ ଘେରି ହାତୀନଦୀ ପ୍ରବାହିତ ହେଉଥିବାବେଳେ ଏକମାତ୍ର ରାସ୍ତା ପିଡବ୍ଲ୍ୟୁଡି ରାସ୍ତା ସହିତ ସଂଯୋଗ ହୋଇଛି । ସେହି ରାସ୍ତା ଦେଇ ଗ୍ରାମବାସୀ ଅନ୍ୟତ୍ର ଯାଇଥାନ୍ତି । ବୁଧବାର କେହି ମଧ୍ୟ ବାହାରକୁ ଯାଇ ନ ଥିବା ଖବର ରହିଛି । ଗାଁରେ ଥିବା ବନ୍ୟା ଆଶ୍ରୟସ୍ଥଳରେ ବନ୍ୟା ବିପନ୍ନଙ୍କୁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଥିବା ଦେପୁର ସରପଞ୍ଚ ଭୁକୁଲୁ ବାଗ୍ ପ୍ରକାଶ କରିଛନ୍ତି। ଇନ୍ଦ୍ରାବତୀ ଦକ୍ଷିଣ କେନାଲ ଘର୍ଲାରୁ ବାହାରି ଇଛାପୁର ଦେଇ ବାଲିଛଡାକୁ ଯାଇଥିବା ମାଇନର କେନାଲ ଦୀର୍ଘବର୍ଷ ଧରି ବନ୍ୟାରେ ଭାଙ୍ଗି ଯାଇଥିବାବେଳେ ଚଳିତବର୍ଷ ବନ୍ୟାରେ ହାତୀନଦୀ ବନ୍ୟାଜଳ ଏବଂ କେନାଲ ପାଣି ସହ ଘୋଡାବନ୍ଧା ଜଙ୍ଗଲ ପାଣି ସେହି ଭଙ୍ଗା ସ୍ଥାନରେ ପ୍ରଖର ସ୍ରୋତରେ ପ୍ରବାହିତ ହେଇଚାଲିଛି। ଫଳରେ ବ୍ୟାପକ ଭାବେ ଚାଷଜମି ଏବଂ ଫସଲ କ୍ଷତି ହବ ବୋଲି ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିରିପୁର ମାଟିଖାଲ ବନ୍ୟା ବିପନ୍ନଙ୍କୁ କଲମପୁରସ୍ଥିତ ସ୍କୁଲକୁ ସ୍ଥାନାନ୍ତର କରି ରନ୍ଧା ଖାଦ୍ୟ ଦିଆଯିବ, ପରୁଆଗୁଡାରେ କଲମପୁର ତହସିଲଦାର ଉପସ୍ଥିତ ରହି ବନ୍ୟା ବିପନ୍ନଙ୍କ ସମସ୍ୟା ଉପରେ ତଦାରଖ କରୁଥିବା ସହିତ ବର୍ଷା ଲାଗି ରହିଛି ଏବଂ ହାତୀନଦୀ ଜଳସ୍ତର ବୃଦ୍ଧି ପାଉଥିବା ଯୋଗୁ ବିପଦକୁ ଦୃଷ୍ଟିରେ ରଖି ଆମେ ଜନସାଧାରଣଙ୍କ ସୁରକ୍ଷା ପାଇଁ ସଜାଗ ରହିଛୁ ବୋଲି କଲମପୁର ବିଡିଓ ହେମସାଗର ଭୋଇ ପ୍ରକାଶ କରିଛନ୍ତି ।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।

- ଟମାସ କାର୍ଲାଇଲ୍

## ସଂକ୍ଷେପରେ



### ଉଦ୍ୟାନବନ୍ଧ ଖର୍ଲିନାଳ ପୋଲ ବିପଦଜନକ

**କୋମନା,୭।୮(ଡି.ଏନ.ଏ.)-** ନୂଆପଡା ଜିଲା କୋମନା ବ୍ଲକ ଉଦ୍ୟାନବନ୍ଧ ୩୫୩ ନଂ ଜାତୀୟ ରାଜପଥର ଖଇରଭାଡି ଛକ ନିକଟରେ ନିର୍ମିତ ପୋଲ ବର୍ତ୍ତମାନ ଯାତ୍ରୀଙ୍କ ପାଇଁ ମରଣଯନ୍ତା ହୋଇପଡିଛି। ଗତ ୫ ବର୍ଷ ହେଲା ଖର୍ଲିନାଳର ଏହି ପୋଲକୁ ଜିଭିଆର ନାମକ ଏକ କମ୍ପାନୀ ତିଆରି କରୁଥିବା ବେଳେ କମ୍ପାନୀର ଅବହେଳା ଯୋଗୁ ପୋଲ ଅସମ୍ପୂର୍ଣ୍ଣ ହୋଇ ପଡିରହିଛି । ସର୍ବଦା ଏହି ରାସ୍ତାରେ ଶହ ଶହ ଭାରି ଯାନ ଯାତାୟାତ କରୁଥିବାରୁ ଉକ୍ତ ପୋଲ ନିକଟରେ ବଡ ବଡ ଖାଲଖମା ହୋଇ ବିପଦ ସଙ୍କୁଳ ହୋଇପଡିଛି । ପ୍ରକାଶ ଥାଉକି, ଉକ୍ତ ମୁଖ୍ୟ ରାସ୍ତା ମରାମତି ଓ ପୋଲ ନିର୍ମାଣକୁ ସମ୍ପୂର୍ଣ୍ଣ କରିବା ପାଇଁ ସ୍ଥାନୀୟ ଲୋକେ ବିଭିନ୍ନ ସମୟରେ ଆନ୍ଦୋଳନ କରିଥିଲେ ମଧ୍ୟ କେହି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି । ତୁରନ୍ତ ଉକ୍ତ ରାସ୍ତା ଓ ପୋଲ ନିର୍ମାଣ ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଘାଟିପଡା ନିକଟରେ ମାଲବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ

କୋମନା,୭।୮(ଡି.ଏନ.ଏ.)- ନୂଆପଡା ଜିଲା କୋମନା ବ୍ଲକ ଘାଟିପଡା ନିକଟ ୩୫୩ ନଂ. ଜାତୀୟ ରାଜପଥ ଉପରେ ଏକ ମାଲବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ମିଳିଥିବା ଖବର ଅନୁସାରେ ଦୁର୍ଘଟଣାଗ୍ରସ୍ତ ଗାଡି (ନଂ.ସିଜି୦୪ଏମ୍‌ଏଚ୍-୩୩୫୫) ମଙ୍ଗଳବାର ସକାଳେ ଖରିଆର ରୋଡରୁ ଚିନି ବୋଝେଇ କରି ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନେଉଥିଲା। ଅଧିକ ଲୋଡିଂ ଯୋଗୁ ଟ୍ରକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଅନୁମାନ କରାଯାଉଛି ।

### ଯୁଥ ଏକତା ସଂଘର ଚାରା ରୋପଣ

**ଖଡିଆଳ,୭।୮(ଡି.ଏନ.ଏ.)-** ନୂଆପଡା ଜିଲା ଖଡିଆଳ ବ୍ଲକ ଭାଲୁଡୋଙ୍ଗରୀ ଗ୍ରାମରେ ଥିବା ଯୁଥ ଏକତା ସଂଘ ତରଫରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ଥିବା ଶିବ ମନ୍ଦିର, ପୋଖରୀ, ଗାଁର ଚତୁପାର୍ଶ୍ୱରେ ବିଭିନ୍ନ ପ୍ରକାରର ଚାରା ଆଣି ରୋପଣ କରାଯାଇଛି । ଭାଲୁଡୋଙ୍ଗରୀ ଗ୍ରାମକୁ ସ୍ୱଚ୍ଛ ଓ ସବୁଜ ଓ ସ୍ୱାସ୍ଥ୍ୟ ଉପରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା। ସଂଘର ସଭାପତି ଚାରା ରୋପଣର ଉପକାରିତା ଉପରେ ଆଲୋଚନା କରାଯାଇ ସମସ୍ତଙ୍କୁ ବୃକ୍ଷର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ଲୋକେ ସାହାଯ୍ୟ କରିଥିଲେ। ସଂଘ ସଭାପତି ଲିଲାମୟ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂଘ ସଦସ୍ୟ ଅଜିତ ପଟେଲ, ଗୋବିନ୍ଦ ପଟେଲ, ଲାଲମୋହନ ପଟେଲ, ଦୁଲ୍ଲଭ ପଟେଲ, ରୋହିତ ପଟେଲ, ଟିଙ୍କୁ ପଟେଲ, ଗଜାନନ ପଟେଲ, ମୋହିତ ପଟେଲ, ସୋନୁ ପଟେଲ, ରୁଦ୍ର ପଟେଲ, ଚନ୍ଦ୍ର ପଟେଲ, ତାପସ ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ ।

ବ୍ଲକ ସ୍ଥାୟୀ ଶିକ୍ଷା କମିଟି ବିଦ୍ୟାଳୟ ପରିଦର୍ଶନ କଲେ

# ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ବୁଝିଲେ

**ନୂଆପଡା ଅଫିସ, ୭।୮**

ନୂଆପଡା ଏକ ଉପାନ୍ତ ବ୍ଲକ। ଏଠାରେ ଶିକ୍ଷା ବ୍ୟବସ୍ଥା ଦୁର୍ବଳ ଥିବାବେଳେ ବିଦ୍ୟାଳୟଗୁଡିକ ଆନୁଷଙ୍ଗି ବ୍ୟବସ୍ଥା ଠିକ ନ ଥିବା ନେଇ ବାରମ୍ବାର ଅଭିଭାବକ ମହଲରେ ଅସନ୍ତୋଷ ଲାଗି ରହିଥିଲା । ସରକାର ଗୋଟିଏ ପଟେ ବିଭିନ୍ନ ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ସେସବୁ କେତେଦୂର କାର୍ଯ୍ୟକାରୀ ହେଉଛି । ଆଗକୁ ବିଦ୍ୟାଳୟଗୁଡିକର ଭିତ୍ତି ଭୂମିରେ ପରବର୍ତ୍ତନ ଆବଶ୍ୟକତା ରହିଛି। ସେଥିପ୍ରତି ଦୃଷ୍ଟି ଦେବାକୁ ନୂଆପଡା ଜିଲା ଇତିହାସରେ ପ୍ରଥମଥର ପାଇଁ ସ୍ଥାୟୀ ଶିକ୍ଷା କମିଟି ସଦସ୍ୟାସଦସ୍ୟମାନେ ବୁଲି ଦେଖିଛନ୍ତି। ବିଭିନ୍ନ ଯାଗାରେ ବ୍ୟବସ୍ଥାରେ ସୁଧାର ଆସିଥିବା ନେଇ ଖୁସି ପ୍ରକଟ କରିଥିବାବେଳେ ଆହୁରି ଅନେକ ଯାଗାରେ ଅବ୍ୟବସ୍ଥା ନେଇ କମିଟି ଉଦ୍‌ବେଗ ପ୍ରକାଶ କରିଥିଲା ।

ବୁଧବାର ପୂର୍ବାହ୍ନରେ କମିଟି ଅଧ୍ୟକ୍ଷ ତଥା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁଙ୍କ ନେତୃତ୍ୱରେ ଟିମ କର୍ମକର୍ତ୍ତା ପ୍ରଥମେ ବ୍ଲକର ଲାଞ୍ଜିମାର ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏଥିରେ ଛାତ୍ରୀଛାତ୍ର ଉପସ୍ଥାନ, ପାଠପଢା, ମଧ୍ୟାହ୍ନଭୋଜନ ସହ ବଗିଚା କାମ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ବିଦ୍ୟାଳୟରେ କେତେକ ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତ, ପାଚେରୀ ଅଭାବ, ପୁରୁଣା ଶ୍ରେଣୀ ଗୃହର ଛାତ ମରାମତି ଉପରେ କମିଟି ସଦସ୍ୟମାନେ ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଏହିଭଳି ଲାଞ୍ଜିମାରରେ ଥିବା ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ହଷ୍ଟେଲ ପରିଦର୍ଶନ କରି ସେଠିକାର ପାଠପଢା, ମଧ୍ୟାହ୍ନଭୋଜନ ବ୍ୟବସ୍ଥା ଦେଖିଥିଲେ। ଏଠାରେ ପାନୀୟ ଜଳ ସମସ୍ୟା ସମାଧାନ, ବିଦ୍ୟାର୍ଥୀମାନଙ୍କ ପାଠ୍ୟପୁସ୍ତକ ଅଭାବ ସମସ୍ୟା ସମାଧାନ କରିବା ଉପରେ ଆଲୋଚନା କରାଯାଇଥିଲା । ପରେ କମିଟି ଖୁଟବନଭେରା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲା । ଏଠିକାର ଶୌଚାଳୟ ମରାମତି, ପାନୀୟ ଜଳ ସମସ୍ୟା ଦୂର କରିବାକୁ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। ଧରମବନ୍ଧାସ୍ଥିତ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ସ୍କୁଲ ପରିଦର୍ଶନ କରି ସେଠାରେ ଶିକ୍ଷକ ଅଭାବ ସହ ପାନୀୟ ଜଳ ସମସ୍ୟା ଉପରେ ବିଶେଷ ଦୃଷ୍ଟି ଦେଇଥିଲେ । ସରକାରଙ୍କ ତରଫରୁ ବିଭିନ୍ନ ସମୟରେ ଅନୁଦାନ ଆସୁଥିଲେ ମଧ୍ୟ ସେଗୁଡିକର ଠିକ ବିନିଯୋଗ ହେଉ ନ ଥିବାରୁ ଅସନ୍ତୋଶ ପ୍ରକାଶ କରିଥିଲେ। ବିଦ୍ୟାଳୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ କମିଟି ପରାମର୍ଶ କରିଛି । ତେବେ ଏହି କମିଟି ସବିଶେଷ ବିବରଣୀ ବ୍ଲକରେ ଆଲୋଚନା କରିବା ସହ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। କମିଟିରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଚିନିଲାଲ ସାହୁ, ବ୍ଲକ ଶିକ୍ଷାଧିକାରୀ ଡ. ରେଶମଲାଲ ନାଏକ, ଭଇଁଷାଟାଲ ସମିତି ସଭ୍ୟ ମନୋଜ କୁମାର ବଞ୍ଜାରା, କାଦୋମେରୀ ସରପଞ୍ଚ ଅସିତ ପୁଞ୍ଜି, ଧରମବନ୍ଧା ସରପଞ୍ଚ ଓମ ପ୍ରକାଶ କଲାର ପ୍ରମୁଖ ରହିଥିଲେ । ବ୍ଲକର ପ୍ରଥମ କରି ଏଭଳି ଏକ କମିଟି ଶିକ୍ଷା ବ୍ୟବସ୍ଥାକୁ ତନ୍ନ ତନ୍ନ କରି ବୁଲି ଦେଖିଥିବାରୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ବ୍ଲକ ଶିକ୍ଷାଧିକାରୀ ଚଳିତ ବର୍ଷଶିକ୍ଷାର ପ୍ରଗତି କ୍ଷେତ୍ରରେ ବିପ୍ଳବ ଆଣିଥିବାରୁ କମିଟି କର୍ମକର୍ତ୍ତା ସାଧୁବାଦ ଜଣାଇଥିଲେ।



କମିଟି କର୍ମକର୍ତ୍ତା ସ୍କୁଲ ବୁଲି ଦେଖୁଛନ୍ତି ।

# ବ୍ଲକସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

**କୋମନା,୭।୮(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକସ୍ଥିତ ରାଜୀବ ସେବା କେନ୍ଦ୍ରରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଯୋଜନା ପକ୍ଷରୁ ବ୍ଲକସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ମା'ମାନଙ୍କୁ ନେଇ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡା. ଦିବାକର ଓଝା ଯୋଗଦେଇ ପିଲାମାନଙ୍କ ପାଇଁ ମା'କ୍ଷୀର କେତେ ଉପଯୋଗୀ ସେ ଉପରେ ବିଶୃତ ଭାବେ ବୁଝାଇଥିଲେ। ସ୍ତନ୍ୟପାନ କରାଇବା ଦ୍ୱାରା ମା'ମାନଙ୍କ ସ୍ତନ୍ୟ ଓ ଗର୍ଭାଶୟରେ ହେଉଥିବା କ୍ୟାନସର ଆଶଙ୍କା ଦୂର ହେବା ସଙ୍ଗେ ସଙ୍ଗେ ମା'ମାନଙ୍କ ପ୍ରସୂତି ପରେ ଦେଖାଯାଉଥିବା ଅନେକ ସମସ୍ୟା ସମାଧାନ ହୋଇଥାଏ ବୋଲି କହିଥିଲେ। ବିଶ୍ୱ ସପ୍ତାହ ପାଳନ ଉପଲକ୍ଷେ ଅଞ୍ଚଳର ଶତାଧିକ ପ୍ରସୂତି ମା'ଯୋଗଦେଇଥିଲେ। ଏଥିରେ ମହିଳା ଶିଶୁ ବିକାଶ ଅଧିକାରିଣୀ ବିମଳିନୀ ପ୍ରଧାନ ଓ ସେକ୍ଟର ସୁପରଭାଇଜର ସ୍ୱର୍ଣ୍ଣପ୍ରଭା ଗଡେଇ, ରାଜକୁମାରୀ ଶବର, ପ୍ରଗତି ପ୍ରିୟା ପଇଛା, ବିଳାସିନୀ ଯୋଷୀ, ବିଳାସିନୀ ଶବର, ରାଜକୁମାରୀ ଶବର, ସଲିଲା ମହାନ୍ତି, ଆଶାରାଣୀ ବାର୍ତ୍ତା ଓ ବିନୋଦିନୀ ଦାସଙ୍କ ସମେତ ବହୁ ଅଙ୍ଗନବାଡି କର୍ମୀ ଯୋଗଦେଇଥିଲେ।




ବ୍ଲକସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ କାର୍ଯ୍ୟକ୍ରମରେ ଆୟୋଜିତ ଶୋଭାଯାତ୍ରା ।




ଖଡିଆଳ ଓକିଲ ସଂଘ ତରଫରୁ ଆନ୍ଦୋଳନ କରାଯାଉଛି ।

# ଖଡ଼ିଆଳ ଓକିଲ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ଖଡିଆଳ,୭।୮(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଓକିଲ ସଂଘ ତରଫରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଇଛି। ଖଡିଆଳ, ସିନପାଲି, ବୋଡେନ ଅଞ୍ଚଳର ସମସ୍ତ ମାମଲାକୁ ଖଡିଆଳ ସିନିୟର ସିଭିଲ ଜଜ୍ ତଥା ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ବିଚାର ନ କରି ନୂଆପଡା ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ବିଚାର କରାଯାଇଥିବା ନିଷ୍ପତ୍ତିକୁ ଖଡିଆଳ ଓକିଲ ସଂଘ କର୍ମକର୍ତ୍ତାମାନେ ତୀବ୍ର ବିରୋଧ କରିଛନ୍ତି । ଏହାର ପ୍ରତିବାଦରେ ବୁଧବାର ସକାଳ ୧୦ଟାରେ ଖଡିଆଳ କୋର୍ଟ ପରିସରରେ ଖଡିଆଳ, ବୋଡେନ, ସିନାପାଲି ବ୍ଲକର ସମସ୍ତ ଆଇନଜୀବୀମାନେ ଏକତ୍ରିତ ହୋଇ ଏକ ପ୍ରତିବାଦ ସଭା କରିବା ସହିତ ସବୁ ପ୍ରକାର କୋର୍ଟ କାମକୁ ବର୍ଜନ କରିଛନ୍ତି । ସେମାନଙ୍କ ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି । ଏହି ଆନ୍ଦୋଳନରେ ଖଡିଆଳ ଓକିଲ ସଂଘର ସଭାପତି ତୁଳସୀ ତାଣ୍ଡି, ବରିଷ୍ଠ ଆଇନଜୀବୀ ସାରଦା ପ୍ରସାଦ ପଣ୍ଡା, ସମ୍ପାଦକ ସୁବ୍ରତ ସେନାପତି, ସହସମ୍ପାଦକ ସଚିନ୍ଦ୍ର ମୋହନ ଯୋଶୀ, ଆଇନଜୀବୀ ଅସିତ ମହାପାତ୍ର, ଅଭିନବ ନାୟକ, ସଞ୍ଜୟ ମହାପାତ୍ର, ମନୋରଞ୍ଜନ ମହାପାତ୍ର, ସୁରେଶ ପ୍ରଧାନୀ, ଜିତେନ୍ଦ୍ର ପ୍ରଧାନୀ, ଗିରିଧାରୀ ବିଭାର, ସୁରେଶ ମେହେର, ମନୋରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜି କ'ଣ କେଉଁଠି

**ବୌଦ୍ଧ**

- ଜାତୀୟ କୃମିନାଶକ ଦିବସ ପାଳନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧ, ପୂର୍ବାହ୍ନ ୧୧ଟା।

**ରାଉରକେଲା**

- ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର ନବମ ସାମାବର୍ତ୍ତନ ଉତ୍ସବ, ବିପିୟୁଟି ପ୍ରେକ୍ଷାଳୟ, ଛେଣ୍ଡ, ପୂର୍ବାହ୍ନ-୧୧ଟା।

**କଣ୍ଟାବାଞ୍ଜି**

- ବ୍ଲକସ୍ତରୀୟ ଗ୍ରାମଦ୍ୟୋଗ କର୍ମଶାଳା,ତୁରେକେଲା, ପୂର୍ବାହ୍ନ୧୧ଟା।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ସୀମାନ୍ତରେ ଲଗାଣ ବର୍ଷା ଜାରି, ବାହାଲ ନାଳରେ ଜଳସ୍ତର ବୃଦ୍ଧି

**ସିନାପାଲି,୭।୮(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଅଞ୍ଚଳକୁ ଲାଗିଥିବା ଛତିଶଗଡ ସୀମାନ୍ତରେ ଲଗାଣ ବର୍ଷା ଲାଗି ରହିଛି। ଏଥିଯୋଗୁ ବୁଧବାର ସନ୍ଧ୍ୟାରେ ନଙ୍ଗଲବୋଡ ଅଞ୍ଚଳ ଛତିଶଗଡରୁ ବିଚ୍ଛିନ୍ନ ହୋଇଯାଇଛି। ବାହାଲ ନାଳରେ ବନ୍ୟାଜଳ ପ୍ରବାହିତ ହେଉଥିବା ଯୋଗୁ ଏହା ଖନ୍ଦାପଡା ଓ ଟଙ୍କାମାଲ ଗ୍ରାମ ନୂଆମାଲପଡା ଗ୍ରାମପଞ୍ଚାୟତ ସଦର ମହକୁମାଠାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସୀମାନ୍ତବର୍ତ୍ତୀ ନାଳାରେ ବର୍ଷା ଯୋଗୁ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏହା ସହିତ ଉଦନ୍ତୀ ନଦୀରେ ମଧ୍ୟ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ବର୍ଷା ଲାଗି ରହିଲେ ଗୁରୁବାର ବନ୍ୟା ଭଳି ସ୍ଥିତି ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି ।



ବାହାଲ ନାଳରେ ବନ୍ୟାଜଳ ପ୍ରବାହିତ ହେଉଛି ।

# ଶୀତଳ ଭଣ୍ଡାରରେ କଳାହାଣ୍ଡି ସିଟି ବସ୍ ସେବା

**ଭବାନୀପାଟଣା,୭।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ୪ଟି ସହରାଞ୍ଚଳ ଭବାନୀପାଟଣା, କେସିଙ୍ଗା, ଜୁନାଗଡ ଓ ଧର୍ମଗଡକୁ ସିଟି ବସ୍ ସେବା ନେଇ ୨ ବର୍ଷ ତଳେ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଗୃହ ନିର୍ମଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୦୧୭ ଜୁଲାଇ ପହିଲାରେ ଘୋଷଣା ହୋଇଥିଲା। ଘୋଷଣା ଅନୁଯାୟୀ କଳାହାଣ୍ଡି ଅର୍ବାନ ସର୍ଭିସ ଟ୍ରଷ୍ଟ ନାମରେ ଏକ ସ୍ପେଶାଲ ପରପୋଜ ଭେହିକିଲ ଗଠିତ ହୋଇଥିଲା। ଜିଲା ସଦର ମହକୁମା ଭବାନୀପାଟଣାରୁ ସିଟିବସ୍‌ସାର୍ଭିସ ଭବାନୀପାଟଣା, ଜୁନାଗଡ, କେସିଙ୍ଗା ଓ ଧର୍ମଗଡକୁ ଯୋଗାଇବା ପାଇଁ ଏହା ଗଠିତ ହୋଇଥିଲା। ଏହା ପରେ ସ୍ଥାନୀୟ ଅଧିବାସୀମାନେ ସୁଲଭ ଦରରେ ଜିଲାର ୪ଟି ସହରାଞ୍ଚଳକୁ ସିଟି ବସ୍‌ରେ ଯାତାୟାତ କରି ପାରିବେ ବୋଲି ଆଶା କରିଥିଲେ। ଏହି ବସ୍ ସେବା ଆରମ୍ଭ ହେବା ପରେ ଜିଲାର ଘରୋଇ ବସ୍‌ଗୁଡିକର ମନମୁଖି କାର୍ଯ୍ୟ ବନ୍ଦ ହେବ ବୋଲି ଜିଲାବାସୀ ଆଶା ରଖିଥିଲେ। କଳାହାଣ୍ଡିରେ ସିଟି ବସ୍ ସେବା ସରକାରୀ ଘୋଷଣା ହେବାର ୨ ବର୍ଷ ପରେ ମଧ ଶୀତଳ ଭଣ୍ଡାରରେ ରହିଛି। ସିଟି ବସ୍ ସେବା ନିମନ୍ତେ ଗଠିତ ସ୍ପେଶାଲ ପରପୋଜ ଭାହିକୁଲରେ ଜିଲାପାଳ ଅଧକ୍ଷ ଥିବାବେବଳେ ଭବାନୀପାଟଣା ଉପଜିଲାପାଳ, ଧର୍ମଗଡ, ଉପଜିଲାପାଳ, ଭବାନୀପାଟଣା ପାରାଧକ୍ଷ, କେସିଙ୍ଗା, ଜୁନାଗଡ ଓ ଧର୍ମଗଡ ଏନ୍‌ଏସି ଅଧକ୍ଷ ଏବଂ ଜିଲା ପରିବହନ ଅଧିକାରୀ ସଦସ୍ୟ ଅଛନ୍ତି। ଏହି ଯୋଜନାରେ ରାଜ୍ୟ ସରକାର ସିଟି ସାର୍ଭିସ ପାଇଁ ୩୨ ଆସନ ବିଶିଷ୍ଟ ୨୦ଟି ବସ୍ କଳାହାଣ୍ଡି ଜିଲାକୁ ଯୋଗାଇ ଦେବା କଥା ଏବଂ ଏହି ୨୦ଟି ବସ୍ ପିପିପି ମୋଡରେ ଜିଲାର ୪ଟି ସହରାଞ୍ଚଳରେ ଚଳାଚଳ କରିବା କଥା। ଏହି ସିଟି ବସ୍ ପ୍ରଚଳନ ନିମନ୍ତେ ସ୍ପେଶାଲ ପରପୋଜ ଭେହିକିଲ ଗଠନ ହେବା ପରେ ୨୦୧୮ ଜାନୁୟାରୀ ୧୦ରେ ସ୍ପେଶାଲ ପରପୋଜ ଭେହିକିଲ ଟ୍ରଷ୍ଟର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ଏହି ଯୋଜନା ସମ୍ପର୍କରେ ଆଜି ପର୍ଯ୍ୟନ୍ତ କୌଣସି ବୈଠକ ହୋଇ ନାହିଁ କିମ୍ବା କଳାହାଣ୍ଡିରେ ସିଟି ବସ୍ ଚଳାଚଳ ପାଇଁ ସରକାରୀସ୍ତରରେ କୌଣସି ଉଦ୍ୟମ ହୋଇ ନାହିଁ। ଏ ସମ୍ପର୍କରେ କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କୁ ପଚାରିବାରୁ କଳାହାଣ୍ଡି ଜିଲାରେ ସିଟି ବସ୍ ସାର୍ଭିସ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ପ୍ଲାଷ୍ଟିକ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ

**ଭବାନୀପାଟଣା, ୭।୮ (ଡି.ଏନ.ଏ.)**

ଭବାନୀପାଟଣା ସହରସ୍ଥିତ ବ୍ରଜ ମୋହନ ଉଚ୍ଚବିଦ୍ୟାଳୟ ପରିସରରେ ଇକୋ କ୍ଲବ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ, ସାମୂହିକ ଚାରାରୋପଣ ଓ ସଚେତନ ସଭା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦକ୍ଷିଣ ବନଖଣ୍ଡ ଡିଏଫଓ ଟି. ଅଶୋକ କୁମାର ମୁଖ୍ୟଅତିଥି, ପ୍ରକୃତି ବନ୍ଧୁ ରବିନ୍ଦ୍ର ପଟ୍ଟନାୟକଜ ଓ ଡ. ଉମେଶଚନ୍ଦ୍ର ଶତପଥୀ ସମ୍ମାନିତ ଅତିଥି ଯୋଗଦେଇ ଉଦବୋଧନ ଦେଇଥିଲେ। ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରକାଶ ନିସଙ୍କ ସ୍ୱାଗତ ଭାଷଣ ଓ ଦଧିଚନ୍ଦ୍ର ସାହୁହ ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କ ପ୍ରତିଯୋଗିତା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଶରତ ପୁରୋହିତ, ଗୋରେଖଚନ୍ଦ୍ର ସାହୁ, ପ୍ରଦୀପ ନେଗୀ, ନରେଶ ଦାସ, ମଙ୍ଗଲୁ ପ୍ରଧାନ, ରାମଶଙ୍କର ମହାପାତ୍ର, ମୁରଲୀ ଦୀପ, ରଶ୍ମିତା କୁମାରୀ ପ୍ରଧାନ, ସୁପ୍ରିୟା ମିଶ୍ର, ଗୀତାଞ୍ଜଳୀ ମଣ୍ଡଳ, ଗୀତା ପଟ୍ଟନାୟକ, କୁରୁକ୍ଷେତ୍ର ନାଏକ, ରମେଶ ପ୍ରଧାନ, ରୋସନଲାଲ ପ୍ରଧାନ, ରିଙ୍କୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ପାଇପ ପାଣି ପାଇବେ ହାତୀବନ୍ଧାବାସିନ୍ଦା

**ନୂଆପଡା ଅଫିସ,୭।୮**

ନୂଆପଡା ଜିଲା ସିନାପାଲି ବ୍ଲକ ହାତୀବନ୍ଧା ଗ୍ରାମରେଗ୍ରାମ୍ୟଜଳଯୋଗାଣଯୋଜନାରେ ପାଣିଟାଙ୍କିନିର୍ମାଣ କରାଯାଇଥିଲେ ହେଁଦୀର୍ଘ ଦିନ ଧରି ଲୋକଙ୍କୁ ପାନୀୟ ଜଳର ବ୍ୟବସ୍ଥା କରାଯାଇ ନାହିଁ। ଏ ନେଇ ଧରିତ୍ରୀରେ ସ୍ୱତନ୍ତ୍ର ଭାବେ ତଥ୍ୟମୂଳକ ଖବର ପ୍ରକାଶ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ପଦକ୍ଷେପ ନେଇଛନ୍ତି । ଏ ବିଷୟରେ ଟ୍ୱିଟର ଆକାଉଣ୍ଟରେ ଜିଲାପାଳ ଜଣୈକ ପାଠକ ଏବଂ ମୁଖ୍ୟମନ୍ତ୍ରୀଙ୍କ ଆକାଉଣ୍ଟକୁ ଜଣାଇଥିବା ପ୍ରକାଶ। ସୂଚନାଯୋଗ୍ୟ ଯେ, ହାତୀବନ୍ଧାରେ ଦୀର୍ଘ ଦିନ ଧରି ପାନୀୟ ଜଳ ପ୍ରକଳ୍ପ କରାଯାଇଛି । ହେଲେ ପାଇପ ଲାଇନ ବିଛା କାମ ଅଧୁରା ରଖାଯାଇଥିବାରୁ ଲୋକଙ୍କୁ ପାନୀୟ ଜଳ ମିଳିପାରୁନାହିଁ। ଏହାକୁ ନେଇ ଗ୍ରାମବାସୀ ଗତ ଜୁନରେ ଆନ୍ଦୋଳନ କରିଥିଲେ । ସେତେବେଳେ ବିଭାଗୀୟ ଅଧିକାରୀ ୧୫ ଦିନ ମଧ୍ୟରେ ପାନୀୟ ଜଳର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ହେଲାନାହିଁ। ପରେ ଧରିତ୍ରୀ ପକ୍ଷରୁ ଏହାର ଖବର ପ୍ରକାଶ କରାଯାଇଥିଲା । ଅନଲାଇନରେ ଆମ ଖବର ଦେଖି ବରଗଡ ଜିଲା ପାଇକମାଳର ଦୀପା ବାରିକ ନାମ୍ନୀ ଜଣେ ପାଠିକା ଜିଲାପାଳ, ମୁଖ୍ୟମନ୍ତ୍ରୀ ଏବଂ କଳାହାଣ୍ଡି ଏସ୍‌ପିଙ୍କ ଆକାଉଣ୍ଟରେ ଜଣାଇଥିଲେ। ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଜିଲାପାଳଙ୍କୁ ଖବର ଆସିବା ପରେ ଜିଲା ପ୍ରଶାସନ ତତ୍ପର ହୋଇପଡିଛି । ଏଥିରେ ଜିଲାପାଳ ଦୀପା ଏବଂ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ଜଣାଇଛନ୍ତି ଯେ, ରାସ୍ତା କାମରେ ପାଇପ ଖରାପ ହୋଇଯାଇଥିଲା। ବର୍ତ୍ତମାନ ନୂତନ ପାଇପ ଲଗାଇ ସଂଯୋଗ ଦିଆଯିବ। ଖୁବଶୀଘ୍ର ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏଥିରେ ଦୀପା ନିଜପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସେ ଧରିତ୍ରୀର ଜଣେ ନିୟମିତ ପାଠିକା। ଯାହାବି ସମସ୍ୟା ଭିତିକ ଖବର ଦେଖିଲେ ତାକୁ ସମ୍ପୃକ୍ତ ବିଭାଗ, ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଦପ୍ତରକୁ ଜଣାନ୍ତି। ତାହା କାର୍ଯ୍ୟକାରୀ ମଧ୍ୟ ହୋଇଥାଏ। ତେବେ ହାତୀବନ୍ଧାବାସିନ୍ଦା କେବେ ପାଣି ପାଉଛନ୍ତି ତାହା ଦେଖିବାକୁ ବାକି ରହିଲା।

**ଟ୍ୱିଟରରେ ଉତ୍ତର ରଖିଲେ ଜିଲାପାଳ**

Collector Nuapada @districtn... · 15m
Replying to @CharubalaB @CMO_Odisha and 3 others
Due to damage to existing PVC pipeline during CC road work, the newly constructed overhead tank was not loaded. Separate rising main with 110mm HDPE pipe for 3 km has been laid and balance work will be completed soon.

ଟ୍ୱିଟର ଆକାଉଣ୍ଟରେ ନୂଆପଡା ଜିଲାପାଳ ଉତ୍ତର ରଖିଛନ୍ତି ।

**ଧରିତ୍ରୀ ଖବର ପ୍ରଭାବ**



“ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ‘ଉଡାନ’ ରନର୍ସଅପ୍ ଦଳ ସମ୍ବର୍ଦ୍ଧିତ

**ରାଉରକେଲା ଅଫିସ,୭।୮:** ମହାରତ୍ନ କମ୍ପାନୀ ସେଲ୍ ଅଧୀନ ଏମ୍‌ଟିଆଇ ରାଞ୍ଚି ଦ୍ୱାରା ଜାତୀୟ ଏଚ୍‌ଆର୍‌ଡି ନେଟୱର୍କ ରାଞ୍ଚି ଶାଖା ସହଭାଗିତାରେ ଅନୁଷ୍ଠିତ ନବମ କର୍ପୋରେଟ ବିଜିନେସ କୁଇଜ ‘ଉଡାନ-୨୦୧୯’ରେ ଆର୍‌ଏସ୍‌ପି ଦଳ ପ୍ରଥମ ରନର୍ସଅପ୍ ହୋଇଛି। ଜୁଲାଇ ୩୦ରେ ଗୋପବନ୍ଧୁ ପ୍ରେକ୍ଷାଳୟରେ ଅନୁଷ୍ଠିତ ‘ଉଦ୍ୟମ’ ଅଧିବେଶନରେ ସିଇଓ ଦୀପକ ଚଟରାଜ ରନର୍ସଅପ୍ ଦଳକୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଷ୍ଟିଲ ମେଲ୍ଟିଂ ଶପ-୨ ଅପରେଶନ ବିଭାଗ ଡିଜିଏମ୍ ଏସ୍.ଏସ୍. ପଣ୍ଡା ଓ ରିଫ୍ରାକ୍ଟୋରିଜ ଇଞ୍ଜିନିୟରିଂ ବିଭାଗ ମ୍ୟାନେଜର ସମ୍ପଦ ମିଶ୍ର ସାମିଲ ଥିଲେ। ପ୍ରତିଯୋଗିତାରେ ସେଲ୍ ଅଧୀନ ବିଭିନ୍ନ ୟୁନିଟ ସହ ବିଭିନ୍ନ ପ୍ରତିଷ୍ଠାନରୁ ୮୦ ଦଳ ଭାଗ ନେଇଥିଲେ। ଏହାର ଫାଇନାଲ ପର୍ଯ୍ୟାୟରେ ଟିସିଏସ୍ ଚେନ୍ନାଇ, ଏର୍ନଷ୍ଟ ଆଣ୍ଡ ୟଙ୍ଗ ଦିଲ୍ଲୀ, କ୍ୟାପଜେମିନି କୋଲକାତା, ଆର୍‌ବିଆଇ ମୁମ୍ବାଇ, ମେଟାଲ ଜଙ୍କଶନ କୋଲକାତା ଏବଂ ସେଲ୍ ଆର୍‌ଏସ୍‌ପି ସାମିଲ ଥିଲା। ଏହି କୁଇଜ ପ୍ରତିଯୋଗିତା ସଦ୍ୟତମ ବିଜିନେସ ଓ ପରିଚାଳନାଗତ ତତ୍ତ୍ୱ, ମାର୍କେଟିଂ, ବ୍ରାଣ୍ଡ, ବିଜିନେସ ବ୍ୟକ୍ତିତ୍ୱ, ବିଜ୍ଞାପନ, ସାମ୍ପ୍ରତିକ ବିଜିନେସ କାର୍ଯ୍ୟକ୍ରମ ଉପରେ ଆଧାରିତ ଥିଲା। ପ୍ରତିଯୋଗିତାକୁ କୁଇଜ ମାଷ୍ଟର ଅଜୟ ପୁନିଆ ପରିଚାଳନା କରିଥିଲେ।

### ହିତାଧିକାରୀଙ୍କୁ କାର୍ଯ୍ୟାଦେଶ, ଭତ୍ତା ବଣ୍ଟନ

**ଲଖନପୁର,୭।୮(ଡି.ଏନ୍.ଏ):** ଲଖନପୁର ବ୍ଲକ୍ ସଭାଗୃହରେ ବୁଧବାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ଭତ୍ତା ବଣ୍ଟନ କରାଯାଇଛି। ବ୍ଲକ୍ ଅଧକ୍ଷା ଶାନ୍ତି ପ୍ରଧାନ, ବିଧାୟକ କିଶୋର ମହାନ୍ତି, ବିଡିଓ ଗୋବିନ୍ଦ ଦଣ୍ଡସେନା, ଉପାଧକ୍ଷ ମୋହନ ସାହୁ, ଜିଲା ପରିଷଦ ସଭ୍ୟା ରଞ୍ଜୁ ମଲ୍ଲିକ, ପଙ୍କଜିନୀ ପ୍ରଧାନ, ସରପଞ୍ଚ ରୋହିତ ଧୁରୁଆ, ପ୍ରଦୀପ ବିଶ୍ୱାଳ, ଠଣସୁନ୍ଦର ସାହୁ, ଅକ୍ଷୟ ସାହୁ, ଅଶ୍ୱିନୀ ପ୍ରଧାନ, ପାର୍ବତୀ ବେହେରା, ସମିତିସଭ୍ୟ ସୁନ୍ଦରଲାଲ୍ ସେଠ୍, ମଗତିର ନାୟକ, ବିବେକାନନ୍ଦ ଖଡିଆ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବ୍ଲକ୍‌ର ୩୩ ପଞ୍ଚାୟତରୁ ୭୩୨ଜଣ ନୂଆ ହିତାଧିକାରୀ ଚୟନ ହୋଇଛନ୍ତି। ଏଥିମଧ୍ୟରୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୩ଜଣ ହିତାଧିକାରୀଙ୍କୁ ଚେକ୍ ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିଭଳି ମଧୁବାବୁ ପେନ୍‌ସନ୍ ଯୋଜନାରେ ୨୬୯ଜଣ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ, ଅବିବାହିତା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଇନ୍ଦିରାଗାନ୍ଧୀ ଜାତୀୟ ପେନ୍‌ସନ୍ ଯୋଜନାରେ ୮୩ଜଣ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସିକ ଗ୍ରାମୀଣ ଯୋଜନାରେ ୩୫୭ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି ।

# ପାରମ୍ପରିକ କୃଷି ଆଗରେ ହାର୍ ମାନିଛି ଆଧୁନିକ ଜ୍ଞାନକୌଶଳ

**ରାଉରକେଲା ଅଫିସ,୭।୮**

ଆଧୁନିକ ଜ୍ଞାନକୌଶଳ ନେଇ ପ୍ରୋତ୍ସାହନ ଓ ଏହାର ବହୁଳ ଉପଯୋଗ ସତ୍ତ୍ୱେ ଓଡ଼ିଶାର ପାରମ୍ପରିକ କୃଷି ପଦ୍ଧତିର ଆଜି ବି ଅନେକ ସ୍ଥାନରେ ଆଦର ରହିଛି। ଦିନକୁ ଦିନ କାଠ ନିର୍ମିତ ହଳଲଙ୍ଗଳ ଲୋପ ହେବାକୁ ବସିଥିବା ବେଳେ ଗୁରୁଣ୍ଡିଆ ବ୍ଲକ କୁଚେଇତା ପଞ୍ଚାୟତ ଅନ୍ତର୍ଗତ ବଣପାହାଡ଼ ଘେରା କେନ୍ଦୁଘାଟି ଗ୍ରାମ ଚାଷୀଙ୍କ ପାରମ୍ପରିକ କୃଷି ପଦ୍ଧତି ଉପରେ ବଡ଼ ଭରସା ରହିଛି। କୃଷି ବିଭାଗର ସମସ୍ତ ସହଯୋଗ ସତ୍ତ୍ୱେ ଏମାନେ ପୁରୁଣାକାଳିଆ ହଳଲଙ୍ଗଳକୁ ତ୍ୟାଗ କରି ପାରିନାହାନ୍ତି। ଯନ୍ତ୍ରଚାଳିତ କୃଷି ସାମଗ୍ରୀଠାରୁ ଦୂରେଇ ରହିଛନ୍ତି ଏହି ଅଞ୍ଚଳର ଚାଷୀ। ଏବେ ଶ୍ରାବଣ ଆଗମନରେ ପ୍ରତି କ୍ଷେତରେ ପୁରୁଣା ହଳଲଙ୍ଗଳ ବୁଲିବା ଏହି ପ୍ରଥାକୁ ପ୍ରମାଣ କରୁଛି। ଏ ନେଇ କେନ୍ଦୁଘାଟି ଗ୍ରାମର ଚାଷୀ ମାର୍ଟିନ ଟପୋଙ୍କ କହିବା କଥା ହେଲା, ଯେତେ ଆଧୁନିକ ଯନ୍ତ୍ରପାତି ବାହାରିଲେ ବି ଆମ ହାତତିଆରି କାଠ ଯନ୍ତ୍ରପାତି ତୁଳନାରେ ଏ ସବୁ ତୁଚ୍ଛ। ଆଧୁନିକ ଯନ୍ତ୍ରପାତିର ଦର ଓ ବ୍ୟବହାର କୌଶଳ ଆମକୁ ସୁହାଉନି। ନୂତନ ଜ୍ଞାନକୌଶଳ ଆପଣାଇବା ସହ ଏହାର ବ୍ୟବହାର ଉପଯୋଗିତା ନେଇ ଆମକୁ ପରାମର୍ଶ, ସହଯୋଗ ମିଳିଛି। ତଥାପି ଅମେ ପରମ୍ପରାକୁ ଛାଡ଼ି ନାହୁଁ। ଏଥିରେ ଏକ ସ୍ୱତନ୍ତ୍ରତା ରହିଛି ବୋଲି ଟପୋ କହିଛନ୍ତି।

ଚାଷୀ ଗୁରୁଚରଣ ସିଂଙ୍କ କହିବା କଥା ହେଲା, ଆଧୁନିକ ଯନ୍ତ୍ରପାତି ଦ୍ୱାରା ହଳ କିପରି ହୁଏ ଆମେ ଆଜିଯାଏ ପରଖିନାହୁଁ। ଆଗ୍ରହ ବି ନାହିଁ। ହଜାର ବର୍ଷର ଆମ ପାରମ୍ପରିକ କୃଷି ପଦ୍ଧତିରେ କୌଣସି ସମସ୍ୟା ନାହିଁ। ଏହା ସବୁ ବର୍ଗଙ୍କ ପାଇଁ ଉପଯୋଗୀ। ଏହାକୁ କେହି ଅସ୍ୱୀକାର କରିବେନି। ଅନ୍ୟ ପର୍ବପର୍ବାଣି ପରି କୃଷି ମଧ୍ୟ ଆମର ଏକ ପାର୍ବଣ ଋତୁ। ପାରମ୍ପରିକ ପଦ୍ଧତି ଚାଷବାସରେ ଗ୍ରାମ୍ୟ ଜୀବନର ଅସଲି ଚିତ୍ର ରହିଛି। ଅଦଳବଦଳ ହୋଇ ପରସ୍ପରକୁ ସାହାଯ୍ୟ କରିବା, ହଳ ଓ ତଳି ରୁଆରେ କାନ୍ଧକୁ କାନ୍ଧ ମିଶାଇ କ୍ଷେତରେ କାମ କରିବା ଏକ ନିଆରା ଅନୁଭୂତି। ଏହାଦ୍ୱାରା ପାରସ୍ପରିକ ଭ୍ରାତୃଭାବ, ସହଯୋଗ ମନୋବୃତ୍ତି ଓ ଆପଣାପଣ ସୃଷ୍ଟି ହୋଇଥାଏ। ଯାହା ଯନ୍ତ୍ରଚାଳିତ କୃଷି ପଦ୍ଧତି ଶିଖାଇ ପାରେନି। ପାରମ୍ପରିକ ଚାଷ ଗାଁ ଓ ସାହିଭାଇ ମଧ୍ୟରେ ଯେଉଁ ଭାବ ସୃଷ୍ଟି କରେ ତାହା ଅବର୍ଣ୍ଣନୀୟ। କୃଷି ଖାଲି ଆମ ପାଇଁ ଜୀବନ ଜୀବିକା ନୁହେଁ, ଏହା ସ୍ନେହମମତା ବାଣ୍ଟିବାର ଏକ ପ୍ରଶସ୍ତ ମାର୍ଗ। ଆମେ କେବେ ଯନ୍ତ୍ର ମଣିଷ ହେବାକୁ ଚେଷ୍ଟା କରିବା ଉଚିତ ନୁହେଁ ବୋଲି ସିଂ କହିଛନ୍ତି। ମହିଳା କୃଷି କର୍ମୀ ପ୍ରେମଧାନୀ ଟପ୍ପୋ କହନ୍ତି, ବର୍ଷରେ ଥରେ ଆମେ କୃଷି କ୍ଷେତ୍ରରେ ମିଳିତ ହେଉ। ପାରମ୍ପରିକ ଗୀତ ଗାଇ ଧାନ ତଳି ରୋଇବାରେ ଯେଉଁ ଆନନ୍ଦ ମିଳେ ତାହାକୁ ଜଣେ ଅନୁଭବୀ ହିଁ ବୁଝିପାରିବ। ସାମ୍ମିଳିତ ଭାବେ କ୍ଷେତରେ କାମ କରିବା ବେଳେ ଆମେ ସମସ୍ତ ଦୁଃଖକୁ ପାଶୋରି ଦେଉ। ତଳି ଉପାଡ଼ିବା ହେଉ ବା ରୋଇବା, କାମ କରିଚାଲିଲେ ମନରେ ଉନ୍ମାଦନା ଭରିଯାଏ। ପିଲାଟିକୁ ଜନ୍ମ ଦେଲାପରି ଆମେ ଯେତେବେଳେ ଧାନ ତଳି ହାତରେ ଧରୁ, ପୋତୁ ଓ ଯତ୍ନରେ ବଢ଼ାଇବା ପରେ ଅମଳ କରୁ ସେତେବେଳେ ଆମ ସ୍ୱପ୍ନ ସାର୍ଥକ ହୁଏ। କ୍ଷେତରେ ଯନ୍ତ୍ରପାତି ଉପଯୋଗ କଲେ ଏଭଳି ଅନୁଭୂତି ମିଳେନା। ଏଣୁ ପାରମ୍ପରିକ କୃଷି ପଦ୍ଧତିରେ ଅନେକ ମହତ୍ତ୍ୱ ଆଜି ବି ରହିଛି। ଏଣୁ ଏହାକୁ ଆମେ ଛାଡ଼ିଦେଲେ ବହୁ ସ୍ମୃତି ଅନୁଭୂତି ଦିନେ ଇତିହାସ ପାଲଟିଯିବ। ଯେଉଁମାନେ ଆଧୁନିକତାକୁ ଆପଣାଇ ସାରିଛନ୍ତି ସେମାନଙ୍କୁ ଆମର କିଛି କହିବାର ନାହିଁ। ଆମେ ଆମ ଚିରାଚରିତ କୃଷି ପଦ୍ଧତିକୁ ନେଇ ବେଶ୍ ଖୁସି ବୋଲି ସେ କହିଛନ୍ତି।



କେନ୍ଦୁଘାଟି ଗ୍ରାମ କ୍ଷେତରେ ଚାଷୀମାନେ ପାରମ୍ପରିକ ହଳଲଙ୍ଗଳରେ ଚାଷ କରୁଛନ୍ତି।



### ଲଖନପୁର ବ୍ଲକ୍‌କୁ ଗଜାମରୁଡି ଘୋଷଣା କରାଯାଉ

**ଲଖନପୁର,୭।୮(ଡି.ଏନ୍.ଏ.)**

ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍‌ରେ ଗଜାମରୁଡି ଦେଖା ଦେଇଛି। ଏହାଫଳରେ ଧାନଚାଷ ପ୍ରଭାବିତ ହୋଇଛି । ଏଣୁ ସରକାର ଲଖନପୁର ବ୍ଲକକୁ ଗଜାମରୁଡି ଅଞ୍ଚଳ ଭାବେ ଘୋଷଣା କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦିଅନ୍ତୁ। ଏ ନେଇ ଲଖନପୁର ବ୍ଲକ୍ କୃଷକ ସଂଘ ତରଫରୁ ସ୍ଥାନୀୟ ରାଜୀବ ଭବନରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଫକୀର ପ୍ରଧାନ ଅଧକ୍ଷତା କରିଥିଲେ। ଏଥିରେ ଲଖନପୁର ବ୍ଲକ୍ ଅଞ୍ଚଳର ଶତାଧିକ ଚାଷୀ ଯୋଗଦେଇ ମରୁଡି ସମ୍ପର୍କରେ ମତାମତ ରଖିଥିଲେ। ଅନ୍ୟପକ୍ଷେ ଚାଷୀଙ୍କ ସମସ୍ୟାକୁ ନେଇ ୮ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲଖନପୁର ତହସିଲଦାର ଜ୍ୟୋସ୍ନା ରାଣି ସାହୁଙ୍କୁ ପ୍ରଦାନ କରାଯାଇଛି ।



ଆର୍‌ଏସ୍‌ପି ସିଇଓ ରନର୍ସଅପ ହୋଇଥିବା ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ବୋଲେରୋ ଧକ୍କାରେ ମହିଳାଙ୍କ ମୃତ୍ୟୁ

**ବେଲପାହାଡ଼,୭।୮ (ଡି.ଏନ୍.ଏ.)**

ବେଲପାହାଡ଼ ଫାଟକ ନିକଟରେ ଏକ ବୋଲେରୋ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏହି ମହିଳା ଜଣକ ହେଲେ ବେଲପାହାଡ଼ ଆଇଟିଆଇ ପଡ଼ାର ରହିମ ଖାନଙ୍କ ସ୍ତ୍ରୀ ଲାଜୋ ବାଇ (୫୬)। ସ୍ଥାନୀୟ ଲୋକେ ତାଙ୍କୁ ଟିଆର୍‌ଏଲ ହସ୍ପିଟାଲକୁ ନେଇଥିଲେ। ସେଠାରୁ ବୁର୍ଲା ପଠାଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ଲାଜୋଙ୍କ ପୁଅ ଇରଫାନ ଖାନ ବେଲପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ବୋଲେରୋଟି ଦୁର୍ଘଟଣା ପରେ ଫେରାର ହୋଇ ଯାଇଛି।

## ଆର୍‌ଏମ୍‌ସିର କମ୍ପୋଷ୍ଟ ପ୍ଲାଣ୍ଟ ଯୋଜନାକୁ ବିରୋଧ

**ରାଉରକେଲା ଅଫିସ,୭।୮**

ରାଉରକେଲା ମହାନଗର ନିଗମ ପକ୍ଷରୁ କୋଏଲନଗର ବିସି ଛକ ପାଖରେ ଥିବା ଖୋଲା ସ୍ଥାନରେ ଏକ କମ୍ପୋଷ୍ଟ ପ୍ଲାଣ୍ଟ ସ୍ଥାପନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ତେବେ ଏହି ଯୋଜନାକୁ ରାଉରକେଲା ଯୁବ ଜାଗୃତି ମଞ୍ଚ ଏବଂ କୋଏଲନଗର ୱେଲଫେୟାର ଆସୋସିଏଶନ ତୀବ୍ର ବିରୋଧ କରୁଥିବା ନେଇ ଏକ ପ୍ରେସ ବିବୃତି ଜରିଆରେ କୁହାଯାଇଛି। ପ୍ଲାଣ୍ଟ ହେଲେ ସହରର ସମସ୍ତ ଆବର୍ଜନା ଏଠାରେ ଜମା ହେବ। ଫଳରେ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବ। ନାଳ, ନର୍ଦ୍ଦମା ସଫା କରାଯାଇ ନ ଥିବାରୁ ବର୍ଷାଦିନେ କୋଏଲନଗରବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅଭିଯୋଗ କଲେ ମହାନଗର ନିଗମ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ନିଗର ପକ୍ଷରୁ ଯେଉଁ ସ୍ଥାନରେ କମ୍ପୋଷ୍ଟ ପ୍ଲାଣ୍ଟ ଯୋଜନା ହୋଇଛି ତାହା କୋଏଲନଗର ମାଷ୍ଟରପ୍ଲାନ ଅନୁଯାୟୀ ଏକ କ୍ଲବ ଘର ଓ ସିଭିକ ସେଣ୍ଟର ହେବାର ଥିଲା। ମାତ୍ର ନିଗମ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରି କମ୍ପୋଷ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଯୋଜନା କରୁଛନ୍ତି ବୋଲି ଅଭିଯୋଗ ହେଉଛି। ସରକାରଙ୍କ ୧୯୭୮ ଗାଇଡ୍‌ଲାଇନ ଅନୁସାରେ କୌଣସି ବ୍ୟକ୍ତି, ରାଜନୈତିକ ଦଳ, ପୌରପାଳିକା ଅଧିକାରୀ କୋଏଲନଗର ଜମିରେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ପ୍ରଦାନ କରାଯାଇ ନାହିଁ। କିନ୍ତୁ ମହାନଗର ନିଗମ ପକ୍ଷରୁ ଗାଇଡ୍‌ଲାଇନକୁ ଅଣଦେଖା କରି କମ୍ପୋଷ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ଟେଣ୍ଡର ଆହ୍ୱାନ କରାଯାଇଛି। ଯାହାକୁ ନେଇ କୋଏଲନଗରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଭବିଷ୍ୟତରେ ମହାନଗର ନିଗମ ପକ୍ଷରୁ କମ୍ପୋଷ୍ଟ ପ୍ଲାଣ୍ଟ ନିର୍ମାଣ ହେଲେ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ କେବଳ ମହାନଗର ନିଗମ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଯୁବଜାଗୃତି ମଞ୍ଚ ଆବାହକ ଗୋପାଳ ଜେନା, କୋଏଲନଗର ୱେଲଫେୟାର ଆସୋସିଏଶନ ସଭାପତି ସୁରେଶ ଗୁପ୍ତା, କାର୍ଯ୍ୟକାରୀ ସଭାପତି ରମେଶ ମହାନ୍ତି ପ୍ରେସ ବିବୃତିରେ ଏହି ଚେତାବନୀ ଦେଇଛନ୍ତି।

## ବିଜିନେସ ମ୍ୟାନେଜମେଣ୍ଟ ସିମୁଲେଶନ ଗେମ୍‌ରେ ଆର୍‌ଏସ୍‌ପି ରନର୍ସଅପ

**ରାଉରକେଲା ଅଫିସ, ୭।୮**

ଅଲ୍ ଇଣ୍ଡିଆ ବିଜିନେସ ମ୍ୟାନେଜମେଣ୍ଟ ସିମୁଲେଶନ ଗେମ୍‌ର ଜାତୀୟ ପ୍ରତିଯୋଗିତାରେ ପ୍ରଥମ ରନର୍ସଅପ ହୋଇଥିବା ଆର୍‌ଏସ୍‌ପି ଦଳକୁ ଜୁଲାଇ ୩୦ରେ ଗୋପବନ୍ଧୁ ପ୍ରେକ୍ଷାଳୟରେ ‘ଉଦ୍ୟମ’ ଅଧିବେଶନରେ ସିଇଓ ଦୀପକ ଚଟ୍ଟରାଜ ସମ୍ବର୍ଦ୍ଧିତ କରିଛନ୍ତି। ଜୁଲାଇ ୨୦ରେ ଦିଲ୍ଲୀରେ ଆୟୋଜିତ ଫାଇନାଲରେ ମାରୁତି, ଆଇଓସିଏଲ୍, ସେଲ୍, ଟାଟା ଷ୍ଟିଲ, ଏଲ୍‌ଆଣ୍ଡଟି, ଏନ୍‌ଟିପିସି, ହିରୋ ମୋଟର୍ସ ଏବଂ ଏଚ୍‌ପିସିଏଲ୍‌ର ମୋଟ ୧୫ ଦଳ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଅର୍ଥ ବିଭାଗ ଡେପୁଟି ମ୍ୟାନେଜର ପ୍ରକାଶ ସାହୁ, ବିକ୍ରାନ୍ତ ପଟେଲ ଓ ଇନ୍‌ଷ୍ଟ୍ରୁମେଣ୍ଟେଶନ ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ବିଶ୍ୱଜିତ ଜେନା ଭାଗନେଇ ରନର୍ସଅପ ହେବା ସହ ଏସୀୟ ମ୍ୟାନେଜମେଣ୍ଟ ଗେମ୍‌ରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

## ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତେଜନା

**ରାଉରକେଲା ଅଫିସ, ୭।୮:**

ମଙ୍ଗଳବାର ରାତିରେ ଅନୁଗୋଳ ଜିଲା ଖମାରଠାରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଜଣେ ଯୁବକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବିରେ ଉତ୍ତେଜନା ପ୍ରକାଶ ପାଇଛି। ସିଭିଲ ଟାଉନଶିପରେ ରହୁଥିବା କମଲ ବଜାରିଆ କ୍ୱାଲିଟି ଆଇସ୍‌କ୍ରିମର ଡିଷ୍ଟ୍ରିବ୍ୟୁଟର ଅଛନ୍ତି। ଏଠାରେ ଛେଣ୍ଡ କଲୋନୀ ଏମ୍‌ଆଇଜି-୧୫ରେ ରହୁଥିବା ଆଲୋକ ନାୟକ (୩୬) ଦୀର୍ଘବର୍ଷ ହେଲା ଡେଲିଭରି ବୟ ଭାବେ କାର୍ଯ୍ୟ କରୁଥିଲେ। ତେବେ ସୋମବାର କମଲ ଆଲୋକଙ୍କୁ ତାଳଚେରରେ ଆଇସ୍‌କ୍ରିମ ଡେଲିଭରି ପାଇଁ ନିଜ ଗାଡ଼ି (ନଂ. ଓଡି୧୪-ଆର୍‌୩୨୧୧)ରେ ପଠାଇଥିଲେ। ମଙ୍ଗଳବାର ରାତିରେ ଆଲୋକ ଫେରୁଥିବା ବେଳେ ଖମାର ଟୋଲ୍ ଗେଟ୍ ନିକଟରେ ଠିଆ ହୋଇଥିବା ଏକ ଗାଡ଼ିରେ ପଛପଟୁ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। କ୍ଷତିପୂରଣ ପାଇଁ ବୁଧବାର ଆଲୋକଙ୍କ ସମ୍ପର୍କୀୟ ଓ ପରିବାର ଲୋକେ କମଲଙ୍କୁ ଫୋନରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ମାତ୍ର କମଲ ଧରାଛୁଆଁ ଦେଇ ନ ଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସନ୍ଧ୍ୟାରେ ପରିବାର ଲୋକଙ୍କ ସହ ସ୍ଥାନୀୟ ନେତୃବୃନ୍ଦ ଆଲୋକଙ୍କ ମୃତଦେହ ନେଇ କମଲଙ୍କ ସିଭିଲ ଟାଉନଶିପସ୍ଥିତ ଏମ-୧୯ ଘରେ ରଖି ହଙ୍ଗାମା କରିଥିଲେ। ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାରୁ କମଲଙ୍କ ଜଣେ ସମ୍ପର୍କୀୟ, ରାଉରକେଲା ବ୍ୟବସାୟୀ ସଂଘ ସଭାପତି ପ୍ରବୀଣ ଗର୍ଗ ଓ ଅନ୍ୟ ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ପ୍ରଥମେ ମୃତଦେହ ସଂସ୍କାର କରିସାରିବା ପରେ ଆଲୋଚନା ମାଧ୍ୟମରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ରଘୁନାଥପାଲି ଥାନାଧିକାରୀ ବିଜୟ କୁମାର ବିହାରୀଙ୍କୁ ପଚାରିବାରୁ ଏଠାରେ ଦୁର୍ଘଟଣା ଘଟି ନ ଥିବା କିମ୍ବା କୌଣସି ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି। ତେବେ ଉତ୍ତେଜନା ସମ୍ପର୍କରେ ସୂଚନା ପାଇ ପୋଲିସ ସେଠାକୁ ଯାଇଥିବାବେଳେ ସେମାନେ ଘରକୁ ଚାଲିଯାଇଥିଲେ ବୋଲି ବିହାରୀ କହିଛନ୍ତି।

## ସୁଷମାଙ୍କ ବିୟୋଗ ରାଷ୍ଟ୍ର ପାଇଁ ଅପୂରଣୀୟ କ୍ଷତି

**ରାଉରକେଲା ଅଫିସ,୭।୮**

ବରିଷ୍ଠ ଭାଜପା ନେତ୍ରୀ ତଥା ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱାରାଜଙ୍କର ମଙ୍ଗଳବାର ରାତିରେ ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ଏ ନେଇ ପାନପୋଷ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ସଭାପତି ଜଗବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ମାତ୍ର ୬୭ ବର୍ଷ ବୟସରେ ସୁଷମାଙ୍କ ଭଳି ରାଷ୍ଟ୍ରବାଦୀ ଟାଣୁଆ ନେତ୍ରୀଙ୍କ ଦେହାନ୍ତ ସମସ୍ତଙ୍କୁ ମର୍ମାହତ କରିଛି ବୋଲି ଏହି ଅବସରରେ ବେହେରା କହିଥିଲେ। ତାଙ୍କ ବିୟୋଗ ରାଷ୍ଟ୍ର ପାଇଁ ଅପୂରଣୀୟ କ୍ଷତି। ସୁଷମାଙ୍କ ପରି ଜଣେ ଦେଶପ୍ରେମୀଙ୍କୁ ହରାଇ ଦେଶ ଆଜି ଶୋକାଭିଭୂତ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। କିଶୋରାବସ୍ଥାରୁ ସୁଷମାଙ୍କ ବିଚକ୍ଷଣତା ବାରି ହୋଇପଡ଼ିଥିଲା। ସେ ଥିଲେ ସଂସ୍କୃତି ସମ୍ପନ୍ନା, ସଂହତି ଓ ସହିଷ୍ଣୁତାର ପ୍ରତୀକ। ତାଙ୍କ ଜାତୀୟତାବୋଧ, ସ୍ୱାଭିମାନ, ଦୃଢ଼ ସାଙ୍ଗଠନିକ ଦକ୍ଷତା ତଥା ରାଜନୈତିକ ବିଚକ୍ଷଣତା ଭାଜପାକୁ ଗୌରାବାନ୍ୱିତ କରିଛି। ମାତ୍ର ୨୫ ବର୍ଷ ବୟସରେ ହରିୟାଣାର କ୍ୟାବିନେଟ ମନ୍ତ୍ରୀ, ଦିଲ୍ଲୀର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଓ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାବେ ସବୁଠି ତାଙ୍କ ପାରଦର୍ଶିତା ଥିଲା କଳ୍ପନାତୀତ। ତାଙ୍କ ବିୟୋଗ ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି ପୂର୍ବତନ ନଗରପାଳ ନିହାର ରାୟ, ରାଜ୍ୟ ସମ୍ପାଦକ ଧୀରେନ ସେନାପତି, ରାଜ୍ୟ କୋଷାଧକ୍ଷ ସୁଦର୍ଶନ ଗୋୟଲ, ଶୈଳେନ୍ଦ୍ର ମହାନ୍ତି, ଭଗବାନ ରାଉତ, ସୁବ୍ରତ ପଟ୍ଟନାୟକ, ପ୍ରମିଳା ଦାସ, କଳ୍ପନା ଲେଙ୍କା, ଲତିକା ପଟ୍ଟନାୟକ, ନୃସିଂହ ଜେନା, ପରେଶ ମିଶ୍ର, ଅମରେନ୍ଦ୍ର ଶର୍ମା ପ୍ରମୁଖ ଦର୍ଶାଇଥିଲେ। ଶେଷରେ କେଦାର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ବାବୁ ସାହୁ, ରଘୁ ବଳ, ଦିଲୀପ ଦାସ, ରାଇସନ ତିର୍କୀ, ପ୍ରମିଳା ସୁନା, ଭାବନୀ କବି, ନାରାୟଣ ମହାନ୍ତି ପ୍ରମୁଖ ଶତାଧିକ କର୍ମୀ ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।





ସୁଷମା ସ୍ୱରାଜଙ୍କ ବିୟୋଗରେ ପାନପୋଷ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

**ଭାଜପା ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି**

## ୭୦ ମୌଜା ବିସ୍ଥାପିତ ସଂଘର ୨ ଘଣ୍ଟିଆ ଧାରଣା

**ରାଉରକେଲା ଅଫିସ,୭।୮**

ଆର୍‌ଏସ୍‌ପି ଓ ମନ୍ଦିରା ଡ୍ୟାମ ବିସ୍ଥାପିତ ଚାକିରି ଆଶାୟୀ ବୁଧବାର ରାଉରକେଲା ଅତିରିକ୍ତ ଜିଲାପାଳ ଯେଦୁଲ୍ଲା ବିଜୟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨ ଘଣ୍ଟିଆ ଧାରଣା ପ୍ରଦର୍ଶନ କରିଥିଲେ। ପରେ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଏଡିଏମ୍ ବିଜୟ କହିଥିଲେ, ବିସ୍ଥାପିତଙ୍କ ସମସ୍ୟା ନେଇ ଆସନ୍ତା ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ବୈଠକ ଡକାଯିବ। ଏଥିରେ ୭୦ ମୌଜା ବିସ୍ଥାପିତଙ୍କ ସମସ୍ୟା ନେଇ ସବିଶେଷ ଆଲୋଚନା କରାଯିବ। ଏପରି ପ୍ରତିଶ୍ରୁତି ପାଇବା ପରେ ଧାରଣାରତ ସହସ୍ରାଧିକ ବିସ୍ଥାପିତ ପରିବାର ଫେରି ଯାଇଥିଲେ। ସୂଚନାନୁସାରେ ଦୀର୍ଘବର୍ଷ ହେବ ମନ୍ଦିରା ଡ୍ୟାମ୍ ଓ ଆର୍‌ଏସ୍‌ପି ବିସ୍ଥାପିତ ୭୦ଟି ଗ୍ରାମର ଚାକିରି ଆଶାୟୀ ଏ ନେଇ ବିଭିନ୍ନ ସମୟରେ ଦାବି ଉପସ୍ଥାପନ କରି ଆସୁଛନ୍ତି। ବାରମ୍ବାର ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅବଗତ ସତ୍ତ୍ୱେ ସୁଫଳ ମିଳିପାରୁନି। ଅଧିକାରୀ ବଦଳିବା ସହ ଏମାନଙ୍କ ଦାବି ମଧ୍ୟ ଚାପିହୋଇ ରହିଯାଉଛି। କେତେବେଳେ କାଗଜପତ୍ର ଯାଞ୍ଚ କରାଯାଉଛି ତ ଆଉ କେତେବେଳେ ଯୋଗ୍ୟତା ପ୍ରମାଣପତ୍ର ଖୋଜାଯାଉଛି। ଏଥିସହ ବିସ୍ଥାପନ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଉଛି। ଥରେ ନୁହେଁ ବାରମ୍ବାର ଏଭଳି ଦଲିଲ ଦାଖଲ ସତ୍ତ୍ୱେ ପଦକ୍ଷେପ ଶୂନ ବୋଲି କହିଛନ୍ତି ସଂଘ କର୍ମକର୍ତ୍ତା। ଯେଉଁ ଏଡିଏମ୍ ଆସୁଛନ୍ତି ସେ ମୂଳରୁ ପୁଣି ଥରେ କାଗଜପତ୍ର ଦାଖଲ ଓ ଯାଞ୍ଚ କରୁଛନ୍ତି। ଏମିତି ବର୍ଷ ବର୍ଷ ଧରି ଜାରି ରହୁଛି। ବିସ୍ଥାପିତ ନ୍ୟାୟ ପାଉନାହାନ୍ତି ବୋଲି କହିଛନ୍ତି ସଂଘ କର୍ମକର୍ତ୍ତା ଖାଡ଼ା କୁଜୁର। ଏବେ ନୂଆ ଏଡିଏମ୍ ଏ ଦିଗରେ ଆଗ୍ରହ ପ୍ରକାଶ କରି ଉଚ୍ଚସ୍ତରୀୟ ବୈଠକୁ ଡକାଇବାକୁ ଆମକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହି ଅନୁସାରେ ଆମେ ୭୦ ମୌଜା ବିସ୍ଥାପିତ ପରିବାର ଧାରଣା ବନ୍ଦ କରି ଉଠି ଆସିଲୁ। ତାଙ୍କ ପ୍ରତିଶ୍ରୁତି ଉପରେ ଆମର ଭରସା ରହିଛି। ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ସରକାର ଏବଂ ଆର୍‌ଏସ୍‌ପି କର୍ତ୍ତୃପକ୍ଷ କି ନିଷ୍ପତ୍ତି ନେଉଛନ୍ତି ତାକୁ ଆମେ ଅପେକ୍ଷା କରିବୁ ବୋଲି କହିଛନ୍ତି ସଂଗଠନ କର୍ମକର୍ତ୍ତା ଶୁକରାମ କୁମ୍ଭାର, ପୁରନ ଖାଲକୋ, ବସନ୍ତ କିଷାନ, ତିର୍ଲା ଲାକ୍ରା, ସୁନୀଲ ଲାକ୍ରା, ଶୋଭା ତନ୍ତୀ ଓ ଆଲିଶିବା ଟିଗା ପ୍ରମୁଖ।



୭୦ ମୌଜା ବିସ୍ଥାପିତ ସଂଘ ପକ୍ଷରୁ ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

**ମାସକ ପରେ ବୈଠକ ପ୍ରତିଶ୍ରୁତି**

## ଆଜି କ'ଣ କେଉଁଠି

**ବୌଦ୍ଧ**

- ଜାତୀୟ କୃମିନାଶକ ଦିବସ ପାଳନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧ, ପୂର୍ବାହ୍ନ ୧୧ଟା।

**ରାଉରକେଲା**

- ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର ନବମ ସମାବର୍ତ୍ତନ ଉତ୍ସବ, ବିପିୟୁଟି ପ୍ରେକ୍ଷାଳୟ, ଛେଣ୍ଡ, ପୂର୍ବାହ୍ନ-୧୧ଟା।

**କଣ୍ଟାବାଞ୍ଜି**

- ବ୍ଲକସ୍ତରୀୟ ଗ୍ରାମଦ୍ୟୋଗ କର୍ମଶାଳା,ତୁରେକେଲା, ପୂର୍ବାହ୍ନ୧୧ଟା।

## ସଂକ୍ଷେପରେ

### ରାସ୍ତା ଦୁର୍ଘଟଣା: ଜଣେ ମୃତ, ୧ ଗୁରୁତର

**କୁଆଁରମୁଣ୍ଡା, ୭।୮(ଡି.ଏନ୍.ଏ.):** କୁଆଁରମୁଣ୍ଡା-ବୀରମିତ୍ରପୁର-ସୀମଡ଼େଗା ରାସ୍ତାରେ ମଙ୍ଗଳବାର ରାତିରେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତାହତଙ୍କ ପରିଚୟ ମିଳିନାହିଁ। ଏମାନେ ଏକ ବାଇକ୍‌ରେ ରାଉରକେଲା ପାର୍ଶ୍ୱରୁ ଆସୁଥିବାବେଳେ ଟ୍ରେଲର ଧକ୍କା ଦେଇଥିଲା।

## କୃଷକ ସୁରକ୍ଷା ମଞ୍ଚର ସମାବେଶ

# ମରୁଡ଼ି ଘୋଷଣା ନେଇ ଦାବିପତ୍ର

**କୁତ୍ରା, ୭।୮ (ଡି.ଏନ.ଏ)**

କୁତ୍ରା ବ୍ଲକର ସଦର ମହକୁମା କୁତ୍ରାଠାରେ ବୁଧବାର କୃଷକ ସୁରକ୍ଷା ମଞ୍ଚର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବର୍ଷା ଅଭାବରୁ ଚାଷ କାର୍ଯ୍ୟ ହୋଇ ପାରି ନ ଥିବାରୁ କୁତ୍ରା ଅଞ୍ଚଳକୁ ମରୁଡି ଅଞ୍ଚଳ ଘୋଷଣା ପାଇଁ କୃଷକ ସୁରକ୍ଷା ମଞ୍ଚ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମାବେଶରେ କୁତ୍ରା ବ୍ଲକର ୧୬ ଗୋଟି ପଞ୍ଚାୟତରୁ ବହୁ ସଂଖ୍ୟକ କୃଷକ ଉପସ୍ଥିତ ଥିଲେ। କୃଷକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ମରୁଡି ତଥା ରୋଗପୋକ ଲାଗିବାର ଫସଲ କ୍ଷତି ହୋଇଥିବା ବେଳେ ବୀମା କମ୍ପାନୀ କୃଷକଙ୍କୁ ଉଚିତ କ୍ଷତିପୂରଣ ଦେଉ ନ ଥିବା ନେଇ କୃଷକମାନେ ମତ ଦେଇଥିଲେ। ଏହାଛଡା କୃଷକ ସୁରକ୍ଷା ମଞ୍ଚକୁ ପୂର୍ଣ୍ଣମାତ୍ରାରେ ଗଠନ କରିବା ପାଇଁ ଅତିଶୀଘ୍ର ପ୍ରତି ଗ୍ରାମ ପଞ୍ଚାୟତରେ ଗୋଟାଏ ଲେଖାଏଁ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପଞ୍ଚାୟତ କମିଟି ଗଠନ ହେବା ପରେ ବ୍ଲକରେ ଏକ କମିଟି ଗଠନ ନେଇ ନିଷ୍ପତ୍ତି ନିଆଯାଇଥିଲା । ଏହି କମିଟି ଗଠନ ହେବା ପରେ ଏହି କମିଟି ମାଧ୍ୟମରେ ଚାଷୀଙ୍କ ସମସ୍ତ ଅସୁବିଧା ଦୂରୀକରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଚାଷୀମାନେ ମତ ଦେଇଥିଲେ । ଏବର୍ଷ ଅଗଷ୍ଟ ୬ ତାରିଖ ପହଞ୍ଚି ଯାଇଥିବା ବେଳେ ଠିକ ପରିମାଣରେ ବର୍ଷା ହୋଇ ନ ଥିବାରୁ କ୍ଷେତରେ ପାଣି ନାହିଁ। ଫଳରେ ରୁଆ ଓ ବେଉଷଣ କାମ ହୋଇ ପାରି ନ ଥିବା ଚାଷୀମାନେ ପ୍ରକାଶ କରିଥିଲେ। ଫଳରେ ଚାଷ କାମ ଆଗେଇ ପାରୁ ନ ଥିବା ବେଳେ ଆଗକୁ ସୁନିଶ୍ଚିତ ମରୁଡି ହେବାକୁ ଯାଉଥିବାରୁ ସରକାର ଏହି ଅଞ୍ଚଳକୁ ମରୁଡି ଘୋଷଣା କରିବା ନେଇ ଦାବି କରି ଉପସ୍ଥିତ ଚାଷୀ କୁତ୍ରା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସଭାରେ କିଶମଣି ପଟେଲ, ଜିଲା ପରିଷଦ ସଭ୍ୟ ଶରତ ସା, ସନ୍ତୋଷ ବେହେରା, ଗୋବିନ୍ଦ କଲସେର, ତ୍ରିଲୋଚନ ମିଞ୍ଜ, ମନୁଏଲ ହେମରମ, କୌଶିକ ଦାନୀ, ଗଙ୍ଗାରାମ ମିଞ୍ଜ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।


କୃଷକ ସୁରକ୍ଷା ମଞ୍ଚର ସମାବେଶରେ ଉପସ୍ଥିତ କୃଷକ।

# ସଉନାମରା ଆମ୍ବପଡ଼ା-ଝିଲିମାଲ ରାସ୍ତା ଶୋଚନୀୟ

**ବାଲିଶଙ୍କରା, ୭।୮ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକ ସଉନାମରା ଗ୍ରାମ ପଞ୍ଚାୟତର ଆମ୍ବପଡାରୁ ଝିଲିମାଲ କିଷାନପଡାକୁ ସଂଯୋଗ କରୁଥିବା ରାସ୍ତା ଅତି ଶୋଚନୀୟ ହେତୁ ଯିବା ଆସିବା କଷ୍ଟକର ହୋଇ ପଡିଛି । ପ୍ରତିଦିନ ଏହି ରାସ୍ତାଦେଇ ଝିଲିମାଲ, କିଷାନପଡା, ଆମ୍ବପଡାବାସୀ ଯିବା ଆସିବା କରନ୍ତି। ବିଶେଷ କରି ଏହି ରାସ୍ତା ଚିକଣ ମାଟି ଥିବାରୁ ଅଳ୍ପ ବର୍ଷା ହେଲେ ସମସ୍ୟା ହେଉଛି। ତାହା ଗୋଡି ସାଇକେଲ, ବାଇକରେ ଅଠାଭଳି ମାଟିଟି ଲାଗି ରହିଥିବାରୁ ଯେତେ ଚେଷ୍ଟା କଲେ ମଧ ତାହା ଛାଡେ ନାହିଁ । ଫଳରେ ଲୋକେ ଏହି ରାସ୍ତାରେ ଯିବା ପାଇଁ ମଣୁନାହାନ୍ତି। ଅତି ଜରୁରୀ ହେଲେ ବାଧ ହୋଇ ଯିବାକୁ ପଡୁଛି ବୋଲି ଲୋକେ କହିଛନ୍ତି। ଏହି ତିନୋଟି ପଡାବାସୀ ନାହିଁନଥିବା ହଇରାଣ ହରକତ ହେଉଥିବା ଦୁଃଖଭରା କଣ୍ଠରେ ପ୍ରକାଶ କରିଛନ୍ତି। ଏ ବିଷୟ ନେଇ ସଉନାମରା ଆମ୍ବପଡାବାସୀ ଜିଲା ଆଦିବାସୀ ଉନ୍ନୟନ ସଂସ୍ଥା, ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କଲେ ମଧ ଏହି ରାସ୍ତା ପ୍ରତି କୌଣସି ପ୍ରକାର ପଦକ୍ଷେପ ନ ନେବାରୁ ଚିନ୍ତାର ବିଷୟ ପାଲଟିଛି । ଏ ବିଷୟ ନେଇ ବାଲିଶଙ୍କରା ବିଡିଓ ଅଭିମନ୍ୟୁ ବେହେରାଙ୍କୁ ଯୋଗାଯୋଗ କରିବାରୁ ଆଗରୁ ମୋ ପାଖରେ ଅଭିଯୋଗ ହୋଇ ନ ଥିଲା। ଏହାର ପଦକ୍ଷେପ ତୁରନ୍ତ ନିଆଯିବ ବୋଲି ପ୍ରକାଶ କରିଥିଲେ । ଆମ୍ବପଡା ଝିଲିପାଲି, କିସାନପଡାବାସୀ ଏହି ରାସ୍ତାଟିକୁ ତୁରନ୍ତ ନିର୍ମାଣ ପାଇଁ ଦାବି କରିଛନ୍ତି।


ରାସ୍ତା ଶୋଚନୀୟ ହୋଇଛି।

## ଜିଲାପାଳଙ୍କୁ ଭେଟିଲେ ସଦର ବିଧାୟିକା

# ମହାନଦୀ କୋଇଲା ଖଣି ବିସ୍ଥାପିତଙ୍କ ସମସ୍ୟା ସମାଧାନ କରାଯାଉ

**ସୁନ୍ଦରଗଡ଼, ୭।୮ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକରେ ଏମ୍‌ସିଏଲର କୋଇଲା ଖଣି ଯୋଗୁ ବିସ୍ଥାପିତ ହୋଇଥିବା ଓ ବିସ୍ଥାପିତ ହେବାକୁ ଥିବା ଅଧିବାସୀମାନଙ୍କର ନ୍ୟାର୍ଯ୍ୟ ଅଧିକାର ଓ ମୌଳିକ ସମସ୍ୟାର ସମାଧାନ ଦିଗରେ ଏମସିଏଲ କର୍ତ୍ତୃପକ୍ଷ ଅବହେଳା କରୁଛନ୍ତି। ଏନେଇ ସମ୍ପୃକ୍ତ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ଭେଟି ଆଲୋଚନା କରିଛନ୍ତି। ଏସିଆର ଅନ୍ୟତମ ବୃହତ୍ତମ ଏମ୍‌ସିଏଲର ଏହି ଖୋଲାମୁହଁ କୋଇଲା ଖଣି ଭାବେ ଦେଶରେ ପରିଚିତ ସୃଷ୍ଟି କରିଛି । ମାତ୍ର ଏହି ଖଣି ଯୋଗୁ ନିଜର ଜମି ଭିଟାମାଟି ହରାଇ ପ୍ରତିବଦଳରେ ଉପଯୁକ୍ତ କ୍ଷତିପୂରଣ ଓ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ମିଳୁନାହିଁ । ହେମଗିର ବ୍ଲକର ତୁମୁଲିଆ ପଞ୍ଚାୟତରେ ଏମ୍‌ସିଏଲର କୋଇଲା ଖଣି ପାଇଁ ଦୀର୍ଘଦିନ ଧରି ସରକାରଙ୍କ ପକ୍ଷରୁ ଏହି ଅଞ୍ଚଳରେ ଜମି କିଣାବିକା ପାଇଁ ରହିତାଦେଶ ଜାରି କରାଯାଇଛି। ମାତ୍ର ଦୀର୍ଘବର୍ଷ ହେବ ଏହି ଅଞ୍ଚଳବାସୀଙ୍କୁ ଜମି ଓ ଘରକ୍ଷତିପୂରଣ କିମ୍ବା ଥଇଥାନ ପାଇଁ ପଦକ୍ଷେପ ନିଆଯାଉନାହିଁ। ଅଞ୍ଚଳର ବେକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। କି ଅଞ୍ଚଳର ବିକାଶ ହୋଇପାରୁନାହିଁ। ସରକାରଙ୍କ ଖଣିନୀତି ଅନୁଯାୟୀ ପୁର୍ନବାସ ଓ ଥଇଥାନ କାର୍ଯ୍ୟକାରୀ ହୋଇପାରୁନାହିଁ । ରାସ୍ତାଘାଟର ବିକାଶ ହୋଇପାରୁନାହିଁ। ଏଣୁ ଏଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ବିଧାୟିକା ଟେଟେ ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ ବିସ୍ଥାପିତ ଅଞ୍ଚଳବାସୀଙ୍କ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯାଇ ଏମ୍‌ସିଏଲ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧି ଦଳରେ ସ୍ଥାନୀୟ ଭାଜପା ନେତା ଡ. ହିମାଂଶୁ ଶେଖର ଷଡଙ୍ଗୀ, ଅସୀମ ପଟେଲ, ବିମଳ ପଟେଲ, ତୁମୁଲିଆ ସରପଞ୍ଚ କୁମୁଦବନ୍ଧୁ ପ୍ରଧାନ, ଅଞ୍ଜନା ପଟେଲ, ଶିଶିର ଚୌଧୁରୀ, ସୁଶୀଲ ନାୟକ, ବିନୟ ଚୌଧୁରୀ ,ସୁଶୀଲ ପଟେଲ, ଫକୀର ମୋହନ ସିଂ, ଏକାନ୍ତ ପଟେଲ, ସୁରଜ ପ୍ରଧାନଙ୍କ, ଡିଲେଶ୍ୱର ଭୋଇ, ସଦାଶିବ ପ୍ରଧାନ ଓ ଓମପ୍ରକାଶ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ।


ବିଧାୟିକା ଓ ଅନ୍ୟମାନେ ଜିଲାପାଳଙ୍କ ସହିତ ଆଲୋଚନା କରୁଛନ୍ତି।

# ଏକାକୀ ଥିବା ହାତୀ ପୁଣି ଉପଦ୍ରବ କଲା

**ବଡଗାଁ, ୭।୮ (ଡି.ଏନ.ଏ)**

ବଡଗାଁ ବନଖଣ୍ଡ ଅଧିନ ଜଙ୍ଗଲକୁ ଆସିଥିବା ୧୪ଟି ହାତୀ ମଧ୍ୟରୁ ଗୋଟିଏ ହାତୀ ଗୋଠ ଛଡା ହୋଇ ଏକାକୀ ରହୁଛି। ଗତ ଶନିବାର କୁସୁମଡେଗୀ ଓ ଗରଗଡବାହାଲ ଗାଁରେ ଉପଦ୍ରବ କରିଥିବା ଏହି ହାତୀ ମଙ୍ଗଳବାର ରାତିରେ କୁତ୍ରା ବ୍ଲକ ଅନ୍ତର୍ଗତ ସିଆଲଯୋର ଗ୍ରାମର ପବିତ୍ର ଭୋଇଙ୍କ ଘରର ଖପର ଟାଣି ଇତସ୍ତତ କରିଦେଇଥିଲା ବେଳେ ଅଜୟ ଦେହୁରୀଙ୍କ ବାଡିରେ ପଶି ପଣସ ଖାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଶନିବାର କୁସୁମଡେଗୀ ପାହାଡ ଟୋଲିର ବିନୁ ଟପ୍ପୋ ଓ ଜନ ଟପ୍ପୋଙ୍କ ଘର ଭାଙ୍ଗିଦେଇଥିଲା । ଗ୍ରାମବାସୀ ଘଉଡାଇବାରୁ ସେଠାରୁ ଆସି ରାତି ୩ଟାରେ ଗରଗଡବାହାଲ ଗ୍ରାମର ବଦନ ନାଏକଙ୍କ ବାଡିର ପାଚେରୀ ଭାଙ୍ଗିଥିଲା। ହରିହର ପୃଷେଟଙ୍କ ବାଡିରୁ ପନିପରିବା ଓ ଧନୁର୍ଯ୍ୟାୟ ପୃଷେଟଙ୍କ ବାଡିରୁ ମକା ଖାଇଲା ପରେ ଜାନକୀ ପୃଷେଟଙ୍କ ଜମିରେ ଧାନ ତଳି ମାଡି ଦଳି ନଷ୍ଟ କରିଦେଇଥିଲା । ୧୪ ହାତୀ ଥିବା ପଲ ଶାନ୍ତ ହୋଇ ଜଙ୍ଗଲ, ପର୍ବତରେ ରହୁଥିଲା ବେଳେ ଏକାକୀ ଥିବା ହାତୀ ଦୈନ ଦୀନ ଉପଦ୍ରବ କରୁଥିବା ଜଣାପଡିଛି।


ବେଲଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

# ବିଦ୍ୟାଳୟ ପରିସରରେ ଚାରାରୋପଣ

**ବେଦବ୍ୟାସ, ୭।୮ (ଡି.ଏନ.ଏ)**

ଲାଠିକଟା ବ୍ଲକ ଅନ୍ତର୍ଗତ ଲୁଙ୍ଗେଇ ଗ୍ରାମ ପଞ୍ଚାୟତର ବେଲହିଡି ସ୍ଥିତ ବେଲଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସହକାରୀ ଶିକ୍ଷକ ଡ. ଦେବେନ୍ଦ୍ର କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବା ସହ ସେ ପ୍ରଥମେ ଏକ ବୃକ୍ଷରୋପଣ କରିଥିଲେ। ତାଙ୍କର ବକ୍ତବ୍ୟ ମାଧ୍ୟମରେ ବୃକ୍ଷରୋପଣର ଉପକାର ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବେଦବ୍ୟାସ ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ରାଜ୍ୟପାଳ ପୁରସ୍କୃତ ରମେଶ ଚନ୍ଦ୍ର ଜେନା ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସାହୁ, ଅଖ୍ତାର ଆରା ଖାତୁନ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ରହି ଗୋଟିଏ ବୃକ୍ଷ ରୋପଣ କରିଥିଲେ। ଶେଷରେ ପୁଷ୍ପାଞ୍ଜଳି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିସରରେ ପ୍ରାୟ ୩୧ଟି ବିଭିନ୍ନ ବୃକ୍ଷ ରୋପଣ କରାଯାଇଥିଲା ।

# ଗଞ୍ଜେଇ ସହ ଗାଡ଼ି ଜବତ: ୨ ଗିରଫ

**ବେଦବ୍ୟାସ, ୭।୮ (ଡି.ଏନ.ଏ)**

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ମଙ୍ଗଳବାର ଅପରାହ୍ନ ୫ଟାରେ ବେଦବ୍ୟାସ- କୁଆଁରମୁଣ୍ଡା ଜାତୀୟ ରାଜପଥ ୧୪୩ରେ ଗାଡି ଯାଞ୍ଚ କରୁଥିବା ବେଳେ ଏକ ହୋଣ୍ଡା ସିଟି କାରରୁ ପ୍ରାୟ ୩୨ କେଜିରୁ ଊର୍ଦ୍ଧ୍ୱ ବେଆଇନ ଗଞ୍ଜେଇ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଲେ ସହୀଦପୁର ପାଟଣା ନିବାସୀ ବିଶ୍ୱଜିତ କୁମାର ଓରଫ ମୁନା ସିଂ ଓ ଦାଦର ଗ୍ରାମ କଇଁପୁର ଜିଲା ବିହାରର ଦିନେଶ କୁମାର କେଶରୀ। ବର୍ତ୍ତମାନ ୨ ଅଭିଯୁକ୍ତ ରାଉରକେଲା ରେଳବାଇ କଲୋନୀରେ ରହୁଥିବା ପ୍ରକାଶ। ପୋଲିସ ବେଦବ୍ୟାସ- କୁଆଁରମୁଣ୍ଡା ରାସ୍ତାର ସୁନୟନା ମେଟାଲ କାରଖାନା ନିକଟରେ ଗାଡି ଯାଞ୍ଚ କରୁଥିବା ବେଳେ ସମ୍ବଲପୁର ବସଷ୍ଟାଣ୍ଡ ପାର୍ଶ୍ୱରୁ ଗଞ୍ଜେଇ ବୋଝେଇ କରି ବିହାର ଆଡକୁ ଯାଉଥିବା କାର ନଂ. ଓଆର୍ ୧୪ ଏସ- ୧୧୮୮କୁ ଯାଞ୍ଚ କରିଥିଲେ। କାର ଗାଡିରୁ ପ୍ରାୟ ୩୨ କିଲୋ ୧୫୦ ଗ୍ରାମ ବେଆଇନ ଗଞ୍ଜେଇ ଦେଖିବାକୁ ପାଇଥିଲେ। ଏହାର କାଗଜପତ୍ର ଅଭିଯୁକ୍ତମାନଙ୍କୁ ମାଗିବାରୁ ଦେଖାଇ ପାରି ନ ଥିଲେ। ଗଞ୍ଜେଇ ବୋଝେଇ କାର ସମେତ ୨ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚୁରା କରିବାରୁ ସମ୍ବଲପୁର ବସଷ୍ଟାଣ୍ଡରୁ ବୋଝେଇ କରି ଆଣୁଥିବା ସ୍ୱୀକାର କରିଥିଲେ। ଏନେଇ ଅଭିଯୁକ୍ତ ମାନଙ୍କ ବିରୋଧରେ ଏକ ଅପରାଧ ମୂଳକ ମାମଲା ନଂ. ୧୯୯/୧୯ ରୁଜୁ କରି ବୁଧବାର କୋର୍ଟ ଚାଲାଣ କରିଥିବା ପ୍ରକାଶ। ଅଭିଯୁକ୍ତ ଦ୍ୱୟଙ୍କଠାରୁ ବିଭିନ୍ନ କମ୍ପାନୀର ୪ ଗୋଟି ମୋବାଇଲ ଫୋନ, ନଗଦ ୭୪୫୦ ଟଙ୍କା ସମେତ ଏକ ହୋଣ୍ଡାସିଟି କାର ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଜବତ କରିଛି । ଚଢ଼ାଉ ଦଳରେ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନା, ଏସଆଇ ବିକାଶ କଲେଟ, ହାବିଲଦାର ବ୍ରଜମୋହନ ଖମାରୀ, ମହିଳା ଏଫଆଇ ଚମ୍ପାବତୀ ସୋରେନ, ଗୃହରକ୍ଷୀ ରୋହିତ ସା, ଚନ୍ଦ୍ର ବେହେରା ପ୍ରମୁଖ ସଦଳବଳେ ସାମିଲ ଥିଲେ। ସୂଚାନ ଥାଉକି, ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନା ବ୍ରହ୍ମଣୀତରଙ୍ଗ ଥାନାରେ ଯୋଗଦେବା ଦିନଠାରୁ ବିଭିନ୍ନ ଅପରାଧ ମୂଳକ କାର୍ଯ୍ୟକଳାପରେ ଲିପ୍ତଥିବା ଅପରାଧିମାନଙ୍କୁ ଧରିବା ଫଳରେ ସ୍ଥାନୀୟ ଅଞ୍ଚଳରେ ଅପରାଧି ମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି ।


ଗଞ୍ଜେଇ ସହ କାର ଜବତ କରାଯାଇଛି।

## ରାଜ୍ୟସ୍ତରୀୟ ସୁବ୍ରତ ମୁଖାର୍ଜୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

# କନ୍ଧମାଳକୁ ୪-୨ଗୋଲରେ ହରାଇ ନୟାଗଡ଼ ଚାମ୍ପିୟନ

**ବଣାଇ, ୭।୮(ସ୍ୱ.ପ୍ର.)**

ସ୍ଥାନୀୟ ରାଜାଧରଣୀଧର ବହୁମୁଖୀ ଖେଳ ପଡିଆ ଠାରେ ଚାଲିଥିବା ରାଜ୍ୟସ୍ତରୀୟ ସୁବ୍ରତ ମୁଖାର୍ଜୀ ଫୁଟବଲ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ନୟାଗଡ ଓ କନ୍ଧମାଳ ମଧ୍ୟରେ ହୋଇଥିଲା। ଏହି ଚିତାକର୍ଷକ ଖେଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେବାକୁ ସକ୍ଷମ ହୋଇ ନ ଥିଲେ। ଶେଷରେ ଟ୍ରାଇବେକର ଯୋଗେ ନୟାଗଡ଼ ଦଳ ୪-୨ଗୋଲ ବ୍ୟବଧାନରେ କନ୍ଧମାଳ ଦଳକୁ ହରାଇ ପ୍ରତିଯୋଗିତାରେ ଚାମ୍ପିୟନ ହେବାର ଗୌରବ ହାସଲ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଜିଲା ଶିକ୍ଷାମଣ୍ଡଳର ସହକାରୀ ଜିଲା ଶିକ୍ଷାଅଧିକାରୀ ରାଜଶ୍ରୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବଣାଇଁ ଉପଜିଲାପାଳ ପ୍ରତୀପ ଡାଙ୍ଗ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବଣାଇ ବନଖଣ୍ଡର ସହକାରୀ ବନସଂରକ୍ଷକ ଏନଏସ ଜେ .ପି ସିଂ, ବଣାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ସାହୁ, ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ସହକାରୀ ଶାରୀରିକ ଶିକ୍ଷା ଅଧିକାରୀ ଲକ୍ଷ୍ମୀପ୍ରିୟା ଦେଇ, ଜିଲା ସ୍କୁଲ ସମୂହ କ୍ରୀଡା ସଂସଦର ଉପସଭାପତି ଶୁଭେନ୍ଦ୍ରନାଥ ମଲ୍ଲିକ, ବଣାଇ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାପରିଚାଳକ ଗଜେନ୍ଦ୍ର ଖାଲକୋ, ବଣାଇ ଗୋଷ୍ଠୀ ଶିକ୍ଷାଅଧିକାରୀ ବିନୟ ପ୍ରକାଶ ସାଏ ପ୍ରମୁଖ ଯୋଗଦେଇଥିଲେ। ବିଜୟୀ ଏବଂ ଉପବିଜେତା ଦଳକୁ ଅଭିନନ୍ଦନ ଜଣାଇବା ସହ ବିଜୟୀ ନୟାଗଡ ଦଳ ଓଡିଶା ରାଜ୍ୟରୁ ମନୋନିତ ହୋଇ ନୂଆଦିଲ୍ଲୀଠାରେ ଆୟୋଜିତ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ ବୋଲି ପ୍ରକାଶ କରିଥିଲେ। ଫାଇନାଲ ମ୍ୟାଚରେ ରେଫରୀ ଭାବେ ନବୀନ ନାଏକ, ଏନ.ଏସ ନାଇଡୁ, ଅନିଲ ନନ୍ଦ ଓ ଉଦିତ ପ୍ରତାପ ଦେଓ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଗୋଗୁଆ ଉଚ୍ଚବିଦ୍ୟାଳୟ ବଡଗୋଗୁଆର ଶାରୀରିକ କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ବଲାଙ୍ଗୀର ଶିକ୍ଷା ମଣ୍ଡଳର ଶାରୀରିକ କ୍ରୀଡା ଅଧିକାରୀ ଜ୍ୟୋତି ପ୍ରକାଶ ପରିଡା ସଂଯୋଜନା କରିଥିଲେ। ପ୍ରାରମ୍ଭରେ ସୁନ୍ଦରଗଡ଼ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ବିଦ୍ୟାଧର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହିତ ସମସ୍ତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବର ପ୍ରାରମ୍ଭରେ ସମସ୍ତ ଖେଳାଳି ମାର୍ଚ୍ଚପାଷ୍ଟ କରି ପଡିଆ ପରିକ୍ରମା କରିବା ପରେ ଉତ୍ସବ ସ୍ଥଳକୁ ପ୍ରବେଶ କରିଥିଲେ। ଏହାପରେ ବିଜୟ ନୟାଗଡ ଦଳ ଏବଂ ଉପବିଜେତା କନ୍ଧମାଳ ଦଳକୁ ଅତିଥିମାନେ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ଏହା ସହିତ ନୟାଗଡ ଦଳର ଗୋଲ ରକ୍ଷକ ବିଶାଲ ଓରାମ ମ୍ୟାଚର ସର୍ବଶ୍ରେଷ୍ଠ ଖେଳାଳି ଏବଂ କନ୍ଧମାଳ ଦଳର ସୁଜିତ ବାର୍ଲା ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତା ଆୟୋଜନରେ ଗୋଗୁଆ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଝସକେତନ ପ୍ରଧାନ, ଜର୍କୈକଳା କେ.କେ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗିରଥୀ ସାହୁ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର କାଶୀନାଥ ବେହେରା, ବାବୁନୁଆଗାଁ ରାଧାନାଥ ରାୟ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇଶ୍ୱର ଚନ୍ଦ୍ର ସାହୁ, କ୍ରୀଡା ଶିକ୍ଷକ ପ୍ରଭାତ କୁମାର ସ୍ୱାଇଁ, ଗିରିଶ ସାହୁ, ନେତ୍ରାନନ୍ଦ ମାହାନ୍ତ, ସୁରେନ୍ଦ୍ରନାଥ ନାଏକ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆୟୋଜକ ରାଜାଧରଣୀଧର ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ସାଏ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।



ରାଜ୍ୟସ୍ତରୀୟ ସୁବ୍ରତ ମୁଖାର୍ଜୀ ଫୁଟବଲ ପ୍ରତିଯୋଗିତାର ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।